

ଲୌରାଙ୍କ ରେକର୍ଡ:
୩ ଓଭର୍‌ରେ
୯ ୱିକେଟ୍

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-282 ◆FRIDAY ◆10 APRIL 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୮୨ ◆ଶୁକ୍ରବାର ◆୧୦ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଟ୍ରମ୍ପଙ୍କ ବୋଲ ମାନୁନି ଇସ୍ରାଏଲ

## ଲେବାନନ୍ ଉପରେ ପ୍ରଚଣ୍ଡ ଆକ୍ରମଣ ଜାରି; ଇରାନର ପାଲଟା ଆକ୍ରମଣ ଧମକ

■ ବେରୁଟ, ୯ ।୪ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଅଶାନ୍ତ ବାତାବରଣକୁ ଯୁଦ୍ଧବିରତି କିଛି ମାତ୍ରାରେ ଶାନ୍ତ କରିଥିଲେ ମଧ୍ୟ ଲେବାନନ ଉପରେ ଇସ୍ରାଏଲର ଘନଘନ ଆକ୍ରମଣ ପୁଣି ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛି । ଆମେରିକାର ତାଗିଦ ସତ୍ତ୍ୱେ ଇସ୍ରାଏଲ ଆଜି ମଧ୍ୟ ଲେବାନନ ଉପରେ ଆକ୍ରମଣ ଜାରି ରଖିଥିବାରୁ ଇରାନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ଗତକାଲି ଠାରୁ

**ହର୍ମୁଜ ପାଇଁ ନୂଆ ସର୍ତ୍ତ ରଖିଲା ତେହେରାନ**

**ଦିନକୁ ଛାଡ଼ିବ ମାତ୍ର ୧୫ଟି ତୈଳ ଜାହାଜ**

**ବ୍ୟାରେଲ୍ ପିଛା ଆଦାୟ କରିବ ୧ ଡଲାର୍**

ପୁଣି ଥରେ ହରମୁଜକୁ ବନ୍ଦ ରଖିଥିବା ଇରାନ ଆଜି ଇସ୍ରାଏଲ ଉପରେ ପାଲଟା ଆକ୍ରମଣ କରିବାକୁ ଧମକ ଦେଇଛି । ତେଣୁ ଆସନ୍ତା ୧୧ ତାରିଖରେ ପାକିସ୍ତାନରେ ହେବାକୁ ଯାଉଥିବା ଶାନ୍ତି ଆଲୋଚନାକୁ ନେଇ ପ୍ରଶ୍ନ ଉଠିଲାଣି ।



ଆମେରିକା ଓ ଇରାନ ମଧ୍ୟରେ ଗତକାଲି ଠାରୁ ୧୫ ଦିନିଆ ଯୁଦ୍ଧବିରତି ଆରମ୍ଭ ହୋଇଥିଲେ ମଧ୍ୟ ଇସ୍ରାଏଲ ଏହାକୁ ମାନୁନି । ଯୁଦ୍ଧବିରତିରେ ଲେବାନନ ସାମିଲ ନଥିଲେ ମଧ୍ୟ ଏବେ ଆକ୍ରମଣ ବନ୍ଦ ରଖିବା ଲାଗି ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ ଉପରେ ଚାପ ପକାଉଛନ୍ତି ଆମେରିକା ରାଷ୍ଟ୍ରପତି ଟ୍ରମ୍ପ । କିନ୍ତୁ ଇସ୍ରାଏଲ ଶୁଣିବାକୁ ପ୍ରସ୍ତୁତ ନୁହେଁ । ପ୍ରଥମେ ଇରାନ ଏବଂ ପରେ ଲେବାନନ ଉପରେ ଗତକାଲି ଆକ୍ରମଣ କରିଥିଲା ଇସ୍ରାଏଲ । ଆଜି ରାଜଧାନୀ ବେରୁଟ୍ ଉପରେ ପୁଣି ପ୍ରଚଣ୍ଡ ବୋମାମାଡ଼ କରିଛି । ଏଥିରେ ଇରାନ ସମର୍ଥିତ ହିଜବୁଲ୍ଲାର ମୁଖ୍ୟ ନଇମ କାସିମ୍‌ଙ୍କ ବ୍ୟକ୍ତିଗତ ସଚିବ ଅଲୀ ୟୁସୁଫ୍ ହର୍ଶିଙ୍କର ମୃତ୍ୟୁ ଘଟିଛି । ଏହି ଘଟଣା ସମଗ୍ର ଅଞ୍ଚଳରେ ଉତ୍ତେଜନାକୁ ଚରମ ସୀମାରେ ପହଞ୍ଚାଇ ଦେଇଛି । ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ପକ୍ଷରୁ ଗୁରବାର ଜାରି କରାଯାଇଥିବା ଏକ ବିବୃତି ଅନୁଯାୟୀ, ବେରୁଟ୍‌ରେ କରାଯାଇଥିବା ସାମରିକ ଅଭିଯାନରେ ଅଲି ୟୁସୁଫ୍ ହର୍ଶିଙ୍କୁ ହତ୍ୟା କରାଯାଇଛି ।

ଅପରପକ୍ଷରେ ହିଜବୁଲ୍ଲା ପକ୍ଷରୁ ମଧ୍ୟ ପାଲଟା ଆକ୍ରମଣ କରାଯାଇଛି । ଆମେରିକା-ଇରାନ ମଧ୍ୟରେ ହୋଇଥିବା ଯୁଦ୍ଧବିରତି ଚୁକ୍ତିକୁ ଇସ୍ରାଏଲ ଉଲ୍ଲଂଘନ କରୁଥିବା ଅଭିଯୋଗ କରି ହିଜବୁଲ୍ଲା ଇସ୍ରାଏଲର ସୀମାବର୍ତ୍ତୀ ଅଞ୍ଚଳ 'ମାନର' ଉପରକୁ ରକେଟ ବର୍ଷା କରିଛି । ଆମର ପ୍ରତିରକ୍ଷା ଓ ପ୍ରତିଶୋଧ ନେବାର ସମ୍ପୂର୍ଣ୍ଣ ଅଧିକାର ରହିଛି ବୋଲି ସଂଗଠନ ▶ପୃଷ୍ଠା-୭

## ଆଜି ରାଜ୍ୟ କ୍ୟାବିନେଟ

■ ଭୁବନେଶ୍ୱର, ୯।୪ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆସନ୍ତାକାଲି ଅନୁଷ୍ଠିତ ହେବ। ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଦିନ ୧୧ଟା ବେଳେ ଏହି ବୈଠକରେ ପୂର୍ତ୍ତ, ପଞ୍ଚାୟତିରାଜ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଉଚ୍ଚଶିକ୍ଷା ତଥା ଅନ୍ୟ ବିଭାଗ ସମ୍ପର୍କିତ ୬ରୁ ୭ଟି ନିଷ୍ପତ୍ତି ଉପରେ ମୋହର ବାଜିବାର ସମ୍ଭାବନା ରହିଛି ।

## କେରଳ, ଆସାମ, ପୁଡୁଚେରୀରେ ରେକର୍ଡ ମତଦାନ

■ ଗୌହାଟି/ତିରୁଅନନ୍ତପୁରମ/ପୁଡୁଚେରୀ, ୯ ।୪ (ଏଜେନ୍ସି): ଆସାମ, କେରଳ ଓ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ଆଜି ରାଜ୍ୟ ବିଧାନସଭା ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି । ମୋଟ୍ ୨୯୬ଟି ଆସନ ପାଇଁ ହୋଇଥିବା ଏହି ନିର୍ବାଚନରେ ଭୋଟରମାନେ ବହୁ ସଂଖ୍ୟାରେ ସାମିଲ ହୋଇ ଗଣତନ୍ତ୍ରର ଏହି ପର୍ବକୁ ସଫଳ କରିଛନ୍ତି । କେରଳର ୧୪୦, ଆସାମର ୧୨୬ ଓ ପୁଡୁଚେରୀର ୩୦ଟି ଆସନ ପାଇଁ ଭୋଟରମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ

**ପୁଡୁଚେରୀରେ ରେକର୍ଡ ୮୯%, ଆସାମରେ ୮୫%, କେରଳରେ ୭୮% ଭୋଟିଂ**

ପରିଲକ୍ଷିତ ହୋଇଛି । ଭାରତୀୟ ନିର୍ବାଚନ କମିସନ ତଥ୍ୟ ଅନୁଯାୟୀ, ଚଳିତ ନିର୍ବାଚନରେ ମତଦାନ ପ୍ରତିଶତ ବେଶ୍ ଉତ୍ସାହଜନକ ରହିଛି । ପୁଡୁଚେରୀରେ ସର୍ବାଧିକ ୮୯.୮୭ ପ୍ରତିଶତ ମତଦାନ ହୋଇ ନୂଆ ରେକର୍ଡ ସୃଷ୍ଟି ହୋଇଛି । ସେହିପରି ସନ୍ଧ୍ୟା ୬ଟା ସୁଦ୍ଧା ଆସାମରେ ମୋଟ୍ ୮୫.୬୪ ପ୍ରତିଶତ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି । ଅନ୍ୟପଟେ କେରଳରେ ୭୮.୨୪ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି । ଏହାସହିତ ନିର୍ବାଚନ ମଇଦାନରେ ଅନେକ ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

NURSING PROGRAMMES
- B.Sc. (Nursing) (Basic)
- B.Sc. (Nursing) (Post Basic)
- M.Sc. (Nursing)

APPROVAL & RECOGNITIONS
- Approved by UGC, ONMRC and INC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 15th Best in Medical Category
- 09th Best in Dental Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in





ସିଟି କଟକ

କଟକ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

# ବାଲି ପରିବହନ ଓ ଅବୈଧ ପାର୍କିଂ ଉପରେ ରହିବ ନଜର

କଟକ, ୯।୪(ସମିସ)



ସଡ଼କ ଦୁର୍ଘଟଣା ହ୍ରାସ କରିବା ଏବଂ ପରିବହନ ବ୍ୟବସ୍ଥାକୁ ଅଧିକ ଶୃଙ୍ଖଳିତ କରିବା ଲକ୍ଷ୍ୟରେ କଟକ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସୁରକ୍ଷିତ ଯାତାୟତ ପାଇଁ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ଅମାନିଆ ଗାଡ଼ି ଚାଳକ ଏବଂ ନିୟମ ଭଙ୍ଗକାରୀଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଆପଣାଇବାକୁ ପ୍ରଶାସନ ସ୍ପଷ୍ଟ କରିଛି।

ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ଗତବର୍ଷ ତୁଳନାରେ ଚଳିତ ବର୍ଷ ସଡ଼କ ଦୁର୍ଘଟଣା ହ୍ରାସ ପାଇଥିଲେ ହେଁ ନିୟମ ଭଙ୍ଗକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ତୀବ୍ର ହୋଇଛି। ଚଳିତ ବର୍ଷ ଜାନୁୟାରୀରୁ ମାର୍ଚ୍ଚ ମାସ ମଧ୍ୟରେ ୮୩୦ ଜଣ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ (ଡିଏଲ) ରଦ୍ଦ କରାଯାଇଛି, ଯାହା ଗତବର୍ଷ ଏହି ସମୟ ମଧ୍ୟରେ ୭୩୫ ଥିଲା। ମଦ୍ୟପାନ କରି ଗାଡ଼ି ଚଳାଉଥିବା ଏବଂ ଦ୍ରୁତ ଗତିରେ ଯାନବାହନ ଚଳାଉଥିବା ଚାଳକଙ୍କ ଉପରେ ପୁଲିସ ଓ ପରିବହନ ବିଭାଗ ନିୟମିତ ଚଢ଼ଉ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାସ୍ତାରେ ଦୁର୍ଘଟଣା ଏଡ଼ାଇବା ପାଇଁ ଅନେକ ବୈଷୟିକ ଓ ସାମାଜିକ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ମଙ୍ଗୁଳିଠାରେ ଦୁର୍ଘଟଣା ରୋକିବା ପାଇଁ କ୍ରାସ୍ ବ୍ୟାରିଅର ପରିବର୍ତ୍ତେ କଣ୍ଟା ଜାତୀୟ ଫୁଲ ଗଛ ଲଗାଯିବା କାର୍ଯ୍ୟ ସମ୍ପନ୍ନ ହୋଇଥିବା ଏନଏଚଆଇ ଅଧିକାରୀ ଜଣାଇଥିଲେ। ବାଲିଘାଟରୁ ପରିବହନ ସମୟରେ ରାସ୍ତାରେ ପଡ଼ୁଥିବା ବାଲିକୁ ତୁରନ୍ତ ସଫା କରିବାକୁ ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଉଚ୍ଛେଦ ହୋଇଥିବା ସ୍ଥାନରେ ପୁନର୍ବାର ଜବରଦଖଲ ରୋକିବାକୁ ନିୟମିତ ସମୀକ୍ଷା କରାଯାଇଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ନୂତନ ଭାବେ ୧୪ଟି 'ନୋ ପାର୍କିଂ' ଫଳକ ଲଗାଯାଇଛି। ଏଠାରେ ଗାଡ଼ି ରଖୁଥିବା ଅମାନିଆଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ରାସ୍ତା କଡ଼ରେ ଥିବା ସରକାରୀ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ଛୁଟି ସମୟରେ ଯାତାୟତ ନିୟନ୍ତ୍ରଣ ପାଇଁ ଶିକ୍ଷକମାନଙ୍କୁ ଦାୟିତ୍ୱ ଦେବାକୁ ଶିକ୍ଷା ଅଧିକାରୀଙ୍କୁ କୁହାଯାଇଛି। ଏଥିସହ, ଦୁର୍ଘଟଣା ସମୟରେ ଆହତଙ୍କୁ ସାହାଯ୍ୟ କରିଥିବା 'ଗୁଡ୍ ସମରୀଟାନ୍' ସୌମିତ୍ରି ଦାଶଙ୍କୁ ବୈଠକରେ ୪ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱଜିତ ଦାଶ ବୈଠକ ପରିଚାଳନା କରିଥିବା ବେଳେ

- ଦୁର୍ଘଟଣା ରୋକିବାକୁ କଡ଼ା ଆଭିମୁଖ୍ୟ
- ନିୟମ ଭଙ୍ଗକାରୀଙ୍କ ଉପରେ ଶକ୍ତ ପ୍ରହାର
- ୩ ମାସରେ ରଦ୍ଦ ହେଲାଣି ୮୩୦ ଡ୍ରାଇଭିଂ ଲାଇସେନ୍ସ
- ବିଦ୍ୟାଳୟ ଛୁଟି ସମୟରେ ନିୟୋଜିତ ହେବେ ଶିକ୍ଷକ

ଏଥିରେ ଅତିରିକ୍ତ ପୁଲିସ କମିଶନର ଅମରେନ୍ଦ୍ର ପଣ୍ଡା, ବସ୍ ଓ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିମାନେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ।

## କବିଚନ୍ଦ୍ର କାଳୀଚରଣ ପାଣିଗ୍ରାହୀଙ୍କ ଜମି ହଡ଼ପ

**କଟକ, ୯।୪(ସମିସ):** ସ୍ୱର୍ଗତ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ସମ୍ପତ୍ତି ହଡ଼ପ ଓ ତାଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବାକୁ ହୋଇଥିବା ମସୁଧାକୁ ନେଇ କବିଚନ୍ଦ୍ର ଭାରତୀ ସଂସ୍କୃତି ଶିକ୍ଷା ଓ ଗବେଷଣା ଏକାଡେମୀ ପକ୍ଷରୁ ଲାଲବାଗ ଥାନାରେ ଏତଲା ହୋଇଛି। ଅଭିଯୋଗକାରୀ ତୀର୍ଥାନନ୍ଦ ମହାନ୍ତି ନିଜ ଅଭିଯୋଗରେ ଦର୍ଶାଇଛନ୍ତି ଯେ ୧୪୨ଖଣ୍ଡ ପୁସ୍ତକର ପ୍ରଣେତା କାଳୀଚରଣଙ୍କ ବାସସ୍ଥାନ ହେଉଛି, ଓଡ଼ିଶାର କଳାକାରଙ୍କ ଏକ ତୀର୍ଥସ୍ଥଳୀ। ସେ ପଦ୍ମଶ୍ରୀ ଉପାଧି ପାଇଥିଲେ ମଧ୍ୟ ତାକୁ ବିନମ୍ର ସହିତ ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ୧୯୭୮ ମସିହାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହା ପୂର୍ବରୁ ତାଙ୍କର ସମସ୍ତ ସମ୍ପତ୍ତି ଓଡ଼ିଶାର କଳାକାରମାନଙ୍କୁ ଦାନ କରି ଦେଇଥିଲେ। ଯାହାର ପ୍ରମାଣ ରହିଛି। କିନ୍ତୁ କାଳୀଚରଣଙ୍କ ପୁତୁରା ଜାଲିଆତି କରି ତାଙ୍କର ସମ୍ପତ୍ତିକୁ ନିଜ ନାମରେ କରାଇ ନେଇଛନ୍ତି। ଏ ବାବଦରେ କବିଚନ୍ଦ୍ର ଏକାଡେ଼ମୀ ପକ୍ଷରୁ ମାମଲା କୋର୍ଟରେ ବିଚାରାଧୀନ ରହିଛି। ପୁତୁରା ଏବେ ରାଜ୍ୟ ସରକାର ପ୍ରତିଷ୍ଠା କରିଥିବା କାଳୀଚରଣଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗିବାକୁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି। ପୁଲିସ ମାମଲା ପଞ୍ଜୀକରଣ କରି ତଦନ୍ତ ଜାରି ରଖିଛି।

ଭାରତୀୟ ସଂସ୍କୃତି ଶିକ୍ଷା ଓ ଗବେଷଣା ଏକାଡେମୀ ପକ୍ଷରୁ ଥାନାରେ ଏତଲା

ଅନ୍ୟପଟେ ଗତକାଲି ଲାଲବାଗ ଥାନାରେ ଉକ୍ତ ଜମିରେ ଦୀର୍ଘ ବର୍ଷ ହେବ ରହି ଆସୁଥିବା କାଳୀଚରଣଙ୍କ ଜଣେ କର୍ମଚାରୀ ଏତଲା ଦେଇଥିଲେ। ସ୍ୱର୍ଗତ କାଳୀଚରଣ ପଟ୍ଟନାୟକ ଓଡ଼ିଶାର ଜଣେ ସୁନାମଧନ୍ୟ ବ୍ୟକ୍ତି। ଲାଲବାଗ ଥାନା ଅନ୍ତର୍ଗତ ଜଗନ୍ନାଥ ବଲ୍ଲଭ ଅଞ୍ଚଳରେ ତାଙ୍କର ଘର ରହିଛି। ଜୀବନର ଶେଷ ପର୍ଯ୍ୟନ୍ତ ସେ ଉକ୍ତ ବାସଗୃହରେ ରହିଥିଲେ। ସେଠାରେ ତାଙ୍କର ପ୍ରତ୍ୟେକ କାର୍ଯ୍ୟ ସହିତ ଅଭିଯୋଗକାରୀ ବନମାଳୀ ବେହେରା ଜଡ଼ିତ ରହିଥିଲେ। ଫଳରେ ସ୍ୱର୍ଗତ ପଟ୍ଟନାୟକ ତାଙ୍କ ରହିବା ପାଇଁ ସେଠାରେ ଏକ ଚାଳଘର ନିର୍ମାଣ କରିଥିଲେ। ସେବେଠାରୁ ଆଜି ପର୍ଯ୍ୟନ୍ତ ବନମାଳୀ ତାଙ୍କ ପରିବାରକୁ ନେଇ ରହିଆସୁଛନ୍ତି। ସେ ଏତଲାରେ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ସ୍ୱର୍ଗତ ପଟ୍ଟନାୟକ ନିଃସନ୍ତାନ ଥିଲେ। ତେଣୁ ସେ ନିଜ ଘରଟିକୁ ଉତ୍କଳ ସଙ୍ଗୀତ କଳାର ବିକାଶ ପାଇଁ ଉତ୍ସର୍ଗ କରିବାକୁ ନିଷ୍ପତ୍ତି ନେଇଥିଲେ। ଏ ନେଇ କୋର୍ଟରେ ମାମଲା ରୁଜୁ ହୋଇଛି।

## ସୋମବାର ହାଇକୋର୍ଟ ଛୁଟି

**କଟକ, ୯।୪(ସମିସ):** ଆସନ୍ତା ସୋମବାର ଏପ୍ରିଲ ୧୩ତାରିଖରେ ହାଇକୋର୍ଟ ଛୁଟି ରହିବ। ଏହା ବଦଳରେ କାର୍ଯ୍ୟ ଦିବସ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ ବୋଲି ଆଜି ହାଇକୋର୍ଟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ପଣା ସଂକ୍ରାନ୍ତି ପାଇଁ ପୂର୍ବରୁ ୧୪ ତାରିଖ ଛୁଟି ରହିଛି। ଏଣୁ ଆସନ୍ତା ଶନିବାରଠାରୁ ମଙ୍ଗଳବାର ଯାଏଁ ୪ଦିନ ଅଦାଲତ ବନ୍ଦ ରହି ବୁଧବାର ଖୋଲିବ ବୋଲି ଜଣାପଡ଼ିଛି।

## କଥାଶିଳ୍ପୀ ରାଜକିଶୋର ପଟ୍ଟନାୟକଙ୍କ ଜୟନ୍ତୀ

**କଟକ, ୯।୪(ସମିସ):** କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ କଥାଶିଳ୍ପୀ ରାଜକିଶୋର ପଟ୍ଟନାୟକଙ୍କ ୧୦୯ତମ ଜୟନ୍ତୀ ସମିତିର ଖାନନଗରସ୍ଥିତ ସଭାଗୃହରେ ପାଳିତ ହୋଇଯାଇଛି। ସଭାପତି ଡା. ରବିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ



ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ରଘୁନାଥ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଡ. ତରୁଣ ସାହୁ ମୁଖ୍ୟଅତିଥି, ଡ. ସାରଦା ପ୍ରସାଦ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ରାଜକିଶୋର ପଟ୍ଟନାୟକ ଏକାଧାରରେ ଅନନ୍ୟ ସାରସ୍ୱତ ସ୍ରଷ୍ଟା, ସତ୍ୟନିଷ୍ଠ ସାମ୍ବାଦିକ, ପ୍ରକାଶକ ତଥା ସମାଜସେବୀ ଥିଲେ। ଜୀବନ ଦର୍ଶନରେ ଯେଉଁ ଗଳ୍ପ ଓ ଉପନ୍ୟାସଗୁଡ଼ିକ ରଚନା କରିଛନ୍ତି ତାହା ଓଡ଼ିଆ ବାଣୀଭଣ୍ଡାରକୁ ତାଙ୍କର ଅତୁଳନୀୟ ଦାନ। ଅରୁଣା ସାମନ୍ତରାୟ, ଶ୍ୟାମସୁନ୍ଦର ସାହୁ, ରବୀନ୍ଦ୍ରନାଥ ପଣ୍ଡା, ସନ୍ଧ୍ୟା ଶତପଥୀ, ସମରେନ୍ଦ୍ର ଘୋଷ, ବୀରେଶ ମହାପାତ୍ର, ବିଦ୍ୟୁତ ଲାଲା, ଆଦିତ୍ୟ ପ୍ରତାପ ଧଳ, କିରଣବାଳା ମହାନ୍ତି, ମୀନାକ୍ଷୀ ଦାଶ, ମଧୁସ୍ମିତା ମିଶ୍ର, ବିମଳ ଦାଶ, ବାବୁଲିଧର ନାୟକ, ଲୋକନାଥ ସେଠୀ, ପ୍ରିୟମ୍ବଦା ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଶ୍ୱିନୀ ସେଠୀ ଧନ୍ୟବାଦ ଦେଇଥିଲେ।

## ଏସ୍‌ସିବି ମେଡିକାଲରେ ବିଶ୍ୱ ନ୍ୟୁରୋସର୍ଜରୀ ଦିବସ

**କଟକ, ୯।୪(ସମିସ):** କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲରେ ବିଶ୍ୱ ନ୍ୟୁରୋସର୍ଜରୀ ଦିବସ ପାଳିତ ହୋଇଯାଇଛି। ପ୍ରଫେସର ଡାକ୍ତର ଅନୁପ ମହାପାତ୍ର ଓ ପ୍ରଫେସର ଡାକ୍ତର ଶ୍ରୀକାନ୍ତ ଦାସ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ନ୍ୟୁରୋସର୍ଜରୀ ସେମିନାର ହଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏସସିବି ମେଡିକାଲର କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରଫେସର ଡାକ୍ତର ସରୋଜ ତ୍ରିପାଠୀ ଓ ଅଧୀକ୍ଷକ ପ୍ରଫେସର ଡାକ୍ତର ଜ୍ୟୋତିଷ ଚନ୍ଦ୍ର ଚୌଧୁରୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ନ୍ୟୁରୋସର୍ଜରୀ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇଥିବା ବେଳେ ବହୁ ଦୁର୍ଘଟଣାଗ୍ରସ୍ତ ଗୁରୁତର ରୋଗୀଙ୍କର ଏଠାରେ ସଫଳ ଅସ୍ତ୍ରୋପଚାର ହୋଇଥାଏ। ବିଭାଗୀୟ ପ୍ରଫେସର, ଡାକ୍ତର ଓ କର୍ମଚାରୀଙ୍କ



ନିଷ୍ଠାପର ଉଦ୍ୟମରେ ଏହା ସମ୍ଭବ ହୋଇଥିବାରୁ ଅତିଥିମାନେ ଏହି ବିଭାଗର ଉଚ୍ଚ ପ୍ରଶଂସା କରିଥିଲେ। ନ୍ୟୁରୋସର୍ଜରୀ ବିଭାଗର ସମସ୍ତ ଅଧ୍ୟାପକ, ଡାକ୍ତରୀ ଛାତ୍ର, ନର୍ସିଂ ଅଫିସର ଯୋଗଦେଇ ଏସସିବି ନ୍ୟୁରୋସର୍ଜରୀ ବିଭାଗର ଇତିହାସକୁ ରୋମାନ୍ଥନ କରିବା ସହ ଭବିଷ୍ୟତ ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ବିଶ୍ୱ ନ୍ୟୁରୋସର୍ଜରୀ ଜନକ ହାର୍ଭେ କୁସିଙ୍ଗଙ୍କ ଜନ୍ମ ଦିବସ ଅବସରରେ ଏହି ଦିବସ ପାଳନ କରାଯାଇଥାଏ।



## 'ଅଲିମ୍ପିକ୍ସ ଭାଲ୍ୟୁ ଏଜୁକେସନ୍' ପ୍ରଶିକ୍ଷଣ ଶିବିର

**କଟକ, ୯।୪(ସମିସ):** କଟକ ଖାନନଗର ହାଇସ୍କୁଲରେ ଗୁରୁବାର ଦିନିକିଆ 'ଅଲିମ୍ପିକ୍ସ ଭାଲ୍ୟୁ ଏଜୁକେସନ୍ ପ୍ରୋଗ୍ରାମ' ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ଉଦଘାଟନ କରି କହିଥିଲେ ଯେ ଶିକ୍ଷକଶିକ୍ଷୟିତ୍ରୀମାନେ କେବଳ ଶ୍ରେଣୀଗୃହ ମଧ୍ୟରେ ସୀମିତ ନ ରହି ଖେଳକୁଦ ମାଧ୍ୟମରେ ପିଲାମାନଙ୍କୁ ଜୀବନ କୌଶଳ ଶିକ୍ଷା ଦେବା ଆବଶ୍ୟକ। ଓଭିଇପିର ଆଞ୍ଚଳିକ ଅଧିକାରୀ ପ୍ରକାଶ ବେହେରା ଏବଂ ସଂଯୋଜକ ଦେବାଶିଷ ସ୍ୱାଇଁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଜିଲ୍ଲାର ଓଭିଇପି କାର୍ଯ୍ୟକ୍ରମ ଚାଲୁଥିବା ୩୦ଟି ବିଦ୍ୟାଳୟରୁ ପ୍ରାୟ ୬୦ ଜଣ କ୍ରୀଡ଼ା ଶିକ୍ଷକ ଓ ଅନ୍ୟ ସହକାରୀ ଶିକ୍ଷକଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଖାନନଗର ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରମଥ ନାଥ ଦେ ସ୍ୱାଗତ ଭାଷଣ ଦେଇଥିଲେ।

## ଚୋରା ସୁନା ବିସ୍କୁଟ୍ ସିଣ୍ଡିକେଟ୍ ଘଟଣା

## ରିମାଣ୍ଡରେ ବେଙ୍ଗାଲୁରୁ ଗଲା ଦୁର୍ଦ୍ଦାନ୍ତ ରାଜା

**କଟକ, ୯।୪(ସମିସ):** ଚୌଦ୍ୱାର ଜେଲରେ ଥିବା ବିହାରର ଦୁର୍ଦ୍ଦାନ୍ତ ଅପରାଧୀ ଶୁଭମ୍ ଓରଫ ରାଜା ସାହାଣୀକୁ କର୍ଣ୍ଣାଟକ ପୁଲିସ ଜେରା କରିବା ପରେ ତାକୁ ଆଜି ୭ଦିନିଆ ରିମାଣ୍ଡରେ ନେଇଛି। ଦୁର୍ଦ୍ଦାନ୍ତ ରାଜାକୁ ବାଙ୍ଗାଲୁରୁ ନିଆଯାଇଥିବା ବେଳେ ସେଠାରେ ସ୍ପେସାଲ୍ ସ୍କ୍ୱାଡ୍ ଜେରା କରିବ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଜେରା କରାଯିବ। ଏହାପରେ କର୍ଣ୍ଣାଟକ ପୁଲିସ ରାଜାକୁ ଆଣି ଚୌଦ୍ୱାର ଜେଲ୍‌ରେ ଛାଡିବ। ଏହାପରେ ବିହାର, ଆନ୍ଧ୍ର ଓ ଝାଡ଼ଖଣ୍ଡ ପୁଲିସ ଜେରା କରିବ ବୋଲି ଜଣାପଡ଼ିଛି। ଶେଷରେ ପୁଣି ଥରେ କମିସନରେଟ୍ ପୁଲିସ ରାଜାକୁ ୭ଦିନିଆ ରିମାଣ୍ଡରେ ନେବ।

ଏଠାରେ ସୂଚନାଯୋଗ୍ୟ, ଦୁର୍ଦ୍ଦାନ୍ତ ଅପରାଧି ରାଜା କର୍ଣ୍ଣାଟକ ମହୀଶୁର ଜିଲ୍ଲାର ହୁନସୁର୍ ଟାଉନ୍‌ରେ ୨୦୨୫ ଡିସେମ୍ବର ୨୮ରେ ଏକ ଗହଣା ଦୋକାନରୁ ଡକାୟତି କରିଥିଲା। ହୁନସୁର୍ ବସଷ୍ଟାଣ୍ଡ ନିକଟରେ ସ୍କାଏ ଗୋଲ୍ଡ ଏବଂ ଡାଇମଣ୍ଡ ଗହଣା ଦୋକାନରୁ ରାଜା ନେତୃତ୍ୱରେ ୫ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଫାଙ୍କା ଗୁଳିଚାଳନା କରି ମାତ୍ର ୬ ମିନିଟ୍‌ରେ ୮ କେଜି ସୁନା ଓ ହୀରା ଅଳଙ୍କାର ଲୁଟି ନେଇ ଯାଇଥିଲେ। ଏହି ମାମଲାରେ ୨୦୨୬ ଜାନୁଆରୀରେ ଦିଲ୍ଲୀର ଜେଠପୁରରେ ରହୁଥିବା ବିହାର ଦରଭଙ୍ଗାର ଋଷିକେଶ କୁମାର ସିଂହ ଓରଫ୍ ଛୋଟୁ ଓ ବିହାର ଭାଗଲପୁରର ପଙ୍କଜ କୁମାରକୁ ଗିରଫ କରାଯାଇଥିଲା। ଗତ ମାର୍ଚ୍ଚ ମାସରେ ହର୍‌ମନ ଓ ସୋନୁ ସିଂଙ୍କୁ ଗିରଫ କରାଯାଇଥିଲା। କିନ୍ତୁ କର୍ଣ୍ଣାଟକ ପୁଲିସ ରାଜାକୁ ଗିରଫ କରିବାରେ ବିଫଳ ହୋଇଥିଲା। ଶେଷରେ ଏପ୍ରିଲ ୧ ତାରଖରେ ଉତ୍ତରାଖଣ୍ଡର ଋଷିକେଶରୁ ରାଜା ସାହାଣୀକୁ ଗିରଫ କରାଯାଇଥିଲା। ରାଜକୁ ଋଷିକେଶରୁ ଟ୍ରାଞ୍ଜିଟ ରିମାଣ୍ଡରେ ଆଣି ଗିରଫ ଦର୍ଶାଇବା ପରେ କୋର୍ଟ ଚାଲାଣ କରି ଚୌଦ୍ୱାର ଜେଲରେ ସ୍ୱତନ୍ତ୍ର ସୁରକ୍ଷା ବଳୟରେ ରଖାଯାଇଛି। ରାଜା, ଚୌଦ୍ୱାର ଜେଲରୁ ଫେରାର୍ ହେବା ପରେ କର୍ଣ୍ଣାଟକରେ ଜୁଏଲାରୀ ଦୋକାନରୁ ୨୦ କୋଟି ଟଙ୍କାର ସୁନା ଅଳଙ୍କାର ଲୁଟିଥିଲା। ଏହି ମାମଲାରେ କର୍ଣ୍ଣାଟକ ପୁଲିସ ପଚରାଉଚରା ପାଇଁ କଟକ ଆସି ଦୁର୍ଦ୍ଦାନ୍ତ ରାଜାକୁ ଜେରା କରିବା ପରେ ଅଧିକ ଜେରା ପାଇଁ ରିମାଣ୍ଡରେ ନେଇଛି।

## ହାଇକୋର୍ଟରେ କଟକ ସହର ସମସ୍ୟା

# ଏସ୍‌ସିବି ଅଗ୍ନିକାଣ୍ଡର ବିଚାର ବିଭାଗୀୟ ତଦନ୍ତ ଅଗ୍ରଗତି ନେଇ ରିପୋର୍ଟ ତଲବ

କଟକ, ୯।୪(ସମିସ)

ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ କଟକ ସହରର ବିଭିନ୍ନ ନାଗରିକ ସମସ୍ୟା ଏବଂ ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଏହି ମାମଲାରେ କୋର୍ଟ ବିଭିନ୍ନ ବିଭାଗକୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏସସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡରେ ରୋଗୀଙ୍କ ଜୀବନ ଯିବା ଘଟଣାର ବିଚାରବିଭାଗୀୟ ତଦନ୍ତର ସ୍ଥିତି ନେଇ ହାଇକୋର୍ଟ ଜବାବ ତଲବ କରିଛନ୍ତି। ଏଥିସହିତ ଯଥାଶୀଘ୍ର ଅଗ୍ନିକାଣ୍ଡ ପାଇଁ କ୍ଷତିଗ୍ରସ୍ତ ହସ୍ପିଟାଲର ଟ୍ରମା କେୟାର ଆଇସିୟୁ ପୁନଃକାର୍ଯ୍ୟକ୍ଷମ କରିବାକୁ ହାଇକୋର୍ଟ କହିଛନ୍ତି। ଜଷ୍ଟିସ କୃଷ୍ଣରାମ ମହାପାତ୍ର ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟ ସଚିବ ଓ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ ଅଧୀକ୍ଷକ ଉପସ୍ଥିତ ରହି ସାନି ସ୍ଥିତି ନେଇ ଅବଗତ କରିଥିଲେ। ଏପ୍ରିଲ ୨୫ରୁ ସର୍ଜରି ବିଭାଗର ନୂଆ ଟ୍ରମା ଆଇସିୟୁ କାର୍ଯ୍ୟକ୍ଷମ ହେବ ବୋଲି ଉଭୟ ଅବଗତ କରାଯାଇଥିଲା।

ଏସସିବିରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପ୍ରସଙ୍ଗରେ ଅଗ୍ନିଶମ ଡିଜି ସୁଧାଂଶୁ ଷଡଙ୍ଗୀ ଉପସ୍ଥିତ ରହି ତଥ୍ୟ ଉପସ୍ଥାପନ କରିଥିଲେ। ଏହି ପ୍ରସଙ୍ଗରେ ସତ୍ୟପାଠ ଦାଖଲ କରିବାକୁ ଡିଜିଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଶିଶୁଭବନ ପରିସର ଭିତରେ ଥିବା ଅଭ୍ୟନ୍ତରୀଣ ଡ୍ରେନ ଉପରୁ ଜବରଦଖଲ ଉଚ୍ଛେଦ କରାଯାଇଛି ବୋଲି ସିଏମସି ପକ୍ଷରୁ ଦର୍ଶାଯାଇଥିବା ବେଳେ ବାସ୍ତବ ସ୍ଥିତି କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି ଆମିକସ କ୍ୟୁରି ବରିଷ୍ଠ ଆଇନଜୀବୀ ବିଜୟ କୁମାର ଦାଶ ଶୁଣାଣି ବେଳେ ଅବଗତ କରିଥିଲେ। ଜବରଦଖଲ ଉଚ୍ଛେଦ କରାଯାଇ ନାହିଁ ବୋଲି ଶ୍ରୀ ଦାଶ ଦର୍ଶାଇବା ସହିତ ଏ ସମ୍ପର୍କିତ ଫଟୋଗ୍ରାଫ ଉପସ୍ଥାପନ କରିଥିଲେ। ହାଇକୋର୍ଟ ରେଜିଷ୍ଟ୍ରିର ଡେପୁଟି ରେଜିଷ୍ଟ୍ରାର (ପ୍ରୋଟୋକଲ) ଓ ସରକାରୀ ରେଜିଷ୍ଟ୍ରାର (ପ୍ରଶାସନ) ସମ୍ପୃକ୍ତ ସ୍ଥାନଗୁଡିକ ଅନୁଧ୍ୟାନ କରି ଏପ୍ରିଲ ୧୫ସୁଦ୍ଧା ମୁଦା ଲଫାପାରେ ରିପୋର୍ଟ ଦାଖଲ କରିବେ ବୋଲି ହାଇକୋର୍ଟ କହିଛନ୍ତି।

ଅଗ୍ନିଶମ ଡିଜିଙ୍କୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

ସତ୍ୟବ୍ରତ ଷ୍ଟାଡିୟମ ପରିସରରେ ବାୟୋଟଏଲେଟ ପାଇଁ ସିଏମସିକୁ ଅନୁମତି ଦିଆଯିବ ବୋଲି ଏଏସଆଇ ଅଧୀକ୍ଷକ ହାଇକୋର୍ଟରେ ଦର୍ଶାଇଥିଲେ। ପାନୀୟଜଳ ପାଇଁ ୱାଟକୋ ସତ୍ୟବ୍ରତ ଷ୍ଟାଡିୟମର ସର୍ଭେ କରିବ। ଇତିମଧ୍ୟରେ ପାନୀୟଜଳ ପାଇଁ ସିଏମସି ବ୍ୟବସ୍ଥା କରିବ ବୋଲି ହାଇକୋର୍ଟ କହିଛନ୍ତି। ସତ୍ୟବ୍ରତ ଷ୍ଟାଡିୟମ ସମ୍ପର୍କିତ ସଂଶୋଧିତ ଡିପିଆର ସଂକ୍ରାନ୍ତ ତଥ୍ୟ ଦାଖଲ ପାଇଁ କଟକ ଜିଲ୍ଲାପାଳଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏପ୍ରିଲ ୨୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଆମିକସ କ୍ୟୁରି ବିଜୟ କୁମାର ଦାଶ, ହାଇକୋର୍ଟ ବାର ଆସୋସିଏସନ ସଭାପତି ଲଲାଟେନ୍ଦୁ ସାମନ୍ତରାୟ, ଆଇନଜୀବୀ ସରୋଜ କୁମାର ପାଢ଼ୀ, ଏଜିଏ ଦେବାଶିଷ ନାୟକ ମାମଲା ପରିଚାଳନା କରୁଛନ୍ତି।

## ମହାନଦୀରେ ବୁଡ଼ି ବାଳକ ଗୁରୁତର

**କଟକ, ୯।୪(ସମିସ):** ବିଡ଼ାନାସୀ ଥାନା ଅନ୍ତର୍ଗତ ତୁଳସୀପୁର ବେତାର କାର୍ଯ୍ୟାଳୟ ସମ୍ମୁଖରେ ମହାନଦୀରେ ଆଜି ୩ଜଣ ନାବାଳକ ଗାଧୋଉଥିବା ବେଳେ ପାଣିରେ ଗୋଡ଼ ଖସିଯିବାରୁ ଓଡ଼ିଆବଜାରର ଜୁଲ୍ ଫର୍କ(୧୫) ଗୁରୁତର ଆହତ ହୋଇଛନ୍ତି। ବକ୍ସିବଜାର ଅଗ୍ନିଶମ ଟିମ୍ ନାବାଳକଙ୍କୁ ଉଦ୍ଧାର କରିଥିଲା। ପ୍ରଥମେ ଏସ୍‌ସିବି ମେଡ଼ିକାଲ୍ ଓ ପରେ ଏକ ବେସରକାରୀ ହସ୍ପିଟାଲ୍ ନିଆଯାଇଛି।

ଦିନ ୨ଟା ମଧ୍ୟରେ ଓଡ଼ିଆବଜାର ଅଞ୍ଚଳର ଏହି ୩ ଜଣ ନାବାଳକ ସାଙ୍ଗ ମହାନଦୀ କୂଳକୁ ବୁଲିବାକୁ ଯାଇଥିଲେ। ୨ ସାଙ୍ଗ କୂଳରେ ଗାଧୋଇବା ବେଳେ ଅନ୍ୟ ଜଣେ ସାମାନ୍ୟ ଭିତରକୁ ଯିବାରୁ ହଠାତ୍ ଗୋଡ଼ ଖସିଯାଇଥିଲା। ଭିତରେ ପାଣି ଗଭୀର ଥିବାରୁ ଗୋଡ଼ ପାଇନଥିଲା। ଅନ୍ୟ ୨ ସାଙ୍ଗ ଏହା ଦେଖିଲା ବେଳକୁ ଜୁଲ୍ ପାଣି ଭିତରେ ବୁଡ଼ିଯାଉଛି। କେବଳ ତାର ହାତ ଦେଖାଯାଉଛି। ସେମାନେ ତୁରନ୍ତ ସ୍ଥାନୀୟ ଲୋକଙ୍କ ସହାୟତାରେ ଅଗ୍ନିଶମ ଟିମ୍‌କୁ ଖବର ଦେଇଥିଲେ। ଏହି ସମୟରେ ବିଡ଼ାନାସୀ ଥାନା ପୁଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା। ମାତ୍ର ୧୦ ମିନଟ୍ ଭିତରେ ଅଗ୍ନିଶମ ଗାଡ଼ିରେ ନିଆଯାଇ ତାକୁ ଏସ୍‌ସିବି କାଜୁଆଲ୍‌ଟିରେ ଭର୍ତ୍ତି କରାଯାଇଥିଲା। ଗୁରୁତର ଥିବା ନାବାଳକଙ୍କୁ ସମ୍ପର୍କୀୟମାନେ ଅଧିକ ଚିକିତ୍ସା ପାଇଁ ଅନ୍ୟଏକ ବେସରକାରୀ ହସ୍ପିଟାଲ୍‌କୁ ନେଇଯାଇଥିବା ସୂଚନା ମିଳିଛି।


॥ ପ୍ରଥମ ଶ୍ରାଦ୍ଧବାର୍ଷିକୀ ॥



ସ୍ୱ ଲକ୍ଷ୍ମୀକାନ୍ତ ବାରିକ୍

ଚୁଳିଆପୋଷି, ଉଦଳା, ମୟୂରଭଞ୍ଜ

ଆବିର୍ଭାବ : ୧୮.୦୪.୧୯୪୧, ତିରୋଧାନ : ୦୯.୦୪.୨୦୨୫

ତୁମେ ଆମ ପାଇଁ ଦୁନିଆର ସର୍ବଶ୍ରେଷ୍ଠ ସର୍ବଶକ୍ତିମାନ ଏକ ଅବ୍ୟକ୍ତ ଅନୁଭବ। ନିର୍ଭୟର ସୁରକ୍ଷା ପ୍ରାଚୀର ଟିଏ, ପ୍ରେରଣା ଓ ପ୍ରତିଷ୍ଠାର ଶାନ୍ତି ମନ୍ଦିର ଟିଏ, ତ୍ୟାଗ ଓ ତିତିକ୍ଷାର ଠାକୁର ଟିଏ, ଆମ ସବୁ ସମ୍ଭବର ପ୍ରଚ୍ଛଦପଟ୍ଟ ନାୟକ ତୁମେ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତୁମ ଅମରାତ୍ମା ସଦଗତି ଲାଗି ମହାପ୍ରଭୁଙ୍କ ଠାରେ ପ୍ରାର୍ଥନା।

ହତଭାଗ୍ୟ ପୁତ୍ରଗଣ: ଦିଲ୍ଲୀପ, ପ୍ରଦୀପ, ସଞ୍ଜୀବ
ତଥା ବନ୍ଧୁ ଓ ପରିବାରବର୍ଗ


## ୪ ଗଞ୍ଜେଇ ବେପାରୀ ଗିରଫ

**କଟକ, ୯।୪(ସମିସ):** ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ୪ ଜଣ ନିଶା ମାଫିଆଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ନୟାଗଡ଼ ଫତେଗଡ଼ ଅଞ୍ଚଳର ପ୍ରସନ୍ନ କୁମାର ପଣ୍ଡା(୪୫), ବାଙ୍କାନିଧି ଦାଶ(୨୬), ଶିବପ୍ରସାଦ ଜେନା(୨୯) ଓ ବୌଦ୍ଧ ଜିଲ୍ଲାର ତାରିଣୀ ବାଘ(୪୦)। ଏମାନଙ୍କ ପାଖରୁ ୩୪ କିଲୋ ଓଜନର ଗଞ୍ଜେଇ ଜବତ ହୋଇଛି। ଗୁରୁବାର ପୂର୍ବାହ୍ନରେ ଅବକାରୀ ବିଭାଗକୁ ସଚନା ମିଳିଲାକି, ଏକ ଦାମୀ ଗାଡିରେ ବିପୁଳ ପରିମାଣର ନିଶାଦ୍ରବ୍ୟ ଚାଲାଣ ହେଉଛି। ମାଫିଆମାନେ ରାଜପଥରେ ଖୋର୍ଦ୍ଧା ପଟୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ସୂଚନା ମିଳିବାମାତ୍ରେ ଏକ ଟିମ ଖଣ୍ଡଗିରି ତାରିଣୀ ଛକ ନିକଟରେ ଜଗି ରହିଥିଲା। ସେଠାରେ ପୂର୍ବ ସୂଚନା ମୁତାବକ ଏକ କାରକୁ ଅଟକାଇ ତଲାସି ନେବାରୁ ୩ଟି ବସ୍ତାରୁ ମୋଟ ୩୪ କିଲୋ ଓଜନର ଗଞ୍ଜେଇ ଜବତ ହୋଇଥିଲା। ଯାହାର ବଜାର ମୂଲ୍ୟ ପ୍ରାୟ ୯ ଲକ୍ଷ ଟଙ୍କା ହେବ। ଏହି ମାମଲାରେ କାର ଡ୍ରାଇଭର ପ୍ରସନ୍ନ ସହିତ ଅନ୍ୟ ତିନି ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏମାନେ ବୌଦ୍ଧରୁ ଗଞ୍ଜେଇ ଧରି ଭୁବନେଶ୍ୱରର ଜଣେ ବେପାରୀ ପାଖକୁ ଆସୁଥିଲେ ବୋଲି ଜଣାପଡ଼ିଛି।

## ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ୧୭୫ ୟୁନିଟ୍ ରକ୍ତ ସଂଗ୍ରହ




**କଟକ, ୯।୪(ସମିସ):** ଓଡ଼ିଆ ପକ୍ଷ ପାଳନ ଅବସରରେ ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟର ୱାଇଆରସି, ଏନଏସଏସ ଓ ଏନସିସି ଆନୁକୂଲ୍ୟରେ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଡ଼ ଦୀପା ନାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଅତିଥିଭାବେ କେନ୍ଦ୍ରୀୟ ରେଡକ୍ରସ ରକ୍ତ କେନ୍ଦ୍ରୀୟ ନିର୍ଦ୍ଦେଶକ ଡ଼ ଚନ୍ଦ୍ରିକା ପ୍ରସାଦ ଦାସ, ପ୍ରାଥମିକ ଚିକିତ୍ସା ମାଷ୍ଟର ଟ୍ରେନର ଡ଼ ବିକାଶ ପ୍ରସାଦ, ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ଫିଡ ଉପସଭାପତି ଡ଼ ପ୍ରଶାନ୍ତ ଦାସ, ଚୌଦ୍ୱାର ବ୍ଲଡ ଡୋନର ସଂଘର ରାଜକିଶୋର ସାମନ୍ତରାୟ ଓ ଫାଷ୍ଟ ଓଡ଼ିଶା ଆର୍ଟିଲାରୀ ବ୍ୟାଟେରୀ ସ୍ଥଳସେନା ଅଧିକାରୀ ସୁବେଦାର ସନ୍ଦୀପ ପାଟିଲ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଶିବିରରେ ୧୭୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କାର୍ଯ୍ୟକ୍ରମକୁ ଯୁବ ରେଡକ୍ରସର ସମ୍ପାଦିକା ଡ଼ ସସ୍ମିତା ପଟ୍ଟନାୟକ, ଏନସିସି ଅଧିକାରୀ କ୍ୟାପଟେନ ଅକ୍ଷୟ ଦାସ, ଏନ୍‌ଏସଏସ ଡିପିଓ ଡ଼ ସନ୍ଧ୍ୟାସାୟନ୍ତିନୀ ମହାନ୍ତି, ଯୁବ ରେଡକ୍ରସ ପରାମର୍ଶଦାତା ଡ଼ ସ୍ମିତା ମହାନ୍ତି, ଏନଏସଏସ ଏଚଏସ ଗୌତମ ମଲ୍ଲିକ, ସୁନିତା ଦାସ ଓ ମିସେସ ରଜତି ରାଉତ ପ୍ରମୁଖ ସହଯୋଗ କରିଥିଲେ। କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଅଭିଭାବକ, ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ମଧ୍ୟ ରକ୍ତଦାନ କରିଥିଲେ।




# ରାଣିଡୁଡୁମା ବୁଲିବାକୁ ଆସି ପର୍ଯ୍ୟଟକଙ୍କ ମୃତ୍ୟୁ

ନନ୍ଦପୁର, ୯।୪ (ସମିସ): ରାଣିଡୁଡୁମା ଜଳପ୍ରପାତ ପର୍ଯ୍ୟଟନ ସ୍ଥଳୀକୁ ଆସିଥିବା ଜଣେ ପର୍ଯ୍ୟଟକଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଛି। ଜଗତ୍‌ସିଂହପୁର ନିବାସୀ ଭବାନୀ ଶଙ୍କର ମହାନ୍ତି(୩୨) ତାଙ୍କ କିଛି ସହଯୋଗୀଙ୍କ ସହ ରାଣିଡୁଡୁମା ବୁଲିବାକୁ ଆସିଥିଲେ। ସେ ବର୍ତ୍ତମାନ ପ୍ରତିଭା ନର୍ସିଂ କଲେଜ କୋରାପୁଟରେ ଜଣେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟରତ ଥିଲେ। ଆଜି ଭବାନୀ, ସହକର୍ମୀ ମିଖିଲ୍ ଖେମୁଣ୍ଡୁ, ଛାତ୍ର ନିତ୍ୟା ସୁନ୍ଦର୍ ସାହୁ, ରିତେଶ କୁମାର ନାଗ, ଓ ଡ୍ରାଇଁ ରଜତ କାନ୍ତ ସେଠ୍‌ଙ୍କ ସହ ରାଣିଡୁଡୁମା ଜଳପ୍ରପାତକୁ ବଣଭୋଜି କରିବାକୁ ଆସିଥିଲେ। ଗ୍ରୀଷ୍ମ ପ୍ରବାହ ଅତ୍ୟଧିକ ଥିବା ହେତୁ ସେମାନେ ନିକଟସ୍ଥ ରାଣିଡୁଡୁମା ନଦୀରେ ଗାଧୋଇବାକୁ ଓହ୍ଲାଇ ଥିଲେ। କିନ୍ତୁ ଗାଧୋଇବା ସମୟରେ କୌଣସି କାରଣରୁ ଭବାନୀ ପାଣି ଗଭୀର ମଧ୍ୟରେ ଫଶି ଯାଇଥିଲେ। ସଙ୍ଗେ ସଙ୍ଗେ ସହ ଯାତ୍ରୀ ମାନେ ଭବନୀକୁ ବାହାରକୁ କାଢ଼ି ବଞ୍ଚାଇବା ପାଇଁ ଚେଷ୍ଟା କରିଥିଲେ। ସେପଟେ ଖବର ପାଇ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ପୋଲିସ୍ ଘଟଣାସ୍ଥଳକୁ ପହଞ୍ଚିବା ବେଳକୁ ଭବାନୀର ପ୍ରାଣବାୟୁ ଚାଲିଯାଇଥିଲା। ତୁରନ୍ତ ପୋଲିସ ମୃତଦେହ ଜବତ କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସନ୍ଧ୍ୟା ହୋଇଯିବାରୁ ଶୁକ୍ରବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଆଇଆଇସି ତ୍ରିନାଥ ତୋଟାପାଡ଼ିଆ କହିଛନ୍ତି।



# କେନ୍ଦ୍ରୀୟ ପ୍ରଭାରୀଙ୍କ କଫି ବୋର୍ଡ ପରିଦର୍ଶନ



କୋରାପୁଟ, ୯।୪(ସମିସ): କେନ୍ଦ୍ର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଯୁଗ୍ମ ସଚିବ ତଥା କୋରାପୁଟ ଜିଲ୍ଲା କେନ୍ଦ୍ରୀୟ ପ୍ରଭାରୀ ସତ୍ୟଜିତ ମିଶ୍ର ଆଜି କୋରାପୁଟ ବ୍ଲକ ଅନ୍ତର୍ଗତ ଲାଇଟ ହାଉସ ପ୍ରକଳ୍ପର ବଗେଇପଦର ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଶ୍ରେଣୀ ଗୃହକୁ ଯାଇ ଶିଶୁମାନଙ୍କ ସମ୍ପର୍କରେ ବିଭାଗୀୟ ଅଧିକାରୀ ମାନଙ୍କୁ ପଚାରି ବୁଝିଥିଲେ। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋସ୍ନାରାଣୀ ପାଢ଼ୀ, କୋରାପୁଟ ଶିଶୁ ବିକାଶ ଅଧିକାରୀ ସାବିତ୍ରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପରେ କୋରାପୁଟ କଫି ବୋର୍ଡ ପରିଦର୍ଶନ କରିଥିଲେ।କୋରାପୁଟ ଜିଲ୍ଲାରେ କଫି ଉତ୍ପାଦନ ଏବଂ ବିକ୍ରିବଟା ଉପରେ ବିଭାଗୀୟ ଅଧିକାରୀ ମାନଙ୍କୁ ସେ ପଚାରି ବୁଝିଥିଲେ। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, କୋରାପୁଟ କଫି ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୋଦ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କୋରାପୁଟ ଜିଲ୍ଲାକୁ ଦୁଇ ଦିନିଆ ଗସ୍ତରେ ଆସି ସେ ଆଜି ଦିଲ୍ଲୀ ଫେରିଯାଇଥିବା ଜଣାପଡିଛି।

## କାଳବୈଶାଖୀ ପ୍ରଭାବ

# ଜଳବନ୍ଧୀ ଗାଁରେ ବ୍ୟାପକ କ୍ଷୟକ୍ଷତି

ତେନ୍ତୁଳିଖୁଣ୍ଟି, ୯।୪(ସମିସ) : ତେନ୍ତୁଳିଖୁଣ୍ଟି ବ୍ଲକ ମଞ୍ଚାଗାଁ ପଞ୍ଚାୟତ ତଥା ଇନ୍ଦ୍ରାବତୀ ଜଳ ଭଣ୍ଡାର ଅପରପାଶ୍ୱର୍ରେ ଥିବା ତଳଙ୍ଗ ଗ୍ରାମରେ କାଳବୈଶାଖୀ ପ୍ରଭାବ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହାପରେ ୪ ପରିବାର ପଲିଥିନ ଟାଙ୍ଗି ରହୁଛନ୍ତି। ଆଜି କ୍ଷତିଗ୍ରସ୍ତ ପରିବାର ତେନ୍ତୁଳିଖୁଣ୍ଟି ତହସିଲ ପ୍ରଶାସନ ର ଦ୍ୱାରସ୍ଥ ହୋଇ ଗୁହାରି ଜଣାଇବା ପରେ ପଲିଥିନ ଖଣ୍ଡେ ଲେଖାଏଁ ମିଳିଥିବା ଜଣାପଡିଛି। ଗତ ୭ ତାରିଖ ସନ୍ଧ୍ୟା ୬ ଘଣ୍ଟା ସମୟରେ ତଳଙ୍ଗ ଗ୍ରାମରେ କାଳ ବୈଶାଖୀ ସହ କୁଆ ପଥର ବୃଷ୍ଟି ହୋଇଥିଲା। ଦୀର୍ଘ ୧ ଘଣ୍ଟା ଧରି କାଳ ବୈଶାଖୀ ତାଣ୍ଡବ ରୋଟିଥିଲା।ଏହାର ପ୍ରଭାବ ରେ ବ୍ୟାପକ ପରିମାଣରେ ଗଛ ଗୁଡିକ ଭାଙ୍ଗିବା ସହ ଗ୍ରାମର ଅନେକ ପରିବାରଙ୍କ ଘର ଛପର ଉଡେଇ ଦେଇଛି। ତେବେ ତଳଙ୍ଗ ଗ୍ରାମର ଭଞ୍ଜ ମୁଦୁଲି, ଜୁଧେଷ୍ଟି କମାର, ମଦନ ମୁଦୁଲି, ବୈଦ କମାରଙ୍କ ଘର ବିଶେଷ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି। ଏହି ଚାରି ଜଣଙ୍କ ଗୃହ କୁଆପଥର ବର୍ଷା ସହ କାଳବୈଶାଖୀ ପ୍ରଭାବରେ ସମ୍ପୂର୍ଣ ନଷ୍ଟ ହୋଇଛି। କାହାର ଆଜବେଷ୍ଟ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି ତ ଆଉ କାହାର ଚାଳ ଛପର ଉଡେଇ ଦେଇଛି। ଏପରିକି ଗୃହ ମଧ୍ୟରେ ଥିବା ଖାଦ୍ୟ ସାମଗ୍ରୀ ମଧ୍ୟ ନଷ୍ଟ ହୋଇଯାଇଛି। କାଳବୈଶାଖୀ କମିବା ପରେ କ୍ଷତିଗ୍ରସ୍ତ ପରିବାର ସଦସ୍ୟ ଅତି ଦୟନୀୟ ଅବସ୍ଥାରେ ରାତ୍ରୀ ଯାପନ କରଥିଲେ। ସକାଳୁ ପଲିଥିନ ଯୋଗାଡ଼ କରି ଘର ଉପରେ ଟାଙ୍ଗି ରହୁଥିବା କହିଛନ୍ତି। ଆଜି ତେନ୍ତୁଳିଖୁଣ୍ଟି ତହସିଲ ପ୍ରଶାସନକୁ ଜଣେଇବା ପରେ ପଲିଥିନ ଖଣ୍ଡେ ଖଣ୍ଡେ ମିଳିଥିବା ଜୁଧେଷ୍ଟି କମାର କହିଛନ୍ତି। କ୍ଷତିଗ୍ରସ୍ତ ପରିବାରଙ୍କୁ ଆବାସ ଗୃହ ଯୋଗାଇ ଦେବାକୁ କ୍ଷତିଗ୍ରସ୍ତ ପରିବାର ପ୍ରଶାସନକୁ ନିବେଦନ କରିଛନ୍ତି। ତଦନ୍ତ ପରେ କ୍ଷତିଗ୍ରସ୍ତ ପରିବାରଙ୍କୁ ଅନ୍ତୋଦୟ ଯୋଜନାରେ ଘର ଯୋଗେଇ ଦେବାର ବ୍ୟବସ୍ଥା କରାଯିବ ବୋଲି ବିଡିଓ ମନୋଜ ପାଣିଗ୍ରାହୀ କହିଛନ୍ତି।





**● ପଲିଥିନ ଟାଙ୍ଗି ରହୁଛନ୍ତି ୪ ପରିବାର**

# ଉମରକୋଟରେ ଚୋରଙ୍କ ପ୍ରାଦୁର୍ଭାବ ବୃଦ୍ଧି

ଉମରକୋଟ, ୯।୪(ସମିସ): ଦିନକୁ ଦିନ ଉମରକୋଟ ଅଞ୍ଚଳରେ ଚୋରଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ଘଟଣା ପ୍ରକାରେ ଉମରକୋଟ ପୌର ପରିଷଦର ମେଡିକାଲ ରାସ୍ତାରେ ରହନ୍ତି ସସ୍ମିତା ଭୈମିକ ଓ ବାଦଲ ସରକାର। ମିଳିଥିବା ସୂଚନା ଅନୁସାରେ ସସ୍ମିତା ଗତ ୬ ତାରିଖ ଦିନ ସପରିବାର ସହ ରାଇଘର ବ୍ଲକ ଜରଜଙ୍ଗା ଗ୍ରାମକୁ କାଳିପୂଜା ଦେଖିବାକୁ ଯାଇଥିଲେ। ଗତକାଲି ଅର୍ଥାତ୍ ୮ ତାରିଖ ରାତି ୧୦ଟା ସମୟରେ ସପରିବାର ଘରକୁ ଫେରିଥିଲେ। ଘରେ ଦେଖିଲେ ଯେ ଘରର କବାଟ ଗେଡା ତାଡି ଘର ଭିତରେ କେହି ଦୁର୍ବୃତ୍ତ ପଶି ଘର ଭିତରେ ଥିବା ୩ଟି ଆଲମାରୀ ଭାଙ୍ଗି ସୁନାଚେନ ୨ ଟି, ସୁନା ଲକେଟ ୪ଟା, ରୂପା ବ୍ରେସଲଟ ୧, ରୂପା ଲକେଟ ୨ଟି, ରୂପାର ଚୂଡ଼ି ୧ ଯୋଡ଼ା, ରୂପା ଚାମଚ ୧, ନଗଦ ୬୨ ହଜାର ଟଙ୍କା, ସାମସଙ୍ଗ କିପେଡ ମୋବାଇଲ, ରୂପା ଚେନ ଓ ସନାଟା ହାତଘଣ୍ଟା ଚୋରି କରି ନେଇଯାଇଥିଲେ। ଏନେଇ ସସ୍ମିତା ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଏଏସଆଇ ହରିହର ଭତରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

# ଶବବାହକ ଗାଡ଼ି ସହ ବାଇକ୍ ଧକ୍କା ; ବାଇକ୍ ଚାଳକ ଗୁରୁତର

ବୈପାରିଗୁଡ଼ା, ୯।୪(ସମସ): ଶବବାହକ ଗାଡ଼ି ସହ ଗୋଟିଏ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଘଟଣା ଅନୁଯାୟୀ, ବୈପାରିଗୁଡା ବ୍ଲକର ଚିକିମା ଗ୍ରାମରେ ଜଣେ ନାବାଳିକା ପୋଖରୀରେ ବୁଡି ମୃତ୍ୟୁ ହୋଇଯାଇଥିବା ବେଳେ ଶବ ବ୍ୟବଚ୍ଛେଦ ନିମନ୍ତେ ଶବବାହକ ଗାଡ଼ି ମୃତଦେହ ନେଇ ବୈପାରିଗୁଡାର ଶବ ବ୍ୟବଚ୍ଛେଦ ଗୃହକୁ ଯାଉଥିବା ବେଳେ ବୈପାରିଗୁଡା ବ୍ଲକ ଅନ୍ତର୍ଗତ କେନ୍ଦୁଗୁଡା ପଞ୍ଚାୟତର ଡମୁନାୟକଗୁଡା ଗ୍ରାମର ପରବ ଚନ୍ଦ୍ରପାଡିଆ (୩୦) ନିଜ ସମ୍ପର୍କୀୟ ଜଣେ ଯୁବତୀଙ୍କୁ ନେଇ ବାଇକ୍‌ରେ ବୈପାରିଗୁଡା ଆସୁଥିବା ବେଳେ ରାବଣ ପୋଡ଼ି ପଡ଼ିଆ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍ ଚାଳକ ପରବ ଚନ୍ଦ୍ରପାଡିଆ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କ ସହିତ ଥିବା ଯୁବତୀ ମଧ୍ୟ ଆହତ ହୋଇଥିଲେ। ଦୁର୍ଘଟଣା ଘଟିବା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଆହତଙ୍କୁ ବୈପାରିଗୁଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ସମୟରେ ପରବ ଚନ୍ଦ୍ରପାଡିଆଙ୍କ ବାମ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ମୁହଁରେ ଆଘାତ ଲାଗିଛି। ଯୁବତୀଙ୍କ ମଧ୍ୟ ଗୋଡ଼ରେ ଆଘାତ ଲାଗିଥିଲା ଜଣାପଡିଛି। ଦୁହିଁଙ୍କୁ ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ଦୁହିଁଙ୍କୁ ଜୟପୁର ଜିଲ୍ଲା ହସପିଟାଲକୁ ସ୍ଥାନାନ୍ତର କରିଛନ୍ତି।

# ପାଣିରେ ବୁଡି ଅଷ୍ଟମ ଶ୍ରେଣୀ ଛାତ୍ରୀ ମୃତ

ବୈପାରିଗୁଡ଼ା, ୯।୪(ସମିସ): ପୋଖରୀରେ ବୁଡି ଅଷ୍ଟମ ଶ୍ରେଣୀ ଛାତ୍ରୀ ମୃତ । ମୃତକ ବୈପାରୀଗୁଡା ବ୍ଲକ ଚିକିମା ଗ୍ରାମର ଗୌରାଙ୍ଗ ଖଡାଙ୍କ ଝିଅ ବବଲି ଖଡା (୧୩) । ଏକ ଦୁଃଖଦ ଘଟଣା ବୈପାରିଗୁଡା ଥାନା ଅନ୍ତର୍ଗତ ବୋଦାପୁଟ ପଞ୍ଚାୟତର ଚିକିମା ଗ୍ରାମରେ ଘଟିଛି । ଘଟଣା ଅନୁଯାୟୀ, ଚିକିମା ଗ୍ରାମର ଗୌରାଙ୍ଗ ଖଡାଙ୍କ ତିନି ଝିଅ ଆଜି ସ୍କୁଲରୁ ଘରକୁ ଫେରିବା ପରେ ଗ୍ରାମର ଅନ୍ୟ ଦୁଇ ଝିଅଙ୍କ ସହ ପାଞ୍ଚ ଜଣ ମିଶି ଗ୍ରାମ ନିକଟସ୍ଥ ପୋଖରୀକୁ ଗାଧୋଇବା ପାଇଁ ବାହାରିଥିଲେ। ଗାଧୋଇବା ବେଳେ ଗୌରାଙ୍ଗ ଖଡାଙ୍କ ତିନି ନାବାଳିକା ଝିଅ ପାଣିରେ ବୁଡ଼ି ଯାଇଥିଲେ। ଦୁଇ ଜଣକୁ ଉଦ୍ଧାର କରାଯାଇଥିବା ବେଳେ ଅଷ୍ଟମ ଶ୍ରେଣୀରେ ପଢୁଥିବା ବବଲି ଖଡା (୧୩) ପତ୍ତା ମିଳିନଥିଲା। ଗ୍ରାମବାସୀ ଖବର ପାଇବା ପରେ କିଛି ଯୁବକ ପୋଖରୀରେ ଖୋଜାଖୋଜି କରିଥିଲେ କିନ୍ତୁ ଗଭୀର ପାଣିରେ ବବଲି ବୁଡ଼ି ଯାଇଥିବାରୁ ଆଉ ପାଇ ପାରିନଥିଲେ। ତୁରନ୍ତ ବୈପାରିଗୁଡା ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ବବଲିକୁ ଉଦ୍ଧାର କରିଥିଲେ। କିନ୍ତୁ ସେତେବେଳକୁ ବବଲିର ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଥିଲା। ଖବର ପାଇ ବୈପାରିଗୁଡା ପୁଲିସ ଚିକିମା ଗ୍ରାମରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

ନନ୍ଦପୁର, ୯।୪(ସମିସ): ନିଶାମୁକ୍ତ କୋରାପୁଟ ପାଇଁ ପୁଲିସ ଓ ଅବକାରୀ ବିଭାଗ ଚଢଉ ଜାରି ରଖି ଚୋରା ଗଞ୍ଜେଇ ବେପାରୀଙ୍କ ନିଦ ହଜେଇ ଦେଇଥିବା ବେଳେ ଗୁରୁବାର ନନ୍ଦପୁର ଅବକାରୀ ବିଭାଗ ବେଆଇନ ଗଞ୍ଜେଇ କାରବାରରେ ଜଣକୁ ଗିରଫ କରି ୧୮ କିଲୋଗ୍ରାମ ଗଞ୍ଜେଇ ଜବତ କରିଛି। ପାଡୁଆ ଥାନା ଅନ୍ତର୍ଗତ ବାଡେଲ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଅବକାରୀ ଟିମ୍ ୧୮ କିଲୋ ଗଞ୍ଜେଇ ଜବତ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ଆରଙ୍ଗି ଗ୍ରାମର ନକୁଳ କିର୍ଷାନି ବୋଲି ଜଣାପଡ଼ିଛି। ନନ୍ଦପୁର ଅବକାରୀ ଥାନାରେ ଏନଡିପିଏସ ଆକ୍ଟରେ ଏକ ମାମଲା (କେଶ ନଂ ୦୨/୨୬-୨୭ ) ରୁଜୁ କରା ଯାଇଛି। ଗିରଫ ଅଭିଯୁକ୍ତଙ୍କୁ କୋରାପୁଟ ଅତିରିକ୍ତ ସେସନ୍ସ ଜଜଙ୍କ ଆଦାଲତରେ ହାଜର କରାଯାଇ ଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ନନ୍ଦପୁର ଅବକାରୀ ଥାନା ଓଆଇସି ରାଜୁ କୁମାର ଖିତୀଙ୍କ ନେତୃତ୍ୱରେ ଚଢ଼ଉ କରା ଯାଇଥିବା ବେଳେ ଆଗାମୀ ଦିନରେ ମଧ୍ୟ ଏପରି ନିୟମିତ ଚଢ଼ଉ ଜାରି ରହିବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଜୟପୁର କ୍ରିକେଟ୍ ଲିଗ୍‌ର ପଞ୍ଚମ ଦିବସ

ଜୟପୁର, ୯।୪(ସମିସ): ଜୟପୁର ଦଶହରା ପଡ଼ିଆ ଠାରେ ଜୟପୁର କ୍ରିକେଟ ଲିଗର ଆଜି ପଞ୍ଚମ ଦିବସେ ଆୟୋଜିତ ୨ଟି ମ୍ୟାଚ ମଧ୍ୟରୁ ପ୍ରଥମ ମ୍ୟାଚ କେଜିକେସିଇଟି ସ୍ୱାରକିଂ ଦଳ ପ୍ରଥମେ ବ୍ୟାଟିଂ କରିବା ସହିତ ନିର୍ଦ୍ଧାରିତ ୧୫ ଓଭରରେ ୧୨୭ରନ ସଂଗ୍ରହ କରିଥିଲେ। ବିଜୟ ଲକ୍ଷ୍ୟ ନେଇ ଦ୍ୱିତୀୟ ଇନିଂସରେ ଜଗନ୍ନାଥ ସୁପର ଜିଆଣ୍ଟସ ଦଳ ମାତ୍ର ୮.୪ ଓଭରର ୨ଟି ୱିକେଟ ହରାଇ ୧୨୮ ସଂଗ୍ରହ କରିବା ସହିତ ବିଜୟୀ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ବିଶ୍ୱନାଥ ସୁପର ଷ୍ଟ୍ରାଇକର୍ସ ଦଳ ପ୍ରଥେମେ ବ୍ୟାଟିଂ କରିବା ସହିତ ୧୫ ଓଭରରେ ୯ଟି ୱିକେଟ ହରାଇ ୧୩୭ରନ କରିଥିଲେ। ପ୍ରତିପକ୍ଷ ଦଳ ଜୟପୁର ଜାଗୁଆର ଦଳ ୧୨.୫ ଓଭରରେ ୬ଟି ୱିକେଟ ହରାଇ ୧୪୧ ରନ ସଂଗ୍ରହ କରିବା ସହିତ ବିଜୟୀ ହୋଇଥିଲେ। ପ୍ରଥମ ମ୍ୟାଚରେ ବିଜୟୀ ଦଳର ମନୋଜ ଏବଂ ଦ୍ୱିତୀୟ ମ୍ୟାଚରେ ଆଶିଷ ମୁଦୁଲୀ ମ୍ୟାନ ଅଫ ଦି ମ୍ୟାଚ ଏବଂ ଏମ୍ପାୟର ଭାବେ ଦେବ ବହାଦୁର, ଅନୀଲ କୁମାର, ଅନନ୍ତ ନାୟକ ଓ ଲଇଛନ ଜାନୀ ମ୍ୟାଚ ପରିଚାଳନା କରିଥିଲେ।

# ଭାରପ୍ରାପ୍ତ କୁଳପତିଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଲେ ପୂର୍ବତନ ବିଧାୟକ

ସେମିଲିଗୁଡ଼ା, ୯।୪ (ସମିସ): କୋରାପୁଟ ଜିଲ୍ଲା ସୁନାବେଡ଼ା ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଅନିୟମିତତା ଓ ଭାରପ୍ରାପ୍ତ କୁଳପତି ନୃସିଂହ ଚରଣ ପଣ୍ଡାଙ୍କ ଦୁର୍ନୀତି ସମ୍ପର୍କରେ ଗୁରୁତର ଅଭିଯୋଗ ଆଣିଛନ୍ତି କୋରାପୁଟର ପୂର୍ବତନ ବିଧାୟକ ରଘୁରାମ ପଡାଲ। ଆଜି ସନ୍ଧ୍ୟାରେ ସେମିଲିଗୁଡା ପ୍ରେସ କ୍ଲବରେ ଆୟୋଜିତ ଏକ ପ୍ରେସ ମିଟ୍‌ରେ ଶ୍ରୀ ପଡାଲ କହିଥିଲେ ଯେ, କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନାର ଦୀର୍ଘ ୧୭ ବର୍ଷ ପରେ ମଧ୍ୟ ଆଶାତୀତ ପ୍ରଗତି ହୋଇ ପାରିନାହିଁ। ଦୀର୍ଘ ସମୟ ଧରି ସ୍ଥାୟୀ କୁଳପତି, ସ୍ଥାୟୀ କୁଳସଚିବ ଓ ଅନ୍ୟ ବୈଧାନିକ ପଦବୀ ଖାଲି ରହି ଆସୁଛି। ଭରପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଉନ୍ନତି ମୂଳକ କାର୍ଯ୍ୟ ସମାପନ ହୋଇ ପାରୁନାହିଁ। ଯଦ୍ୱାରା ଛାତ୍ର-ଛାତ୍ରୀ, ଶିକ୍ଷକ, ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଗତ କିଛି ଦିନ ହେବ ବିଭିନ୍ନ ସମସ୍ୟାକୁ ନେଇ ଛାତ୍ର ଅସନ୍ତୋଷ ବୃଦ୍ଧି ପାଉଛି। ଏହାର ମୂଳ କାରଣ ହେଉଛି ଭ୍ରଷ୍ଟାଚାରୀ, ଦୁର୍ନୀତି ଗ୍ରସ୍ତ ଅଯୋଗ୍ୟ ଭାରପ୍ରାପ୍ତ କୁଳପତି ପ୍ରଫେସର ନୃସିଂହ ଚରଣ ପଣ୍ଡା। ଯାହାଙ୍କ ନାମରେ ଅନେକ ଅଭିଯୋଗ ମିଳିଛି। ସେ ଏହି ବିଶ୍ୱବିଦ୍ୟାଳୟର ଜଣେ ସ୍ଥାୟୀ ପ୍ରଫେସର ନୁହନ୍ତି। ସେ ସଂସ୍କୃତ ବିଦ୍ୱାନ ହିସାବରେ ଛ' ମାସ ପାଇଁ ନିଯୁକ୍ତ ହୋଇ ବିଭିନ୍ନ ପ୍ରଶାସନିକ ପଦ ପଦବୀରେ ରହି ଅନେକ ଦୁର୍ନୀତି ଓ ଭ୍ରଷ୍ଟାଚାର କରିଛନ୍ତି। ତାଙ୍କ ବିରୋଧରେ ପୂର୍ବତନ କୁଳପତିଙ୍କ ସହ ମିଳିତ ଭାବେ ଦୁର୍ନୀତି ଓ ଭ୍ରଷ୍ଟାଚାର କରିଥିବା ଅଭିଯୋଗ ହୋଇଛି। ଅଡିଟ ଅବ୍‌ଜେକ୍‌ସନ ହୋଇଛି। ସେ ଟେଣ୍ଡର ଫିକ୍ସିଂ ମାମଲାରେ ଜଡିତ ଅଛନ୍ତି। ନାରୀ ନିର୍ଯାତନା ମାମଲାରେ ତାଙ୍କ ବିରୋଧରେ ଅଭିଯୋଗ ହୋଇଛି। ତଥାପି କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଜଣେ ଅଧିକାରୀ (ନିର୍ଦ୍ଦେଶକ) ଏହି ସବୁ ତଥ୍ୟକୁ ଗୋପନୀୟ ରଖି ପ୍ରଫେସର ନରସିଂହ ଚରଣ ପଣ୍ଡାଙ୍କୁ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଭାବରେ ନିଯୁକ୍ତି ଦେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଯାହାକି ଦେବା କଥା ନୁହେଁ। କାରଣ ସେହି ସମୟରେ ଦୁଇଜଣ ନିୟମିତ ପ୍ରଫେସର କାର୍ଯ୍ୟରତ ଥିଲେ ଏବଂ ସେମାନଙ୍କ ମଧ୍ୟରେ ବରିଷ୍ଠ ପ୍ରଫେସର ଥିଲେ ଜଣେ ଅନୁସୂଚିତ ଜାତିର ପ୍ରଫେସର। ସେହି ଅନୁସୂଚିତ ଜାତିର ପ୍ରଫେସର ଙ୍କୁ ଭାରପ୍ରାପ୍ତ କୁଳପତି ନ କରାଇବା ଉଦ୍ଦେଶ୍ୟରେ ପ୍ରଫେସର ନୃସିଂହ ଚରଣ ପଣ୍ଡାଙ୍କୁ ଭାରପ୍ରାପ୍ତ କୁଳପତି ଭାବରେ ନିଯୁକ୍ତି ଦେଇ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ପ୍ରକାର ଭ୍ରଷ୍ଟାଚର, ଅନୈତିକ କାର୍ଯ୍ୟ, ଦୁର୍ନୀତି ଏବଂ ଶୋଷଣ କରାଯାଉଛି। ଏହି କୋରାପୁଟିଆ ବାସିନ୍ଦା ସମୂହ ଭାରପ୍ରାପ୍ତ କୁଳପତି ପ୍ରଫେସର ପଣ୍ଡାଙ୍କୁ ତୁରନ୍ତ ବହିଷ୍କାର କରାଯାଇ ତାଙ୍କ ବିରୁଦ୍ଧରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ବରିଷ୍ଠ ପ୍ରଫେସରଙ୍କୁ ଦାୟିତ୍ୱ ଦେଲେ ଏହି କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସାମୂହିକ ବିକାଶ ହୋଇପାରିବ ବୋଲି ପଡାଲ ମତ ପ୍ରକାଶ କରିଥଲେ। ଏଥିସହ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ଛାତ୍ରଛାତ୍ରୀଙ୍କ ନ୍ୟାର୍ଯ୍ୟ ଦାବିକୁ ପୁରଣ କରିବା ପାଇଁ ଶ୍ରୀ ପଡାଲ ଦାବି କରିଛନ୍ତି।



# ପୌରାଞ୍ଚଳର ୧୩୮ ହିତାଧିକାରୀଙ୍କୁ 'ଆବାସ' କାର୍ଯ୍ୟାଦେଶ ବଣ୍ଟନ

ଜୟପୁର, ୯।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ପୌରାଞ୍ଚଳର ୧୩୮ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବାବା ସାହେବ କଲ୍ୟାଣ ମଣ୍ଡପ ଠାରେ ଆୟୋଜିକ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗଦେଇ ହିତାଧିକାରୀ ମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିବା ବେଳେ ସହରର ବିଭିନ୍ନ ୱାର୍ଡରେ କିଛି ଦଲାଲ ମାନେ ପିଏମଏ ୱାଇର ଗୃହ କରାଇଦେବା ନାମରେ ଗରୀବ ହିତାଧିକାରୀ ମାନଙ୍କ ଠାରୁ ଟଙ୍କା ଲୁଟ କରୁଛନ୍ତି। ଏହିପରି ଅଭିଯୋଗ ବାରମ୍ବାର ହେଉଛି। ତେଣୁ ଯେ କୌଣସି ବ୍ୟକ୍ତି ଟଙ୍କା ମାଗିଲେ ତୁରନ୍ତ ପୌର ଅଧିକାରୀ, ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ନିଜେ ତାଙ୍କୁ ଫୋନ ମାଧ୍ୟମରେ ଜଣାଇବାକୁ ବିଧାୟକ ଶ୍ରୀ ବାହିନୀପତି ଆହ୍ୱାନ କରିଥିଲେ। ପିଏମଏୱାଇ ଦାୟୀତ୍ୱରେ ରହିଥିବା ଯନ୍ତ୍ରୀଙ୍କୁ ହିତାଧିକାରୀ ମାନଙ୍କ ଗୃହ ନିର୍ମାଣ ବେଳେ ସେମାନଙ୍କ ନିକଟରେ ପହଞ୍ଚି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାରେ ସହାୟାତ କରିବା ନେଇ ତାଗିଦ କରିଥିଲେ। ଏହିପରି ଅଧିକାଂଶ ହିତାଧିକାରୀଙ୍କୁ କାର୍ଯ୍ୟାଦାଶ ମିଳିଥିଲେ ସୁଦ୍ଧା ସେମାନେ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରୁନାହାଁନ୍ତି ବୋଲି ସମ୍ପୁର୍ଣ୍ଣ ବିବରଣୀ କାର୍ଯ୍ୟକ୍ରମରେ ପ୍ରଦାନ କରିଥିଲେ। ତୁରନ୍ତ କାର୍ଯ୍ୟ ଶେଷ ହେଲେ ଏହି ଯୋଜନାରେ ସହରର ଅଧିକ ସଂଖ୍ୟକ ହିତାଧିକାରୀ ସାମିଲ ହୋଇପାରିବେ ବୋଲି ସୂଚନା ଦେଇଥିଲେ। ଏହି ଅବସରରେ ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଏବଂ ଉପାଧ୍ୟକ୍ଷ ବି.ସୁନିତା ପିଏମଏୱାଇ ପାଇଁ ସହରର କିଛି ଦଲାଲ ମାନେ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରିବା ନେଇ ଦଲାଲ ମାନଙ୍କ ଠାରୁ ଦୂରରେ ରହିବାକୁ ଆହ୍ୱାନ କରିଥିଲେ। ହିତାଧିକାରୀ ମାନଙ୍କୁ ବାହାର କିମ୍ବା ପୌରସଂସ୍ଥାର କର୍ମଚାରୀ ପକ୍ଷରୁ ଟଙ୍କା ମାଗିଲେ କୌଣସି ଟଙ୍କା ପ୍ରଦାନ ନ କରିବା ସହିତ ତୁରନ୍ତ ପୌର କାର୍ଯ୍ୟାଳୟ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ପୂଜା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ୱାର୍ଡର କାଉନସିଲର ମାନେ ସେମାନଙ୍କ ଅଞ୍ଚଳର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ବେଳେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜୟପୁର ପୌରସଂସ୍ଥା ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୩୬୩୫ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବର୍ତ୍ତମାନ ଏହି ଯୋଜନାର ନାମ ପରିବର୍ତ୍ତନ କରାଯାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ୨. ୦ରେ ପୂର୍ବରୁ ୨୦୯ ଜଣ ଏବଂ ଆଜି ୧୩୮ ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏହିପରି ୪ ମାସ ମଧ୍ୟରେ ଗୃହ ନିର୍ମାଣ ଶେଷ କରିଲେ ୨୦ ହଜାର ଏବଂ ୬ ମାସ ମଧ୍ୟରେ ଶେଷ କଲେ ୧୫ ହଜାର ଟଙ୍କା ବୋନସ ବାବାଦକୁ ପ୍ରଦାନ କରାଯିବ।




# ଡ୍ରାଇଭର ଗଗନ ରଥଙ୍କ ପରଲୋକ

ବୈପାରୀଗୁଡ଼ା, ୯।୪(ସମିସ): ବୈପାରୀଗୁଡ଼ା ବ୍ଲକ୍ ବାଲିଗାଁର ଜଣାଶୁଣା ଡ୍ରାଇଭର ଗଗନ ରଥ (୫୦)ଙ୍କର ପରଲୋକ ଘଟିଛି। ସେ ଦୀର୍ଘ ଦିନ ଧରି କ୍ୟାନସର ରୋଗରେ ପୀଡିତ ଥିଲେ। ଗତକାଲି ଶହୀଦ ଲକ୍ଷ୍ମଣ ନାୟକ କୋରାପୁଟ ମେଡିକାଲ କଲେଜରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ତାଙ୍କ ମୃତ୍ୟୁ ଖବରକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସେ ଜଣେ ବୈପାରୀଗୁଡା ଡ୍ରାଇଭର ମହାସଙ୍ଘ ସଦସ୍ୟ ଥିଲେ ଏବଂ ଯୁବ ସାମାଜିକ ଭାବେ ସୁପରିଚିତ ଥିଲେ। ଗୁରୁବାର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଏହି ଅବସରରେ ପରିବାର ଲୋକଙ୍କ ସମେତ ବୈପାରୀଗୁଡା ଡ୍ରାଇଭର ମହାସଂଘର ଶତାଧିକ କର୍ମକର୍ତ୍ତା ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିବା ସହ ଗଭୀର ଶୋକବ୍ୟକ୍ତ କରିଛନ୍ତି।





ବିଜେଡିର ୧୦ଜଣିଆ ଟିମ୍‌ର ସିଜିମାଳ ଗସ୍ତ



### ଆରମ୍ଭ ହେଲା ମା'ତାରିଣୀଙ୍କ ବିଶ୍ୱପ୍ରସିଦ୍ଧ ଚଇତି ପର୍ବ

# ସୁନା ବେଶରେ ଦର୍ଶନ ଦେଲେ ମା'



କେନ୍ଦୁଝର/ଘଟଗାଁ, ୯।୪(ସମିସ): ସାରା ରାଜ୍ୟର ଆରାଧ୍ୟ ଦେବୀ ମା' ଘଟଗାଁ ତାରିଣୀଙ୍କର ୯୦ତମ ବିଶ୍ୱପ୍ରସିଦ୍ଧ ଚଇତି ପର୍ବ ଗୁରୁବାରଠାରୁ ଆରମ୍ଭ ହୋଇଛି। ଆରାଧ୍ୟ ଦେବୀ ଘଟଗାଁ ମାତାରିଣୀଙ୍କର ପ୍ରସିଦ୍ଧ ଚଇତି ପର୍ବର ପ୍ରଥମ ଦିନରୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଅନେକ ରହିଛି। ଏହି ଚଇତି ପର୍ବରେ ୭ ଦିନ ଧରି ପ୍ରକମ୍ପିତ ହେବ ଘଟଗାଁ ମାତାରିଣୀଙ୍କ ପୀଠ। ମା'ଙ୍କର ଏହି ବିଶେଷ ପର୍ବ ୧୫ ତାରିଖ ଯାଏ ଅନୁଷ୍ଠିତ ହେବ। ଏଥର ଚଇତି ପର୍ବରେ ମା' ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଏହି ଅବସରରେ ପ୍ରତିଦିନ ମନ୍ଦିର ଭିତରେ ଭାଗବତ ପାଠ, ଚଣ୍ଡୀପାଠ ହେବା ସହ ମଣ୍ଡପରେ ସକାଳ ୯ଟାରୁ ସନ୍ଧ୍ୟା ସାଢେ ୫ଟା ଯାଏ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବାର ଅଛି। ପାଲା ମଣ୍ଡପରେ ସନ୍ଧ୍ୟା ସାଢେ ୫ଟାରୁ




ଦାସକାଠିଆ, ପ୍ରବଚନ ଓ ବାଦୀପାଲା ରାତିସାରା ପରିବେଷଣ କରାଯିବ। ଚଇତି ପର୍ବର ୬ଷ୍ଠ ଦିନ, ଆସନ୍ତା ୧୪ ତାରିଖ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷରେ ମନ୍ଦିରରେ ଲକ୍ଷାଧିକ ଭକ୍ତଙ୍କର ସମାଗମ ହେବ। ଟ୍ରଷ୍ଟ ବୋର୍ଡ଼ ପକ୍ଷରୁ ଭକ୍ତଙ୍କ ପାଇଁ ବେରିକେଡ୍‌ର ବ୍ୟବସ୍ଥା କରାଯାଇଛି। ଗହଳିକୁ ଆଖି ଆଗରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

### ● ଆନନ୍ଦପୁର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ମନ ମୋହିଲା ଲୋଇସିଂହାର ସମ୍ବଲପୁରୀ ନୃତ୍ୟ

ଆନନ୍ଦପୁର, ୯।୪(ସମିସ): ଆନନ୍ଦପୁର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଝଡ଼ତୋଫାନ ସତ୍ତ୍ୱେ ପ୍ରବଳ ଲୋକ ଭିଡ଼ ଦେଖିବାକୁ ମିଳିଥିଲା। ସ୍ଥାନୀୟ କଳାକାରଙ୍କୁ ନେଇ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ବିଭୋର ହୋଇଥିଲେ। ସାମ୍ବାଦିକ ତଥା



କଣ୍ଠଶିଳ୍ପୀ ମଦନ ପାଣି ଓ ନୃତ୍ୟଗୁରୁ ଜିତୁ ଦାସଙ୍କ ନେତୃତ୍ୱରେ ସନ୍ଧ୍ୟା ସମୟରୁ ନାଚଗୀତ ସହ ସୁରେନ୍ଦ୍ର ସାହୁଙ୍କ କେନ୍ଦରା ଗୀତ ଏବଂ ଲୋଇସିଂହାର କଳାକାରଙ୍କ ସମ୍ବଲପୁରୀ ନୃତ୍ୟ ପରିବେଷଣ ଦର୍ଶକଙ୍କ ମନମୁଗ୍ଧକର ହୋଇଥିଲା। ମହୋତ୍ସବ କମିଟି ସଭାପତି ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ ମୁଖ୍ୟଅତିଥି, ଆନନ୍ଦପୁର ବ୍ଲକ ଅଧ୍ୟକ୍ଷା ଅଞ୍ଜନା ବାରିକ୍, ହାଟଡିହି ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଆନନ୍ଦପୁର ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ, ଜିଲ୍ଲା ପରିଷଦ ସଦସ୍ୟା ଅସୀମା ମିଶ୍ର, ସଞ୍ଜୟ ମଲ୍ଲିକ, ଜିତେନ୍ଦ୍ର ସାମଲ, କୌଶଲ୍ୟା ସେଠୀ, ମନୋଜମଞ୍ଜରି ରାଉତ, ମଧୁସ୍ମିତା ଦାସ ସମ୍ମାନିତ ଅତିଥି ଭାବେ ଆନନ୍ଦପୁର କଳାସଂସ୍କୃତିକୁ ପ୍ରଶଂସା କରିଥିଲେ। ଆନନ୍ଦପୁର ବିଡ଼ିଓ ମନୋଜ କୁମାର ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଆନନ୍ଦପୁର ଉପଖଣ୍ଡରୁ ବହୁ ସରକାରୀ ପଦାଧିକାରୀ ଓ ବିଶିଷ୍ଟ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। କମିଟି ସଦସ୍ୟ ବିଜେପି ନେତା ରାମଚନ୍ଦ୍ର ସାହୁ, ମହେଶ୍ୱର ସାହୁ, ଶାନ୍ତନୁ ସେଠୀ, ସୁରେଶ ସାହୁ, ନିରାକାର ଦଳେଇ, ସିଲୁ ପଟ୍ଟନାୟକ ସହଯୋଗ କରିଥିଲେ।

### ● ଦିବ୍ୟାଙ୍ଗ ନାବାଳିକା ଦୁଷ୍କର୍ମ ମାମଲା

# ଅଭିଯୁକ୍ତ ଗିରଫ; କୋର୍ଟ ଚାଲାଣ

ହାଟଡ଼ିହୀ/ଆନନ୍ଦପୁର, ୯।୪(ସମିସ): ଆନନ୍ଦପୁର ଥାନା ତରତରା ପଞ୍ଚାୟତ ଅଞ୍ଚଳର ଜଣେ ଦୃଷ୍ଟିବାଧିତା ଦିବ୍ୟାଙ୍ଗ ନାବାଳିକାକୁ ଅନ୍ୟଏକ ସମ୍ପ୍ରଦାୟର ଯୁବକ ଦୁଷ୍କର୍ମ କରିଥିବା ଅଭିଯୋଗରେ ଉତ୍ତେଜନା ପ୍ରକାଶ ପାଇଥିଲା। ଆନନ୍ଦପୁର



ଏସଡ଼ିପିଓ କମଳ ପଣ୍ଡା ଓ ଆନନ୍ଦପୁର ଆଇଆଇସି ଫନୀନ୍ଦ୍ର ନାଏକଙ୍କ ନେତୃତ୍ୱରେ ପୁଲିସ ମୁର୍ଗାଗୋଠ ଗ୍ରାମର ଅଭିଯୁକ୍ତ ବଳରାମ ହୋ (୨୮)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ନାବାଳିକା ଜଣଙ୍କ ଗର୍ଭବତୀ ହେବା ଖବର ଜାଣିବା ପରେ ଫେରାର ହେବା ଘଟଣା ସମଗ୍ର ଆନନ୍ଦପୁର ଉପଖଣ୍ଡରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ନାବାଳିକାକୁ ନ୍ୟାୟ ପ୍ରଦାନ ଦାବିରେ ଘଟଣାକୁ ନେଇ ଗତ ସୋମବାର ମୁର୍ଗାଗୋଠରେ ବ୍ୟାପକ ପୋଡ଼ାଜଳା ସହ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଉପଖଣ୍ଡ ଆରକ୍ଷୀ ଅଧିକାରୀ କମଳ ପଣ୍ଡାଙ୍କ ସମେତ ସମସ୍ତ ଥାନାର ଅଧିକାରୀ, କର୍ମଚାରୀ ସେଠାରେ ମୁତୟନ ଥିଲେ। ଘଟଣାକୁ ନେଇ ଅଶାନ୍ତି ବୃଦ୍ଧି ପାଇବାରୁ ଖବର ପାଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର ଘଟଣାସ୍ଥଳରେ ପହଞ୍ଚି ଏସଡ଼ିପିଓ ସହ ବୁଝାସୁଝା କରି ପରିସ୍ଥିତି ନିୟନ୍ତ୍ରଣ କରିବା ସହିତ ଅଭିଯୁକ୍ତକୁ ଖୁବ୍ ଶୀଘ୍ର ଗିରଫ କରିବାର ପ୍ରତିଶ୍ରୁତି ପରେ ପରିସ୍ଥିତି ଉପରେ ସାମାନ୍ୟ ସୁଧାର ଆସିଥିଲା।

# ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ଆନନ୍ଦପୁର, ୯।୪(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ପୁରୁଣାବାନ୍ଧଗୋଡା ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିରର ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ସାରଥୀ ଲତା ସେନାପତିଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ଡାକ୍ତର ଆଶୁତୋଷ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସରପଞ୍ଚ ସୁଧାରାଣୀ ଧିର, ଅନ୍ୟତମ ଅତିଥି ଭାବେ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡ଼ଃ ରାଜେନ୍ଦ୍ର ମୁର୍ମୁ, ଡାକ୍ତର ଦିନକୃଷ୍ଣ ଜଗନ୍ନାଥ, ଡ଼ଃ ସୁଚରିତା ପଟ୍ଟନାୟକ, ବିପିଏମ ଦେବାଶିଷ ଭଟ୍ଟ, ଜିଲ୍ଲା ପରିଷଦ ସଦସ୍ୟ ସଂଜୟ ମଲ୍ଲିକ, ବଳରାମ ଧୀର ସରକାରୀ ଉଚ୍ଚବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିର୍ମଳ ମହାପାତ୍ର, ଶୈଳେନ୍ଦ୍ର ବାରିକ, ପୂର୍ବତନ ସରପଞ୍ଚ ବୈଷ୍ଣବ ସେନାପତି, ବିଜୟ କୁଅଁର ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ପୁରୁଣା ବାନ୍ଧଗୋଡା ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ସହକର୍ମୀ ସହଯୋଗ କରିଥିଲେ।



# ଦେଶୀ ମଦ ସହ ପୋଚ ଜବତ; ୨ ଗିରଫ



ଆନନ୍ଦପୁର, ୯।୪ (ସମିସ): କେନ୍ଦୁଝର ଅବକାରୀ ଅଧୀକ୍ଷକ ତେଜରାଜ ଯାନୀଙ୍କ ନିର୍ଦ୍ଦେଶକ୍ରମେ ଆନନ୍ଦପୁର ଅବକାରୀ ରେଞ୍ଜ ପକ୍ଷରୁ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ହାଟଡିହି ଅବକାରୀ ଥାନା କର୍ମଚାରୀଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଘଷିପୁରା ଥାନା ମାର୍ଶାପାଳ, ବୀରଗୋବିନ୍ଦପୁର ଅଞ୍ଚଳରେ ଚଢ଼ଉ କରି ୨୬୦ ଲିଟର ଦେଶୀ ରନ୍ଧା ମଦ ଓ ୨୫୦୦ ଲିଟର ମହୁଲ ପୋଚ ଜବତ କରିଛନ୍ତି। ଉକ୍ତ ଗ୍ରାମର ସିଂରାୟ ମୁର୍ମୁ, ମଙ୍ଗଳ ମାଝୀଙ୍କୁ ଗିରଫ କରାଯାଇଛି। ଆନନ୍ଦପୁର ଅବକାରୀ ରେଞ୍ଜ ପକ୍ଷରୁ ୩ଟି ମାମଲା ରୁଜୁ କରାଯାଇଛି। ଚଢ଼ଉରେ ହାଟଡିହି ଅବକାରୀ ଥାନା ସହ ଉପନିରୀକ୍ଷକ, ସୁଶାନ୍ତ ରାଉତ କନେଷ୍ଟବଳ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରା ସାମିଲ ଥିଲେ।

# ଚନ୍ଦ୍ରଶେଖରପୁରରେ ଶ୍ରୀଜଗନ୍ନାଥ କଥାମୃତ

ଚମ୍ପୁଆ, ୯।୪(ସମିସ): ଚମ୍ପୁଆ ବ୍ଲକ ଚନ୍ଦ୍ରଶେଖରପୁର ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରଶେଖରପୁର ଗ୍ରାମବାସୀ ଓ ଚନ୍ଦ୍ରଶେଖର ମନ୍ଦିର କମିଟି ସଦସ୍ୟ ମୋହନ ଚରଣ ନାୟକ, ଦିବାକର ମହାନ୍ତ, କୈଳାଶଚନ୍ଦ୍ର ନାଏକ, ରବୀନ୍ଦ୍ର ପ୍ରଧାନ, ତ୍ରିନାଥ ମହାନ୍ତ, କାହ୍ନୁଚରଣ ମହାନ୍ତ, ବସନ୍ତ ନାୟକ, କରୁଣାକର ମୁଣ୍ଡା ଓ ସମସ୍ତ କମିଟି ସଦସ୍ୟଙ୍କ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ କଥାମୃତ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ନିର୍ବାଚନମଣ୍ଡଳୀର ବିଜେପି ଜନନେତା, ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀମନ୍ତ କୁମାର ତ୍ରିପାଠୀ ଏବଂ ଜିଲ୍ଲା ପରିଷଦ ସଦସ୍ୟା ରମଣୀ ନାୟକ, ଚନ୍ଦ୍ରଶେଖରପୁର ପଞ୍ଚାୟତ ସରପଞ୍ଚ ଜୟମଣି ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମଙ୍ଗଳ ଆରତି ଓ ପୂଜାର୍ଚ୍ଚନା ପରେ କୁନି ପ୍ରବଚକ କେଶବଦାସ ଦ୍ୱିତୀକୃଷ୍ଣ ଶ୍ରୀ ଜଗନ୍ନାଥଙ୍କ ମହିମା, ଲୀଳା ଓ ଧାର୍ମିକ ମୂଲ୍ୟ ବିଷୟରେ କଥାମୃତ ପାଠ କରିଥିଲେ। ଏହି ଅବସରରେ ଭଜନ, କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ସମସ୍ତ ଭକ୍ତଙ୍କୁ ମହାପ୍ରସାଦ ବଣ୍ଟନ କରାଯାଇଥିଲା। ଉତ୍ସବରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।



# ଜଗନ୍ନାଥପୁର ଏସ୍‌ଏସ୍‌ଡି ହାଇସ୍କୁଲର ହୀରକ ଜୟନ୍ତୀ



ଚମ୍ପୁଆ, ୯।୪(ସମିସ): ଚମ୍ପୁଆ ବ୍ଲକ୍ ଜଗନ୍ନାଥପୁର ସରକାରୀ ଏସଏସଡି ଉଚ୍ଚବିଦ୍ୟାଳୟର ହୀରକ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ ଏବଂ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଏବଂ ମୁଖ୍ୟବକ୍ତା ଭାବରେ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଅଧ୍ୟାପକ ପ୍ରଶାନ୍ତ ନନ୍ଦ ଯୋଗ ଦେଇଥିଲେ। ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ଏହି ହୀରକ ଜୟନ୍ତୀ ସମାରୋହରେ ଚମ୍ପୁଆ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ ସଭାପତିତ୍ୱ କରିଥିଲେ। ଶିକ୍ଷାମନ୍ତ୍ରୀ ଶ୍ରୀ ଗଣ୍ଡ ବିଦ୍ୟାଳୟ ପରିସରରେ ନବନିର୍ମିତ ଶ୍ରେଣୀଗୃହର ଶୁଭଉଦଘାଟନ କରିବା ପରେ ନୂତନ ଜାତୀୟ ଶିକ୍ଷାନୀତି ଏବଂ ବିକଶିତ ଓଡ଼ିଶା ପାଇଁ ଏହି ନୀତିର ଆବଶ୍ୟକତା ଅତ୍ୟନ୍ତ ଜରୁରୀ ବୋଲି ମତ ଦେଇଥିଲେ। ମୁଖ୍ୟବକ୍ତା ଶ୍ରୀ ନନ୍ଦ ପୁରାତନ ଛାତ୍ରଛାତ୍ରୀ, ଅଭିଭାବକଙ୍କ ମିଳିତ ସହଯୋଗରେ ବର୍ତ୍ତମାନର ଗୁରୁ-ଛାତ୍ର ମଧ୍ୟରେ ସଂସ୍କାରଗତ ମାନସିକତା ନେଇ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିବାର ସମୟ ଆସିଛି ବୋଲି ମତ ବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ପୁରାତନ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିବା ବେଳେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ଜାଗାବାଡ଼ି ବିବାଦ

# ମହିଳାଙ୍କୁ ଘରୁ ବାହାର କରିଦେଲେ; ଗ୍ରାମବାସୀଙ୍କ ଦ୍ୱାରା ଥଇଥାନ

ହାଟଡ଼ିହୀ, ୯।୪(ସମିସ): ନନ୍ଦିପଦା ଥାନା ଅନ୍ତର୍ଗତ ଅଁରା ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗ୍ରାମର ସ୍ୱର୍ଗତ ମହେଶ୍ୱର ନାୟକଙ୍କ ବିଧବା ସ୍ତ୍ରୀଙ୍କୁ ଗୌରାଙ୍ଗ ଜେନାଙ୍କ ପରିବାର ଲୋକେ ନିସ୍ଥୁକ ମାଡ଼ ମାରିବା ଏବଂ ଘୋଷାଡ଼ି ଘରୁ ବାହାର କରିଦେବା ଭଳି ଅତ୍ୟାଚାର କରିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି ମନୋରମା ନାୟକ। ମନୋରମାଙ୍କ ଅଭିଯୋଗ ଅନୁସାରେ, ତାଙ୍କର ମୋଟ ୧୪ଡିସିମିଲ ଘରବାଡ଼ିରୁ ଘରର ଦକ୍ଷିଣ ଦିଗକୁ ଅର୍ଜୁନ ଜେନାକୁ ସେ ପାଞ୍ଚ ଡିସିମିଲ ଜାଗା ବିକ୍ରି କରିଥିଲା ବେଳେ ଉତ୍ତର ଦିଗରେ ଥିବା ଗୌରାଙ୍ଗ ଜେନାଙ୍କୁ ଚାରି ଡିସିମିଲ ଜାଗା ବିକ୍ରି କରିଥିଲେ। ବର୍ତ୍ତମାନ ଗୌରାଙ୍ଗ ଜେନା ଜୋର ଜବରଦସ୍ତ ମନୋରମା ନାୟକଙ୍କ ବଳକା ପାଞ୍ଚ ଡିସିମିଲ ଘରବାଡ଼ିରୁ ଦଖଲ କରିବାକୁ ଉଦ୍ୟମ କରି ତାଙ୍କୁ ନାନାଦି ପ୍ରକାରର ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ଅସହାୟ ମନୋରମା। ଆଜକୁ ଚାରି ବର୍ଷ ତଳେ ସ୍ୱାମୀଙ୍କ ଦେହାନ୍ତ ପରେ ଝିଅ ବିବାହ କରିସାରି ୧୫ବର୍ଷର ପୁଅକୁ ନେଇ ଏକାକୀ ହୋଇଯାଇଛନ୍ତି। ମନୋରମା ଏକାକୀ ରହୁଥିବାରୁ ସେ ତାଙ୍କ ୮୪ବର୍ଷୀୟା ନିଜ ମାଆଙ୍କୁ ପାଖରେ ରଖିଛନ୍ତି। ପେଟକୁ ଦାନା ଯୋଗାଡ଼ କରିବାକୁ ନାବାଳିକ ପୁଅ ଅନ୍ୟତ୍ର କାମ କରୁଥିବା ବେଳେ ଏପଟେ ପଡ଼ୋଶୀ ଗୌରାଙ୍ଗ ଜେନା ତାଙ୍କ ପୁଅ ପ୍ରିୟବ୍ରତ, ଖଗେଶ୍ୱର ଓ ସ୍ତ୍ରୀ ସରସ୍ୱତୀ ଜେନା ମିଶି ବିଧବା ମନୋରମାଙ୍କୁ ମାରପିଟ କରି ବଳକା ଜାଗାକୁ କବଜା କରିବା ନେଇ ନିର୍ଯାତନା ଦେଉଛନ୍ତି। ଗୌରାଙ୍ଗ ଓ ତାଙ୍କ ପରିବାର ଲୋକେ ମିଶି ତିନିଦିନ ତଳେ ମନୋରମାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଏବଂ ଦୟନୀୟ ଭାବେ ମାଡ ମାରି ଘରୁ ବାହାର କରିଦେଇଥିଲେ।





କାଳବୈଶାଖୀ ସମୟରେ ମନୋରମା ଓ ତାଙ୍କ ବୁଢ଼ୀ ମାଆ ସାହି ଲୋକଙ୍କ ବାରଣ୍ଡାରେ ମୁଣ୍ଡ ଗୁଞ୍ଜିଥିଲା ବେଳେ ଜୀବନ ବଞ୍ଚାଇବାକୁ ପର ଘରୁ ମାଗି ଖାଇଛନ୍ତି। ଏନେଇ ମନୋରମା ନନ୍ଦିପଦା ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ତାଙ୍କ ଗୁହାରି ପୁଲିସ ଶୁଣିଲା ନାହିଁ ବୋଲି ସେ କହିଛନ୍ତି। କଙ୍ଗାରୁ କୋର୍ଟର ନ୍ୟାୟ ପରି ଗୌରାଙ୍ଗ ଜେନାଙ୍କ ପରିବାର ଲୋକେ ବିଧବା ଅସହାୟ ମହିଳାଙ୍କ ଉପରେ ନିଜର ଦବଙ୍ଗଗିରି ଦେଖାଇ ମନୋରମାଙ୍କ ଘର ଆଗରେ ଡ଼ଳେଇ ଖୁଣ୍ଟରେ ଲୁହା ତାର ବାଡ଼ ବେଢ଼ିବା ସହ ବାଉଁଶ କଣରେ ଘର ସମ୍ମୁଖକୁ ବାଡ଼ ବୁଜି ଆବଦ୍ଧ କରି ଦେଇଥିଲେ। ଗତକାଲି ସନ୍ଧ୍ୟାରେ ଗ୍ରାମର ଯୁବ ସମାଜସେବୀ ଅଭିମନ୍ୟୁ ପରିଡ଼ା ଗ୍ରାମର କିଛି ମୁଖିଆ ଶ୍ରେଣୀର ଲୋକଙ୍କୁ ଏକଜୁଟ କରି ମନୋରମାଙ୍କୁ ନ୍ୟାୟ ଦେବା ନେଇ ନିଷ୍ପତ୍ତି ନେଇଥିଲେ।

ପୁଲିସର ଭରସା ନକରି ଆଜି ସକାଳୁ ସରପଞ୍ଚ ପ୍ରତିନିଧି ବିଶ୍ୱମ୍ବର ବେହେରା, ସମିତିସଭ୍ୟ ନୀଳିମା ଜେନାଙ୍କ ପ୍ରତିନିଧି ସଞ୍ଜୟ ଜେନାଙ୍କ ସମେତ ଗ୍ରାମର ଭଦ୍ରବ୍ୟକ୍ତି କନକଲତା ଖଣ୍ଡେଇ, ଶକୁନ୍ତଳା ଜେନା, ଅନିରୁଦ୍ଧ ନାୟକ, ନାରାୟଣ ଦାସ, ହରିହର ଜେନା, ଯୋଗେନ୍ଦ୍ର ଜେନା, ଶ୍ରୀଧର ବେହେରା, ମାନକୁମାର ଦାସ, ନବଘନ ଖଣ୍ଡେଇ, ପ୍ରଦୀପ ନାୟକ, ନାରାୟଣ ପରିଡା, ନିରଞ୍ଜନ ପରିଡ଼ା, ଅର୍ଜୁନ ଜେନା, ମଣ୍ଟୁ ଜେନା, ଜିତେନ୍ଦ୍ର ପରିଡ଼ା, ସତ୍ୟବ୍ରତ ଜେନା, କାର୍ତ୍ତିକେଶ୍ୱର ଖଣ୍ଡେଇ, ନବଘନ ଦାସ, ଅଶୋକ ଦାସ, ପଦ୍ମନାଭ ଦାସ, କଳ୍ପତରୁ ଜେନା ପ୍ରମୁଖଙ୍କ ଉପସ୍ଥିତିରେ ମନୋରମାଙ୍କ ଘର ସମ୍ମୁଖରୁ ଲୁହା ଓ ବାଉଁଶ ବାଡ଼ ଉପାଡ଼ି ମନୋରମାଙ୍କୁ ଥଇଥାନ କରାଯାଇଛି। ମନୋରମା ଜଣେ ପକ୍ଷାଘାତ ରୋଗୀ ମଧ୍ୟ। ଗ୍ରାମବାସୀ ଏକଜୁଟ ହେବା ଖବର ପାଇ ମନୋରମାଙ୍କ ଉପରେ ଅତ୍ୟାଚାର କରିଥିବା ଗୌରାଙ୍ଗଙ୍କ ପରିବାର ଲୋକେ ଘରେ ତାଲା ପକାଇ ଫେରାର ହୋଇଯାଇଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ନନ୍ଦିପଦା ପୁଲିସ ଅଭିଯୁକ୍ତଙ୍କ ଉପରେ କି ପ୍ରକାରର ଆକ୍ସନ ନେଉଛି ଦେଖିବାକୁ ବାକି ରହିଲା।






# ତୃତୀୟ ବର୍ଷ ଚ୍ୟାଲେଞ୍ଜର କପ୍ ରାତ୍ରକାଳୀନ କ୍ରିକେଟ

ଚମ୍ପୁଆ, ୯।୪(ସମିସ): ଚମ୍ପୁଆ ନେହରୁ ଷ୍ଟାଡିୟମ୍‌ଠାରେ ତୃତୀୟ ବାର୍ଷିକ ଚ୍ୟାଲେଞ୍ଜ ରାତ୍ରକାଳୀନ କ୍ରିକେଟ କପ୍‌ର ଶୁଭାରମ୍ଭ ହୋଇଯାଇଛି। ୧୬ଟି ଦଳକୁ ନେଇ ଅନୁଷ୍ଠିତ ଏହି କ୍ରିକେଟ ଖେଳ ଚମ୍ପୁଆ କ୍ରିକେଟ କ୍ଲବର ସଭାପତି ଅରୁଣ ପତି, ସମ୍ପାଦକ ପବିତ୍ର କୁମାର ନାୟକଙ୍କ ନେତୃତ୍ୱରେ ୪ ଦିନ ଧରି ଆୟୋଜିତ ହୋଇଯାଇଥିଲାବେଳେ ମୁଖ୍ୟଅତିଥି ଯୋଡା ଟ୍ରକ ଆସୋସେସନର ସଭାପତି ମାତାପ୍ରସାଦ ଜୟସ୍ୱାଲ୍, ଉପ ସଭାପତି ବିଜୟ ଆପଟ୍ଟ, ସଂପାଦକ ସୁଶାନ୍ତ ବାରିକ ପ୍ରମୁଖ ଉଦଘାଟନ କରିଥିଲେ। କ୍ୱାର୍ଟର ଫାଇନାଲ ଖେଳ ପାଇଁ ବିବେଚିତ ଦୁଇ ଦଳ ଡାନିଶ ଫାଇଟର ଏକାଦଶ ଜଗନ୍ନାଥପୁର ଓ ଅମାନତ ଏକାଦଶ ଚମ୍ପୁଆ ମଧ୍ୟରେ ହୋଇଥଲା। ପ୍ରଥମେ ଅମାନତ ଏକାଦଶ ଟସ ଜିତି ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୮ ଓଭର ମ୍ୟାଚରେ ଅମାନତ ଏକାଦଶ ୮ ୱିକେଟ ହରାଇ ୮୬ ରନ୍ କରିଥିଲା। ଫାଇଟର ଏକାଦଶ ଜଗନ୍ନାଥପୁର ୭ ଓଭରରେ ୮୮ରନ୍ କରି ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ଉକ୍ତ ଖେଳକୁ କେନ୍ଦୁଝରର ଅନୁଭବୀ ଅମ୍ପାୟାର ଭାବରେ ସୁଶାନ୍ତ ପଣ୍ଡା, ସମ୍ୟରଞ୍ଜନ ରାଣା ଓ ଭଦ୍ରକର ଅଶୋକ ରାଉତଙ୍କ ଦ୍ୱାରା ପରିଚାଳିତ ହୋଇଥିଲାବେଳେ ଚମ୍ପୁଆ କ୍ରିକେଟ୍ କ୍ଲବର ଜାକି-ଆମେତ ଓ ଆସିକ ଖେଳର ସ୍କୋରିଂ ଭାର ସମ୍ଭାଳିଥିଲେ। ଭାଷ୍ୟକାର ଭାବେ ବୁଲ୍ ବୁଲ୍ ଆପଟ୍ଟ, ଏମଡି ସାନ୍‌ଜ, ମୋନଜିର ଯାକି ସୁନ୍ଦର ଭାବରେ ଖେଳ ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଖେଳ ଦେଖିବାକୁ ବହୁ ଦର୍ଶକ ଉପସ୍ଥିତ ଥିଲେ। ଏମ୍‌ଡି ଫଏମ୍ ଖାନ୍, ମୁସ୍ତାକ, ମୃସଲିନ, ଆସିଫ, ହାବ, ଜୱର, ସଦାମ, ଚନ୍ଦନ, ନୟନଙ୍କ ସହ ଚମ୍ପୁଆ କ୍ରିକେଟ କ୍ଲବର ସଦସ୍ୟ ସହଯୋଗ କରିଥିଲେ।







● ସଫା ଆଳରେ ସୁନାଚୋରି

# ବନ୍ଧାହେଲେ ୩ ଲୁଟେରା

ରାଜକନିକା, ୯।୪(ସମିସ): ଗାଁ ଗାଁରେ ବୁଲି ମହିଳାଙ୍କ ନିକଟରେ ବିଶ୍ୱାସ ଜନ୍ମାଇ ସୁନା ଅଳଙ୍କାର ସଫା କରିବା ବାହାନାରେ ଅସଲି ସୁନା ନେଇ ନକଲି ଧରାଇ ଦେଇ ଲୁଟ କରୁଥିବା ୩ ଜଣିଆ ଗ୍ୟାଙ୍ଗକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୁନା ସଫା ଓ ମରାମତି ବାହାନାରେ ଏଭଳି ଲୁଟ ପୁଲିସର ନିଦ ହଜାଇ ଦେଇଥିଲା। ବାରମ୍ବାର ଏଭଳି ଅଭିଯୋଗ ପରେ ପୁଲିସ ଗତ ୫ ତାରିଖରେ ତିନି ଜଣ ଲୁଟେରାଙ୍କୁ ଭାମଣ୍ଡା ଗାଁରୁ



ଧରି ତଦନ୍ତ ଚଳାଇବା ପରେ ଆଜି କୋର୍ଟ ଚାଲାଣ କରିଛି। ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅଧୀନ ବଡ଼ବାରିସାହି ଗାଁର ତିନି ଲୁଟେରା ଯୋଜନାବଦ୍ଧ ଭାବେ ବହୁ ଲୁଟ କରିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ଏହି ଲୁଟେରା ସୁନା ରୂପା ମରାମତି କରିବା ବାହାନାରେ ସୁନା ନେଇ ପିତଳ ଓ ଗୋଡି ଧରାଇ ଚମ୍ପଟ ମାରୁଥିଲେ। ରାଜକନିକା ଥାନାରେ ଏ ନେଇ ଅଭିଯୋଗ ପରେ ରାଜକନିକା ପୁଲିସ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରି ରାଜକନିକାର ବିଭିନ୍ନ ଅଞ୍ଚଳରେ ଲୁଟେରାଙ୍କୁ ଧରିବାକୁ ଜାଲ ବିଛାଇ ଗ୍ୟାଙ୍ଗର ପ୍ରମୋଦ ସାହୁ, ପ୍ରଶାନ୍ତ ସାହୁ, ଦୁର୍ଯୋଧନ ସାହୁଙ୍କୁ ଗିରଫ କରିଛି।

● ଖୁଣ୍ଟରୁ ତାର କାଟିଦେଲେ ଦୁର୍ବୃତ୍ତ

# ଦୁଇଦିନ ହେଲା ଅନ୍ଧାରରେ ଉପଭୋକ୍ତା

ମହାକାଳପଡ଼ା, ୯।୪(ସମିସ): ବିଦ୍ୟୁତ୍ ଖୁଣ୍ଟରୁ କେହି ଦୁର୍ବୃତ୍ତ ତାର କାଟି ଦେବାରୁ ଦୁଇ ଦିନ ଧରି ଉପଭୋକ୍ତା ଅନ୍ଧାରରେ ଜୀବନ କାଟୁଛନ୍ତି। ବିଦ୍ୟୁତ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇପାରିନାହିଁ। ମହାକାଳପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ବନ୍ଧପଡ଼ା ଗ୍ରାମର ବିଦ୍ୟୁତ୍ ଉପଭୋକ୍ତା ବଟକୃଷ୍ଣ ସେନାପତିଙ୍କ ବିଦ୍ୟୁତ ଖୁଣ୍ଟରୁ କେହି ଦୁର୍ବୃତ୍ତ ବିଭାଗ ଅଗୋଚରରେ ତାର କାଟି ଦେଇଥିବାରୁ ବୁଧବାର ଅପରାହ୍ନଠାରୁ ଉପଭୋକ୍ତା ଅନ୍ଧକାରରେ ରହିଛନ୍ତି। ବିଦ୍ୟୁତ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ଘଟଣାର ସମାଧାନ କରାଯାଇପାରିନାହିଁ। ବିଭାଗୀୟ ଯନ୍ତ୍ରୀ ଘଟଣା ବିଷୟରେ ଅବଗତ ହୋଇ ନୂତନ ତାର ସଂଯୋଗ ପାଇଁ ପରାମର୍ଶ ଦେବା ସହିତ ତ୍ୱରିତ ସମାଧାନ ପାଇଁ ଟିମ୍‌କୁ ପଠାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।

# ଉତ୍କଳ ଗୌରବଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ରାଜନଗର, ୯।୪(ସମିସ): ରାଜନଗର ବ୍ଲକ ବନ୍ଧପାଟଣାସ୍ଥିତ ଠାକୁର ବାସୁଦେବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଅବସରପ୍ରାପ୍ତ ସରକାରୀ ଶିକ୍ଷୟିତ୍ରୀ ପଦ୍ମିନୀ ନାୟକଙ୍କ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅନୀଲ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜକାନ୍ତ ବିହାରୀ ଯୋଗଦେଇ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହିତ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ ଶ୍ରୀମତୀ ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ପଣ୍ଡିତ ବରଦାକାନ୍ତ ଜେନା ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷକ ଅରୁଣ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଏବିଓ ବିଜୟ କୁମାର ଜେନା, ଅନନ୍ତ କୁମାର ପରିଡ଼ା, ବୀର କିଶୋର ଜେନା, ଅକ୍ଷୟ କୁମାର ମହାପାତ୍ର, ଚନ୍ଦ୍ରମଣି ଅଧିକାରୀ, ମଳୟକୁମାର ସାହୁ, ସୁଚିତ୍ରା ବେହେରା, ହେମନ୍ତ କୁମାର ବାରିକ, ସରିତା ଦାସ, କଳ୍ପତରୁ ମଲ୍ଲିକ, ଜ୍ୟୋତିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଯାତ୍ରା ଆଳରେ ଜୁଆଖେଳ, ପୁଲିସ ନିରବଦ୍ରଷ୍ଟା

ଗରଦପୁର, ୯।୪(ସମିସ): ଗରଦପୁର ବ୍ଲକ ଅନ୍ତର୍ଗତ କଳାବୁଦା ଗୋବିନ୍ଦପୁର ଅଞ୍ଚଳରେ ଚାଲିଥିବା ଯାତ୍ରାକୁ କେନ୍ଦ୍ର କରି ଜୁଆ ଖେଳ ଚାଲୁଥିବା ଅଭିଯୋଗ ସାମ୍ନାକୁ ଆସିଛି। ଏହି ଯାତ୍ରା ଦୁଇଟି ଥାନା ମଝିରେ ଅବସ୍ଥିତ ହୋଇଥିବାବେଳେ କୁଦାନଗରୀ ଥାନା ଅଞ୍ଚଳରେ ଏହା ଚାଲୁଥିବା କୁହାଯାଉଛି। ତେବେ ପୁଲିସର ନିରବ ଭୂମିକା ଉପରେ ସାଧାରଣରେ ପ୍ରଶ୍ନ ଉଠିଛି। ପ୍ରତି ରାତିରେ ଏଠାରେ ଲକ୍ଷେ ଲକ୍ଷ ଟଙ୍କାର ଜୁଆ ଖେଳ ହେଉଥିବାବେଳେ ବିଭିନ୍ନ ଅଞ୍ଚଳର ଲୋକ ଏଥିରେ ଜଡିତ ହେଉଛନ୍ତି। କେହି କେହି ସୁଧକୁ ଟଙ୍କା ଧାର କରି ଏହି ଜୁଆ ଖେଳରେ ଲିପ୍ତ ହେଉଥିବା ମଧ୍ୟ ଦେଖାଯାଉଛି। ଦିନରେ ମଜୁରି କରୁଥିବା ଶ୍ରମିକ ରାତିରେ ଜୁଆରେ ଟଙ୍କା ଲଗାଇ ଶେଷରେ ସର୍ବସ୍ୱ ହରାଇବା ଚିନ୍ତା ବଢ଼ିଛି। ଏପରି ପରିସ୍ଥିତିରେ ପୁଲିସ ପକ୍ଷରୁ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ନ ହେବା ନେଇ ସାଧାରଣ ଲୋକ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏହି ଜୁଆ ଖେଳ ଉପରେ ରୋକ ଲଗାଇବା ସହିତ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ଅଳପୁଆରେ ପଞ୍ଚାୟତରେ ଜନଶୁଣାଣି ଶିବିର

ପଟ୍ଟାମୁଣ୍ଡାଇ ସଦର, ୯।୪(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପଦ୍ମିନୀ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରରେ ପଟ୍ଟାମୁଣ୍ଡାଇ ବିଡିଓ



ଶୀତଲ ଅଗ୍ରୱାଲ ଯୋଗ ଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ମୁଖ୍ୟତଃ ରାସନ କାର୍ଡ, ଭତ୍ତା ଓ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଲୋକମାନେ ଦାବି କରିଥିଲେ। ୧୨୩ଟି ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଡିଓ ବ୍ଲକ ଓ ପଞ୍ଚାୟତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅତିରିକ୍ତ ବିଡିଓ ନନ୍ଦିନୀ ଶତପଥୀ, ସିଡିପିଓ ଲକ୍ଷ୍ମୀମଣି ସିଂ, ସମିତି ସଭ୍ୟ ରାମଚନ୍ଦ୍ର ସେଠୀ, କନିଷ୍ଠ ଯନ୍ତ୍ରୀ ସ୍ନିଗ୍ଧା ସାହୁ, ଜିପିଡିଓ ରଞ୍ଜିତ ପରିଡ଼ା, ପଞ୍ଚାୟତ ନିର୍ବାହୀ ଅଧିକାରୀ ବାହାଦୁର ଟୁଡୁ ପ୍ରମୁଖ ଯୋଗ ଦେଇଥିଲେ।

## ହନୁମାନ ଜୟନ୍ତୀ ଶୋଭାଯାତ୍ରା ପାଇଁ ସମନ୍ୱୟ ବୈଠକ

# ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ପାଳନ ଉପରେ ଗୁରୁତ୍ୱ

କେନ୍ଦ୍ରାପଡ଼ା, ୯।୪(ସମିସ)

ଆସନ୍ତା ହନୁମାନ ଜୟନ୍ତୀ ଅବସରରେ ଆୟୋଜିତ ହେବାକୁ ଥିବା ଶୋଭାଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ଭାବେ ଶୋଭାଯାତ୍ରାକୁ ପାଳନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ହୋଇଥିବା ଏହି ବୈଠକରେ ଜିଲ୍ଲା ପୁଲିସ ଓ ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ ଏକାଧିକ ସଂଗଠନର ପ୍ରତିନିଧି ଯୋଗ ଦେଇଥିଲେ। ଆରକ୍ଷୀ ଅଧିକାରୀ ସିଦ୍ଧାର୍ଥ କାଟାରିଆ, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା,



ଅତିରିକ୍ତ ଆରକ୍ଷୀ ଅଧିକାରୀ ସୁଧାକର ସାହୁ, ଉପଜିଲ୍ଲାପାଳ ଅରୁଣ ନାୟକ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଜ୍ୟୋତିରଞ୍ଜନ ଗୌଡ଼, ଡିଏସପି ଲକ୍ଷ୍ମୀନାରାୟଣ ତିୱାରୀ, ଟାଉନ ଥାନା ଅଧିକାରୀ ଶୁଭେନ୍ଦୁ ସାହୁଙ୍କ ସମେତ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶୋଭାଯାତ୍ରାକୁ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ ଓ ସୁସଂଗଠିତ ଭାବେ ପାଳନ କରିବା ପାଇଁ ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଶୋଭାଯାତ୍ରାର ସୁଚାରୁ ପରିଚାଳନା ପାଇଁ ରୁଟ୍ ନିର୍ଦ୍ଧାରଣ, ଯାତାୟାତ ନିୟନ୍ତ୍ରଣ, ଭିଡ଼ ପରିଚାଳନା ଓ ସାଧାରଣ ଲୋକଙ୍କ ସୁରକ୍ଷା ବ୍ୟବସ୍ଥା ଉପରେ ବ୍ୟାପକ ଆଲୋଚନା ହୋଇଥିଲା। ବିଶେଷକରି ଆଇନଶୃଙ୍ଖଳା ରକ୍ଷା ପାଇଁ ପୁଲିସ ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରଖିବାକୁ ଗୁରୁତ୍ୱ ଦିଆଯାଇଥିଲା। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଶୋଭାଯାତ୍ରା ଇଚ୍ଛାପୁର ମାଉସୀମା ମନ୍ଦିରରୁ ଆରମ୍ଭ ହୋଇ ତିନିମୁହାଣି ରାମମନ୍ଦିର ପର୍ଯ୍ୟନ୍ତ ଯିବ। ଏହାକୁ ଅପରାହ୍ନ ୨ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ସମାପ୍ତ କରିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କର୍ମକର୍ତ୍ତାଙ୍କୁ ପ୍ରଶାସନକୁ ସହଯୋଗ କରି ସମସ୍ତ ନିୟମ ଓ ନିର୍ଦ୍ଦେଶନାମାକୁ କଡାକଡି ପାଳନ କରିବାକୁ ପରାମର୍ଶ ଦିଆଯାଇଥିଲା।

# ପୋଖରୀରୁ ଗାଈ ଉଦ୍ଧାର

ଡେରାବିଶ, ୯।୪(ସମିସ): ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଖରିଦାସାହି ଗ୍ରାମର ଈଶ୍ୱର ଚନ୍ଦ୍ର ଯେନାଙ୍କ ଗାଈକୁ ପୋଖରୀରୁ ଦମକଳବାହିନୀ ଉଦ୍ଧାର କରିଛନ୍ତି। ଖରିଦାସାହି ଗ୍ରାମର ଶ୍ରୀ ଯେନା ତାଙ୍କ ଗାଈକୁ ଗାଁ ପଛପଟେଥିବା ପୋଖରୀ ବନ୍ଧରେ ବାନ୍ଧି ଘରକୁ ଆସିଥିଲେ। କୌଣସି କାରଣରୁ ଗାଈଟି ପୋଖରୀ ମଧ୍ୟରେ ଫସିଯାଇଥିଲା। ଘଟଣାସ୍ଥଳରେ ଈଶ୍ୱର ଓ ଗ୍ରାମବାସୀ ପହଞ୍ଚି ଗାଈଟିକୁ ଉଦ୍ଧାର ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ଖବର ପାଇ ନିଶ୍ଚିନ୍ତକୋଇଲି ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ଅଧିକାରୀ ବାଇଧର ବେହେରାଙ୍କ ନେତୃତ୍ୱରେ ମନୋଜ କୁମାର ସାମଲ, ମନୋଜ କୁମାର ଲେଙ୍କା, ପ୍ରଶାନ୍ତ ବେହେରା, ଶୁଭଙ୍କର ସେଠୀ, ଅଜି କୁମାର ମଲ୍ଲ ଗାଈଟିକୁ ପୋଖରୀ ମଧ୍ୟରୁ ଉଦ୍ଧାର କରିଥିଲେ।

# ତାଲୁକ ଆଇନ ସେବା ସମିତି ପକ୍ଷରୁ ସଚେତନତା ଶିବିର

ପଟ୍ଟାମୁଣ୍ଡାଇ, ୯।୪(ସମିସ): ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ପରିସରରେ ପକ୍‌ସୋ ଆକ୍ଟ ସମ୍ପର୍କରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି।



ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟର ଅତିରିକ୍ତ ଜିଲ୍ଲା ଜଜ ତଥା ପଟ୍ଟାମୁଣ୍ଡାଇ ତାଲୁକ୍ ସେବା ସମିତି ଅଧକ୍ଷ ବିଦ୍ୟାଧର ପୃଷ୍ଟିଙ୍କ ପୌରୋହିତ୍ୟରେ ଆୟୋଜିତ ପକ୍‌ସୋ ଆଇନ ସଚେତନତା ଶିବିରରେ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟର ବିଚାରପତି ଡିକେ ବାଲକ୍ରିଷ୍ଣନ, ରିଟେନର ଗୀତାଞ୍ଜଳି ପୃଷ୍ଟି ଯୋଗଦେଇ ପକ୍‌ସୋ ଆକ୍ଟର ବିଭିନ୍ନ ଆଇନଗତ ଦିଗ ଉପରେ ଆଲୋକପାତ କରିବା ସହିତ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟରେ ଇଣ୍ଟରନାଲ କମିଟି କମ୍ପ୍ଲେନ ଗଠିତ ହୋଇସାରିଛି ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ପ୍ରତ୍ୟେକ ସରକାରୀ ଓ ବେସରକାରୀ ସଂସ୍ଥା, ବିଦ୍ୟାଳୟ, ମହାବିଦ୍ୟାଳୟ, ବିଇଓ ଅଫିସ, ଡିଇଓ ଅଫିସ, ତହସିଲ ଅଫିସ, ବ୍ଲକ ଅଫିସ, ବ୍ୟାଙ୍କ ସବୁଠି ଇଣ୍ଟରନାଲ କମ୍ପ୍ଲେନ କମିଟି ଗଠନ କରାଯାଇ ମହିଳାଙ୍କୁ ସୁରକ୍ଷା ଦିଆଯାଇପାରିଛି। ଏ କ୍ଷେତ୍ରରେ ଯେଉଁ ସଂସ୍ଥା ଇଣ୍ଟରନାଲ କଂପ୍ଲେନ କମିଟି ଗଠନ କରିବେ ନାହିଁ, ପ୍ରଥମେ ୫୦ ହଜାର ପରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାର ବ୍ୟବସ୍ଥା ରହିଛି। ଏହି କମିଟି ଗଠନ ବାଧ୍ୟତାମୂଳକ ବୋଲି ଜଜ ପ୍ରକାଶ କରିଥିଲେ। ଏହି ଶିବିରରେ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟର କର୍ମକର୍ତ୍ତା ମୁରଲୀଧର ସିଂହ, ବିକ୍ରମ ସାମଲ, ବକୁଳ ନାୟକ, ନିତ୍ୟାନନ୍ଦ ସେଠୀ, ସଞ୍ଜୟ ଧଳ, ବିମଳକାନ୍ତ ପ୍ରଧାନ, ଜନ ହାଁସଦା, ବିଶ୍ୱଜିତ ସାହାଣୀ, ଅରବିନ୍ଦ ରାଉତରାୟ, ମଧୁସ୍ମିତା ରାମ, ପ୍ରିୟମ୍ବଦା ବେହେରା, ଚନ୍ଦ୍ରଶେଖର ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ତାଲୁକ ଆଇନ ସେବା ସମିତି ପକ୍ଷରୁ ପଟ୍ଟାମୁଣ୍ଡାଇ ଜେଏମଏଫ୍‌ସି କୋର୍ଟର ସରକାରୀ ଓକିଲ ଧୀରେନ୍ଦ୍ର ନାଥ ସାହୁ ଧନ୍ୟବାଦ ଦେଇଥିଲେ।

# ମାର୍ଶାଘାଇ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ଆଲୋଚନାଚକ୍ର

ମାର୍ଶାଘାଇ, ୯।୪(ସମିସ): ମାର୍ଶାଘାଇ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ 'ପଦାର୍ଥରୁ ଯନ୍ତ୍ର: ଅର୍ଦ୍ଧ ପରିବାହୀ ପ୍ରଯୁକ୍ତି ବିଦ୍ୟାର ପ୍ରଗତି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରାଧ୍ୟାପକ ବିପିନ ବିହାରୀ ନାଥଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମାନରେ ରାଉରକେଲାସ୍ଥ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ ପଦାର୍ଥ ବିଜ୍ଞାନ ଓ ମହାକାଶ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଜ୍ୟୋତିପ୍ରକାଶ କର ସମ୍ବଳ ବ୍ୟକ୍ତି ଭାବେ ଯୋଗଦେଇ ଅର୍ଦ୍ଧ ପରିବାହୀ ଦ୍ୱାରା ନିର୍ମିତ ଲେଜର, ସିଲିକନ କ୍ରିଷ୍ଟାଲ, ଇଣ୍ଟିଗ୍ରେଟେଡ଼ ଚିପ୍ସ, ସିଲିକନ ଚିପ୍ସ, ନାନୋ ଓ୍ୟାର, ପତଳା ପରଦା ଆସ୍ତରଣ ଆଦି ସମ୍ପର୍କରେ ବୈଜ୍ଞାନିକ ବିଶ୍ଳେଷଣ ପୂର୍ବକ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକାଙ୍କୁ ମାର୍ଗଦର୍ଶନ କରିଥିଲେ। ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡଃ ପ୍ରଭାତ ରଞ୍ଜନ ଲେଙ୍କା ଅତିଥି ପରିଚୟ



ପ୍ରଦାନ କରିଥିବାବେଳେ ପ୍ରାଧ୍ୟାପକ ବିଜୟ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଏ ଅବସରରେ ବିଭାଗ ପକ୍ଷରୁ ସମ୍ବଳ ବ୍ୟକ୍ତି ପ୍ରଫେସର ଶ୍ରୀ କରଙ୍କୁ ଅଧକ୍ଷ ଶ୍ରୀ ନାଥ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପିକା ଅଲିଭା ପାଣିଗ୍ରାହୀ, ପ୍ରୟୋଗଶାଳା କର୍ମଚାରୀ ସ୍ନିଗ୍ଧା ମହାପାତ୍ର, ଅମୀୟ ଜେନା ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଉମେଶ ଦାଶ, ଅଧ୍ୟାପକ ସୁକାନ୍ତ ପ୍ରଧାନ, ଅଧ୍ୟାପିକା ଡଃ ଲୁସିସ୍ମିତା ଜେନା, ଜନନୀମଣି ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ପତ୍ରପୁରରେ ପ୍ରସିଦ୍ଧ ଝାମୁଯାତ୍ରା

ଆଳି, ୯।୪(ସମିସ): ଆଳି ବ୍ଲକ ଅନ୍ତର୍ଗତ ପତ୍ରପୁର-ସୋରିଷଦା ଗ୍ରାମରେ ମା' କାକଟପୁର ମଙ୍ଗଳାଙ୍କ ଝାମୁଯାତ୍ରା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସକାଳ ୯ଟାରେ କଳସ ଶୋଭାଯାତ୍ରାରେ ବାହାରି ବ୍ରାହ୍ମଣୀ



ନଦୀରୁ ଜଳ ଉଠାଇ ମଙ୍ଗଳାଙ୍କ ପୀଠକୁ ଆଣିଥିଲେ। ପତ୍ରପୁରର ପୂର୍ବତନ ସରପଞ୍ଚ ସୁବ୍ରତ ବେହୁରା ଏହି ଶୋଭାଯାତ୍ରାରେ ଯୋଗଦେଇ ସଂକଳ୍ପ କରିଥିଲେ। ଉକ୍ତ ଉତ୍ସବରେ ଗୁରୁପୂଜା, ସୂର୍ଯ୍ୟପୂଜା, ଗୋପୂଜା, ଚଣ୍ଡିପୂଜା ସାଙ୍ଗକୁ ନାମ ସଂକୀର୍ତ୍ତନ କରାଯାଇଛି। ପୁରୋହିତ ବସନ୍ତ ପଢ଼ିହାରୀ, ଗଣେଶ୍ୱର ମିଶ୍ର, ଦଣ୍ଡେଶ୍ୱର ମିଶ୍ର, ରଶ୍ମିରଞ୍ଜନ କର୍ଣ୍ଣ, ଶଙ୍କର ଦେବତା, ଅଭିଷେକ ପାଣି, ଉମାକାନ୍ତ ଦାସ, ସୁବ୍ରତ ପଢ଼ିହାରୀ ପ୍ରମୁଖ ପଣ୍ଡିତ ଯଜ୍ଞାଦି କାର୍ଯ୍ୟ ତୁଲାଇଥିଲେ। କାକଟପୁର ଅଞ୍ଚଳରୁ ଆସିଥିବା କାଳିସୀ ବା ଘଣ୍ଟ ପାଟୁଆ ନିଆଁରେ ଚାଲିବା ସହିତ ଝାମୁଯାତ୍ରାକୁ ଆକର୍ଷଣୀୟ କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ କାନନ ବିହାରୀ ପରିଡ଼ା, ୩ନଂ ଜୋନ ଜିଲ୍ଲାପରିଷଦ ସୁମନ୍ତ ରାଉତ, ପତ୍ରପୁରର କାକଟପୁର ମା' ମଙ୍ଗଳା କମିଟି ସଦସ୍ୟ, ପଲ୍ଲୀ ମଙ୍ଗଳ ସେବକ ସଂଘ ପରିଚାଳନାରେ ସହଯୋଗ କରିଥିଲେ। ସୋରିଷଦା, ସହିରା, ପତ୍ରପୁର, ଅଙ୍ଗାରଖ, ନାଉଡିଅ, ବାଟିପଡ଼ା, ସିଙ୍ଗିରୀ, ରାହସରପଡ଼ା ଆଦି ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରିବା ସହିତ ଝାମୁଯାତ୍ରା ଦେଖିଥିଲେ।

# ଆଇଏଲଏସ୍ କର୍ମଚାରୀଙ୍କ ପରଲୋକ

ଭୁବନେଶ୍ୱର, ୯।୪(ସମିସ): ଭୁବନେଶ୍ୱରସ୍ଥ ଇନଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇସେନ୍ସ (ଆଇଏଲଏସ) ରେ କାର୍ଯ୍ୟରତ କିଂଶୁକ ଚନ୍ଦ୍ର ନାୟକଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ



୫୨ ବର୍ଷ ହୋଇଥିଲା। ମଙ୍ଗଳବାର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ତାଙ୍କ ବିୟୋଗରେ ଆଇଏଲ୍‌ଏଲଏସ୍ କାର୍ଯ୍ୟାଳୟ ଓ ତାଙ୍କ ପୈତୃକ ଗ୍ରାମ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ପେରିଜପୁରରେ ଶୋକର ଛାୟା ଖେଳିଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟରୁ ଷ୍ଟାଟିଷ୍ଟିକ୍ସରେ ଏମ୍‌ଏସ୍‌ସି ପାସ୍ କରିବା ପରେ ଏମ୍‌ବିଏ ଓ ଏଲଏଲ୍‌ବି ଯୋଗ୍ୟତା ହାସଲ କରିଥିବା ସ୍ୱର୍ଗତ କିଂଶୁକ ମୃତ୍ୟୁବେଳକୁ ଜଣେ ଟେକ୍ନିସିଆନ୍ ଭାବେ ଆଇପିଆର୍ ସେଲ୍‌ଫର ଷ୍ଟୋର ଓ ପର୍ଚେଜ୍ ବିଭାଗରେ କାର୍ଯ୍ୟରତ ଥିଲେ। ଆଇଏଲ୍‌ଏସ୍‌ର ବାୟୋଟେକ୍ନୋଲୋଜି ବିଭାଗ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନିର୍ଦ୍ଦେଶକ ଡଃ ଦେବାଶିଷ ଦାଶଙ୍କ ସମେତ ସମସ୍ତ ସହକର୍ମୀ ଉପସ୍ଥିତ ଥିଲେ।

# ଓଡ଼ିଆ ନବବର୍ଷ ପାଳନ ପାଇଁ ପ୍ରସ୍ତୁତି ବୈଠକ

ମହାକାଳପଡ଼ା, ୯।୪(ସମିସ): ଆସନ୍ତା ୧୪ ତାରିଖରେ ପଣା ସଂକ୍ରାନ୍ତି, ମହାବୀର ଜୟନ୍ତୀ ଓ ଓଡ଼ିଆ ନବବର୍ଷ ପାଳନ ପାଇଁ ରାମନଗରସ୍ଥ ମା' ରାମଚଣ୍ଡୀ ମନ୍ଦିରରେ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମ ସକାଳ ୮ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିବ। ଏ ନେଇ ପ୍ରସ୍ତୁତି ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ୟୁନିଅନର ପରାମର୍ଶଦାତା ଶିକ୍ଷକ ଚନ୍ଦ୍ରମଣି ସାହୁ ଓ ଅଫିସ ଏକ୍‌ଜିକ୍ୟୁଟିଭ୍ ଚୈତନ୍ୟ ଦାସଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରାଯାଇଥିଲା। ବୈଠକରେ ସଭାପତି ଫକିରା ବେହେରାଙ୍କ ନେତୃତ୍ୱରେ ସଚିବ ଅଲେଖ ନାୟକ, ପରାମର୍ଶଦାତା ରାଜକିଶୋର ମହାପାତ୍ର, ସଞ୍ଜୁଲତା ଦାସ, ପାର୍ବତୀ ବେହେରା, ଚକ୍ରଧର ଗୁଡ଼ିଆ, ଉପ-ସଭାପତି ଶେଖର ବେହେରା, ପ୍ରଦୀପ ମହାନ୍ତି, ମାମିନା ମଲ୍ଲିକ, ନିରଞ୍ଜନ ନାୟକ, ଦିଲ୍ଲୀପ ବାରିକ, ରାଜୁ ମଲ୍ଲିକ, ବିପିନ ମଲ୍ଲିକ ଓ ନମିତା ମହାପାତ୍ର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ମା' ରାମଚଣ୍ଡୀ ଉପକୂଳ ବିକାଶ ପରିଷଦ, ଶ୍ରମିକ ସଂଗଠନ, ମହାକାଳପଡ଼ା, କେନ୍ଦ୍ରାପଡ଼ା ପକ୍ଷରୁ ଆୟୋଜନ କରାଯାଉଛି।

# ଶେଷ ହେଲା ରାମଗାଥା ଅଭିନୟ

ଡେରାବିଶ, ୯।୪(ସମିସ): ଡେରାବିଶ ବ୍ଲକର ବିଭିନ୍ନ ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାମ ନବମୀଠାରୁ ଅନୁଷ୍ଠିତ ହୋଇଆସୁଥିବା ରାମଗାଥା ଅଭିନୟ ଉତ୍ସବ ଶେଷ ହୋଇଛି। ନବଦିନ ବ୍ୟାପୀ ଅନୁଷ୍ଠିତ ଏହି ରାମଗାଥା ଅଭିନୟରେ ଗ୍ରାମର କଳାକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ରାମାୟଣକୁ



ଅଭିନୟମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ମୁକୁନ୍ଦପୁର ପଞ୍ଚାୟତର ମୁକୁନ୍ଦପୁର, ପବିତ୍ରପଡ଼ା, ଦାନପୁର ପଞ୍ଚାୟତର କେଶରପୁର ଓ ନରସିଂହପୁର, ଯଅଁରାବାରିମୂଳ ପଞ୍ଚାୟତର ଅର୍ଡାମୂଳ, ଗୋଲରାହାଟ ପଞ୍ଚାୟତର ଦୁମୁକାହାଟ, ରଘୁଦେଇପୁର ପଞ୍ଚାୟତର ବେଲାରପୁର, ଏଣ୍ଡର ପଞ୍ଚାୟତର ନୀଳକଣ୍ଠପୁର ଓ ଖମୋଳ ପଞ୍ଚାୟତର ପଦନପଡ଼ା ଗ୍ରାମରେ ଅନୁଷ୍ଠିତ ହୋଇଆସୁଥିବା ରାମଗାଥା ଅଭିନୟ ଶେଷ ହୋଇଛି। ରାମଙ୍କ ରାଜ୍ୟାଭିଷେକ ଉତ୍ସବରେ ଶହ ଶହ ଶ୍ରଦ୍ଧାଳୁ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ। କେତେକ ସ୍ଥାନରେ ରାବଣପୋଡ଼ି ଉତ୍ସବ ଧୁମଧାମ୍‌ରେ ଅନୁଷ୍ଠିତ ହୋଇଥିଲା।

# ୧୫୦ ବର୍ଷରେ କପିଳେଶ୍ୱର ମହାଦେବ ରାମଲୀଳା

ଆଳି, ୯।୪(ସମିସ): ଆଳି ଲୋକାପତା ବାବା କପିଳେଶ୍ୱର ମହାଦେବ ରାମଚରିତ କଳା ସଂସଦ ତରଫରୁ ଗ୍ରାମରେ ୧୮୭୬ ମସିହାରୁ ରାମଲୀଳା ଆରମ୍ଭ ହୋଇଥିଲା। ୧୫୦ ବର୍ଷ ଧରି ଗ୍ରାମର



ଯୁବକମାନେ ଓଡ଼ିଆ ଗୀତି ରାମାୟଣଙ୍କୁ ନାଟ୍ୟ ରୂପାନ୍ତର କରି ପରିବେଷଣ କରିଆସୁଛନ୍ତି। ଗତ ୩୦ ତାରିଖ ଠାରୁ ଏହି ରାମଲୀଳା କାର୍ଯ୍ୟକ୍ରମ ଆରମ୍ଭ ହୋଇ ଆଜି ଉଦ୍‌ଯାପିତ ହୋଇଛି। ଏହି ରାମଲୀଳାରେ ୪୦ ଜଣ କଳାକାର ଅଂଶ ଗ୍ରହଣ କରିଥିଲେ। ନାଟ୍ୟାଭିନୟକୁ ସଞ୍ଜୟ ସିଂ ନିର୍ଦ୍ଦେଶନା ଦେଇଛନ୍ତି। ଏହି ଗ୍ରାମଟି ଏବେ ରାମଲୀଳା ପାଇଁ ଉତ୍ସବ ମୁଖର ହୋଇଉଠିଛି। ପ୍ରତି ରାତିରେ ଶତାଧିକ ଦର୍ଶକ ବିଭିନ୍ନ ଗ୍ରାମରୁ ଆସୁଥିବା ଦେଖିବାକୁ ମିଳୁଛି। ଏହି କାର୍ଯ୍ୟକ୍ରମକୁ କମିଟିର ସଭାପତି ମନୋଜ ରାୟ, ସମ୍ପାଦକ ପ୍ରଫୁଲ୍ଲ ସିଂ, ପରିଚାଳନା ଗଦାଧର ସିଂ, କୋଷାଧକ୍ଷ ରାଇଚରଣ ସେନାପତି ପ୍ରମୁଖ ପରିଚାଳନା କରୁଛନ୍ତି।

# ଓଡ଼ିଆ ପକ୍ଷ ଅବସରରେ ରକ୍ତଦାନ ଶିବିର

ରାଜନଗର, ୯।୪(ସମିସ): ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଅଧକ୍ଷ ଅମୀୟ ଦାସ ଶିବିରକୁ ଉଦ୍‌ଘାଟନ କରିଥିଲେ। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଶ୍ମିରଞ୍ଜନ ମହାନ୍ତି



ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କଲେଜର ଅଧିବେଶନ କକ୍ଷରେ ୪୨ ଜଣ ଛାତ୍ରଛାତ୍ରୀ ଓ କର୍ମଚାରୀ ରକ୍ତଦାନ କରିଥିଲେ। କଟକ ବ୍ଲଡ୍ ବ୍ୟାଙ୍କରୁ ଆସିଥିବା ଡାକ୍ତର ଓ କର୍ମଚାରୀଙ୍କ ଦ୍ୱାରା ରକ୍ତ ସଂଗ୍ରହ କରାଯାଇଥିଲା। ଯୁବ ରେଡକ୍ରସର କାଉନସିଲର ଅଧ୍ୟାପିକା ରାଜଶ୍ରୀ ସାମନ୍ତ ଓ ଜାତୀୟ ସେବା ଯୋଜନାର +୩ ବିଭାଗ ପ୍ରୋଗ୍ରାମ ଅଫିସର ଡ. ଆଲୋକ ବେହେରା ପରିଚାଳନା କରିଥିଲେ। ପ୍ରାଣୀ ବିଭାଗ ମୁଖ୍ୟ ଅନୁସୟା ବେହେରା ଓ ପ୍ରଦୀପ୍ତ ମିଶ୍ର, ଶରତ ମହାନ୍ତି, କିରଣ ସେଠୀ, ନିରଞ୍ଜନ ମଲିକ, ସନ୍ତୋଷ ବାରିକ, କିଶୋର ନାୟକ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ବାସୁଦେବ ମେଳଣ ମହୋତ୍ସବରେ ମୁକ୍ତମଞ୍ଚ ନାଟକ

# ସଙ୍ଗୀତ, ନୃତ୍ୟ ଓ ସଂଳାପରେ ମନ୍ତ୍ରମୁଗ୍ଧ ହେଲେ ଦର୍ଶକ

ଗରଦପୁର, ୯।୪(ସମିସ)

ଗରଦପୁର ବ୍ଲକ ଅନ୍ତର୍ଗତ କିଣିଲୋ ଗ୍ରାମରେ ବାସୁଦେବ ମେଳଣ ମହୋତ୍ସବ ଏ ବର୍ଷ ଭବ୍ୟ ଓ ଆଡ଼ମ୍ବରପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି। ଚୈତ୍ର ପୂର୍ଣ୍ଣିମା ଅବସରରେ ଆୟୋଜିତ ଏହି ପାରମ୍ପରିକ ଭାଗବତ ମେଳଣକୁ ନେଇ ଗ୍ରାମରେ ଉତ୍ସବମୁଖର ପରିବେଶ ଦେଖିବାକୁ ମିଳିଥିଲା। ବାସୁଦେବ ଯୁବ ପରିଷଦ ଡ୍ରାମାଟିକ କ୍ଲବ୍ ପକ୍ଷରୁ ଦୁଇ ରଜନୀ ଧରି ମୁକ୍ତମଞ୍ଚ ନାଟକ ଆୟୋଜନ କରାଯାଇଥିଲା। ପ୍ରଥମ ରଜନୀରେ 'ଏ କେମିତିକା ସମ୍ପର୍କ' ଓ ଦ୍ୱିତୀୟ ରଜନୀରେ 'ପୁଅ ଜନ୍ମ କରି ପାପ କରିଛି' ନାଟକ ମଞ୍ଚସ୍ଥ ହୋଇଥିଲା। ନାଟକ ଦୁଇଟିକୁ ଶ୍ରୀପତି ଲେଙ୍କା ନିର୍ଦ୍ଦେଶନା ଦେଇଥିବାବେଳେ ଭରଦ୍ୱାଜ ଓଝା ସଙ୍ଗୀତ ଦାୟିତ୍ୱ



ନେଇଥିଲେ। ଅମରେଶ ସେନାପତି, ପବିତ୍ର ରାଉତ, ପ୍ରତାପ ସ୍ୱାଇଁ, ଦେବେନ୍ଦ୍ର ରାଉତ, ହିମାଂଶୁ ବାରିକ, ରଶ୍ମିରଞ୍ଜନ ପରିଡ଼ା, ମୁକ୍ତେଶ୍ୱର ସ୍ୱାଇଁ, ବୁଟୁନା ଦାଶ, ବିଭୂତି ସ୍ୱାଇଁ, କୁନା ବାରିକ, ଚଗଲା ସାମଲ, ପରମାନନ୍ଦ ସୂତାର, ସୁଭ୍ରଜିତ୍ ନାୟକ, ଅମରେନ୍ଦ୍ର ସାହୁ, ରାକେଶ ଲେଙ୍କା ଓ ଲିପୁନା ପରିଡ଼ାଙ୍କ ଅଭିନୟ ଚିତ୍ତାକର୍ଷକ ଥିଲା। ସଙ୍ଗୀତ, ନୃତ୍ୟ ଓ ସଂଳାପର ସୁନ୍ଦର ସମନ୍ୱୟ ଦ୍ୱାରା ନାଟକ ଦର୍ଶକଙ୍କ ମନକୁ ଛୁଇଁଥିବା ସହ ସାମାଜିକ ସନ୍ଦେଶ ମଧ୍ୟ ପ୍ରଦାନ କରିଥିଲା। ଉପଦେଷ୍ଟା ନରେଶ ରାଉତ, ପ୍ରଶାନ୍ତ ରାଉତ, ଅଭୟ ସାହୁ, ମହେନ୍ଦ୍ର ସ୍ୱାଇଁ ଓ ଜ୍ୟୋତିପ୍ରକାଶ ପରିଡ଼ାଙ୍କ ସହିତ ମହୋତ୍ସବ କମିଟି ସଭାପତି ଦୀପକ ପରିଡ଼ା ଓ ସମ୍ପାଦକ ଦୁଷ୍ମନ୍ତ ସେନାପତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଓଡ଼ିଆ ପକ୍ଷ ଅବସରରେ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୯।୪(ସମିସ): ଓଡ଼ିଆ ପକ୍ଷ ଅବସରରେ ପାଠକୀୟ ଅଭ୍ୟାସକୁ ପ୍ରୋତ୍ସାହନ ଲକ୍ଷ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ 'ଆସ ବହିଟିଏ କିଣିବା' ନାମକ ପୁସ୍ତକ କ୍ରୟ ଅଭିଯାନ ଓ ପୁସ୍ତକ ମେଳା ଆୟୋଜିତ ହୋଇଥିଲା।



ଏହି କାର୍ଯ୍ୟକ୍ରମ ପାଠକପ୍ରେମୀଙ୍କ ମଧ୍ୟରେ ବିଶେଷ ଆକର୍ଷଣ ସୃଷ୍ଟି କରିଥିଲା। ଜିଲ୍ଲାପାଳ ସମସ୍ତଙ୍କୁ ପୁସ୍ତକ ପଢ଼ିବାର ଅଭ୍ୟାସ ଗଢ଼ି ତୋଳିବା ପାଇଁ ଆହ୍ୱାନ କରିଥିଲେ। ସେ କହିଥିଲେ, ପଢ଼ା ମାନବଜୀବନର ଜ୍ଞାନବୃଦ୍ଧି, ସଚେତନତା ଓ ନୈତିକ ମୂଲ୍ୟବୋଧ ଗଢ଼ି ତୋଳିବାରେ ମୁଖ୍ୟ ଭୂମିକା ନିଭାଏ। ଅନେକ ଅତିଥି ଓ ପାଠକ ପୁସ୍ତକ କ୍ରୟ କରି ଅଭିଯାନକୁ ସମର୍ଥନ ଜଣାଇଥିଲେ। ଏ ଅବସରରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ଓ ରବୀନ୍ଦ୍ର ମଲ୍ଲିକଙ୍କ ସହିତ ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଉପନିର୍ଦ୍ଦେଶକ ହସ୍ତଶିଳ୍ପ ସନ୍ତୋଷ ମହାନ୍ତି, ଡିଡି ପ୍ଲାନିଂ ଆରତୀ ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଡେପୁଟି କଲେକ୍ଟର ସରୋଜ ବେହେରା, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଶୁଭେନ୍ଦୁ ସାହୁ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀରମୋହନ ମାଝୀ ଉପସ୍ଥିତ ଥିଲେ। ଏଥିସହ ବିଭିନ୍ନ ବିଭାଗର କର୍ମଚାରୀ, ସାଧାରଣ ଲୋକ, ପାଠକ ଓ ସାମ୍ବାଦିକଙ୍କ ଉଲ୍ଲେଖନୀୟ ଉପସ୍ଥିତି ଦେଖାଯାଇଥିଲା।

## ଗ୍ୟାରେଜ୍‌ରୁ ଗ୍ୟାସ୍ ସିଲିଣ୍ଡର ଜବତ ଘଟଣା

# ୩ ଦିନ ପରେ ବି ଅଭିଯୁକ୍ତର ଟେର ପାଉନି ପୁଲିସ

**ରାଉରକେଲା, ୯।୪(ସମିସ)**



ରାଉରକେଲା ସହରର ସେକ୍ଟର - ୯ ଅଞ୍ଚଳର ଲାଗୁନ ପାର୍କ ନିକଟ ଏକ ଗ୍ୟାରେଜ ଭିତରୁ ୧୬୧ଟି ଗ୍ୟାସ ସିଲିଣ୍ଡର ଜବତ କରାଯିବା ଘଟଣା ଇତି ମଧ୍ୟରେ ତିନିଦିନ ଅତିକ୍ରାନ୍ତ ହୋଇ ଯାଇଥିଲେ ମଧ୍ୟ ଏହି ସିଲିଣ୍ଡର କଳାବଜାରୀର ମୁଖ୍ୟ ଅଭିଯୁକ୍ତକୁ ଠାବ କରିବାରେ ପୁଲିସ ବିଫଳ ହୋଇଛି। ଯୋଗାଣ ବିଭାଗ ଥାନାରେ ଏତାଲା ଦେଇ ଦାୟିତ୍ୱ ସରିଗଲା କହି ଚୁପ୍ ବସିଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ସେପଟେ ସିଲିଣ୍ଡର ଜବତ ହୋଇଥିବା ଗ୍ୟାରେଜ ଆରଏସପିର ଜମିକୁ ଜବରଦଖଲ କରାଯାଇ ନିର୍ମାଣ କରାଯାଇଥିବାରୁ କିଏ ସେହି ଗ୍ୟାରେଜ ଘର ନିର୍ମାଣ କରିଛନ୍ତି, କେତେ ଦିନ ହେଲା ଘର ନିର୍ମାଣ ହୋଇଛି, ସେ ସମ୍ପର୍କରେ ସବିଶେଷ ତଥ୍ୟ ଦେବାକୁ ରାଉରକେଲା ଇସ୍ପାତ କାରଖାନା ସହରସେବା ବିଭାଗ ସିଜିଏମଙ୍କୁ ପୁଲିସ ଚିଠି ଲେଖିଥିବା ଜଣାପଡ଼ିଛି। ସିଜିଏମଙ୍କ ଉତ୍ତର ଆସିବା ପରେ ପୁଲିସ ଓ ଯୋଗାଣ ବିଭାଗ ପକ୍ଷରୁ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଉଛି। ଏହାସହ ଯୋଗାଣ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ କୋର୍ଟରେ ଏଫଆଇଆର ଦାଖଲ କରାଯାଇଥିବା ସୂଚନା ମିଳିଛି। ୧୬୧ଟି ଘରୋଇ ଏବଂ କମର୍ସିଆଲ ଗ୍ୟାସ ସିଲିଣ୍ଡର ଉକ୍ତ ଜବରଦଖଲ ଜମିରେ ନିର୍ମିତ ଗ୍ୟାରେଜକୁ କିପରି ଗଲା, କେଉଁ ଗ୍ୟାସ ଏଜେନ୍ସିରୁ ଉକ୍ତ ସିଲିଣ୍ଡର ଯାଇଥିଲା, ଏଥିରେ କିଏ କିଏ ସମ୍ପୃକ୍ତ ତାର ଖୋଳତାଡ କରୁଛି ପୁଲିସ। ସେପଟେ ବିଭିନ୍ନ ଗ୍ୟାସ ଏଜେନ୍ସିର ଗୋଦାମରେ ଯୋଗାଣ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଷ୍ଟକ ଯାଞ୍ଚ କରୁଛି ଯୋଗାଣ ବିଭାଗ। ତେବେ ଏହି ଯାଞ୍ଚ ପଛରେ କେତେ ଆନ୍ତରିକତା ରହିଛି ନା ଏହା ଏକ ଧର୍ମକୁ ଆଖିଠାର ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ବିନା ଯୋଗାଣ ବିଭାଗ କର୍ମଚାରୀଙ୍କ ପ୍ରୋତ୍ସାହନରେ ବିନା ଲାଇସେନ୍ସରେ ଏତେ ପରିମାଣର ଗ୍ୟାସ ସିଲିଣ୍ଡର ଉକ୍ତ ଗ୍ୟାରେଜ ଭିତରେ କିପରି ଗଚ୍ଛିତ ରହିଥିଲା ତାକୁ ନେଇ

**ସନ୍ଦେହ ଘେରରେ ଯୋଗାଣ ବିଭାଗ କର୍ମଚାରୀଙ୍କ ଭୂମିକା**

ସନ୍ଦେହ ପ୍ରକାଶ ପାଇଛି। ଏତେ ପରିମାଣର ଗ୍ୟାସ ସିଲିଣ୍ଡର ଗ୍ୟାରେଜ ଭିତରେ ମହଜୁଦ ରଖାଯିବା ଘଟଣା ଗ୍ରାହକମାନଙ୍କୁ ବିସ୍ମିତ କରିଛି। ଏହି ଘଟଣାରେ ଯୋଗାଣ ବିଭାଗ କର୍ମଚାରୀଙ୍କ ଭୂମିକାକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ଗତ ୭ ତାରିଖ ଦିନ ରାଉରକେଲାର ସେକ୍ଟର-୯ ସ୍ଥିତ ଏକ ଗ୍ୟାରେଜରୁ ୧୬୧ଟି ଗ୍ୟାସ ସିଲିଣ୍ଡର୍ ଜବତ କରାଯାଇଥିଲା। ସେଥିମଧ୍ୟରେ ୧୦୩ଟି କମର୍ସିଆଲ ଏବଂ ୫୮ ଟି ଘରୋଇ ଏଲପିଜି ଗ୍ୟାସ୍ ସିଲିଣ୍ଡର ରହିଥିଲା। ଏହି ଗ୍ୟାସ ସିଲିଣ୍ଡର କଳାବଜାରରେ ସହରର କିଛି ଦଲାଲ ସକ୍ରିୟ ହୋଇ ଉଠିଥିବା ବେଳେ ଯୋଗାଣ ବିଭାଗର କିଛି ଅସାଧୁ ଅଧିକାରୀ ଗ୍ୟାସ ଏଜେନ୍ସି ମାଲିକଙ୍କ ସହ ହାତ ମିଳାଇଥିବା ସନ୍ଦେହ କରାଯାଉଛି। ଏତେ ପରିମାଣର ଗ୍ୟାସ୍ ସିଲିଣ୍ଡର ଜବତ ପରେ ପ୍ରତ୍ୟକ୍ଷରେ ଗ୍ୟାସ ଏଜେନ୍ସି ମାଲିକ ଓ ଯୋଗାଣ ବିଭାଗ ଅଧିକାରୀଙ୍କ ମଧୁଚନ୍ଦ୍ରିକା ରହିଥିବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ଆଲୋଚନା ହେଉଛି। ରାଉରକେଲା ସହରରେ ବେଆଇନ ଭାବେ ଗ୍ୟାସ ସିଲିଣ୍ଡର ମହଜୁଦ ରଖି କଳାବଜାର କରୁଥିବା ଅଭିଯୁକ୍ତ ଏବଂ ଏହା ପଛରେ ସମ୍ପୃକ୍ତ ଯୋଗାଣ ବିଭାଗ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।

# ଦାମନଯୋଡ଼ିରେ 'ସଂକଳ୍ପ' ପକ୍ଷରୁ 'ଶୂନ୍ୟ ପଞ୍ଜୁରୀ' ମଞ୍ଚସ୍ଥ



**ରାଉରକେଲା, ୯।୪(ସମିସ):** ରାଉରକେଲାର ସାଂସ୍କୃତିକ କଳା ପରିଷଦ 'ସଙ୍କଳ୍ପ' ପକ୍ଷରୁ କୋରାପୁଟ ଜିଲ୍ଲାର ଦାମନଯୋଡିଠାରେ ଆୟୋଜିତ ତ୍ରିଂଶ ପଞ୍ଚପଞ୍ଚମାଳୀ ନାଟ୍ୟ ମହୋତ୍ସବ-୨୦୨୬ର ୬ଷ୍ଠ ଦିବସରେ ନାଟକ 'ଶୂନ୍ୟ ପଞ୍ଜୁରୀ' ବୁଧବାର ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଛି। ନାଟକଟିକୁ ଡ. ରତ୍ନାକର ଚଇନି ରଚନା କରିଥିବା ବେଳେ କୁଞ୍ଜନଲାଲ୍ ବୋଷ ଏହାର ନିର୍ଦ୍ଦେଶନା ଏବଂ ପ୍ରକାଶ କୁମାର ସାହାଣୀ ସହ ନିର୍ଦ୍ଦେଶନା ଦେଇଥିଲେ। ବିଭିନ୍ନ ଭୂମିକାରେ ପ୍ରଜ୍ଞାନନ୍ଦ ମହାନ୍ତି, ଅଭିଳାଷ ସାହୁ, ପ୍ରବୀର କୁମାର ଜେନା, ରାନୁ ମହାପାତ୍ର ଅଭିନୟ କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଅମୂଲ୍ୟ ବିଶୋଇ। ସେହିପରି ମଞ୍ଚ ସଜ୍ଜାରେ ପ୍ରିୟଦର୍ଶନ ରାଉତ ଏବଂ ମଞ୍ଚ ପରିଚାଳନାରେ ଅଞ୍ଜଳି ଜେନା, ଗାୟତ୍ରୀ ବିଶୋଇ, ହେମନ୍ତ ବେହେରା, ଗଣପତି ରଣା, ସାଇ ଶୁଭମ୍ ଜ୍ୟୋତି, ଶ୍ରଦ୍ଧା ଅନନ୍ୟା ଜେନା ଥିଲେ। ଅକ୍ଷୟ ଧଳ ପରିଚାଳକ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଉପଦେଷ୍ଟା ଥିଲେ ଡ. କିଶୋରୀ ଦାଶ। ଜୀବନ ନାଟକରେ ଅଭିନୟ ସମୟରେ ପ୍ରଫେସର ପ୍ରସନ୍ନ ମିଶ୍ରଙ୍କ ଜୀବନରେ ଆସନ୍ତି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଡ. ପ୍ରସନ୍ନ ମିଶ୍ରଙ୍କ ସ୍ତ୍ରୀ ଅର୍ପିତା ଦେବି। ମାନସିକସ୍ତରରେ ଭାରସାମ୍ୟ ହରାଇଥିବା ଅର୍ପିତା ଦେବି ଡାକ୍ତରଙ୍କ ଚିକିତ୍ସା ଦ୍ୱାରା ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ମଧ୍ୟ ପ୍ରଫେସର୍ ମିଶ୍ରଙ୍କ ଘରେ ରହନ୍ତି। ଏ ମଧ୍ୟରେ ତାଙ୍କ ପ୍ରତି ଆସକ୍ତି ଭଲ ପାଇବା ଆସେ। ଏହା ସତ୍ତ୍ୱେ ବାପାଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଭଲ ପାଇବାକୁ ତୁଚ୍ଛ କରି ଅର୍ପିତା ଦେବି ଛାଡ଼ି ଚାଲି ଯାଆନ୍ତି ନିଜ ଘରକୁ। ଏଭଳି ଏକ କାହାଣୀକୁ ନେଇ ଗତିଶୀଳ ହୋଇଥିଲା ନାଟକ ଶୂନ୍ୟ ପଞ୍ଜୁରୀ। କଳାକାରମାନଙ୍କର ନିଖୁଣ ଅଭିନୟ, ଚିତ୍ତାକର୍ଷକ ସଙ୍ଗୀତରେ ନାଟକଟିକୁ ପ୍ରେକ୍ଷାଳୟରେ ଦର୍ଶକ ବେଶ ଉପଭୋଗ କରିଥିଲେ। ନାଟକ ସମାପ୍ତି ପରେ ମୁଖ୍ୟଅତିଥି ନାଲକୋ ଦାମନଯୋଡିର ଚିଫ୍ ଜେନେରାଲ ମ୍ୟାନେଜର ସଞ୍ଜୟ କୁମାର ପଟ୍ଟନାୟକ ଯୋଗଦେଇ ସମସ୍ତ ଅଭିନେତା, ଅଭିନେତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ବାଲୁଘାଟରେ ସିରିଜ୍ ଦୁର୍ଘଟଣା; ଯୁବତୀ ମୃତ, ୩ ଆହତ

**ରାଉରକେଲା, ୯।୪(ସମିସ):** ସ୍ଥାନୀୟ ରଘୁନାଥପାଲି ଥାନା ଅନ୍ତର୍ଗତ ବାଲୁଘାଟଠାରେ ୧୪୩ ନମ୍ବର ଜାତୀୟ ରାଜପଥ ଉପରେ ଏକ କାର୍ ସିରିଜ ଦୁର୍ଘଟଣା କରିବା ଦ୍ୱାରା ଜଣେ ଯୁବତୀର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଗୁରୁବାର ଅପରାହ୍ନରେ ଏକ କାର ଦ୍ରୁତ ଗତିରେ ପାନପୋଷ ଆଡୁ ଦେଓଗାଁ ଆଡ଼କୁ ଯାଉଥିଲା। ବାଲିଘାଟଠାରେ ୧୪୩ ନମ୍ବର ଜାତୀୟ ରାଜପଥ ଉପରେ ହଠାତ୍ ଏକ ମୋଡରେ ଉକ୍ତ କାର ପ୍ରଥମେ ଏକ କାରକୁ ଧକ୍କା ଦେବା ପରେ ମହିଳା ଓ ଯୁବତୀଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ରାସ୍ତା କଡ଼କୁ ଯାଇ କାର ପଡ଼ିଥିଲା। କାରରେ ୩ ଜଣ ଯୁବକ ଥିବା ବେଳେ ୨ ଜଣ ନିଶାଗ୍ରସ୍ତ ଅବସ୍ଥାରେ ଥିବା ସୂଚନା ମିଳିଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆହତମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଥିଲା। ଡାକ୍ତରଖାନାରେ ସବିତା ସୁରିନ(୧୬) ନାମ୍ନୀ ଜଣେ ଯୁବତୀଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଦୁର୍ଘଟଣାକୁ ନେଇ ଘଟଣା ସ୍ଥଳରେ କିଛି ସମୟ ପାଇଁ ଟ୍ରାଫିକ ସମସ୍ୟା ଉପୁଜି ଥିଲା।

# ବାଇକକୁ ଧକ୍କା ଦେଲା ବସ୍

**ରାଉରକେଲା, ୯।୪(ସମିସ):** ଉଦିତନଗର ଥାନା ଅନ୍ତର୍ଗତ ଫ୍ଲାଏ ଓଭରବ୍ରିଜ ତଳେ ବୁଧବାର ରାତିରେ ଏକ ବାଇକକୁ ଗୋଟିଏ ବସ୍ ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନା ମୁତାବକ, ଏସଟିଆଇ ପଟରୁ ଉଦିତନଗର ଆଡ଼କୁ ଆସୁଥିବା ଏହି ବସ୍ ବାଇକକୁ ଧକ୍କା ଦେବା ଫଳରେ ବାଇକ ଚାଳକ ରାସ୍ତାରେ ପଡ଼ି ଆହତ ହୋଇଥିଲେ। ଘଟଣାକୁ ନେଇ କିଛି ସମୟ ଟ୍ରାଫିକ ସମସ୍ୟା ଉପୁଜି ଥିବା ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ମାମଲା ଶାନ୍ତ ପଡ଼ିଥିଲା।

# ବିଷକ୍ରିୟାରେ ମହିଳାଙ୍କ ମୃତ୍ୟୁ

**ଲହୁଣୀପଡ଼ା, ୯।୪(ସମିସ):** କେବଲାଙ୍ଗ ଥାନା ଉଲକୁଣ୍ଡେଇ ଗ୍ରାମରେ ବିଷ କ୍ରିୟାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ଜଣକ ରିତା ଲୁହୁରା(୩୬) ରହିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ଗତକାଲି ରାତିରେ ରିତା ଲୁହୁରା ଖାଇ ସାରି ଘରେ ଶୋଇଥିଲେ। ସକାଳେ ମୁହଁରୁ ଫେଣ ବାହାରିବା ସହ ସେ ନିଦରୁ ନ ଉଠିବାରୁ ପରିବାର ଲୋକ ତାଙ୍କୁ ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପରିବାର ପକ୍ଷରୁ କେବଲାଙ୍ଗ ଥାନାରେ ଅଭିଯୋଗ ପରେ ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି।

# ବିଧାୟକ ଦୁର୍ଗାଚରଣ ତନ୍ତୀଙ୍କ ଦାୟିତ୍ୱ ଗ୍ରହଣ

**ରାଉରକେଲା, ୯।୪(ସମିସ):** ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ସୁନ୍ଦରଗଡ଼ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଭାବେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଜିଲ୍ଲା ଯୋଜନା



ବୋର୍ଡ କାର୍ଯ୍ୟାଳୟରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କ ସହିତ ଦଳର ବରିଷ୍ଠ ନେତା ଓ କର୍ମୀଙ୍କ ଉପସ୍ଥିତିରେ ଦୁର୍ଗା ଚରଣ ତନ୍ତୀଙ୍କ ଦାୟିତ୍ୱ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ଼ ଜିଲ୍ଲାରେ ସମର୍ପିତ ଏବଂ ଆନ୍ତରିକତାର ସହିତ ସର୍ବାଙ୍ଗୀନ ବିକାଶ, ଜନ କଲ୍ୟାଣ ଏବଂ ସୁଶାସନ ସୁନିଶ୍ଚିତ କରିବା ପାଇଁ ସେ ପ୍ରତିବଦ୍ଧ ବୋଲି କହିବା ସହ ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଓ ସାଂସଦ ତଥା କେନ୍ଦ୍ରୀୟ ମନ୍ତ୍ରୀ ଜୁଏଲ ଓରାମଙ୍କୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଥିଲେ। ସୁନ୍ଦରଗଡ଼ ଜିଲ୍ଲାର ସର୍ବାଙ୍ଗୀଣ ବିକାଶ, ଜନକଲ୍ୟାଣ ଓ ସୁଶାସନ ନିଶ୍ଚିତ କରିବା ପାଇଁ ସମ୍ପୂର୍ଣ୍ଣ ନିଷ୍ଠା ଓ ସମର୍ପଣ ସହ କାର୍ଯ୍ୟ କରିବି ବୋଲି ଶ୍ରୀ ତନ୍ତୀ କହିଛନ୍ତି।

# ଅଧ୍ୟାପିକା ସୁପ୍ରଭା ଦାଶଙ୍କ ପରଲୋକ

**ରାଉରକେଲା, ୯।୪(ସମିସ):** ରାଉରକେଲା ଇସ୍ପାତ କାରଖାନାର ଅବସରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ପି କେ ଦାଶଙ୍କ ସହଧର୍ମିଣୀ ତଥା ରାଉରକେଲାର ଜଳଦା ସ୍ଥିତ



ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପିକା ଡ. ସୁପ୍ରଭା ଦାଶଙ୍କର ଆଜି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୧ ବର୍ଷ ହୋଇଥିଲା। ସେ ଦୀର୍ଘ ଦିନ ଧରି କର୍କଟ (ପାନକ୍ରିୟାଜ୍) ରୋଗରେ ପୀଡିତ ଥିଲେ। ତାଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ପରେ ଆଜି ରାଉରକେଲାରେ ଶୋକର ଛାୟା ଖେଳିଯାଇଛି। ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷା ମୈତ୍ରୀ ବାଘେଲଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପିକ, କର୍ମଚାରୀ ଉପସ୍ଥିତ ହୋଇ ଶୋକ ପ୍ରକାଶ କରିବା ସହ ସ୍ୱର୍ଗୀୟା ଦାଶଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଥିଲେ।

## ରାଜ୍ୟସ୍ତରୀୟ ନଟରାଜ ନୃତ୍ୟ ମହୋତ୍ସବ ଉଦ୍‌ଯାପିତ

# ମନମୋହିଲା ଓଡ଼ିଶୀ ଓ ପାରମ୍ପରିକ ନୃତ୍ୟ



**ରାଉରକେଲା, ୯।୪(ସମିସ):** ରାଉରକେଲା ନଟରାଜ ନୃତ୍ୟ ପରିଷଦର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ସିଭିକ୍ ସେଣ୍ଟରଠାରେ ଚାଲିଥିବା ଦୁଇଦିବସୀୟ 'ରାଜ୍ୟସ୍ତରୀୟ ନଟରାଜ ନୃତ୍ୟ ମହୋତ୍ସବ-୨୦୨୬' ଉଦ୍‌ଯାପିତ ହୋଇଯାଇଛି। ଉତ୍ସବର ଅଧ୍ୟକ୍ଷ ତଥା ଏକତ୍ର ରାଉରକେଲାର ଆଇନ ପରାମର୍ଶଦାତା ପ୍ରଦୀପ କୁମାର ନାୟକ, ନିର୍ଦ୍ଦେଶକ ପ୍ରବୀର କୁମାର ଜେନା ଓ ସମ୍ପାଦିକା ଜୟନ୍ତୀ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ସଂଧ୍ୟାରେ ପୂର୍ବତନ ବିଧାୟକ ସୁବ୍ରତ ତରାଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ଦିବସରେ ଯାଜପୁରରୁ ଆସିଥିବା ନାଟ୍ୟ ନିର୍ଦ୍ଦେଶକ ଅଭିମନ୍ୟୁ ମିଶ୍ର, ସମାଜସେବୀ ପୁଷ୍ପା ଲେଙ୍କା, ନାଟ୍ୟ ସଂଗଠକ ଅକ୍ଷୟ କୁମାର ଧଳ ଓ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ରବି ରାୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଉଦ୍‌ଯାପନୀ ସଂଧ୍ୟାରେ ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସେବା ନିବୃତ୍ତ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର କୁମାର ପଟ୍ଟନାୟକ, ସମାଜସେବୀ ଇଂ. ବିମଳ ବିଶୀ, କବି ରାଜୀବ ପାଣି ଓ କାନ୍‌ଭାସର ଆବାହକ ସୁରେଶ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ନିର୍ଦ୍ଦେଶକ ଶ୍ରୀ ଜେନା ବିଗତ ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ ଦେଇଥିଲେ। ଏହି ଦୁଇ ଦିବସୀୟ କାର୍ଯ୍ୟକ୍ରମକୁ ଲୋକପ୍ରିୟ ଉଦ୍‌ଘୋଷିକା ଝିଲିମା ମହାନ୍ତି ସଂଯୋଜନା କରିଥିଲେ। ଏହି ଅବସରରେ ନାଟକ କ୍ଷେତ୍ରରେ ବିଶେଷ ଅବଦାନ ନିମନ୍ତେ ଅଭିମନ୍ୟୁ ମିଶ୍ର, ବିଶିଷ୍ଟ ଅଭିନେତ୍ରୀ ବବି ମହାଲିକ, ଅଭିଜ୍ଞ କଳାକାର ପ୍ରଜ୍ଞାନନ୍ଦ ମହାନ୍ତି ଓ ଉଦ୍‌ଘୋଷିକା ଝିଲିମା ମହାନ୍ତିଙ୍କ ସମେତ ଅନେକ ନୃତ୍ୟ ଗୁରୁ, ଗୁରୁମା ଓ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶୀ, ଲୋକନୃତ୍ୟ, ଶାସ୍ତ୍ରୀୟ, ଆଦିବାସୀ ପାରମ୍ପରିକ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଆନ୍ତଃ ବିଦ୍ୟାଳୟସ୍ତରୀୟ ସମୂହ ନୃତ୍ୟ ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀ ଓ ବିଦ୍ୟାଳୟମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ମନୋଜ ନାୟକ, ରାନୁ ମହାପାତ୍ର, ଅଞ୍ଜଳି ଜେନା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ବସନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ରାଜ୍ୟର ବିଭିନ୍ନ ନୃତ୍ୟ ଅନୁଷ୍ଠାନରୁ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ କଳାକାର ଓ ଗୁରୁ ଯୋଗ ଦେଇଥିଲେ।

# ପାଇକ ପ୍ରକଳ୍ପରେ ତାଲିମ ପାଇଁ ପ୍ରବେଶିକା ପରୀକ୍ଷା




**ବଣାଇଁ, ୯।୪(ସମିସ):** ବଣାଇଁ ଉପଖଣ୍ଡ ଭୁତୁଡ଼ା ପଞ୍ଚାୟତରେ ଥିବା କୁର୍ମିତର ଲୌହଖଣି ଖେଳ ପଡ଼ିଆରେ ଓଡ଼ିଶା ଖଣି ନିଗମ ଲିଃର ସିଏସ୍ଆର ପଦକ୍ଷେପରେ ପାଇକ ପ୍ରକଳ୍ପ ପାଇଁ ଶାରୀରିକ, ଡାକ୍ତରୀ ଓ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ଚୟନ ପ୍ରକ୍ରିୟା ପାଇଁ ୧୧ଟି ପଞ୍ଚାୟତରୁ ୭୧ ଜଣ ପ୍ରତିଯୋଗୀ ଆବେଦନ କରିଥିଲେ। ସେଥିମଧ୍ୟରୁ ୫୭ ଜଣ ଶାରୀରିକ ଓ ଡାକ୍ତରୀ ପରୀକ୍ଷା ଦେଇଥିବାବେଳେ ୨୮ ଜଣ ଲିଖିତ ପରୀକ୍ଷା ଦେଇଛନ୍ତି। ଲିଖିତ ପରୀକ୍ଷାଫଳ ପ୍ରକାଶ ପରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀ ଓ ପ୍ରାର୍ଥୀନୀଙ୍କୁ ଭାରତୀୟ ସେନା, ଅର୍ଦ୍ଧ ସାମରିକ ବଳ, ଅଗ୍ନିବୀର, ପୁଲିସ, ବନ ବିଭାଗ କିମ୍ବା ଅଗ୍ନି ନିରାପତ୍ତା ବିଭାଗ ଭଳି ଏକ ରୂପ ପୋଷାକ ବ୍ୟବସ୍ଥା ଥିବା ସଂସ୍ଥାରେ ଯୋଗଦେବା ପାଇଁ ଖୋର୍ଦ୍ଧା ପାଇକ ଏକାଡ଼େମୀରେ ବର୍ଷକିଆ ମାଗଣା ଆବାସିକ ପ୍ରଶିକ୍ଷଣ ଦିଆଯିବ ବୋଲି ସୂଚନା ମିଳିଛି। ଏହି ପରୀକ୍ଷାରେ ଓଡ଼ିଶା ଖଣି ନିଗମର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିବାବେଳେ ପରୀକ୍ଷା ନିରୀକ୍ଷକ ଭାବେ ୩ ଜଣ ଯୋଗ ଦେଇଥିଲେ। ପରିଚାଳନାରେ ସୁରକ୍ଷା ଅଧିକାରୀ, ଶ୍ରମ ଓ ମଙ୍ଗଳ ଅଧିକାରୀଙ୍କ ସହିତ ସିଏସ୍ଆର୍ ବିଭାଗର ବରିଷ୍ଠ ଅଧିକାରୀ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବସ୍‌କୁ ପଛରୁ ଧକ୍କା ଦେଲା ଟ୍ରାକ୍ଟର

**ବଣାଇଁ, ୯।୪(ସମିସ):** ବଣାଇଁ ଥାନା ବଣାଇଁ ବାରକୋଟ ରାସ୍ତାର କେନ୍ଦ୍ରିକଳା ଟିଭିଏସ ସୋ ରୁମ୍ ସାମ୍ନାରେ ଏକ ଯାତ୍ରୀବାହୀ ବସ୍‌କୁ ପଛପଟୁ ଏକ ଟ୍ରାକ୍ଟର ଧକ୍କା ଦେବା ଫଳରେ ବସ୍‌ର ପଛପାର୍ଶ୍ୱ ଭାଙ୍ଗି ଯାଇଥିବା ବେଳେ ଏକ ସମ୍ଭାବ୍ୟ ଦୁର୍ଘଟଣାରୁ ଯାତ୍ରୀମାନେ ଅଳ୍ପକେ ବର୍ତ୍ତିଛନ୍ତି। ସୂଚନାନୁଯାୟୀ, ଅପରାହ୍ନ ୧ଟା ୧୫ ମିନିଟ୍ ସମୟରେ ମା' ଶାରଳା ନାମକ ଏକ ଯାତ୍ରୀବାହୀ ବସ୍ ବଣାଇଁ ବସଷ୍ଟାଣ୍ଡରୁ ବାହାରି ଭାୟା ସରସରା ଦେଇ ଦେବଗଡ଼ ଜିଲ୍ଲାର ଗର୍ଣ୍ଣମ ଅଭିମୁଖେ ଯାଉଥିଲା। କେନ୍ଦ୍ରିକଳା ଟିଭିଏସ ସୋ ରୁମ୍ ସାମ୍ନାରେ ବସଟି ଛିଡ଼ା କରି ଯାତ୍ରୀଙ୍କୁ ଚଢ଼ାଉଥିବା ବେଳେ ଦେଓଗାଁ ପଟୁ ଏକ ଟ୍ରାକ୍ଟର ଦ୍ରୁତ ଗତିରେ ଆସି ବସ୍‌କୁ ପଛପଟରୁ ଧକ୍କା ଦେଇଥିଲା। ଫଳରେ ବସର ପଛପାର୍ଶ୍ୱ ଭାଙ୍ଗି ଯାଇଥିବା ବେଳେ ବସର ବମ୍ପରଟି ତଳକୁ ଖସି ପଡ଼ିଥିଲା। ତେବେ ଯାତ୍ରୀମାନେ ଅଳ୍ପକେ ରକ୍ଷା ପାଇଛନ୍ତି। କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଆପୋଷ ବୁଝାମଣା ପରେ ବସ୍‌ଟି ନିଜର ଗନ୍ତବ୍ୟ ସ୍ଥଳକୁ ଯାଇଥିଲା। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି।

# ନର୍ସିଂ ତାଲିମ ପ୍ରତିଷ୍ଠାନରେ ଅତ୍ୟାଧୁନିକ କମ୍ପ୍ୟୁଟର ଲ୍ୟାବ୍ ଉଦ୍‌ଘାଟିତ




**ରାଉରକେଲା, ୯।୪(ସମିସ):** ଡିଜିଟାଲ୍ ଶିକ୍ଷାକୁ ସୁଦୃଢ଼ କରିବା ଓ ନର୍ସିଂ ପ୍ରଶିକ୍ଷାର୍ଥୀଙ୍କ ପ୍ରଯୁକ୍ତିବିଦ୍ୟା ଦକ୍ଷତା ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ ଅନ୍ତର୍ଗତ ନର୍ସିଂ ତାଲିମ ପ୍ରତିଷ୍ଠାନ (ଏନଟିଆଇ) ଠାରେ ଏକ ଅତ୍ୟାଧୁନିକ କମ୍ପ୍ୟୁଟର ଲ୍ୟାବ୍‌କୁ (ଏମଆଣ୍ଡଏଚଏସ) ଏନଟିଆଇ ସିଏମଓ ଇନଚାର୍ଜ ଡ. ଜୟନ୍ତ କୁମାର ଆଚାର୍ଯ୍ୟ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଅନ୍ୟ ବରିଷ୍ଠ ଡାକ୍ତର, ନର୍ସ, ଏନଟିଆଇର ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଡ. ଆଚାର୍ଯ୍ୟ ଏହି ପଦକ୍ଷେପକୁ ପ୍ରଶଂସା କରି ଆଧୁନିକ ସ୍ୱାସ୍ଥ୍ୟସେବା ଏବଂ ନର୍ସିଂ ଶିକ୍ଷାରେ ଡିଜିଟାଲ୍ ଦକ୍ଷତାର ବର୍ଦ୍ଧିତ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ନୂତନ ଭାବରେ ପ୍ରତିଷ୍ଠିତ ଏହି ଲ୍ୟାବ୍ ୧୦ଟି କମ୍ପ୍ୟୁଟର ସହିତ ସଜ୍ଜିତ। ଏଥିରେ ଏକ ସମୟରେ ୨୦ ଜଣ ଛାତ୍ରଛାତ୍ରୀଙ୍କୁ ତାଲିମ ଦେବାର ବ୍ୟବସ୍ଥା ରହିଛି। ଯାହା ନର୍ସିଂ ପ୍ରଶିକ୍ଷାର୍ଥୀଙ୍କ ପାଇଁ ସୁଗମ ଏବଂ ସହଜ ଶିକ୍ଷା ସୁନିଶ୍ଚିତ କରୁଛି। ତେବେ ଆରଏସପିର ଶିକ୍ଷା ଏବଂ ବିକାଶ ବିଭାଗ ତାଲିମ ପାଇଁ ଅଧ୍ୟାପକ ସହାୟତା ପ୍ରଦାନ କରିବ। ଉଲ୍ଲେଖନୀୟ ଯେ, ଗୁଣାତ୍ମକ ନର୍ସିଂ ଶିକ୍ଷା ପ୍ରତି ଏନଟିଆଇର ପ୍ରତିବଦ୍ଧତାର ଅଂଶ ଭାବରେ ବିକଶିତ ଏହି ଆଧୁନିକ କମ୍ପ୍ୟୁଟର ଲ୍ୟାବ୍, ନର୍ସିଂ ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରେ ଉନ୍ନତ ଡିଜିଟାଲ୍ ଏକ୍ସପୋଜର ପ୍ରଦାନ କରିବା ଏବଂ ପ୍ରଯୁକ୍ତିବିଦ୍ୟା ଚାଳିତ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ। ଏହି କାର୍ଯ୍ୟକ୍ରମକୁ ଏନଟିଆଇର ପ୍ରିନ୍ସିପାଲ୍ ବିଦ୍ୟୁତ୍ ପ୍ରଭା ଗୋଥ୍ ସଂଯୋଜନା କରିଥିଲେ।

## ଜରାଜୀର୍ଣ୍ଣ ବଣାଇଁ କୋ-ଅପରେଟିଭ୍ ବ୍ୟାଙ୍କ କୋଠା

# ପ୍ଲାଷ୍ଟର ପଡ଼ିବା ଭୟରେ ପଲିଥିନ୍ ବାନ୍ଧି କାର୍ଯ୍ୟ କରୁଛନ୍ତି କର୍ମଚାରୀ

**ବଣାଇଁ, ୯।୪(ସମିସ)**





ବଣାଇଁ ସହର ମୁଖ୍ୟ ମାର୍ଗରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା କୋ-ଅପରେଟିଭ ବ୍ୟାଙ୍କ୍ କୋଠା ବିପଦସଙ୍କୁଳ ଅବସ୍ଥାରେ ରହିଛି। ଯାହା ଏବେ କର୍ମଚାରୀ ଓ ଗ୍ରାହକଙ୍କ ପାଇଁ ବିପଦ ସାଜିଛି। ଏହି ବିପଦ ସଂକୁଳ ଅବସ୍ଥାରେ କାମ କରୁଛନ୍ତି ବ୍ୟାଙ୍କ କର୍ମଚାରୀ। ବ୍ୟାଙ୍କ ଛାତର ଜରାଜୀର୍ଣ୍ଣ ଅବସ୍ଥା ଯୋଗୁଁ କର୍ମଚାରୀଙ୍କ ମଧ୍ୟରେ ସର୍ବଦା ଭୟ ଲାଗି ରହିଛି। ଛାତରୁ ପ୍ଲାଷ୍ଟର ଖସି ପଡୁଛି। ଏପରିକି ପ୍ଲାଷ୍ଟର ପଡ଼ିବା ଭୟରେ କର୍ମଚାରୀମାନେ ପଲିଥିନ୍ ବାନ୍ଧି କାମ କରୁଛନ୍ତି। ଖୋଦ ବ୍ୟାଙ୍କ ଅଧିକାରୀଙ୍କ ଚ୍ୟାମ୍ବର ଉପରେ ପ୍ଲାଷ୍ଟର ଛାଡି ଯାଇଥିବା ଦେଖିବାକୁ ମିଳିଛି। କେତେବେଳେ ଯେ ଫ୍ୟାନ ପଡ଼ିଯିବ କହି ହେବନି। ବ୍ୟାଙ୍କ ଭିତରେ ମହିଳା କର୍ମଚାରୀ କାମ କରୁଥିବା ବେଳେ ପୂର୍ବରୁ ପ୍ଲାଷ୍ଟର ପଡ଼ି କେତେ ଜଣ ଆହତ ହୋଇଛନ୍ତି। ତେଣୁ ସୁରକ୍ଷିତ ମଣୁ ନାହାଁନ୍ତି କର୍ମଚାରୀ। ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତାର ତଳକୁ ଝୁଲି ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏହି ବ୍ୟାଙ୍କ ଉପରେ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଚାଷୀ, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ସଦସ୍ୟାମାନେ ଟଙ୍କା ନେଣ ଦେଣ କରିବା ପାଇଁ ଆସି ଥାଆନ୍ତି। ବ୍ୟାଙ୍କର ଅବସ୍ଥା ଦେଖି ଅଘଟଣ ଆଶଙ୍କାରେ ସେମାନେ ମଧ୍ୟ ଡରି ଡରି କାମ କରିଥାନ୍ତି। ଏହି ବ୍ୟାଙ୍କରେ ବର୍ଷକୁ ପ୍ରାୟ ୭୦ରୁ ୮୦ କୋଟି ଟଙ୍କାର କାରବାର ହେଉଥିଲେ ମଧ୍ୟ ବ୍ୟାଙ୍କର ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉନଥିବା ଅଭିଯୋଗ ହୋଇଛି। କିଛି ଅଘଟଣ ଘଟିବା ଆଗରୁ ଏଦିଗରେ ବିଭାଗ ତଥା ପ୍ରଶାସନ ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି।

## ଭୋର୍ ହେଲେ ନଳକୂଅରେ ଭିଡ଼

# ପାଣି ପାଇଁ ପ୍ରତିଯୋଗିତା, ଝାମେଲା

କଣ୍ଟାମାଳ, ୯ ।୪(ସମିସ)



ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଖଟଖଟିଆ ଗ୍ରାମର ହରିଜନ ସାହିରେ ପାନୀୟ ଜଳ ସଙ୍କଟ ଦେଖା ଦେଇଛି। ଏ ନେଇ ସେମାନେ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କେହି ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ଖଟଖଟିଆ ଗ୍ରାମ ପଞ୍ଚାୟତର ୫ନମ୍ବର ୱାର୍ଡ ହେଉଛି ସବୁଠାରୁ ବଡ ୱାର୍ଡ। ଏହି ୱାର୍ଡର ମୋଟ ଭୋଟର ସଂଖ୍ୟା ପ୍ରାୟ ୭୦୦।

## ଖଟଖଟିଆ ହରିଜନ ସାହିରେ ଜଳ ସଙ୍କଟ

## ୨ ମାସ ହେଲା ନଳକୂଅ ଅଚଳ, ବସୁଧା ପାଣି ସ୍ୱପ୍ନ

## ଅଭିଯୋଗ କଲେ ବି ଶୁଣୁ ନାହାନ୍ତି ଅଧିକାରୀ

ଏହି ୱାର୍ଡରେ ହରିଜନ ସାହିର ୧୦୦ଟି ପରିବାରର ପ୍ରାୟ ୩୦୦ଜଣ ଲୋକ ବସବାସ କରନ୍ତି। ଏହି ସାହି ବାସିନ୍ଦା ଦୀର୍ଘ ବର୍ଷ ହେଲା ଗ୍ରୀଷ୍ମ ଋତୁ ଆସିଲେ ପାନୀୟ ଜଳ ସଙ୍କଟର ସମ୍ମୁଖୀନ ହୋଇ ଆସୁଛନ୍ତି। ଏହି ସାହିରେ ୨ଟି ନଳକୂଅ ଥିବାବେଳେ ବର୍ତ୍ତମାନ ଗୋଟିଏ ସଚଳ ଅବସ୍ଥାରେ ଥିବାବେଳେ ଗୋଟିଏ ଦୀର୍ଘ ୪ମାସ ହେଲା ଅଚଳ ହୋଇ ପଡ଼ିରହିଛି। ଗ୍ରାମରେ ଥିବା ଓଭରହେଡ଼ ଟ୍ୟାଙ୍କ ମାଧ୍ୟମରେ ଯୋଗାଣ ହେଉଥିବା ପାନୀୟଜଳ ପ୍ରକଳ୍ପର ୩ଟି ଷ୍ଟାଣ୍ଡପୋଷ୍ଟ ଲାଗିଛି; ହେଲେ ୨ଟି ଷ୍ଟାଣ୍ଡପୋଷ୍ଟ ଆରମ୍ଭରୁ ଖରାପ ହୋଇ ପାଣି ବାହାରୁନି। ଗୋଟିଏ ଷ୍ଟାଣ୍ଡପୋଷ୍ଟ ମାଧ୍ୟମରେ ପାନୀୟ ଜଳ ମିଳୁଛି। ତାହା ପୁଣି ଦିନକୁ ୨ଘଣ୍ଟା ମିଳୁଥିବା ଯୋଗୁଁ ଏତେ ଲୋକଙ୍କ ପାଇଁ ପର୍ଯ୍ୟାପ୍ତ ହୋଇପାରୁ ନାହିଁ। ଅନ୍ୟପକ୍ଷରେ ସାହି ବାସିନ୍ଦାଙ୍କ କହିବା ଅନୁସାରେ ସରକାର ବସୁଧା ଯୋଜନାରେ ପ୍ରତ୍ୟେକ ଘରକୁ ପାନୀୟଜଳ ଯୋଗାଇବା ପାଇଁ ଘର ସାମ୍ନାରେ ଦୀର୍ଘ ୫ ବର୍ଷ ହେଲା ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରିଛନ୍ତି; ହେଲେ ନିର୍ମାଣ ଦିନଠାରୁ ଆଜି ପର୍ଯ୍ୟନ୍ତ ବୁନ୍ଦାଏ ପାଣି ମଧ୍ୟ ଏଥିରୁ ବାହାରିନି। ଗ୍ରାମର ୨୦ପ୍ରତିଶତ ଲୋକ ଏହି ଯୋଜନାରୁ ଲାଭ ପାଉଛନ୍ତି। ଆଉ ୮୦ପ୍ରତିଶତ ଲୋକ ଏହି ବସୁଧା ଯୋଜନାର ଲାଭ ପାଇପାରୁ ନାହାନ୍ତି। ଏହାଫଳରେ ଏହି ବସ୍ତି ବାସିନ୍ଦା ପାନୀୟଜଳ ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଗୋଟିଏ ନଳକୂଅ ଚାଲୁଥିବାରୁ ସମସ୍ତେ ପାନୀୟଜଳ ତଥା ରୋଷେଇ ପାଇଁ ଏହି ଗୋଟିଏ ମାତ୍ର ନଳକୂଅ ଉପରେ ନିର୍ଭର କରୁଛନ୍ତି। ଏହାଫଳରେ ଭୋର୍ ହେଲେ ନଳକୂଅରେ ଭିଡ଼ ଦେଖିବାକୁ ମିଳୁଛି। ଗ୍ରାମବାସୀଙ୍କ ମଧ୍ୟରେ ପାଣି ପାଇଁ ଏକ ପ୍ରକାର ପ୍ରତିଯୋଗିତା ହେଉଥିବା ଦେଖିବାକୁ ମିଳୁଛି; ଯାହାଦ୍ୱାରା ପାଣି ପାଇଁ ମହିଳାଙ୍କ ମଧ୍ୟରେ ଝଗଡା ହେଉଥିବା ଅଭିଯୋଗ କରିଛନ୍ତି। ଗ୍ରୀଷ୍ମ ଦିନେ ଜଳସ୍ତର କମି ଯାଉଥିବାରୁ ମଧ୍ୟାହ୍ନ ହେଲେ ନଳକୂଅରୁ ପାଣି କମି ଯାଉଥିବା ଅଭିଯୋଗ ହେଉଛି। ଏହାଫଳରେ ଆବଶ୍ୟକତା ଅନୁସାରେ ପାନୀୟ ଜଳ ଏମାନଙ୍କୁ ମିଳୁ ନାହିଁ। ଏହାଫଳରେ ଏମାନେ ଅନ୍ୟ ସାହିରେ ଥିବା ନଳକୂଅକୁ ପାଣି ଆଣିବାକୁ ଗଲେ ସେହି ସାହି ବାସିନ୍ଦା ଏମାନଙ୍କୁ ନାନା କଥା କହୁଥିବା ବସ୍ତିର ମହିଳାମାନେ ଅଭିଯୋଗ କରିଛନ୍ତି। ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସମେତ ସରପଞ୍ଚ ଓ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କେହି ଶୁଣୁ ନ ଥିବା ୱାର୍ଡମେମ୍ବର ବୁଧୁ ମହାନନ୍ଦିଆ ମତପ୍ରକାଶ କରିଛନ୍ତି। ଯଦି ସପ୍ତାହେ ମଧ୍ୟରେ ପାନୀୟଜଳ ସମସ୍ୟାର ସମାଧାନ ନ ହୁଏ ତାହାହେଲେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇବା ସହ ଧାରଣା ଦିଆଯିବ ବୋଲି ପୂର୍ବତନ ୱାର୍ଡ ମେମ୍ବର ନବୀନ ମହାନନ୍ଦିଆ କହିଛନ୍ତି। ଏନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅନନ୍ତ ବେହେରାଙ୍କୁ ପଚାରିବାରୁ ଅଭିଯୋଗ ପହଞ୍ଚିଛି। ସମସ୍ୟାର ସମାଧାନ ହୋଇଯିବ ବୋଲି କହିଥିଲେ।

## କଳଙ୍କି ଖାଇ ଗଲାଣି ନଳକୂଅ



ଶଗଡ଼ା, ୯ ।୪(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡଭେଲିପଦର ପଞ୍ଚାୟତ ସଦର ଗ୍ରାମର ମହାକୁଡ଼ପଡା ଛକ ନିକଟରେ ଥିବା ନଳକୂପ କଳଙ୍କି ଖାଇ ଗଲାଣି। ବହୁ ପରିଶ୍ରମ ପରେ ଏଥିରୁ ଅଳ୍ପ ପାଣି ବାହାରୁଥିବା ଲୋକେ ଅଭିଯୋଗ କରିଛନ୍ତି। ପୁଣି ଗୋଳିଆ ପାଣି ବାହାରୁଛି। ଏଣୁ ଏହା ବ୍ୟବହାର ଉପଯୋଗୀ ନୁହେଁ। ଏହି ନଳକୂପ ଉପରେ ପାଖାପାଖି ୫୦ ପରିବାର ନିର୍ଭର କରୁଛନ୍ତି। ଏହାକୁ ମରାମତି କରିବା ପାଇଁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅନେକ ଥର ଅଭିଯୋଗ କରି ଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାନ୍ତି। ପ୍ରଚଣ୍ଡ ଖରାରେ ଗ୍ରାମର ଲୋକେ ଅଧ କିଲୋମିଟର ଦୂର ଗାଁ ମୁଣ୍ଡରେ ଥିବା ନଳକୂପରୁ ପାଣି ଆଣି ବ୍ୟବହାର କରୁଛନ୍ତି। ଗ୍ରାମରେ କିଡ଼ନୀ ରୋଗ କାୟା ବିସ୍ତାର କରିଥିବା ବେଳେ ପାଣି ସମସ୍ୟା ଯୋଗୁଁ ଏହି ରୋଗ ହେଉଥିବା ଲୋକେ ଆଶଙ୍କା କରିଛନ୍ତି। କିଡ଼ନୀ ରୋଗରୁ ଗ୍ରାମକୁ ମୁକ୍ତ କରିବା ପାଇଁ ସମସ୍ତ ଜଳ ଉତ୍ସକୁ ପରୀକ୍ଷା କରିବା ସହ ସମସ୍ତ ନଳକୂପ ପାଇପଗୁଡ଼ିକୁ ବଦଳାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଶିକ୍ଷକ, କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ମନମୁଣ୍ଡା, ୯ ।୪(ସମିସ): କଣ୍ଟାମାଳ ବ୍ଲକ ଯୋଗୀନ୍ଦ୍ରପୁର କ୍ଲଷ୍ଟର ଗରିଆପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବଳରାମ ସାହୁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବାନ୍ଧନଝୁଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୀତାରାମ ହରିପାଲଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା।

ଏଥିରେ ଅବସରପ୍ରାପ୍ତ ସିଆରସିସି ଖଗେଶ୍ୱର ବସ୍ତିଆ, ଗୁଡେଭେଲିପଦର ସିଆରସିସି ବିଭୀଷଣ ହୋତା, ତୁଣ୍ଡୁମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଯୁଧିଷ୍ଠିର ମହାପାତ୍ର, ଗୋହିପିଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଆନନ୍ଦ ପରମଗୁରୁ, ପଦ୍ମତୋଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଚିତ୍ତରଞ୍ଜନ ସାହୁ, ରାବିଡି ସ୍କୁଲର ପ୍ରଧାନ ଶିକ୍ଷକ ଉସତ୍ କହଁର, ପ୍ରହଲ୍ଲାଦ ଭୋଇ, ଯୋଗୀନ୍ଦ୍ରପୁର ପ୍ରଧାନ ଶିକ୍ଷକ ସଣ୍ଡେଶ୍ୱର ନାଗ ପ୍ରମୁଖ ଶ୍ରୀ ସାହୁଙ୍କ ଗୁଣଗାନ କରିଥିଲେ।

**ଡୁଙ୍ଗୁରିପାଲି:** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ବଡକର୍ଲେ ପଞ୍ଚାୟତ ହାଇସ୍କୁଲର ଚତୁର୍ଥ ଶ୍ରେଣୀ କର୍ମଚାରୀ ସାଧୁଚରଣ ପଧାନ ମଧ୍ୟ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନ ଶିକ୍ଷକ ରମାକାନ୍ତ ପ୍ରଧାନ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ସୁବଳ ଚନ୍ଦ୍ର ମାଝି, ବିଦ୍ୟାଳୟ ପରିଚଳନା କମିଟିର ସଭାପତି ଭରତ ସାହୁ ଯୋଗଦେଇ ସାଧୁଚରଣଙ୍କ ଗୁଣଗାନ କରିବା ସହ ତାଙ୍କ ପ୍ରଶଂସା କରିଥିଲେ। ବିଦ୍ୟାଳୟର ଖେଳ ଶିକ୍ଷକ ରସିକ ପଧାନ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଗରୁଡ଼ ଅଦାବର ମାନପତ୍ର ପଠନ କରିଥିଲେ। ଶିକ୍ଷୟିତ୍ରୀ ଶିବାନୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ମିଳନ ପଧାନ, ନାରଦ ପଧାନ, ପ୍ରମୋଦ ପଧାନ, ରବୀନ୍ଦ୍ରନାଥ ଦୀପ, ରବୀନ୍ଦ୍ର ସାହୁ, ପଦ୍ମନାଭ ମହାରଣା, ରମେଶ ଚନ୍ଦ୍ର ସାହୁ, ସଂପଦ ଖମାରୀ ପ୍ରମୁଖ ଯୋଗ ଦେଇଥିଲେ। ସଧୁଚରଣଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ତାଙ୍କ ବାସଭବନକୁ ନିଆଯାଇଥିଲା।

## ଓଏଭି ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ଛାତ୍ରୀଛାତ୍ରୀ ସମ୍ବର୍ଦ୍ଧିତ



ବୌଦ୍ଧ, ୯ ।୪(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ବିରନରସିଂହପୁର କ୍ଲଷ୍ଟର ଅଧୀନ ବିରାମଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩ ଜଣ ଛାତ୍ରଛାତ୍ରୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଏମାନେ ହେଲେ ପ୍ରତ୍ୟୁଷ ପରଡ଼ିଆ, ସିମରନ ବେହେରା ଓ ପ୍ରିୟାଂଶି ପ୍ରିୟଦର୍ଶିନୀ ବେହେରା। ଏହି ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ କରଛନ୍ତି।

## ଛତିଶଗଡ଼ ପୁଲିସକୁ ଆକ୍ରମଣ କରି ହୋମଗାର୍ଡ ଗିରଫ



ବୌଦ୍ଧ, ୯ ।୪(ସମିସ): ଛତିଶଗଡ଼ ପୁଲିସ ଗାଡିକୁ ଆକ୍ରମଣ କରି ଜଣେ ହୋମଗାର୍ଡ ଗିରଫ ହୋଇଛି। ଅଭିଯୁକ୍ତ ହେଉଛି କଣ୍ଟାମାଳ ଥାନାର ହୋମଗାର୍ଡ ଝସକେତନ ରଣା। କିଛି ଦିନ ପୂର୍ବେ ଛତିଶଗଡ଼ ରାଜ୍ୟ ବଳରାମପୁର ଥାନା ପୁଲିସ ଏକ ଗଂଜେଇ ମାମଲାର ଅଭିଯୁକ୍ତକୁ ଗିରଫ କରିବାକୁ କଣ୍ଟାମାଳ ଆସିଥିଲା। ଏହି ସମୟରେ ଗଂଜେଇ ମାଫିଆକୁ ନେବାକୁ ଆସିଥିବା ପୁଲିସ କର୍ମଚାରୀ ସହ ଗାଡିକୁ ଆକ୍ରମଣ ହୋଇଥିଲା। ଏ ନେଇ ଛତିଶଗଡ଼ ପୁଲିସ ପକ୍ଷରୁ କଣ୍ଟାମାଳ ଥାନାରେ ଏତଲା ଦେବା ପରେ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିଲା।

## ଗଞ୍ଜେଇ କାରବାରରେ ଜଣେ ଗିରଫ



ତରଭା, ୯ ।୪(ସମିସ): ତରଭା ଏନ୍ଏସି ଅଧୀନ ୧୧ ନମ୍ବର ୱାର୍ଡର ଭିନ୍ନକ୍ଷମ ପର୍ଶୁ ତାଣ୍ଡି (୪୦) ନାମକ ଜଣେ ବ୍ୟକ୍ତିଙ୍କୁ ପୁଲିସ ଗଞ୍ଜେଇ କାରବାରରେ ଗିରଫ କରିଛି। ତାଙ୍କ ଘରେ ପୁଲିସ ଅତର୍କିତ ଚଢ଼ଉ କରିଥିଲା। ଘର ପଛପଟେ ବସ୍ତାରେ ଲୁଚା ଯାଇଥିବା ଗଞ୍ଜେଇ ପୁଲିସ ଜବତ କରିଛି। ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏଙ୍କ ଉପସ୍ଥିତିରେ ଓଜନ କରାଯିବାରୁ ୪୨ କେଜି ୪୭୦ ଗ୍ରାମ ଜଣା ପଡ଼ିଥିଲା। ଏହି ଚଢଉରେ ମେଣ୍ଢା ଫାଣ୍ଡି ଅଧିକାରୀ ପ୍ରେମରାଜ ସାହୁ, ହାବିଲଦାର ଶତ୍ରୁଘ୍ନ ମେହର, ରବୀନ୍ଦ୍ର କୁଅଁର, ଧୃବେନ୍ଦ୍ର ବେହେରା ପ୍ରମୁଖ ସାମିଲ ହୋଇଥିଲେ ବୋଲି ଆଇଆଇସି ଅନିତା କିଡୋ ସୂଚନା ଦେଇଛନ୍ତି।

## କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

ବୀରମହାରାଜପୁର, ୯ ।୪(ସମିସ): ସୁବଳୟା ପଞ୍ଚେଇ ସାହିଠାରେ ଏକ ବାଇକ୍ ଓ କାର ମଧ୍ୟରେ ଦୁର୍ଘଟଣା ଘଟିଛି। ଏଥିରେ ବାଇକ୍ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁବଳୟା ସହର ଗିଙ୍ଗିରାପଡା ବାସିନ୍ଦା କିଶୋରୀ ମେହେର(୫୩)। ସେ ସୁବଳୟା ପଟରୁ ଟିକିରାପଡା ରାସ୍ତାରେ ଯାଉଥିଲେ। ପଞ୍ଚେଇସାହିରେ ଆପରପାଶ୍ୱର୍ରୁ ଆସୁଥିବା ଏକ ଇନୋଭା ତାଙ୍କୁ ସମ୍ମୁଖରୁ ଧକ୍କା ଦେଇଥିଲା। ଛିଟିକି ପଡି ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଗୃହରକ୍ଷୀ ଓ ଲୋକେ ତାଙ୍କୁ ଉଦ୍ଧାର କରି ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର କିନ୍ତୁ କିଶୋରୀଙ୍କୁ ମୃତ ଘୋଷଣା କରିଥିଲେ। ସୁବଳୟା ପୁଲିସ ଘଟଣାର ତଦନ୍ତ ଚଳାଇଛି।

### ଓଡ଼ିଆ ପକ୍ଷ ପାଳନ ଅବସରରେ 'ଆସ ବହିଟିଏ କିଣିବା' ଅଭିଯାନ

## ପ୍ରତି ଘରେ ଓଡ଼ିଆ ବହିଟିଏ ରହିବା ଆବଶ୍ୟକ





ବୌଦ୍ଧ, ୯ ।୪ (ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ଚାଲିଥିବା ଓଡ଼ିଆ ପକ୍ଷ - ୨୦୨୬ ଅବସରରେ ଜିଲ୍ଲା ସଂଗ୍ରହାଳୟଠାରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଦ୍ୱାରା ଏହା ଶୁଭାରମ୍ଭ ହୋଇଥିଲା। ଜିଲ୍ଲାପାଳ ନିଜେ ପୁସ୍ତକ କିଣି ଏହି ଅଭିଯାନର ଶୁଭାରମ୍ଭ କରିଥିଲେ। ଏହାସହ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ବହିଟିଏ କିଣି ଦେଇଥିଲେ। ସମସ୍ତଙ୍କୁ ବହିଟିଏ କିଣି ପଢ଼ିବା ପାଇଁ ଅନୁରୋଧ କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟକୁ ଋଦ୍ଧିମନ୍ତ କରିବା ପାଇଁ ପ୍ରତି ଘରେ ବହି ରହିବା ଆବଶ୍ୟକ ବୋଲି ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ। ମାତୃଭାଷାର ବହି ପଢ଼ିବା ସହ ଅନ୍ୟମାନଙ୍କୁ ବହି ଉପହାର ଦେବା ପାଇଁ ସେ ଅନୁରୋଧ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ ଭୋଇଙ୍କ ସମେତ ଜିଲ୍ଲାର ଅନ୍ୟ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ନୂତନ ପିଢ଼ିର ଛାତ୍ରଛାତ୍ରୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ପୁସ୍ତକ ପଠନ ପ୍ରତି ଆଗ୍ରହ ସୃଷ୍ଟି କରିବା ଏହାର ଲକ୍ଷ୍ୟ ଥିଲା। ଏହି ଅବସରରେ ଉତ୍କଳ ପ୍ରସଙ୍ଗ, ଜଗନ୍ନାଥ ଜଣାଣ, ଓଡିଆ ଅଭିଧାନ, ସ୍ଥାନୀୟ କବି ଓ ଲେଖକଙ୍କ ବିଭିନ୍ନ ବହି ବିକ୍ରି କରାଯାଇଥିଲା। ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ଶାଖାର କନିଷ୍ଠ ସହାୟକ ଶୁଭ୍ରଜିତ ଦାନୀ, ଗ୍ରନ୍ଥାଗାରିକ ଅକ୍ଷୟ ମହାକୁଡ଼, କର୍ମଚାରୀ ଜିତେନ୍ଦ୍ର ମହାନ୍ତି, ବୀରକିଶୋର କର୍ମୀ, ପିଙ୍କି ବେହେରା, ପ୍ରଧାନ ଶିକ୍ଷକ ଅନୁଭବ ପଟ୍ଟନାୟକ, ଶିକ୍ଷକ ଗୋପାଳ ଅମାତ ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

- ସମସ୍ତେ ବହିଟିଏ କିଣି ପଢ଼ିବା ଆବଶ୍ୟକ
- ଅନ୍ୟମାନଙ୍କୁ ମଧ୍ୟ ବହି ଉପହାର ଦେବା ଉଚିତ

**ତରଭା:** ଓଡ଼ିଆ ପକ୍ଷ ପାଳନ ଅବସରରେ ଗୁରୁବାର ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମଧ୍ୟ 'ଆସ ବହିଟିଏ କିଣିବା ଦିବସ ଅଭିଯାନ' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ସଂସ୍କୃତି ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଏକ ପୁସ୍ତକ ଷ୍ଟଲ୍ ଆୟୋଜିତ ହୋଇଥିଲା। ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ଏହି ଷ୍ଟଲର ଉଦ୍‌ଘାଟନ କରିଥିଲେ। ଜିଲ୍ଲାପାଳ ଡ. ନୃପରାଜ ସାହୁ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ, ଉପ ଜିଲ୍ଲାପାଳ ସୌମ୍ୟରୂପା ରଥ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ଉଷାରଣୀ ଦାସଙ୍କ ସମେତ ଜିଲ୍ଲାର ବିଭିନ୍ନ ଅଧିକାରୀ, ଜିଲ୍ଲାର ବିଭିନ୍ନ ଅନୁଷ୍ଠାନର ବ୍ୟକ୍ତିବିଶେଷ ଓ ବୁଦ୍ଧିଜୀବୀ ଏହି ଷ୍ଟଲ୍ ପରିଦର୍ଶନ କରିବା ସହ ବହି କିଣିଥିଲେ। ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଏହା ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିଥିଲା। ଷ୍ଟଲରେ ଓଡିଶା ଓ ସୁବର୍ଣ୍ଣପୁରର କଳା, ସଂସ୍କୃତି ଓ ଇତିହାସ ଉପରେ ଆଧାରିତ ଆଞ୍ଚଳିକ କବି, କବିୟିତ୍ରୀ, ଲେଖକ ଓ ଲେଖିକାଙ୍କ ପୁସ୍ତକ ଉପଲବ୍ଧ ଥିଲା। ଏହା ମାଧ୍ୟମରେ ଆଞ୍ଚଳିକ ଲେଖକମାନଙ୍କୁ ପ୍ରୋତ୍ସାହନ ମିଳିଥିବା ବେଳେ ସେମାନଙ୍କ ରଚନାର ପ୍ରଚାର ପ୍ରସାର ହୋଇଥିଲା। ମୋଟ ୨୦୦ ଖଣ୍ଡ ପୁସ୍ତକ ବିକ୍ରି ହୋଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ପରିଚାଳନା କରିଥିଲେ।



## ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ରକ୍ତଦାନ ଶିବିର



ବୌଦ୍ଧ, ୯ ।୪(ସମିସ): ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାତୀୟ ସେବା ଯୋଜନା ଅଧିକାରୀ ସୁଶ୍ରୀ କେ.ପି. ଶାସ୍ୱତୀ ଶ୍ୱେତାଲିନା ଏବଂ ଯୁବ ୟୁଥ୍ ରେଡ଼କ୍ରସ୍ ଅଧିକାରୀ ସୁଶ୍ରୀ ପ୍ରଜ୍ଞା ପାରମିତା, ଡକ୍ଟର ଦେବସ୍ମିତା ନାଏକଙ୍କ ମିଳିତ ଆନୁକୂଲ୍ୟରେ ଅଧ୍ୟକ୍ଷ ରବୀନ୍ଦ୍ର ସାହୁ, କଲେଜ ପ୍ରଶାସନିକ ଅଧିକାରୀ ପ୍ରମୋଦ ମେହେର ଏବଂ ବୌଦ୍ଧ ଜିଲ୍ଲା ଜାତୀୟ ସେବା ଯୋଜନା ଅଧିକାରୀ ଡକ୍ଟର କଳ୍ପତରୁ ନାୟକଙ୍କ ଉପସ୍ଥିତିରେ ୨୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବୌଦ୍ଧ ରକ୍ତ ଭଣ୍ଡାର ଅଧିକାରୀ ଡକ୍ଟର ବି.କେ. ଆର୍.ସି.ଦେଓ ହେମରମ୍ ଏବଂ ତାଙ୍କ ସହଯୋଗୀମାନେ ସହାୟତା କରିଥିଲେ।

ଉତ୍କର୍ଷ ବୀର, ଡକ୍ଟର ଶୁଭ୍ରଜିତ୍ ବେହେରା, ଟୁନା ମେହେର, ପ୍ରିତମ ଦାସ, ଅଶ୍ୱିନୀ ମାଝି, ସୌମ୍ୟରଞ୍ଜନ ନାୟକ, ସୁଧାଂସୁ ଶେଖର ଭୋଇ, ମନିଷା ଦାସ ଜୟସିଂ, ଦିବ୍ୟ ନାଏକ ପ୍ରମୁଖ ରକ୍ତଦାନ କରିଥିଲେ। ଅଧ୍ୟାପିକା ଜ୍ୟୋତିର୍ମୟୀ କହଁର ଏବଂ ମହେଶ୍ୱର ପ୍ରଧାନ ସହଯୋଗ କରିଥିଲେ।

### ନବନିର୍ମିତ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ତାଲା

## ଏଏନ୍ଏମ୍ ରହୁ ନାହାନ୍ତି, ସ୍ୱାସ୍ଥ୍ୟସେବାରୁ ଲୋକେ ବଞ୍ଚିତ

ଶଗଡ଼ା, ୯ ।୪(ସମିସ)

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ବିଭିନ୍ନ ପଞ୍ଚାୟତରେ ସରକାର ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଖୋଲିଛନ୍ତି। ସରକାର ଲୋକଙ୍କୁ ହାତ ପାହାନ୍ତରେ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଯୋଗାଇବା ଉଦ୍ଦେଶ୍ୟରେ ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଖୋଲିଛନ୍ତି; ହେଲେ କଣ୍ଟାମାଳ ବ୍ଲକରେ ଏହା ଲୋକଙ୍କ କାମରେ ଆସୁ ନ ଥିବା ଅଭିଯୋଗ ହୋଉଛି। ବ୍ଲକର ଲୋକାପଡା, ଶିମିଳି ପଦର, ଉମା, ଖଟଖଟିଆ ଆଦି ଅନେକ ସ୍ଥାନରେ ପାଖାପାଖି ବର୍ଷେରୁ ଅଧିକ ସମୟ ହେଲା ସ୍ୱାସ୍ଥ୍ୟ ଉପକେନ୍ଦ୍ର ଖୋଲା ଯାଇଛି। ବର୍ତ୍ତମାନ ସୁଦ୍ଧା କୌଣସି ସ୍ଥାନରେ ଜଣେ ମଧ୍ୟ ଏଏନଏମ୍ ରହୁ ନ ଥିବା ଜଣା ପଡିଛି।

**କାମରେ ଆସୁନି ଲକ୍ଷାଧିକ ଟଙ୍କାର କୋଠା**

ଚିକ୍କଣ କୋଠା ସାଙ୍ଗକୁ ଆବଶ୍ୟକ ସମସ୍ତ ବ୍ୟବସ୍ଥା ସମ୍ପୂର୍ଣ୍ଣ କରାଯାଇଥିଲେ ମଧ୍ୟ ଏହା ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ଅସମର୍ଥ। ଏହା କାର୍ଯ୍ୟକାରୀ ହୋଇ ନ ଥିବାରୁ ଅନାବନା ଗଛଲତାରେ ଭର୍ତ୍ତି ହୋଇଥିବା ବେଳେ ରାକ୍ଷଣାବେକ୍ଷଣ ଅଭାବରୁ ଏହା ଭୂତ କୋଠି ପାଲଟିବାକୁ ବସିଲାଣି। ଏହି କେନ୍ଦ୍ରଗୁଡିକରେ ନିୟୋଜିତ ଏଏନଏମ୍‌ମାନେ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ରହି ଚିକିତ୍ସା ସେବା ଯୋଗାଇବାର ନିୟମ ଥିଲେ ସୁଦ୍ଧା ନିଜ କେନ୍ଦ୍ରରେ ନ ରହି ମନମୁଣ୍ଡା, କଣ୍ଟାମାଳ କିମ୍ବା ସୋନପୁରରେ ରହୁଥିବା ଲୋକେ ଅଭିଯୋଗ କରିଛନ୍ତି। ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଉପରେ ନିର୍ଭର କରୁଥିବା ଲୋକେ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ନ ପାଇ ବାଧ ହୋଇ ମନମୁଣ୍ଡା ଅଥବା କଣ୍ଟାମାଳ ଉପରେ ନିର୍ଭର କରିଥାନ୍ତି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହେଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଏହା କାର୍ଯ୍ୟକାରୀ ନ ହୋଇ ପଡି ରହିଥିବାରୁ ଲୋକେ ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ବାରମ୍ବାର ସ୍ଥାନୀୟ ଲୋକେ ସ୍ୱାସ୍ଥ୍ୟ ଉପକେନ୍ଦ୍ର କାର୍ଯ୍ୟକାରୀ ନେଇ ଅଧିକାରୀଙ୍କୁ ଅଭିଯୋଗ କରି ଆସୁଥିବା ବେଳେ ବିଭାଗୀୟ ଅଧିକାରୀ ଏହାକୁ ଗୁରୁତ୍ୱ ଦେଉ ନ ଥିବାରୁ ଏଭଳି ଅସୁବିଧା ହେଉଥିବା ଲୋକେ ପ୍ରକାଶ କରିଛନ୍ତି। ଲୋକଙ୍କ ସ୍ୱାସ୍ଥ୍ୟ ସେବାକୁ ଦୃଷ୍ଟିରେ ରଖି ଖୁବ ଶୀଘ୍ର ଉକ୍ତ କେନ୍ଦ୍ର ଗୁଡିକରେ ଏଏନଏମ ନିଯୁକ୍ତି କରି ଏହାକୁ କାର୍ଯ୍ୟକାରୀ କରିବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି।

ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ

# ସମ୍ପାଦକଙ୍କ ନାଁରେ ଥିବା ଅଭିଯୋଗର ହେବ ତଦନ୍ତ

**ନୟାଗଡ଼, ୯।୪(ସମିସ):** ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କରେ ଲାଗି ରହିଥିବା ଅଚଳାବସ୍ଥା ଏବେ ବି ଦୂର ହୋଇନାହିଁ। ବ୍ୟାଙ୍କ ସଭାପତି ରବୀନ୍ଦ୍ର କୁମାର ସାହୁ ଏବଂ ଉପସଭାପତି ମୌସୁମୀ ସାହୁ ବିଜେପିରେ ମିଶିଥିଲେ ସୁଦ୍ଧା ବ୍ୟାଙ୍କରେ ସେମାନଙ୍କ ସ୍ଥିତିରେ ପରିବର୍ତ୍ତନ ହୋଇନାହିଁ। ଏଭଳି ସ୍ଥିତିରେ ବିଗତ ଦିନରେ ପରିଚାଳନା ପରିଷଦ ପକ୍ଷରୁ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକଙ୍କ ନାଁରେ ହୋଇଥିବା ଅଭିଯୋଗର ୧୦ ତାରିଖ ଯୁଗ୍ମ ତଦନ୍ତ ହେବ ବୋଲି ସୂଚନା ମିଳିଛି। ରାଜ୍ୟ ସମବାୟ ନିବନ୍ଧକଙ୍କ ପକ୍ଷରୁ ଏନେଇ ବ୍ୟାଙ୍କ ସଭାପତିଙ୍କୁ ଚିଠି କରାଯାଇଛି। ଗତ ୬ ତାରିଖ ଚିଠି ନଂ ୭୦୧୯ ଅନୁସାରେ, ଆସନ୍ତା ୧୦ ତାରିଖ ପୂର୍ବାହ୍ନ ୧୧ଟାରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ନେଇ ଏବେ ସମବାୟବିତ୍‌ଙ୍କ ମଧ୍ୟରେ ଉତ୍ସାହ ଓ ଆଶଙ୍କା ସୃଷ୍ଟି ହୋଇଛି।

ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ଆୟକର ମାମଲାରେ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଏକ ସଂସ୍ଥାକୁ ପ୍ରଦାନ କରାଯିବାକୁ ନେଇ ସମ୍ପାଦକ ଓ ପରିଚାଳନା ପରିଷଦ



ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଏହାକୁ ନେଇ ସମ୍ପାଦକ ଓ ବୋର୍ଡ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଥାନାରେ ମାମଲାଠାରୁ ଆରମ୍ଭ କରି ବିଭିନ୍ନ ଫୋରମରେ ପରସ୍ପର ମଧ୍ୟରେ ଶୀତଳ ଯୁଦ୍ଧ ଲାଗି ରହିଥିଲା।

ଏ ନେଇ ଉଚ୍ଚ ନ୍ୟାୟାଳୟ ବ୍ୟାଙ୍କ ଆର୍ଥିକ କ୍ଷମତା ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ସେବେଠାରୁ ସଭାପତିଙ୍କ ସହ ବ୍ୟାଙ୍କ କର୍ମଚାରୀ ମଧ୍ୟ ଅସହଯୋଗ କରି ଆସୁଥିଲେ। ଏହାକୁ ବ୍ୟାଙ୍କ ସମ୍ପାଦକଙ୍କ ପକ୍ଷରୁ ଆହ୍ୱାନ କରାଯାଇଥିବା ସାଧାରଣ ସଭାରେ ଜୋରଦାର ବିରୋଧ ହୋଇଥିଲା। ସଭାପତିଙ୍କ ପକ୍ଷରୁ ଆହ୍ୱାନ ସାଧାରଣ ସଭାକୁ ସମ୍ପାଦକ ଆସି ନ ଥିଲେ। ଏଭଳି ଅଚଳାବସ୍ଥା ପରିସ୍ଥିତି ଲାଗି ରହିଥିବା ବେଳେ ସଭାପତି ଓ ଉପସଭାପତି ବିଜେପିରେ ମିଶିବା ଘଟଣା ଭିନ୍ନ ପରିସ୍ଥିତି ସୃଷ୍ଟି କରିଛି।

## ୧୧ ଦିନରେ ଅବସରପ୍ରାପ୍ତ କର୍ମଚାରୀଙ୍କ ଧାରଣା

ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀମାନେ ଗତ ୩୦ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ସେମାନଙ୍କ କଥାକୁ ବିଚାରକୁ ନିଆଯାଉ ନାହିଁ। ସଂଘ ସଭାପତି ଜୟକୃଷ୍ଣ ଜେନାଙ୍କ ସୂଚନା ମୁତାବକ, ସଂଘର ଦାବି ପୂରଣ କରିବା ଦିଗରେ ବ୍ୟାଙ୍କ କର୍ତ୍ତୃପକ୍ଷ ତଥା ପ୍ରଶାସନିକ ଅଧିକାରୀ ତଥା ଜିଲ୍ଲାପାଳ ଏବଂ ବ୍ୟାଙ୍କ ସମ୍ପାଦକ ସଂଶୋଧିତ ଷଷ୍ଠ ଓ ସପ୍ତମ ବେତନ କମିଶନ ସୁପାରିସ ଆଧାରରେ ଦରମା ଦେବାରେ ବାଧକ ହୋଇଛନ୍ତି। ଏ ନେଇ ସଂଘ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲା। ମାମଲାର ବିଚାର କରି ଉଚ୍ଚ ନ୍ୟାୟାଳୟ କର୍ମଚାରୀଙ୍କ ସପକ୍ଷରେ ରାୟ ମଧ୍ୟ ଶୁଣାଇ ସାରିଛନ୍ତି। ଏହି ରାୟ ପ୍ରକାଶ ପାଇବାର ତିନି ମାସ ବିତି ଯାଇଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ ନ କରି ବ୍ୟାଙ୍କ କର୍ତ୍ତୃପକ୍ଷ ଅଦାଲତଙ୍କ ନିର୍ଦ୍ଦେଶକୁ ଅବମାନନା କରିଛନ୍ତି। ଏହାର ପ୍ରତିବାଦରେ ବାର୍ଦ୍ଧକ୍ୟରେ ଚରମ ଦୁର୍ଦ୍ଦଶା ଭୋଗୁଥିବା ପୂର୍ବତନ କର୍ମଚାରୀମାନେ ବ୍ୟାଙ୍କ ସାମ୍ନାରେ ୧୧ ଦିନ ଧରି ଧାରଣା ଦେଇଥିବା ବେଳେ ପରିଚାଳନା ପରିଷଦ କିମ୍ବା ଜିଲ୍ଲାପାଳ ତାଙ୍କ ଗୁହାରି ଶୁଣୁ ନ ଥିବା ଅଭିଯୋଗ ହୋଇଛି। ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଏବେ ଦେବାଳିଆ ଅବସ୍ଥାରେ ଥିବା ବେଳେ ଆଗକୁ ପରିସ୍ଥିତି କ'ଣ ହେବ, ତାହାକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି।

■ କୋମଣ୍ଡ ଅଞ୍ଚଳରୁ ମାଙ୍କଡ଼ା ପଥର ଚୋରା ଚାଲାଣ ବୃଦ୍ଧି

# ଖଣି ମାଫିଆଙ୍କ ଚକ୍ରବ୍ୟୂହରେ ପ୍ରଶାସନ ଅସହାୟ



**ଓଡ଼ଗାଁ, ୯।୪(ସମିସ):** ଓଡ଼ଗାଁ ଥାନା କୋମଣ୍ଡ ରାଜସ୍ୱ ଅଞ୍ଚଳରେ ମାଙ୍କଡ଼ା ପଥର ଚୋରା ଚାଲାଣ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଜିଲ୍ଲା ଖଣି ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠିଛି। ପ୍ରତିଦିନ ରାତିରେ ହଜାର ହଜାର ପଥର ଚୋରାରେ ପରିବହନ ହେଉଥିବା ସତ୍ତ୍ୱେ ମାଫିଆଙ୍କ ଚକ୍ରବ୍ୟୂହକୁ ଭେଦ କରିବାରେ ପ୍ରଶାସନ ବିଫଳ ହେଉଛି। ଅଞ୍ଚଳରୁ ପ୍ରାୟ ଦୁଇଦଶନ୍ଧି ଧରି ମାଙ୍କଡ଼ା ପଥର ଉତ୍ତୋଳନ ହୋଇଆସୁଛି। ନୟାଗଡ଼ ସହ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଦୈନିକ ପଥର ଚାଲାଣ ହେଉଛି। କିନ୍ତୁ ଗତ କିଛିବର୍ଷ ଧରି ଖଣିଗୁଡ଼ିକର ନିଲାମ ପ୍ରକ୍ରିୟା ସମ୍ପୂର୍ଣ୍ଣ ବନ୍ଦ ଥିବାରୁ ଏହାକୁ ଏକ ସୁଯୋଗ ଭାବେ ନେଇ ପଥର ମାଫିଆମାନେ ସକ୍ରିୟ ହୋଇ ଉଠିଛନ୍ତି। ସେମାନେ ପ୍ରଶାସନିକ ନିୟମକୁ ବେଖାତିର କରି ଏକଚାଟିଆ ଭାବେ ଚୋରା ଚାଲାଣ କରି ଅଧିକ ଲାଭ କମାଉଛନ୍ତି। ଏହାକୁ ରୋକିବା ପାଇଁ ଜିଲ୍ଲା ଖଣି ବିଭାଗ ପକ୍ଷରୁ ବାରମ୍ବାର ଉଦ୍ୟମ ହେଉଥିଲେ ମଧ୍ୟ ସେପରି ଆଖିଦୃଶିଆ ସଫଳତା ମିଳୁନି। ଏହା ବିଭାଗର ଅସମର୍ଥତାକୁ ପ୍ରକାଶ କରୁଛି। ଅନ୍ୟପକ୍ଷରେ ଓଡ଼ଗାଁ ପୁଲିସ କେତେକ ପଥର ବୋଝେଇ ଗାଡ଼ି ଜବତ କରିଥିଲେ ମଧ୍ୟ ଜରିମାନା ଆଦାୟ ପରେ ସେଗୁଡ଼ିକୁ ଛାଡ଼ି ଦିଆଯାଉଛି। ସେହି ଗାଡ଼ିଗୁଡ଼ିକ ପୁଣି ଚୋରା ଚାଲାଣରେ ବ୍ୟବହୃତ ହେଉଥିବା ଦେଖାଯାଉଛି। ଏହି ଅବୈଧ କାର୍ଯ୍ୟକଳାପ ଫଳରେ ସରକାରଙ୍କ ଲକ୍ଷାଧିକ ଟଙ୍କା ରାଜସ୍ୱ କ୍ଷତି ହେଉଥିବା ବେଳେ ପରିବେଶ ସନ୍ତୁଳନ ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହେଉଛି। ମାର୍ଚ୍ଚ ୨୭ରୁ ଓଡ଼ଗାଁରେ ଶ୍ରୀରାମ ନବମୀ ଯାତ୍ରା ଆରମ୍ଭ ପରଠାରୁ ଚୋରା ଚାଲାଣ ଅଧିକ ତୀବ୍ର ହୋଇଛି। ସ୍ଥାନୀୟ ଲୋକଙ୍କ ମତ ଅନୁସାରେ, ପ୍ରକୃତିର ସନ୍ତୁଳନ ରକ୍ଷା ପାଇଁ ଖଣିଗୁଡ଼ିକୁ ସଠିକ୍ ଭାବରେ ଚିହ୍ନଟ କରି ନିଲାମ କରାଯିବା କିମ୍ବା ଚୋରା ପଥର ଉତ୍ତୋଳନକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ଆବଶ୍ୟକ ରହିଛି।

# ଖଣ୍ଡପଡ଼ାକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବି

**ଖଣ୍ଡପଡ଼ା, ୯।୪(ସମିସ):** ଖଣ୍ଡପଡ଼ାକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ପ୍ରଦାନ ନେଇ ଅଞ୍ଚଳବାସୀ ଦୀର୍ଘ ବର୍ଷ ଧରି ଦାବି କରି ଆସୁଥିଲେ ହେଁ ପ୍ରଶାସନିକ ଉଦାସୀନତା ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ତାହା ସମ୍ଭବ ହୋଇପାରି ନାହିଁ। ଖଣ୍ଡପଡ଼ାକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ପ୍ରଦାନ ଦାବିରେ ଭାରତ ବିକାଶ ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖଣ୍ଡପଡ଼ା ତହସିଲଦାର ବିଶ୍ୱବିଶୃତ ତ୍ରିପାଠୀଙ୍କୁ



ଗୁରୁବାର ଦାବିପତ୍ର ପ୍ରଦାନ କରାଯାଇଛି। ଭାରତ ବିକାଶ ପରିଷଦ ରାଜ୍ୟ ସଭାପତି ସୁରେନ୍ଦ୍ର କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ରାଜ୍ୟ ଉପସଭାପତି ନିରଞ୍ଜନ ଦାସ, ରାଜ୍ୟ ଯୁବ ସଭାନେତ୍ରୀ ସୁନିତା ପଟ୍ଟନାୟକଙ୍କ ସମେତ ଖଣ୍ଡପଡ଼ା ସହରର ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟରେ ତହସିଲଦାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ବିଭିନ୍ନ ଦିଗରୁ ଖଣ୍ଡପଡ଼ା ରାଜସ୍ୱ ଉପଖଣ୍ଡ ମାନ୍ୟତା ପାଇବା ପାଇଁ ହକଦାର ବୋଲି ସମସ୍ତ ତଥ୍ୟ ଉପସ୍ଥାପନ କରିଛନ୍ତି।

ଜିଲ୍ଲାର ପ୍ରଥମ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ଖଣ୍ଡପଡ଼ା ୧୯୮୯ରେ ମାନ୍ୟତା ପାଇଥିଲା। ମାତ୍ର ଦୀର୍ଘ ୩୬ ବର୍ଷ ପରେ ମଧ୍ୟ ଖଣ୍ଡପଡ଼ା ସବଡିଭିଜନ ମାନ୍ୟତା ପାଇପାରିଲା ନାହିଁ। ଏଥିପ୍ରତି ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କ ସମେତ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପ୍ରମୁଖ ଶାସନ ସଚିବ, ରାଜସ୍ୱ କମିଶନର ଦୃଷ୍ଟି ଦେବାକୁ ଭାରତ ବିକାଶ ପରିଷଦ ଦାବି କରିଛି। ଆସନ୍ତା ୧ ମାସ ମଧ୍ୟରେ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଆନୁସଙ୍ଗିକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ନଚେତ ଭାରତ ବିକାଶ ପରିଷଦ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ହରତାଳ କରିବା ସହ ଆବଶ୍ୟକ ପଡ଼ିଲେ ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ରୁଜୁ କରିବ ବୋଲି ପରିଷଦର ସଭାପତି ପାଣିଗ୍ରାହୀ ପ୍ରେସ ବିବୃତିରେ ଜଣାଇଛନ୍ତି।

ସମସ୍ୟା ଘେରରେ ବଡ଼ଶିଲିଙ୍ଗା ପଞ୍ଚାୟତ

# ଲୋକସେବା ଭବନ ଆଗରେ ଧାରଣା ଚେତାବନୀ



**ଗଣିଆ, ୯।୪(ସମିସ):** ଭାରତ ବିକାଶ ପରିଷଦ ତରଫରୁ ଗଣିଆ ବ୍ଲକ ବଡ଼ସିଲିଙ୍ଗା ପଞ୍ଚାୟତ ଗୋଛାବାରୀ ଗ୍ରାମରେ ମାଗୁଣି ପ୍ରଧାନଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହେଇଛି। ମୁଖ୍ୟଅତିଥି ରୂପେ ଭାରତ ବିକାଶ ପରିଷଦ ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ରୂପେ ଉପସଭାପତି ନିରଞ୍ଜନ ଦାସ, ଯୁବ ସଭାନେତ୍ରୀ ସୁନିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ ବଡ଼ଶିଲିଙ୍ଗା, ଛାମୁଣ୍ଡିଆ ପଞ୍ଚାୟତ ଓ ଦଶପଲ୍ଲା ବ୍ଲକର ବିସ୍ଥାପିତ ଅଞ୍ଚଳ ଆଦିବାସୀମାନେ ଯୋଗଦେଇଥିଲେ। କିଛି ମାସ ତଳେ ଗଣିଆ ବ୍ଲକ ସମ୍ମୁଖରେ ତିନିଦିନିଆ ଗଣଧାରଣା ଦିଆଯାଇଥିଲା। ଜିଲ୍ଲାର ବିଭିନ୍ନ ବିଭାଗର ସମସ୍ତ ଅଧିକାରୀ ଧାରଣାସ୍ଥଳକୁ ଆସି ସମସ୍ତ ଦାବି ତୁରନ୍ତ କାର୍ଯ୍ୟକାରୀ କରିବାକୁ ପ୍ରକାଶ କରିଥିଲେ ମଧ୍ୟ କେବଳ ଟେଲିଫୋନ ଟାୱାର ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ କରାଯାଇ ନାହିଁ। ପୋଷ୍ଟ ଅଫିସ କେବଳ ବ୍ୟାନର ଓ ପୋଷ୍ଟରରେ ସୀମିତ। ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଦେଇଥିବା ପ୍ରତିଶ୍ରୁତି ପାଣିର ଗାର ହୋଇ ରହିଯାଇଛି। ରାଜ୍ୟ ସରକାରଙ୍କ ପ୍ରତି ଆଦିବାସୀଙ୍କ ଭରସା, ବିଶ୍ୱାସ, ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କ ଉପରେ ତୁଟିଗଲା। ତେଣୁ ଆସନ୍ତା ମେ ୧୨ ତାରିଖ ସ୍ଥାନୀୟ ଅଞ୍ଚଳର ୫ ହଜାର ଲୋକଙ୍କୁ ନେଇ ମୌଳିକ ସୁବିଧା ପ୍ରଦାନ ଦାବିରେ ଲୋକସେବା ଭବନ ସମ୍ମୁଖରେ ଗଣଧାରଣା ଦେବାକୁ ସ୍ଥିର କରାଯାଇଛି। ସ୍ୱାଧୀନତାର ୭୮ ବର୍ଷ ବିତିଗଲେ ମଧ୍ୟ ଜିଲ୍ଲାର ୧୬୬୭ ଗ୍ରାମ ମଧ୍ୟରୁ ୭୯୨ ଆଦିବାସୀ ଗ୍ରାମକୁ ବିଦ୍ୟୁତ ଯୋଗାଣ, ପକ୍କା ରାସ୍ତା, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଟେଲିଫୋନ, ଅଙ୍ଗନବାଡ଼ି କେନ୍ଦ୍ର, ଟଙ୍କିକିଆ ଚାଉଳ ଯୋଗାଣ, ଇତ୍ୟାଦି ମୌଳିକ ସୁବିଧାରୁ ବଞ୍ଚିତ ଥିବା ଜିଲ୍ଲାପାଳ ସତ୍ୟପାଠ ମାଧ୍ୟମରେ ମାନ୍ୟବର ଉଚ୍ଚ ନ୍ୟାୟାଳୟକୁ ଜଣାଇଛନ୍ତି।

# ପୌର ପରିଷଦରେ ଟେଣ୍ଡର ଫିକ୍ସିଂ ଅଭିଯୋଗ

**ନୟାଗଡ଼, ୯।୪(ସମିସ):** ନୟାଗଡ଼ ପୌର ପରିଷଦରେ ଟେଣ୍ଡର ଫିକ୍ସିଂ। ଖୋଦ୍ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ପୃଷ୍ଠପୋଷକତାରେ ଟେଣ୍ଡର ଫିକ୍ସିଂ ହୋଇଥିବା ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ପ୍ରାୟ ଅଢ଼େଇ କୋଟି ଟଙ୍କା ଅଟକଳ ମୂଲ୍ୟ ୩୨ଟି ଠିକା କାର୍ଯ୍ୟକୁ ଓପିଡବ୍ଲ୍ୟୁଡି ନିୟମାବଳୀକୁ ଉଲ୍ଲଂଘନ କରାଯାଇ କାର୍ଯ୍ୟନିର୍ବାହୀ ଅଧିକାରୀ ତାଙ୍କର କିଛି ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ତିନି ଚାରିଟା ଲେଖାଏଁ ପ୍ରକଳ୍ପ କାର୍ଯ୍ୟ ଦେଇଥିବା ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଠିକାକାର୍ଯ୍ୟ ପାଇଁ ଅନଲାଇନ ଟେଣ୍ଡର ଆବେଦନ ପାଇଁ ପୌର ପରିଷଦ ପକ୍ଷରୁ ବିଜ୍ଞାପନ ପ୍ରକାଶ କରାଯାଇଥିଲା। ଓପିଡବ୍ଲ୍ୟୁଡି ନିୟମ ଆଧାରରେ ଅନଲାଇନ ବିଡିଂ ପରେ ପୁନଶ୍ଚ ଅଫଲାଇନ ଦରଖାସ୍ତ ମାଧ୍ୟମରେ କାର୍ଯ୍ୟନିର୍ବାହୀ ଅଧିକାରୀ ଟେଣ୍ଡର ଫିକ୍ସିଂ ପ୍ରୋତ୍ସାହନ ପାଇଁ ଠିକାଦାର ସଙ୍ଘ ସହ ଷଡ଼ଯନ୍ତ୍ର କରିଥିବା ଅଭିଯୋଗ ହୋଇଛି। ରାଜ୍ୟ ରାଜକୋଷରୁ ୪୦ ଲକ୍ଷ ଟଙ୍କା କ୍ଷତି ହୋଇଥିବା ଅଭିଯୋଗ ହୋଇଛି। ଏହି ଟେଣ୍ଡର ଫିକ୍ସିଂରେ ନିର୍ବାହୀ ଅଧିକାରୀଙ୍କ ଭୂମିକା ସନ୍ଦେହଜନକ ଥିବା କଂଗ୍ରେସ ନେତା ଦାଶ ଦାବି କରିଛନ୍ତି। ଏନେଇ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରେ, ଯାହା ଲେଖିବା କଥା ଲେଖନ୍ତୁ କହି ଫୋନ୍ କାଟି ଦେଇଛନ୍ତି।

# ୫ ନୂତନ ରାଜସ୍ୱ ଗ୍ରାମ ପାଇଁ ପ୍ରଶାସନିକ ତତ୍ପରତା

**ଭାପୁର, ୯।୪(ସମିସ):** ରାଜ୍ୟରେ ପଡ଼ା ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଯେଉଁ ପଡ଼ା ଗ୍ରାମର ଲୋକସଂଖ୍ୟା ୨୫୦ରୁ ଊର୍ଦ୍ଧ୍ୱ ଓ ମୁଖ୍ୟ ରାଜସ୍ୱ ଗ୍ରାମଠାରୁ ୫ ଶହ ମିଟର ଦୂରରେ ଅବସ୍ଥିତ ସେହି ଗ୍ରାମଗୁଡ଼ିକ ଏହି ସୁବିଧା ପାଇପାରିବେ। ଯେଉଁ ପଡ଼ା ଗ୍ରାମଗୁଡ଼ିକ ଏହି ଦୁଇ ମୁଖ୍ୟ ଗାଇଡ୍‌ଲାଇନ ପୂରଣ କରିପାରୁ ନ ଥିବେ ବରଂ ଅନ୍ୟ କେତେକ ଗାଇଡଲାଇନକୁ ଆଧାର କରି ସେଗୁଡ଼ିକ ମଧ୍ୟ ରାଜସ୍ୱ ଗ୍ରାମ ହୋଇପାରିବେ। ରାଜ୍ୟ ସରକାର ନୂତନ ପଞ୍ଚାୟତ, ନୂତନ ବ୍ଲକ ଓ ନୂତନ ଜିଲ୍ଲା ଗଠନ କରିବା ପୂର୍ବରୁ ପଡ଼ା ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମ ମାନ୍ୟତା ଦେବା ପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ଆଧାରରେ ଭାପୁର ତହସିଲର ୫ଟି ପଡ଼ା ଗ୍ରାମ ରାଜସ୍ୱ ଗ୍ରାମ ପାଇବା ପାଇଁ ରାଜସ୍ୱ ବିଭାଗ ନିକଟରେ ଆବେଦନ କରିଛନ୍ତି। ସେହି ଗ୍ରାମଗୁଡ଼ିକ ହେଲା ବାଘୁଆପଲ୍ଲି ପଞ୍ଚାୟତ ଦାରୁଢିପ, ବାଇଗୁଣିଆ ପଞ୍ଚାୟତ କୁଞ୍ଜବିହାରୀପୁର ଶାସନ, ବାଉଁଶବାଟୀ ପଞ୍ଚାୟତ ବାଘଡିଆ, ରାକମା ପଞ୍ଚାୟତର ମାନପୁର ଓ ଭାପୁର ପଞ୍ଚାୟତର ମାନପୁର। ଏହି ପଡ଼ା ଗ୍ରାମଗୁଡ଼ିକ ରାଜସ୍ୱ ଗ୍ରାମ ମାନ୍ୟତା ପାଇବା ପାଇଁ ସରକାରୀ ସ୍ତରରେ କାର୍ଯ୍ୟ ଆରମ୍ଭ ହୋଇଥିବା ଭାପୁର ତହସିଲ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। କେତେକ ସ୍ଥାନରେ ଏହାକୁ ନେଇ ରାଜନୀତି ଆରମ୍ଭ ହୋଇଛି। ସମୂହ ସ୍ୱାର୍ଥକୁ ଉପେକ୍ଷା କରି କେତେକ କୁଜିନେତା ନିଜ ଭୋଟବ୍ୟାଙ୍କ ବୃଦ୍ଧି କରିବା ପାଇଁ ହୀନ ପ୍ରୟାସ କରିବା, ଭାଇଚାରା ନଷ୍ଟ କରିବା ସହ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ଅଭିଯୋଗ ହେଉଛି।

# ଶନି ମନ୍ଦିର ରତ୍ନମୁଦ ଉତ୍ସବ

**ଗଣିଆ, ୯।୪(ସମିସ):** ଗଣିଆ ପଞ୍ଚାୟତ ବାଲିସାହି ଗ୍ରାମରେ ନିର୍ମିତ ଶନି ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଛି। ପୂଜକ ବିଶ୍ୱେଶ୍ୱର ମିଶ୍ରଙ୍କ ତତ୍ତ୍ୱାବଧାନରେ କର୍ତ୍ତା ଭାବେ ପୂର୍ଣ୍ଣଚନ୍ଦ୍ର ମିଶ୍ର ଏବଂ ତାଙ୍କ ଧର୍ମପତ୍ନୀ ମିନତୀ ମିଶ୍ର ଉପସ୍ଥିତ ଥିଲେ। ୭୫ ବର୍ଷ ଧରି ଏହି ମନ୍ଦିରରେ ଶନିଦେବଙ୍କ ପୂଜା ହୋଇଆସୁଥିବା ବେଳେ ଏବେ ନୂତନ ମନ୍ଦିର ନିର୍ମାଣ ହୋଇଛି। ଏହି ଅବସରରେ ସକାଳୁ ଖୋଳ କୀର୍ତ୍ତନ କରି ବନଯୋଗ ପଦ୍ଧତି ଅନୁସାରେ ନଦୀ କୂଳରେ ବରୁଣ ଗଛମୂଳେ ଯଜ୍ଞ ଆରମ୍ଭ ହୋଇଥିଲା। କାରିଗର ଇନ୍ଦ୍ର ଓ ଇନ୍ଦ୍ରାଣୀ ମୂର୍ତ୍ତି ତିଆରି କରିବା ପରେ ଯଥାବିଧି ସ୍ନାନ, ନ୍ୟାସ କରି ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରେ ଗ୍ରାମବାସୀ ଏବଂ ଆଖପାଖ ଅଞ୍ଚଳ ଲୋକେ ସୁନା, ରୁପା, ପିତ୍ତଳ, ଧାନ, ବିରି, ମୁଗ ଆଦି ମନ୍ଦିର ଚୂଡ଼ାରେ ଭରିବା ପରେ ରତ୍ନମୁଦ କାର୍ଯ୍ୟ ସମାପନ ହୋଇଥିଲା। ହରିବୋଲ ହୁଳହୁଳିରେ ଗ୍ରାମ କମ୍ପି ଉଠିଥିଲା। କନିଷ୍ଠ ଯନ୍ତ୍ରୀ ନେତ୍ରରଞ୍ଜନ ମିଶ୍ର, ସରପଞ୍ଚ ଗିରିଧାରୀ ସେଠୀ, ସମିତି ସଭ୍ୟ ଫକୀର ମୋହନ ଡାକୁଆଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଗ୍ରାମର ସୁରେନ୍ଦ୍ର ପୃଷ୍ଟି, ରାମଚନ୍ଦ୍ର ମହାରଣା, ଆର୍ତ୍ତବନ୍ଧୁ ସାହୁ, ଦୀପ୍ତିରଞ୍ଜନ ଦାଶ, ଦେବୀପ୍ରସାଦ ଦାଶ, ଚନ୍ଦନ କୁମାର ମିଶ୍ର, କାବୁଲି ବାରିକ, ପ୍ରଭାତ କୁମାର ସାହୁ, ମିଲୁ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ମହିଳାଙ୍କୁ ଆକ୍ରମଣ ଘଟଣାରେ ଜଣେ ଗିରଫ

**ନୟାଗଡ଼, ୯।୪(ସମିସ):** ନୟାଗଡ଼ ସଦରଥାନା ଅନ୍ତର୍ଗତ ବାଲୁଗାଁ ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଛି। ବାଲୁଗାଁ ଗ୍ରାମର ଲକ୍ଷ୍ମୀପ୍ରିୟା ପୃଷ୍ଟିଙ୍କୁ ଉକ୍ତ ଗ୍ରାମର କାଳୁଚରଣ ଦଳବେହେରା ଏବଂ ତାଙ୍କ ପତ୍ନୀ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। କାଳୁଙ୍କ ନାମରେ ପୂର୍ବରୁ ବହୁ ମାମଲା ରହିଛି। ଲକ୍ଷ୍ମୀପ୍ରିୟାଙ୍କୁ ସେ ଆଜି ମରଣାନ୍ତକ ଆକ୍ରମଣ କରିବା ଘଟଣାକୁ ନେଇ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେହିଭଳି କାଳୁଙ୍କ ଅଭିଯୋଗ ଆଧାରରେ ଲକ୍ଷ୍ମୀପ୍ରିୟା ଏବଂ ତାଙ୍କ ସ୍ୱାମୀଙ୍କ ନାମରେ ମାମଲା ରୁଜୁ ହୋଇଥିବା ସଦରଥାନା ପକ୍ଷରୁ ସୂଚନା ମିଳିଛି।

● ଗ୍ୟାସ୍ କଳାବଜାରୀ

# ହୋଟେଲ ଓ ଢାବାରେ ଚଢ଼ଉ, ୩୮ ସିଲିଣ୍ଡର ଜବତ



**ନୟାଗଡ଼, ୯।୪(ସମିସ):** ନୟାଗଡ଼ ଯୋଗାଣ ବିଭାଗ ପକ୍ଷରୁ ଗୁରୁବାର ସହରର ବିଭିନ୍ନ ଜଳଖିଆ ଦୋକାନ, ହୋଟେଲ ଓ ଢାବାରେ ଚଢ଼ଉ କରାଯାଇଛି। ସହରରେ ଘରୋଇ ଗ୍ୟାସ ସିଲିଣ୍ଡର କଳାବଜାରରେ ୩ ହଜାରରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରି ହେଉଛି। ସାଧାରଣ ଖାଉଟି ଗ୍ୟାସ ସିଲିଣ୍ଡର ନ ପାଇ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ହୋଟେଲ ଓ ଜଳଖିଆ ଦୋକାନୀଙ୍କୁ ଗ୍ୟାସ ମିଳିଯାଉଛି। ଏହାକୁ ନେଇ ଆଜି ଅତିରିକ୍ତ ଯୋଗାଣ ଅଧିକାରୀ ତିଲୋତ୍ତମା ପ୍ରଧାନ, ରଞ୍ଜିତା ବିଶ୍ୱାଳ, ପ୍ରଭଞ୍ଜନ ମହାନ୍ତି, ନୟାଗଡ଼ ତହସିଲଦାର ରାଜେଶ କେଶରୀ ସ୍ୱାଇଁ ପ୍ରମୁଖ ଚଢ଼ଉ କରିଥିଲେ। ଚଢ଼ଉରେ ଏମଆଇମାନେ ମଧ୍ୟ ସାମିଲ ହୋଇଥିଲେ। ମୋଟ ୯ଟି ସ୍ଥାନରୁ ୩୮ଟି ସିଲିଣ୍ଡର ଜବତ ହୋଇଛି। ନୟାଗଡ଼ ସହରରେ ବିଭିନ୍ନ ଦୋକାନରେ ଚଢ଼ଉ କରାଯାଇ ସିଲିଣ୍ଡର ଜବତ କରାଯିବାକୁ ନେଇ ବ୍ୟବସାୟୀମାନେ ମଧ୍ୟ କ୍ଷୁବ୍ଧ ହୋଇଛନ୍ତି। ଅନେକ ଜଳଖିଆ ଦୋକାନ, ହୋଟେଲ ଆସନ୍ତାକାଲିଠାରୁ ବନ୍ଦ ରହିବ ବୋଲି ବ୍ୟବସାୟୀମାନେ କହିଛନ୍ତି।

# ୧୧ ଫୁଟ ଲମ୍ବା ଅହିରାଜ ଉଦ୍ଧାର

**ଓଡ଼ଗାଁ, ୯।୪(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବନାଞ୍ଚଳ ଅଧୀନ ବାହାଡ଼ାଝୋଲା ସେକ୍ସନ ନିକଟ ଘଡ଼େଇବନ୍ଧ ଗାଁରୁ ଗୁରୁବାର ଅପରାହ୍ନରେ ୧୧ ଫୁଟ ଲମ୍ବ ବିରାଟ ଅହିରାଜକୁ ବନ ବିଭାଗ ଉଦ୍ଧାର କରିଛି। ଉଦ୍ଧାର ସାପର ଓଜନ ପ୍ରାୟ ୭ କିଲୋଗ୍ରାମ ୨୫୦ ଗ୍ରାମ ଥିବା ସୂଚନା ମିଳିଛି। ଅହିରାଜ ସାପ ସାଧାରଣତଃ ଅନ୍ୟ ସାପକୁ ଖାଦ୍ୟ ଭାବେ ଗ୍ରହଣ କରେ। ସେହି କାରଣରୁ ସାପ ଖୋଜିବା ଉଦ୍ଦେଶ୍ୟରେ ଏହା ଘଡ଼େଇବନ୍ଧ ଗାଁ ନିକଟରେ ଏକ ଘର ପାଖରେ ଥିବା ପଥର ଗଦା ଭିତରେ ଲୁଚିଥିବା ସ୍ଥାନୀୟ ଲୋକଙ୍କ



ନଜରକୁ ଆସିଥିଲା। ସ୍ଥାନୀୟ ଲୋକେ ଏ ନେଇ ବନ ବିଭାଗକୁ ସୂଚନା ଦେଇଥିଲେ। ଶରଣକୁଳରୁ ସ୍ନେକ ହେଲ୍ପଲାଇନ ସଦସ୍ୟ ଶ୍ରୀକାନ୍ତ ନନ୍ଦ ଓ ସହଯୋଗୀ ଶଶାଙ୍କ ଘଟଣାସ୍ଥଳରେ ପହଞ୍ଚି ସାପକୁ ସୁରକ୍ଷିତ ଭାବେ ଧରିଥିଲେ। ପରେ ରେଞ୍ଜର ଅଭିମନ୍ୟୁ ମଲ୍ଲିକ ଓ ଫରେଷ୍ଟର ସରିତା ବରାଳଙ୍କ ଉପସ୍ଥିତିରେ ସାପକୁ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଛାଡ଼ାଯାଇଛି।

ଭକ୍ତି ଓ ଉପାସନର ପର୍ବ ଦଣ୍ଡ

# ବିଭିନ୍ନ ସ୍ଥାନରେ ଠାକୁରଙ୍କ ମହାମିଳନ





**ଖଣ୍ଡପଡ଼ା, ୯।୪(ସମିସ):** ଖଣ୍ଡପଡ଼ା ସହାରାଞ୍ଚଳ ଅଧୀନ ମଧୁବନ କ୍ରୀଡ଼ାଙ୍ଗନରେ ଗୁରୁବାର ଅପରାହ୍ନରେ ଦଣ୍ଡ କାମେନା ଠାକୁରଙ୍କ ମହାମିଳନ ପର୍ବ ଆଧ୍ୟାତ୍ମିକ ଓ ଭବ୍ୟ ସମାରୋହରେ ଅନୁଷ୍ଠିତ ହୋଇଛି। ଅପରାହ୍ନ ୩ଟାରେ ଖଣ୍ଡପଡ଼ାର ଭିନ୍ନ ଭିନ୍ନ ପୁଷ୍କରିଣୀରେ ଦଣ୍ଡ କାମେନା ଠାକୁର ଏବଂ ପାଟ ଭୋକ୍ତାମାନେ ସ୍ନାନ କରି ରୀତିନୀତି ଅନୁଯାୟୀ ମହାଦେବ, ଦଣ୍ଡକାଳୀ ଏବଂ ମା' ଗୌରୀଙ୍କୁ ପୂଜାର୍ଚ୍ଚନା କରିବା ପରେ ଏକ ବିରାଟ ପଟୁଆଳରେ ସହର ପରିକ୍ରମା କରିବା ଅବସରରେ ହରିବୋଲ, ହୁଳହୁଳି, ଶଙ୍ଖ, ମହୁରୀ, ନଦୀଆ ସଂକୀର୍ତ୍ତନ ମାଧ୍ୟମରେ ମଧୁବନ କ୍ରୀଡ଼ାଙ୍ଗନରେ ପହଞ୍ଚିଥିଲେ। ବିଶେଷକରି ଅଘୋରୀ ନୃତ୍ୟ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥିଲା। ସେଠାରେ ଆଖପାଖର ହଜାର ହଜାର ଶ୍ରଦ୍ଧାଳୁ ହରିବୋଲ ହୁଳହୁଳି ଦେଇ ଠାକୁରଙ୍କୁ ସ୍ୱାଗତ କରିଥିଲେ। ଖଣ୍ଡପଡ଼ା ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଦଣ୍ଡ କାମେନା କମିଟି ପକ୍ଷରୁ ଚତୁର୍ଥ ବାର୍ଷିକ ଦଣ୍ଡ ଠାକୁର ମହାମିଳନ ପର୍ବରେ ସ୍ଥାନାଧିପତି ଖଣ୍ଡପଡ଼ାର ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଦେବ, ସୁନାଖଳା ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଦେବ, ମଙ୍ଗଳପୁର ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବ, ଖପରମଲ୍ଲ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଦେବ, ସାହସପୁର ଶ୍ରୀ ଶ୍ରୀ କପିଳେଶ୍ୱରର ଦେବ, ଚମ୍ପତିପୁର ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବ, ପାଟଣାସାହି ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ଦେବ, ସୁକଳଗାଡ଼ିଆ ଶ୍ରୀ ଶ୍ରୀ ସୋମନାଥ ଦେବ, ଗୋବିନ୍ଦପୁର ଶ୍ରୀ ଶ୍ରୀ ସୋମନାଥ ଦେବ, ଗଦାଧର ପ୍ରସାଦ ଶ୍ରୀ ଶ୍ରୀ ଲୋକନାଥ ଦେବ, କାଚରାସାହି ଶ୍ରୀ ଶ୍ରୀ ସୋମନାଥ ଦେବ ପ୍ରମୁଖ ୧୧ ଶମ୍ଭୁଙ୍କ ଚଳନ୍ତି ପ୍ରତିମା ମେଳଣସ୍ଥଳରେ ବିଜେ ହୋଇଥିଲେ। ଖଣ୍ଡପଡ଼ା ରାଜା ସିଦ୍ଧାର୍ଥ ଶେଖର ସିଂହ ଉପସ୍ଥିତ ରହି ପ୍ରଥମେ ଆରାଧ୍ୟ ଠାକୁର ବାବା ନୀଳକଣ୍ଠେଶ୍ୱରଙ୍କ ରୀତିନୀତି ଅନୁଯାୟୀ ଆଳତି କରିବା ପରେ ପର୍ଯ୍ୟାୟ କ୍ରମେ ସମସ୍ତ ବିଗ୍ରହଙ୍କ ପୂଜାର୍ଚ୍ଚନା ହେବା ସହିତ ଦଣ୍ଡଖେଳ ହୋଇ ଠାକୁରଙ୍କ ମହାମିଳନ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିସହ କାଳିଶିଙ୍କ ଉଭାକାର୍ଯ୍ୟ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଶେଷରେ ଘଣ୍ଟବାଦ୍ୟ ମାଧ୍ୟମରେ ଘଣ୍ଟୁଆ ଓ ଢୋଲିଆମାନେ ହଜାର ହଜାର ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ କରିଥିଲେ। ପରେ ଭକ୍ତିମୟ ପରିବେଶରେ ଠାକୁର ନିଜ ନିଜ ଆସ୍ଥାନକୁ ବିଜେ କରିଥିଲେ। ବିଗ୍ରହଙ୍କ ମେଳଣ ହେବା ନେଇ କମିଟି ପକ୍ଷରୁ ସମସ୍ତ କାର୍ଯ୍ୟ ସୁଚାରୁରୂପେ ହୋଇଥିବା ବେଳେ ଶାନ୍ତିଶୃଙ୍ଖଳା ନିମନ୍ତେ ଖଣ୍ଡପଡ଼ା ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିଲା। ଅନୁଷ୍ଠାନ ମୁଖ୍ୟ ମନୋଜ କୁମାର ପାଲ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ କୃତଜ୍ଞତା ଜଣାଇଥିଲେ।

**ଭାପୁର:** ଭକ୍ତି ଓ ସମର୍ପଣର ନିଛକ ପର୍ବ ହେଲା ଦଣ୍ଡପର୍ବ। ଭାପୁର ବ୍ଲକର ୧୪ରୁ ଅଧିକ ଗ୍ରାମରେ ଦଣ୍ଡପର୍ବ ହୋଇଥାଏ। ଦଣ୍ଡୁଆମାନେ ଗାଁ ମଝିରେ ଥିବା କାମେନା କୋଠିରେ ୧୩ ଦିନ ଧରି ଖାଲି ପଣା ପିଇ ଭଗବାନ ଶିବଙ୍କୁ ମାନସିକ କରି ଏହି ଧାର୍ମିକ କାର୍ଯ୍ୟରେ ଭାଗନେଇଥାନ୍ତି। ଏହି ପରି ୬ ଗାଁ ଦଣ୍ଡୁଆଙ୍କୁ ନେଇ ଭାପୁର ଗ୍ରାମରେ ଦଣ୍ଡ ମେଳନ ହୋଇଥିଲା। ବାରବାଟୀ, ମାଳିବେରେଣୀ, ରାକମା, ତରବାଲୋ, ଜାମୁସାହି ଓ ଭାପୁର ଗ୍ରାମର ଦଣ୍ଡୁଆଙ୍କ ମହାମିଳନ ହୋଇଥିଲା। ଦଣ୍ଡୁଆମାନେ ଭାପୁର ଗ୍ରାମର ବାବା ବାଲୁଙ୍କେଶ୍ୱର ଦେବ ମନ୍ଦିର ସମ୍ମୁଖରେ ଏକତ୍ରିତ ହୋଇ ଦଣ୍ଡ ଭାଙ୍ଗିବା ସହ ବିଭିନ୍ନ ନୃତ୍ୟ ପ୍ରଦର୍ଶନ କରିଥିଲେ। ସକାଳୁ ଗାଁ ମଧ୍ୟରେ ଥିବା କାମେନା କୋଠ ନିକଟରେ ଏକତ୍ରିତ ହୋଇଥିଲେ। ପରେ ବାଣ ରୋଷଣୀ ସହ ଗ୍ରାମର ସବୁସାହି ବୁଲି ନିଜ ଗାଁକୁ ଫେରିଯାଇଥିଲେ।



**ଆଜାଦ୍ ନଗର ବୋମା ବିସ୍ଫୋରଣ ଘଟଣା**

# ଦୁର୍ବୃତ୍ତଙ୍କ 'ବୋମା' ଟାର୍ଗେଟ୍‌ରେ ଥିଲା ଜଟଣୀ!

ଭୁବନେଶ୍ବର, ୯।୪(ସମିସ): ଭୁବନେଶ୍ବର ଏୟାରଫିଲ୍ଡ ଥାନା ସୁନ୍ଦରପଦା ଆଜାଦନଗର ବୋମା ବିସ୍ଫୋରଣ ଘଟଣାରେ ଜାତୀୟ ତଦନ୍ତ ସଂସ୍ଥା (ଏନ୍‌ଆଇଏ) ଅଧିକ ଖୋଳତାଡ଼ ଜାରି ରହିଛି। ମୁଖ୍ୟ ଅଭିଯୁକ୍ତ ତଥା ମୃତ ସେହେନୱାଜ୍ ମଲ୍ଲିକର ଦୁଇ ସହଯୋଗୀଙ୍କୁ ଏନ୍‌ଆଇଏ ପଚରାଉଚରା କରୁଥିବା ଜଣାପଡ଼ିଛି। ପୂର୍ବରୁ ପୁଲିସ ଏମାନଙ୍କୁ

**■ ଥାନାରୁ ତଥ୍ୟ ସଂଗ୍ରହ କଲା ଏନ୍‌ଆଇଏ ଟିମ୍**

ପଚରାଉଚରା କରିଥିଲା ବେଳେ ଏବେ ଏନ୍‌ଆଇଏ ମଧ୍ୟ ପଚରାଉଚରା କରୁଛି। ମଫିର ସହଯୋଗୀ ଅମୀୟ ମଲ୍ଲିକ ଏହି ସମୟରେ ଚାଞ୍ଚଲ୍ୟ କର ତଥ୍ୟ ଦେଇଥିବା ଜଣାପଡ଼ିଛି। ଭୁବନେଶ୍ବରରେ ଆୟୋଜିତ ହେବାକୁ ଥିବା ଏକ ସଭାକୁ ଏମାନେ ଟାର୍ଗେଟ କରୁଛନ୍ତି। ଏହି ସଭାସ୍ଥଳ କିମ୍ବା ଏହାର ନିକଟବର୍ତ୍ତି ଅଞ୍ଚଳକୁ ବୋମାକୁ ଫିଙ୍ଗା ଯାଇ ଥାନ୍ତା ବୋଲି ସେ କହିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଜଟଣୀ ଅଞ୍ଚଳର ଏକ ସଭାକୁ ଟାର୍ଗେଟ କରାଯାଇ ଥାନ୍ତା ବୋଲି ସୋସିଆଲ ମିଡ଼ିଆରେ ଚର୍ଚ୍ଚା କରାଯାଉଛି। ତେବେ କେଉଁ ସଭା, କେତେ ତାରିଖରେ ଏହା ଆୟୋଜିତ ହୋଇଥାନ୍ତା ତାହା ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ ୩ ଜଣିଆ ଏନଆଇଏ ଟିମ୍ ଗୁରୁବାର ଏୟାରଫିଲ୍ଡ ଥାନା ଯାଇଥିଲା। ଥାନା ଅଧିକାରିଣୀ ଦୀପିକା ଦେବୀ ରାୟଙ୍କ ସହ ଏନ୍‌ଆଇଏ ଟିମ୍ ଆଲୋଚନା କରିବା ସହ ମାମଲା ସମ୍ବନ୍ଧିତ ତଥ୍ୟ ନେଇଛି।

ଏହି ଉପାଦାନକୁ ବିଶେଷ କରି ଆତଙ୍କବାଦୀମାନେ ବ୍ୟବହାର କରନ୍ତି। ବୋମା ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ଅପରାଧୀ ସାହାନୱାଜ ମଲ୍ଲିକ ଓରଫ ମଫି ଏହି ରସାୟନିକ ପଦାର୍ଥ କେଉଁଠୁ ଆଣିଥିଲା ସେନେଇ ଜାଣିବାକୁ ଏନ୍‌ଆଇଏ ଗମ୍ଭୀରତାର ସହ ତଦନ୍ତ କରୁଛି। ଏନେଇ ଲ୍ୟାବ ରିପୋର୍ଟ ଆସିବା ପରେ ଭୁବନେଶ୍ବରସ୍ଥିତ ଏନ୍‌ଆଇଏ ଶାଖା ପକ୍ଷରୁ କିଛିଦିନ ତଳେ ମାମଲା (ନଂ.୧/୨୦୨୬) ପଞ୍ଜିକୃତ କରାଯାଇଛି। ବୋମା କେଉଁଠି ବ୍ୟବହାର ହୋଇଥାନ୍ତା, ଏଥିରେ ଆନ୍ତଃରାଜ୍ୟ ଲିଙ୍କ୍ ଏବଂ ଆତଙ୍କୀ ଲିଙ୍କ୍ ଅଛି କି ନାହିଁ ଏ ସମସ୍ତ ଦିଗକୁ ନେଇ ଏନଆଇଏ ଅନୁସନ୍ଧାନ ଚଳାଇଛି। ଏୟାରଫିଲ୍ଡ ଥାନାରେ ପୂର୍ବରୁ ଏନେଇ ମାମଲା ରୁଜୁ ହୋଇଥିବା ବେଳେ ଏନ୍‌ଆଇଏ ପୂର୍ଣ୍ଣ ତଦନ୍ତ ଭାର ନେଇଛି।

ଗତ ଜାନୁଆରୀ ୨୭ ତାରିଖରେ ମଫି ଆଜାଦନଗରସ୍ଥିତ କୋଠାର ଭଡାଘର ଛାତ ଉପରେ ବୋମା ଭିଡୁଥିବା ବେଳେ ବିସ୍ଫୋରଣ ହୋଇଥିଲା। ଏଥିରେ ମଫି ସମେତ ୪ ଜଣ ଆହତ ହୋଇଥିଲେ। ବିସ୍ଫୋରଣ ଏତେ ବଡ଼ ଭୟଙ୍କର ଥିଲା ଯେ, ଛାତ ଉପର ଧୂଆଁମୟ ହୋଇଯାଇଥିଲା। ଏପରିକି ସ୍ଥାନୀୟ ଅଞ୍ଚଳ ମଧ୍ୟ ଥରି ଉଠିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଥିଲା। ବିସ୍ଫୋରଣରେ ମଫିର ପାପୁଲି ଛିଣ୍ଡିଯିବା ସହ ଗୋଡ଼ରୁ ମାଂସ ମଧ୍ୟ ବହାରିଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଫି ଓ ତାର ମା'ଙ୍କ ମୃତ୍ୟୁ ହୋଇଥିଲା।





# 'ଆମ ବସ୍' ଭାଙ୍ଗିଲେ ଉତ୍ତ୍ୟକ୍ତ ଲୋକେ



ଭୁବନେଶ୍ବର, ୯।୪(ସମିସ): ପ୍ରତି ମାସରେ ହେଉ ଅବା ସପ୍ତାହରେ ଆମ ବସକୁ କିଛି ନା କିଛି ଅଘଟଣ, ଦୁର୍ଘଟଣା ଘଟି ଚାଲିଛି। କେତେବେଳେ ଦୁର୍ଘଟଣା ତ ଆଉ କେତେବେଳେ ବସ ଭଙ୍ଗାରୁଜା ଦେଖିବାକୁ ମିଳିଛି। ଏକ ସାଇକେଲ ଆରୋହୀକୁ 'ଆମ ବସ୍' ଧକ୍କା ଦେଇଥିଲା ଏହି ଘଟଣାକୁ ଏକ ସପ୍ତାହ ବିତି ନ ଥିବା ବେଳେ ପୁଣି ଏକ ଘଟଣା ଦେଖିବାକୁ ମିଳିଛି।

ସୂଚନା ଅନୁସାରେ ଗୁରୁବାର ରାତି ପ୍ରାୟ ୯ଟା ସମୟରେ ୨୬ ନମ୍ବର ରୁଟରେ ଏକ ଆମ ବସ ମାଷ୍ଟର କ୍ୟାଣ୍ଟିନରୁ ଯଦୁପୁର ଯାଉଥିଲା। ଏଜି ଛକରୁ ଦୁଇ ଜଣ ବରିଷ୍ଠ ନାଗରିକ ଯଦୁପୁର ଯିବା ପାଇଁ ବସରେ ଚଢ଼ିଥିଲେ। ଉକ୍ତ ବସରେ ଜଣେ ମହିଳା କଣ୍ଡକ୍ଟର କାର୍ଯ୍ୟରତ ଥିଲେ। ବରିଷ୍ଠ ନାଗରିକମାନଙ୍କ ପାଇଁ ଆମ ବସରେ ରିହାତି ବ୍ୟବସ୍ଥା ଥିବାରୁ ଟିକେଟ କାଟିବା ସମୟରେ ଦୁଇ ବରିଷ୍ଠ ନାଗରିକ କଣ୍ଡକ୍ଟରଙ୍କୁ ରିହାତି ମାଗିଥିଲେ। କିନ୍ତୁ ମହିଳା କଣ୍ଡକ୍ଟର ଜଣଙ୍କ ଦୁଇ ବରିଷ୍ଠ ନାଗରିକଙ୍କୁ ତାଙ୍କ ଆଧାର କାର୍ଡ ମାଗିଥିଲେ। ଏହି କଥାକୁ ନେଇ ଦୁଇ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଦୁଇ ବରିଷ୍ଠ ନାଗରିକ ଗାଁ ମୁଣ୍ଡରେ ଆଧାର କାର୍ଡ ମଗାଇ ଦେଖାଇବା ପାଇଁ କହିଥିଲେ। କିନ୍ତୁ ମହିଳା କଣ୍ଡକ୍ଟର ଜଣଙ୍କ ସେମାନଙ୍କୁ ଦୁର୍ବ୍ୟବହାର କରିବା ସହ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ଗାଁ ମୁଣ୍ଡରେ ବସଟି ପହଞ୍ଚିବା ପରେ ବରିଷ୍ଠ ନାଗରିକ ଦୁଇ ଜଣ ଗାଁ ଲୋକଙ୍କୁ କହିଥିଲେ। ଏହି ଘଟଣାକୁ ନେଇ ତୁମୁଳକାଣ୍ଡ ଘଟିଥିଲା। ଖବର ପାଇ ବହୁ ସଂଖ୍ୟକ ସ୍ଥାନୀୟ ଲୋକମାନେ ବସକୁ ଘେରି ହୋହାଲ୍ଲା କରିବା ସହ ଭଙ୍ଗାରୁଜା କରିଥିଲେ ଏବଂ ମହିଳା କଣ୍ଡକ୍ଟରଙ୍କୁ ଅଟକ ରଖିଥିଲେ। ଫଳରେ ଉତ୍ତେଜନା ବଢ଼ି ଯାଇଥିଲା। ପ୍ରାୟ ୪୫ ମିନିଟ ରାସ୍ତା ଯାମ ହୋଇଯାଇଥିଲା। ଖବର ପାଇ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଉତ୍ତେଜନା କମିଥିଲା। ଏବେ ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ଜଣାପଡ଼ିଛି। ଏନେଇ ଖଣ୍ଡଗିରି ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି। ପୁଲିସ ଆମ ବସ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

ଏନେଇ ନିୟମ ଅନୁଯାୟୀ ଆମ ବସ୍ ଟିକେଟ ମୂଲ୍ୟରେ ରିହାତି ପାଇଁ ବରିଷ୍ଠ ନାଗରିକ ଯାତ୍ରୀଙ୍କୁ ବୈଧ ପ୍ରମାଣ ପତ୍ର ଦେଖାଇବା ବାଧ୍ୟତାମୂଳକ। ଯାତ୍ରା ସମୟରେ ବୈଧ ବୟସ ପ୍ରମାଣ ପତ୍ର ବିନା କୌଣସି ରିହାତି ପ୍ରଦାନ କରାଯିବ ନାହିଁ। ସେଭଳି କର୍ମଚାରୀମାନଙ୍କୁ ସେମାନଙ୍କ କାର୍ଯ୍ୟରେ ସହଯୋଗ କରି ଯାତ୍ରା ସମୟରେ ବସ୍ ମଧ୍ୟରେ ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ ଓ ସମ୍ମାନଜନକ ପରିବେଶ ରକ୍ଷା କରିବାରେ ସହଭାଗୀ ହେବାକୁ ସାଧାରଣ ଲୋକଙ୍କୁ ଅନୁରୋଧ କରାଯାଉଛି ବୋଲି କ୍ରୁଟ ପକ୍ଷରୁ କୁହାଯାଇଛି।

## ବଜ୍ରପାତରୁ ଲାଗିଲା ନିଆଁ; ଜଳିଗଲା ବାଇକ୍



ଭୁବନେଶ୍ବର, ୯।୪(ସମିସ): ଚିନ୍ତାମଣିଶ୍ବର ଅଞ୍ଚଳରେ ଗୁରୁବାର ସନ୍ଧ୍ୟାରେ ଏକ ଘରୋଇ ଗ୍ୟାରେଜ୍‌ରେ ଅଗ୍ନିକାଣ୍ଡ ଘଟିଛି। ବଜ୍ରପାତ ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟାଇଥିଲା। ଗ୍ୟାରେଜରେ ପାର୍କିଂ କରାଯାଇଥିବା ଏକ ୨ଚକିଆ ଗାଡ଼ିରେ ଅଚାନକ ନିଆଁ ଲାଗି ଯାଇଥିଲା। ନିଆଁ ଦ୍ରୁତଗତିରେ ନିକଟବର୍ତ୍ତୀ ଆଉ ଏକ ଗାଡ଼ିକୁ ବ୍ୟାପିଥିଲା। ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁ ନିୟନ୍ତ୍ରଣ କରିଥିଲା। ପୁଲିସ୍ ଏବଂ ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅଗ୍ନିକାଣ୍ଡରେ କୌଣସି କ୍ଷତାହତ ହୋଇ ନଥିଲା ବେଳେ ଅଗ୍ନିକାଣ୍ଡ ପରେ ସ୍ଥାନୀୟ ଅଞ୍ଚଳରେ ନିଆଁକୁ ନେଇ ଚିନ୍ତା ବଢ଼ିଛି।

## ଅଟୋରେ ବୁଲି ବିକୁଥିଲେ ବ୍ରାଉନ୍‌ସୁଗର



ଭୁବନେଶ୍ବର, ୯।୪ (ସମିସ): ଅଟୋରେ ବୁଲି ବ୍ରାଉନ୍‌ସୁଗର ବିକ୍ରି କରୁଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଭରତପୁର ହରପାର୍ବତୀ ସାହିର ଦୀପକ ନାୟକ ଓରଫ୍ ବାପି (୨୬) ଓ ରାକେଶ ନାୟକ ଓରଫ୍ ସାନୁ (୨୪)।

ପୁଲିସ ସୂଚନାନୁସାରେ, ତମାଣ୍ଡୋ ମେଳନ ପଡ଼ିଆ ନିକଟରେ ବ୍ରାଉନସୁଗର ବିକ୍ରି ହେଉଥିବା ନେଇ ପୁଲିସକୁ ଖବର ମିଳିଥିଲା। ତମାଣ୍ଡୋ ଥାନାର ଏକ ସ୍ୱତନ୍ତ୍ର ଟିମ୍ ମେଳନ ପଡ଼ିଆ ନିକଟରେ ଚଢ଼ଉ କରି ଅଟୋ ସହ ଦୁଇ ଜଣଙ୍କୁ ଅଟକ ରଖିଥିଲେ। ଦୀପକ ହେପାଜତରୁ ୧୧ ଗ୍ରାମ ଓ ଅଭିଯୁକ୍ତ ରାକେଶ ପାଖରୁ ୧୦ ଗ୍ରାମକୁ ମିଶାଇ ମୋଟ ୨୧ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା। ଏଥିସହିତ ରାକେଶର ଅଟୋଟୁ ଜବତ କରିଥିଲା। ସେମାନେ ଗତ ଦୁଇବର୍ଷ ହେବ ନିୟମିତ ଭାବେ ବ୍ରାଉନସୁଗର ବିକ୍ରି କରି ଆସୁଥିବା ପୁଲିସ ଆଗରେ ସ୍ବୀକାର କରିଥିଲେ। ଏନେଇ ତମାଣ୍ଡୋ ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟ ଚାଲାଣ କରିଛି।

**ତରିକା ବଦଳାଇଛନ୍ତି ଅପରାଧୀ**

# ଚୋରା ଗାଡ଼ିରେ ନୁହେଁ; ଭଡ଼ାଗାଡ଼ିରେ ଅପରାଧ

ଭୁବନେଶ୍ବର, ୯।୪(ସମିସ): ରାଜଧାନୀରେ ଅପରାଧର ତରିକା ବଦଳାଇଛନ୍ତି ଅପରାଧୀ। ପୂର୍ବରୁ ଏମାନେ ଅପରାଧ ଘଟାଇବାକୁ ଚୋରା ଗାଡ଼ିର ବ୍ୟବହାର କରୁଥିଲେ। ଏଥିରେ ଧରାପଡ଼ି ଯିବାର ଭୟ ବି ରହୁଥିଲା। ଧରାପଡ଼ିବା ପରେ ଗାଡ଼ିଟି ସିଜ୍ ହୋଇ ଥାନା କ୍ୟାମ୍ପସ ଭିତରେ ପଡ଼ି ପଡ଼ି ଖତ ହୋଇଯାଉଥିଲା। ଅନ୍ୟପକ୍ଷେ ଚୋରା ଗାଡ଼ି ଯୋଗାଡ଼ କରିବା ମଧ୍ୟ କଷ୍ଟ ହେଉଛି। କବାଡ଼ିଆଙ୍କ ଦେଉନାହାନ୍ତି। ଏସବୁ ଦୃଷ୍ଟିରେ ରଖି ଅପରାଧୀମାନେ ଚୋରା ଗାଡ଼ି ବଦଳରେ ଭଡ଼ା ଗାଡ଼ିର ବ୍ୟବହାର କରୁଛନ୍ତି। ଅଧିକାଂଶ ଅପରାଧ ଏବେ ଭଡା ଗାଡ଼ିରେ ସଂଗଠିତ ହେଉଛି। ଅତ୍ୟନ୍ତ ସହଜରେ ଉପଲବ୍ଧ, ଧରାପଡୁଥିବା ଗାଡ଼ିକୁ ମୁକାଳିବା ମଧ୍ୟ ସହଜସାଧ୍ୟ ହେଉଛି।

ରାଜଧାନୀରେ ଛତୁ ଫୁଟିଲା ଭଳି ଖୋଲିଛି ସେଲ୍‌ଫ୍ ଡ୍ରାଇଭିଂ ସେଣ୍ଟର। ଏଠାରେ ବାଇକ୍ ଠାରୁ ଆରମ୍ଭ କରି କାର ପର୍ଯ୍ୟନ୍ତ ଅତି ସହଜରେ ମିଳିଯାଉଛି। ଏପରିକି ଦାମୀଗାଡ଼ିକୁ ଭଡାରେ ନେବାକୁ ସେଭଳି କୌଣସି କଷ୍ଟ କରିବାକୁ ବି ପଡୁନାହିଁ। ଗାଡ଼ି ନେଲା ବେଳେ ଏମାନେ ଏକ ସେଲ୍‌ଫଡ୍ରାଇଭିଂ ସେଣ୍ଟରଗୁଡ଼ିକ ସହ ଚୁକ୍ତି କରୁଛନ୍ତି। ଗାଡ଼ିରେ କୌଣସି ଅପରାଧୀକ କାର୍ଯ୍ୟ କରିବେ ନାହିଁ। ଏଥିପାଇଁ ନିଜର ଆଧାରକାର୍ଡ ଏବଂ ଡ୍ରାଇଭିଂ ଲାଇସେନ୍ସ ମଧ୍ୟ ପ୍ରଦାନ କରୁଛନ୍ତି। ସାଧାରଣ ଲୋକ ସିନା ସଠିକ୍ ପରିଚୟ ପ୍ରଦାନ କରୁଛନ୍ତି, ହେଲେ ଅପରାଧୀ ନକଲି ପରିଚୟ ଦେଇ ସେଲ୍‌ଫ ଡ୍ରାଇଭିଂରୁ ଗାଡ଼ି ଭଡାରେ ନେଇ ଯାଉଛନ୍ତି।

**କବାଡ଼ିଆଙ୍କ ବଦଳରେ ସେଲ୍ଫ ଡ୍ରାଇଭିଂ ସେଣ୍ଟର ଯୋଗାଉଛନ୍ତି ଅପରାଧୀଙ୍କୁ ଗାଡ଼ି**

ଅନ୍ୟପକ୍ଷରେ ସେଲ୍‌ଫ ଡ୍ରାଇଭିଂ ସେଣ୍ଟର ପରିଚାଳନା କରୁଥିବା ମାଲିକମାନଙ୍କ ସହ ଅପରାଧୀଙ୍କ ଭିତିରିଆ ସମ୍ପର୍କ ରହୁଛି। ଅପରାଧୀଙ୍କୁ ଅପରାଧ ଘଟାଇବା ପାଇଁ ଗାଡ଼ି ଦେଇ ମୋଟା ଅଙ୍କର ଟଙ୍କା କମାଉଛନ୍ତି। ଧରାପଡ଼ିଲେ ଭଡା ଗାଡ଼ି ବୋଲି କହି ଗାଡ଼ିକୁ ବେଲ୍ କରାଇବା ସୁବିଧା ହେଉଛି।

ରାଜଧାନୀରେ ଗତମାସ ୨୮ ତାରିଖରେ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ମନୋରଞ୍ଜନ ରାଉଳ ନାମକ ଜଣେ ବ୍ୟକ୍ତିକୁ ଅବକାରୀ ବିଭାଗ ଗିରଫ କରିଥିଲା। ବହୁବାର ଅବକାରୀ ବିଭାଗକୁ ଚକମା ଦେଇ ଖସିବା ପରେ ଅବକାରୀ ବିଭାଗ ତାକୁ ଟଙ୍କପାଣି ରୋଡ୍‌ରୁ ମାଡ଼ି ବସିଥିଲା। ତଦନ୍ତ ବେଳେ ଏକ ସାଙ୍ଘାତିକ କଥା ସାମ୍ନାକୁ ଆସିଥିଲା। ସେ ସେଲ୍‌ଫ ଡ୍ରାଇଭିଂ କାର୍‌ରେ ବହୁ ବର୍ଷ ହେବ ଗଞ୍ଜେଇ ଚୋରା ଚାଲାଣ କରୁଥିଲା। ଗିରଫଦାରୀ ଦିନ ତା ପାଖରୁ ଏକ ସେଲ୍‌ଫ୍ ଡ୍ରାଇଭିଂ କାର୍ ମଧ୍ୟ ଜବତ ହୋଇଥିଲା।

ସେହିପରି ଗତ ମଙ୍ଗଳବାର ଚନ୍ଦ୍ରଶେଖରପୁର ଥାନା ପୁଲିସ ବଣ୍ଟି-ବବଲି ଲୁଟେରା ଗ୍ୟାଙ୍ଗ୍‌କୁ ଗିରଫ କରିଥିଲା। ଏହି ଗ୍ୟାଙ୍ଗ୍‌ର ମାଷ୍ଟରମାଇଣ୍ଡ ସୂର୍ଯ୍ୟକାନ୍ତ ପୃଷ୍ଟି ବରମୁଣ୍ଡାସ୍ଥିତ ସାଇ ବାଇକ୍ ରେଣ୍ଟାଲ ଅଫିସ୍‌ରୁ ଏକ ୟାମାହା ଏମ୍‌ଟି-୧୫ ବାଇକ୍‌କୁ ଭଡାରେ ଆଣି ପ୍ରାପ୍ତବୟସ୍କା ମହିଳାଙ୍କୁ ଠାରୁ ସୁନା ଲୁଟ୍ କରୁଥିଲା। ଅଭିଯୁକ୍ତ ନାମରେ ଭୁବନେଶ୍ବର ପୁଲିସ ରେକର୍ଡରେ ଏକାଧିକ ମାମଲା ରହିଥିଲେ ମଧ୍ୟ ଭଡା ସଂସ୍ଥା ସେମାନଙ୍କୁ ବାଇକ୍ ଯୋଗାଇ ଥିଲା। ଅଭିଯୁକ୍ତ ଠାରୁ ମାତ୍ର ୮ଟି ସୁନା ଚେନ୍ ଜବତ ହୋଇଥିଲା ବେଳେ ଅଭିଯୋଗକାରୀଙ୍କ ସଂଖ୍ୟା ବହୁ ଅଧିକ ବୋଲି ଜଣାପଡ଼ିଛି।

ସେଲ୍‌ଫ ଡ୍ରାଇଭିଂ ପରିଚାଳନା ନେଇ ଏପର୍ଯ୍ୟନ୍ତ କୌଣସି ସରକାରୀ ନିୟମ ନାହିଁ। ଏପରିକି ରାଜଧାନୀରେ କେତୋଟି ଏଭଳି ସଂସ୍ଥା ରହିଛି ପରିବହନ ବିଭାଗ କିମ୍ବା ପୁଲିସର ପାଖରେ ଖବର ନାହିଁ। ସଂସ୍ଥା ଗୁଡ଼ିକ ମନ ଇଚ୍ଛା ଅପରେଟ୍ କରୁଛନ୍ତି। ନିଜେ ନିଜ ପାଇଁ ନିୟମ ବନାଉଛନ୍ତି। କାହାକୁ ଆଉ କେମିତି ଗାଡି ପ୍ରଦାନ କରୁଛି ତାହା କେବଳ ସେମାନଙ୍କୁ ଜଣା। ଅପରାଧ ଘଟାଇବା ପୂର୍ବରୁ ଅପରାଧୀମାନେ ଗାଡ଼ି ପାଇଁ କବାଡ଼ିଆମାନଙ୍କ ପାଖକୁ ଯାଉଥିଲେ। ହେଲେ ଏବେ ସେମାନେ ଗାଡ଼ି ପାଇଁ ଭଡାରେ ଗାଡ଼ି ଯୋଗାଉଥିବା ଦୋକାନୀଙ୍କ ପାଖକୁ ଯାଉଛନ୍ତି। ଏସମ୍ପର୍କରେ ଆଇନ୍‌ଜୀବୀ ରୋହିତ ସାମଲ କହିଛନ୍ତି ଏହି ସଂସ୍ଥା ଗୁଡ଼ିକର ପରିଚାଳନା ପାଇଁ ସରକାର ନିୟମ ବନାଇବା ଆବଶ୍ୟକ।

**ନାରୀ ସୁରକ୍ଷାର ନଗ୍ନ ଚିତ୍ର**

# ରାଜଧାନୀରେ ମହିଳା ବିରୋଧୀ ହିଂସା ଉପରମୁହାଁ

ଭୁବନେଶ୍ବର, ୯।୪ (ସମିସ): ନିକଟରେ ପଶ୍ଚିମବଙ୍ଗର ଜଣେ ମହିଳା ତାଙ୍କ ସ୍ବାମୀଙ୍କୁ ଭେଟିବାକୁ ମଳିପଡ଼ା ଅଞ୍ଚଳକୁ ଆସିଥିଲେ। ପତିପତ୍ନୀ ଝଗଡ଼ା ହେବାପରେ ମହିଳା ଜଣକ ଚାଲି ଚାଲି ଷ୍ଟେସନକୁ ଯାଉଥିଲେ। ରାସ୍ତାରେ ଯାଉଥିବା ବେଳେ ନାରାୟଣ ସ୍ବାଇଁ ତାଙ୍କୁ ଷ୍ଟେସନରେ ଛାଡ଼ି ଦେବାକୁ କହି ରଣସିଂହପୁର ସ୍ଥିତ ଭଡ଼ା ଘରକୁ ନେଇ ଯାଇଥିଲା। ସେଠାରେ ସେ ଓ ତାର ସାଙ୍ଗ ବିଚିତ୍ର ମିଶି ମହିଳାଙ୍କୁ ଦୁଷ୍କର୍ମ କରିଥିଲେ। ରାତିତମାମ ଦୁଷ୍କର୍ମ କରିବା ପରେ ଭୋରରୁ ଖଣ୍ଡଗିରି ଛକରେ ଛାଡ଼ି ଫେରାର ହୋଇ ଯାଇଥିଲେ। ମହିଳା ଜଣକ ତମାଣ୍ଡୋ ଥାନାରେ ଏତଲା ଦେବାପରେ ଦୁଇ ଜଣଙ୍କୁ ଗିରଫ କରିଥିଲା ପୁଲିସ। ତେବେ ଇଏ କେବଳ ଗୋଟିଏ ଘଟଣା ନୁହଁ, ରାଜଧାନୀରେ ମହିଳା ବିରୋଧୀ ହିଂସା ଏବେ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଭୁବନେଶ୍ବରରେ ବେଳକୁ ବେଳ ମହିଳାଙ୍କୁ ଅପହରଣ ଠାରୁ ଆରମ୍ଭ କରି ଦୁଷ୍କର୍ମ କରିବା ଯାଏଁ, ସବୁକିଛି ବଢ଼ିବାରେ ଲାଗିଛି। ଏମିତିକି ଯୌତୁକ ଜନିତ ନିର୍ଯାତନା ମଧ୍ୟ ପଛରେ ପଡ଼ିନାହିଁ। ମୋଟାମୋଟି କହିବାକୁ ଗଲେ, ରାଜ୍ୟର ରାଜଧାନୀ ଏବେ ମହିଳାମାନଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଛି। କମିସନରେଟ ପୁଲିସର ୩ ବର୍ଷର ରିପୋର୍ଟକୁ ଦେଖିଲେ, ଏପରି କଥା ସାମ୍ନାକୁ ଆସିଛି। ମହିଳା ବିରୋଧୀ ହିଂସା ବୃଦ୍ଧି ପାଇବା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଥିବା ବେଳେ ନାରୀଙ୍କ ସୁରକ୍ଷା କ୍ଷେତ୍ରରେ କମିସନରେଟ ପୁଲିସ କେତେ ପାରିବାର, ତାହା ସ୍ପଷ୍ଟ କରିଛି।



**■ ତିନିବର୍ଷରେ ୪୪୫ ଦୁଷ୍କର୍ମ ଅଭିଯୋଗ**
**■ ବର୍ଷକରେ ୪୫୦ ମହିଳା ଅପହରଣ**

ମିଳିଥିବା ତଥ୍ୟ ଅନୁସାରେ, ୨୦୨୩ ମସିହାରେ ରାଜଧାନୀର ବିଭିନ୍ନ ଥାନାରେ ୧୩୫ଟି ଦୁଷ୍କର୍ମ ମାମଲା ରୁଜୁ ହୋଇଥିବା ବେଳେ ୨୦୨୪ରେ ଏହି ସଂଖ୍ୟା ୧୪୯ ଛୁଇଁଛି। ୨୦୨୫ ବର୍ଷରେ ଦୁଷ୍କର୍ମ ମାମଲା ସଂଖ୍ୟା ଦେଢ଼ଶହ ପାର୍ କରି ୧୬୧ରେ ପହଞ୍ଚିଛି। ଗତ ୩ ବର୍ଷର ମାମଲାକୁ ତୁଳନା କରିଲେ, ପ୍ରତିବର୍ଷ ଦୁଷ୍କର୍ମ ମାମଲା ବଢ଼ିଥିବା ବେଳେ ୨୦୨୪ ଅପେକ୍ଷା ଗତବର୍ଷ ଦୁଷ୍କର୍ମ ୮ ପ୍ରତିଶତ ବୃଦ୍ଧି ପାଇଛି।

ମହିଳାଙ୍କୁ ଅପହରଣ ମାମଲା ମଧ୍ୟ ଢେର୍ ବଢ଼ିଛି। ୨୦୨୩ ମସିହାରେ ୧୬୦ ଜଣ ମହିଳାଙ୍କୁ ଅପହରଣ କରାଯାଇଥିବା ବେଳେ ୨୦୨୪ରେ ୨୧୦ ଜଣଙ୍କୁ ଅପହରଣ କରାଯାଇଥିଲା। ସେହିପରି ୨୦୨୫ ମସିହାରେ ମହିଳା ଅପହରଣ ମାମଲା ୪୫୦ ଅତିକ୍ରମ କରିଛି। ୩ ବର୍ଷର ତଥ୍ୟକୁ ବିଶ୍ଳେଷଣ କରିଲେ, ମହିଳା ଅପହରଣ ମାମଲା ୨୦୨୩ ଅପେକ୍ଷା ୨୦୨୪ରେ ୨୫.୭୨ ପ୍ରତିଶତ ବଢ଼ିଛି। ସେହିପରି ୨୦୨୪ ତୁଳନାରେ ୨୦୨୫ ମସିହାରେ ଏହି ମାମଲା ପ୍ରାୟ ୧୨୫ ପ୍ରତିଶତ ବୃଦ୍ଧି ପାଇଛି।

ଏହାରି ଭିତରେ ଯୌତୁକ ପରି କୁପ୍ରଥା ମଧ୍ୟ ମହିଳା ବିରୋଧୀ ହିଂସା ବଢ଼ାଇଛି। ବୋହୂମାନେ ଯୌତୁକ ପାଇଁ ସ୍ବାମୀ ଓ ଶାଶୁଘର ଲୋକଙ୍କ ଅତ୍ୟାଚାରର ଶିକାର ହୋଇଛନ୍ତି। ରାଜଧାନୀରେ ଯୌତୁକ ନିର୍ଯାତନା ମାମଲା ୨୦୨୩ ଓ ୨୦୨୪ ମସିହାରେ ଯଥାକ୍ରମେ ୨୭ ଓ ୩୬ ରହିଥିଲା। ହେଲେ ଏହାର ପରବର୍ଷ ଏହି ସଂଖ୍ୟା ଶହେ ଅତିକ୍ରମ କରିଥିଲା। ୨୦୨୫ ମସିହାରେ ୧୧୩ଟି ଯୌତୁକ ନିର୍ଯାତନା ମାମଲା ରୁଜୁ ହୋଇଛି। ମୋଟାମୋଟି କହିବାକୁ ଗଲେ, ୨୦୨୪ ଅପେକ୍ଷା ୨୦୨୫ ମସିହାରେ ଯୌତୁକ ନିର୍ଯାତନା ମାମଲା ୨୧୩ ପ୍ରତିଶତ ବୃଦ୍ଧି ପାଇଛି। ଏସବୁ ବାଦ୍ ଯୌନ ଉତ୍ପୀଡ଼ନ, ଅସଦାଚରଣ, ମହିଳାଙ୍କୁ ପିଛା କରିବା ମାମଲା ହାର ମଧ୍ୟ ଢେର୍ ବଢ଼ିଛି। ରାଜଧାନୀରେ ମହିଳା ବିରୋଧୀ ହିଂସା କ୍ରମାଗତ ଭାବେ ବୃଦ୍ଧି ପାଇବା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଥିବା ବେଳେ କମିସନରେଟ ପୁଲିସ ଲାଗା ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

## ସୋମବାର ହାଇକୋର୍ଟ ଛୁଟି

କଟକ, ୯।୪(ସମିସ): ଆସନ୍ତା ଏପ୍ରିଲ ୧୩ ତାରିଖରେ ହାଇକୋର୍ଟ ଛୁଟି ରହିବ। ଏହା ବଦଳରେ କାର୍ଯ୍ୟ ଦିବସ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ ବୋଲି ଆଜି ହାଇକୋର୍ଟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ପଣା ସଂକ୍ରାନ୍ତି ପାଇଁ ପୂର୍ବରୁ ୧୪ ତାରିଖ ଛୁଟି ରହିଛି। ଏଣୁ ଆସନ୍ତା ଶନିବାରଠାରୁ ମଙ୍ଗଳବାର ଯାଏଁ ୪ଦିନ ଅଦାଲତ ବନ୍ଦ ରହି ବୁଧବାର ଖୋଲିବ ବୋଲି ଜଣାପଡ଼ିଛି।

## ୪ ଗଞ୍ଜେଇ ବେପାରୀ ଗିରଫ

କଟକ, ୯।୪(ସମିସ): ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ବାଡ ୪ ଜଣ ନିଶା ମାଫିଆଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ନୟାଗଡ଼ ଫତେଗଡ଼ ଅଞ୍ଚଳର ପ୍ରସନ୍ନ ପଣ୍ଡା, ବାଙ୍କାନିଧି ଦାଶ, ଶିବପ୍ରସାଦ ଜେନାଓ ବୌଦ୍ଧ ଜିଲ୍ଲାର ତାରିଣୀ ବାଘ। ଏମାନଙ୍କ ପାଖରୁ ୩୪ କିଲୋ ଓଜନର ଗଞ୍ଜେଇ ଜବତ ହୋଇଛି। ଗୁରୁବାର ପୂର୍ବାହ୍ନରେ ଅବକାରୀ ବିଭାଗ ଖବର ପାଇ ଗିରଫ କରିଛି।

॥ ପ୍ରଥମ ଶ୍ରାଦ୍ଧବାର୍ଷିକୀ ॥



ଂ ଲକ୍ଷ୍ମୀକାନ୍ତ ବାରିକ୍
ଚୁଳିଆପୋଷି, ଉଦଳା, ମୟୂରଭଞ୍ଜ
ଆବିର୍ଭାବ : ୧୮.୦୪.୧୯୪୧, ତିରୋଧାନ : ୦୯.୦୪.୨୦୨୫
ତୁମେ ଆମ ପାଇଁ ଦୁନିଆର ସର୍ବଶ୍ରେଷ୍ଠ ସର୍ବଶକ୍ତିମାନ ଏକ ଅବ୍ୟକ୍ତ ଅନୁଭବ। ନିର୍ଭୟର ସୁରକ୍ଷା ପ୍ରାଚୀର ଟିଏ, ପ୍ରେରଣା ଓ ପ୍ରତିଷ୍ଠାର ଶାନ୍ତି ମନ୍ଦିର ଟିଏ, ତ୍ୟାଗ ଓ ତୀତିକ୍ଷାର ଠାକୁର ଟିଏ, ଆମ ସବୁ ସମ୍ଭବର ପ୍ରଚ୍ଛଦପଟ୍ଟ ନାୟକ ତୁମେ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତୁମ ଅମରାତ୍ମା ସଦଗତି ଲାଗି ମହାପ୍ରଭୁଙ୍କ ଠାରେ ପ୍ରାର୍ଥନା।
ହତଭାଗ୍ୟ ପୁତ୍ରଗଣ: ଦିଲ୍ଲୀପ, ପ୍ରଦୀପ, ସଞ୍ଜୀବ
ତଥା ବନ୍ଧୁ ଓ ପରିବାରବର୍ଗ



ଘରୋଇ କମ୍ପାନୀକୁ ବିରୋଧ

# ଉପଜିଲ୍ଲାପାଳଙ୍କୁ ଭେଟିଲେ ପଞ୍ଚାୟତବାସୀ




ତାଳଚେର, ୯ ।୪(ସମିସ): ତାଳଚେର ବ୍ଲକ ଧରମପୁର ଏବଂ କଙ୍କିଳି ପଞ୍ଚାୟତର ଜାଗାରୁ କୋଇଲା ଖନନ ଓ ଉତ୍ତୋଳନ ପାଇଁ ରୁଙ୍ଗଟା ସନ୍ସ କମ୍ପାନୀ ଟେଣ୍ଡର ପାଇଥିବା ବେଳେ କମ୍ପାନୀକୁ ଜମି ନ ଦେବାକୁ ୨ ପଞ୍ଚାୟତର ଲୋକମାନେ ପୂର୍ବରୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଅନେକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି। କମ୍ପାନୀ ଅଧିକାରୀ ବୋର୍‌ୱେଲ୍ ସର୍ଭେ ଓ ଡ୍ରିଲିଂ ନିମନ୍ତେ ଆସିଥିଲେ ମଧ୍ୟ ବାରମ୍ବାର ଏହାକୁ ବିରୋଧ କରି ଆସୁଛନ୍ତି ଧରମପୁର ଓ କଙ୍କିଳି ପଞ୍ଚାୟତବାସୀ। କିଛି ଲୋକଙ୍କୁ ନେଇ ଏକ ବୈଠକ କରି ବୋରିଂ କାମ କରିବାକୁ ଚାହୁଁଛି କମ୍ପାନୀ। ତେବେ ଅଞ୍ଚଳବାସୀ ଡ୍ରିଲିଂ କାର୍ଯ୍ୟ କରାଇ ନ ଦେବା ସହ କମ୍ପାନୀକୁ ଜମି ଅଧିଗ୍ରହଣ କରିବାକୁ କେବେ ବି ଦେବେନାହିଁ ବୋଲି କହିଛନ୍ତି। ଗୁରୁବାର କମ୍ପାନୀର ଦୁଇଟି ଗାଡ଼ି କିଛି କୁଚକ୍ରୀଙ୍କ ସହଯୋଗରେ ଡ୍ରିଲିଂ କରିବାକୁ ଆସିଥିଲେ ହେଁ ଅଞ୍ଚଳବାସୀ ପ୍ରତିବାଦ କରିବା ସହ ଡ୍ରିଲିଂ ଗାଡ଼ିକୁ ଘଉଡ଼ାଇ ଦେଇଥିଲେ। ପୂର୍ବରୁ ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମଧ୍ୟ କମ୍ପାନୀର କୌଣସି କାର୍ଯ୍ୟ ହେବନାହିଁ ବୋଲି ଆଲୋଚନା ହୋଇଥିଲା। ଉପଜିଲ୍ଲାପାଳ ନିଜେ ଦୁଇ ପଞ୍ଚାୟତର ଲୋକଙ୍କ ଉପସ୍ଥିତିରେ ଡ୍ରିଲିଂ କମ୍ପାନୀ ସହ କଥା ହେବା ପରେ ଯଦି ସମସ୍ତେ ରାଜି ତେବେ ଡ୍ରିଲିଂ ହେବ ନଚେତ୍ ହେବ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ତେବେ କିଛି ବ୍ୟକ୍ତି କମ୍ପାନୀ ସହ ହାତ ମିଶାଇ ଗୁରୁବାର ଧରମପୁର ଅଞ୍ଚଳରେ ଡ୍ରିଲିଂ କାର୍ଯ୍ୟ କରିବାକୁ ପ୍ରୟାସ କରି ନିରାଶ ହୋଇଛନ୍ତି। ଏହି ଡ୍ରିଲିଂ କାମକୁ ନେଇ ଉଭୟ କମ୍ପାନୀ ଓ ଧରମପୁର ପଞ୍ଚାୟତର କିଛି ଲୋକଙ୍କୁ ନେଇ ଉପଜିଲ୍ଲାପାଳ ବୈଠକ କରିଥିଲେ। କେବଳ କିଛି ଲୋକଙ୍କୁ ନେଇ ଏହି ବୈଠକ ନ ହେଉ, ଯଦି ହେବ ସମସ୍ତ ଲୋକଙ୍କ ଉପସ୍ଥିତିରେ ବୈଠକ ହେବ ବୋଲି ଧରମପୁର ପଞ୍ଚାୟତର ୫୦୦ରୁ ଊର୍ଦ୍ଧ୍ୱ ପୁରୁଷ ମହିଳା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉଭୟ କମ୍ପାନୀ ଓ ପଞ୍ଚାୟତବାସୀଙ୍କୁ ନେଇ ବୈଠକ କରିଥିଲେ ଯେଉଁଥିରେ ଉପଜିଲ୍ଲାପାଳ କମ୍ପାନୀକୁ କହିଥିଲେ ଯେ ଯେପର୍ଯ୍ୟନ୍ତ ପଞ୍ଚାୟତବାସୀ ରାଜି ନ ହୋଇଛନ୍ତି ସେପର୍ଯ୍ୟନ୍ତ ଡ୍ରିଲିଂ କାର୍ଯ୍ୟ ଆରମ୍ଭ ହୋଇପାରିବ ନାହିଁ। ତେଣୁ ରୁଙ୍ଗଟା କମ୍ପାନୀ ଲୋକଙ୍କ ସହ ଗ୍ରାମକୁ ଯାଇ ଆଲୋଚନା କରୁ। ଯଦି ଲୋକେ ରାଜି ହେବେ ତେବେ ଡ୍ରିଲିଂ କାର୍ଯ୍ୟ ଆରମ୍ଭ ହେବ ବୋଲି ପଞ୍ଚାୟତବାସୀ ପ୍ରକାଶ କରିଛନ୍ତି।

# ୨୨ତମ ହିଙ୍ଗୁଳା ଲୋକ ମହୋତ୍ସବ ଉଦ୍‌ଯାପିତ

ତାଳଚେର, ୯ ।୪(ସମିସ):




ତାଳଚେର ବ୍ଲକ ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠରେ ଚାଲିଥିବା ନବଦିନାତ୍ମକ ମା' ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ଓ ୨୨ତମ ଲୋକ ମହୋତ୍ସବ ଉଦ୍‌ଯାପିତ ହୋଇଛି। ତାଳଚେର ଉପଜିଲ୍ଲାପାଳ ତଥା ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ଆଶିଷ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାଏକ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ବ୍ରଜକିଶୋର ପ୍ରଧାନ, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ତାଳଚେର ରାଜା ବିଜୟେନ୍ଦ୍ର ଚନ୍ଦ୍ର ଦେବ ମଞ୍ଚାସୀନ ଥିଲେ। ଅତିଥିମାନେ ମା'ଙ୍କ ମହିମା ସମ୍ପର୍କରେ ବର୍ଣ୍ଣନା କରିବା ସହ ଆଗାମୀ ବର୍ଷ ହେବାକୁ ଥିବା ହିଙ୍ଗୁଳା ଯାତ୍ରା ପୂର୍ବରୁ ମା'ଙ୍କ ଅସମ୍ପୂର୍ଣ୍ଣ ମନ୍ଦିରକୁ ପୂର୍ଣ୍ଣାଙ୍ଗ ରୂପ ଦିଆଯିବ ବୋଲି କହିଥିଲେ। ଏହି ଅବସରରେ ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ପ୍ରକାଶିତ ବାର୍ଷିକ ଆଧ୍ୟାତ୍ମିକ ପତ୍ରିକା ଅଗ୍ନିସ୍ନାତାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ତାଳଚେରର ଡିଏଭି ଡ୍ୟାନ୍ସ ଷ୍ଟୁଡିଓର କଳାକାରଙ୍କ ଦ୍ୱାରା ଶ୍ରୀକୃଷ୍ଣ ରାସଲୀଳା ଓ ଅନୁଗୋଳ ନୃତ୍ୟାଙ୍ଗନା ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷିତ ଶିବ ତାଣ୍ଡବ ଓ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ସେହିପରି ଅନୁଗୋଳର ନିକ୍ୱଣ ଡ୍ୟାନ୍ସ ଗ୍ରୁପ, ନୃତ୍ୟ କଳା ଏକାଡେମୀର କଳାକାରଙ୍କ ଦ୍ୱାରା ପରିବେଷିତ ନୃସିଂହ ଅବତାର, ଗୁରୁ ଅନୀତା ସିଂହଦେଓଙ୍କ ନିର୍ଦ୍ଦେଶନାରେ ପରିବେଷିତ ପୂର୍ବ ଭାରତର ଲୋକନୃତ୍ୟ, ଗଞ୍ଜାମ ଜିଲ୍ଲାର ବିଚିତ୍ର ବର୍ଣ୍ଣାଳୀ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷିତ କଣ୍ଢେଇ ନୃତ୍ୟ ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା।

## ୧୨ରେ ହନୁମାନ ମନ୍ଦିରର ରତ୍ନମୁଦ ଉତ୍ସବ



କିଶୋରନଗର, ୯ ।୪(ସମିସ): କିଶୋରନଗର ବ୍ଲକ ଧଉରାପାଲ୍ଲୀ ପଞ୍ଚାୟତ ପାଣ୍ଡୁରୀପଥର ଗ୍ରାମରେ ନିର୍ମିତ ହନୁମାନ ମନ୍ଦିରର ରତ୍ନମୁଦ ଉତ୍ସବ ଆସନ୍ତା ୧୨ ତାରିଖ ଅନୁଷ୍ଠିତ ହେବ। ଏନେଇ ପ୍ରସ୍ତୁତି ଚାଲୁ ରହିଛି। ୧୧ ତାରିଖ ଅପରାହ୍ନରେ ୧୫୬ କଳସରେ ପାଣି ଅଣାଯାଇ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

## ମା' ହିଙ୍ଗୁଳାଙ୍କ ହୁଣ୍ଡିରୁ ମିଳିଲା ୧୦.୪୬ ଲକ୍ଷ ଟଙ୍କା

ତାଳଚେର, ୯ ।୪(ସମିସ): ଗୋପାଳପ୍ରସାଦସ୍ଥିତ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପୀଠ ପରିସରରେ ଥିବା ସମସ୍ତ ହୁଣ୍ଡିଗୁଡ଼ିକୁ ଗୁରୁବାର ଖୋଲାଯାଇଛି। ତାଳଚେର ଡେପୁଟି କଲେକ୍ଟର ଧର୍ମେନ୍ଦ୍ର କୁମାର ଶତପଥୀ, ଟ୍ରଷ୍ଟ ସଦସ୍ୟ ରାଜେନ୍ଦ୍ର କୁମାର ସିଂ, ମୁରଲୀଧର ସାହୁ, ଅରୁଣ କୁମାର ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ସଞ୍ଜୟ କୁମାର ସାହୁ, ଗଗନ ବିହାରୀ ସାହୁ, ବରିଷ୍ଠ ରାଜସ୍ୱ ସହାୟକ ଧୂଳେଶ୍ୱର ବେହେରାଙ୍କ ଉପସ୍ଥିତିରେ ମନ୍ଦିର ପରିସରରେ ଥିବା ସମସ୍ତ ହୁଣ୍ଡି ଖୋଲାଯାଇଥିଲା। ଏଥିରୁ ମୋଟ ୧୦ ଲକ୍ଷ ୪୬ ହଜାର ୯ ଶହ ୧୦ ଟଙ୍କା ସଂଗ୍ରହ ହୋଇଛି। କନଷ୍ଟେବଳ କରୁଣାକର ମହାପାତ୍ର, ବିଭୂତି ଭୂଷଣ ସାମଲ, ସୁଶାନ୍ତ କୁମାର ସାହୁ, ବିକାଶ ରଞ୍ଜନ ପ୍ରଧାନ, ମାନସ ରଞ୍ଜନ ସାହୁ, କୃଷ୍ଣଚନ୍ଦ୍ର ସାହୁ, ସଚିନ କୁମାର ସାହୁ, ନାବି ସାମଲ, ପ୍ରତାପ ଚନ୍ଦ୍ର ବେହେରା, ସୌମ୍ୟରଞ୍ଜନ ମହାନ୍ତି, ମିଥୁନ ବେହେରା, ଦୀପକ ଦାସ, ମନୋରଞ୍ଜନ ସ୍ୱାଇଁ, ସନ୍ତୋଷ କୁମାର ସ୍ୱାଇଁ, ରାଜେନ୍ଦ୍ର କୁମାର ସାମଲ, ବାଉରୀବନ୍ଧୁ ସାମଲ, ବାପି ସାହୁ, ଶ୍ରୀନିବାସ ଅମନ୍ତ, ପ୍ରସାଦ କୁମାର ଶତପଥୀ, ରଜନୀକାନ୍ତ ପ୍ରଧାନ, ସମ୍ବିତ କୁମାର ସାହୁ, ତାରାକାନ୍ତ ସାହୁ, ପି. ସୂର୍ଯ୍ୟକାନ୍ତ ନରେନ୍ଦ୍ର ରାଓ, ପୁପିନ୍ଦ୍ର ପ୍ରଧାନ, ଚିନ୍ମୟ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ମା' ହିଙ୍ଗୁଳାଙ୍କ ଯାତ୍ରାର ଅବ୍ୟବହିତ ପୂର୍ବରୁ ସମସ୍ତ ହୁଣ୍ଡି ଖୋଲାଯାଇ ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସଂଗ୍ରହ ହୋଇଥିଲା।



● ମଦ ଦୋକାନ ମ୍ୟାନେଜରଙ୍କଠାରୁ ଲୁଟ୍ ଘଟଣା

## ୨ ଅଭିଯୁକ୍ତ ଗିରଫ; ଲୁଟ୍ ସାମଗ୍ରୀ ଉଦ୍ଧାର

ଅନୁଗୋଳ, ୯ ।୪(ସମିସ): ଏପ୍ରିଲ ୬ ତାରିଖ ରାତି ପ୍ରାୟ ସାଢ଼େ ୧୦ଟାରେ କୁସାସିଙ୍ଗା ଗ୍ରାମର କିଶୋର ଚନ୍ଦ୍ର ଭୁତିଆ ତଥା ବଡ଼କେରେଜେଙ୍ଗସ୍ଥିତ ବିଦେଶୀ ମଦ ଦୋକାନର ମ୍ୟାନେଜର ଦୋକାନ ବନ୍ଦ କରି ସ୍କୁଟି ଯୋଗେ ଘରକୁ ଫେରୁଥିବା ବେଳେ ମଝିକା-ଜରାସିଂହା ରାସ୍ତାରେ ତିନି ଦୁର୍ବୃତ୍ତ ତାଙ୍କୁ ଅନୁସରଣ କରି ନିଛାଟିଆ ଜାଗା ଦେଖି ବେଣାଗାଡ଼ିଆ ପାଖରେ ଅଟକାଇଥିଲେ। ଦୁର୍ବୃତ୍ତମାନେ ଭୁଜାଲି ଓ ଲାଠି ଦେଖାଇ ତାଙ୍କୁ ଭୟଭୀତ କରିବା ସହ ନିର୍ମମ ଭାବେ ଆକ୍ରମଣ କରିଥିଲେ। ଏଥିସହ ତାଙ୍କଠାରୁ ଗୋଟିଏ ସୁନା ମୁଦି, ୧୮ ହଜାର ଟଙ୍କା ଓ ସ୍କୁଟି ନେଇ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ଭୁତିଆ ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରଜୁ କରି ତଦନ୍ତ ଚଳାଇଥିଲା। ଏହି ମାମଲାରେ ତିନି ଦୁର୍ବୃତ୍ତଙ୍କ ସମ୍ପୃକ୍ତି ଥିବା ପୁଲିସ ଜାଣିବାକୁ ପାଇଥିଲା। ଗୁରୁବାର ପୁଲିସ ଚଢ଼ଉ କରି ମଝିକାର ସତ୍ୟନାରାୟଣ ମହାପାତ୍ର ଓ ଜରାସିଙ୍ଘାର ଲୁଲୁ ସାହୁଙ୍କୁ ଗିରଫ କରିଛି। କିଶୋରଙ୍କ ସ୍କୁଟି ଉଦ୍ଧାର କରିବା ସହ ଘଟଣାରେ ବ୍ୟବହୃତ ବାଇକ୍ ଜବତ କରିଛି। ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂଚନା ଦେଇଛି।



ଅନୁଗୋଳ ପୁଲିସ ପକ୍ଷରୁ ରକ୍ତଦାନ ଶିବିର

## ୧୨୦ ୟୁନିଟ୍ ରକ୍ତ ସଂଗୃହୀତ

ଅନୁଗୋଳ, ୯ ।୪(ସମିସ): ସମାଜ କଲ୍ୟାଣ ଏବଂ ମାନବ ସେବା ପ୍ରତି ନିରନ୍ତର ପ୍ରତିବଦ୍ଧତାର ଅଂଶ ସ୍ୱରୂପ ଅନୁଗୋଳ ପୁଲିସ ପକ୍ଷରୁ ଗୁରୁବାର ଛେଲିଆପଡ଼ାସ୍ଥିତ ରିଜର୍ଭ ପୁଲିସ କାର୍ଯ୍ୟାଳୟରେ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଶିବିରରେ ପୁଲିସ କର୍ମଚାରୀ ଏବଂ ଗୃହରକ୍ଷୀମାନେ ଉତ୍ସାହର ସହ ରକ୍ତଦାନ କରିଥିଲେ। ମୋଟ ୧୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଅନୁଗୋଳ ଏସ୍‌ପି ରାହୁଲ ଜୈନ ଶିବିରକୁ ଉଦଘାଟନ କରିଥିଲେ। ଏସ୍‌ପି ନିଜେ ରକ୍ତଦାନ କରି ଏହି ମହାନ କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଏସପି ରାଜୀବ ଲୋଚନ ପଣ୍ଡା, ଡିଏସପି ଯୋଗେଶ୍ୱରୀ ବେହେରା, ଇନ୍ସପେକ୍ଟର ଅନୁପ ତିର୍କୀ ଏବଂ ଅୟଶକାନ୍ତ ଜେନାଙ୍କ ସମେତ ବରିଷ୍ଠ ଅଧିକାରୀମାନେ ମଧ୍ୟ ରକ୍ତଦାନ କରିଥିଲେ। ଆଇଜି ସତ୍ୟବ୍ରତ ଭୋଇ ଶିବିର ପରିଦର୍ଶନ କରି ରକ୍ତଦାତାଙ୍କ ସହ ଆଲୋଚନା କରିଥିଲେ।






## ଏସ୍‌ଭିଏମ୍‌ର +୨ ବିଜ୍ଞାନ ବିଭାଗରେ ବିଦ୍ୟାରମ୍ଭ ଉତ୍ସବ

ଅନୁଗୋଳ, ୯ ।୪(ସମିସ): ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର +୨ ବିଜ୍ଞାନ ବିଭାଗରେ ଗୁରୁବାର ବିଦ୍ୟାରମ୍ଭ ଉତ୍ସବ ପାଳିତ ହୋଇଛି। ଅବସରପ୍ରାପ୍ତ ଜିଲ୍ଲା ବିଚାରପତି ଦୁର୍ଗାଶଙ୍କର ମିଶ୍ର ମୁଖ୍ୟଅତିଥି ଓ ବିଦ୍ୟାଳୟର ପୂର୍ବତନ ସମ୍ପାଦକ ବିଜୟ କୁମାର ମୋଦୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସିଦ୍ଧନାଥ ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ମାତୃଭାରତୀ ଗଠନ କରାଯାଇ ବିଦ୍ୟାଳୟର ଉନ୍ନତିରେ ମା'ମାନଙ୍କ ଯୋଗଦାନ ଉପରେ ଆଲୋକପାତ କରାଯାଇଥିଲା। ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ଶିକ୍ଷା ଆରମ୍ଭ ହେବା ସହ ପ୍ରଥମ ବର୍ଷ ବାର୍ଷିକ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରିୟଙ୍କା ହାଁସଦା, ଦ୍ୱିତୀୟ ସ୍ଥାନରେ ଥିବା ସ୍ୱୟଂଶ୍ରଦ୍ଧା ବେହେରା ଓ ତୃତୀୟ ସ୍ଥାନରେ ଥିବା ଅଙ୍କିତାରାଣୀ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା।



## ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଭୂମିପୂଜନ

କଣିହାଁ, ୯ ।୪(ସମିସ): କଣିହାଁ ବ୍ଲକ ସାନତ୍ରିବିଡ଼ା ପଞ୍ଚାୟତ ଧୋବାପାଳ ଓ ଚନ୍ଦ୍ରବିଲ ଗ୍ରାମରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଭୂମିପୂଜନ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ପ୍ରକଳ୍ପଗୁଡ଼ିକର ଉଦଘାଟନ ଓ ଭୂମିପୂଜନ କରିଥିଲେ। ଜାତୀୟରାଜପଥ-୫୩ ନିକଟ ରୁଟୁଭୂଇଁଠାରୁ ଧୋବାପାଳ ପର୍ଯ୍ୟନ୍ତ ନୂତନ ରାସ୍ତା ଓ ଧୋବାପାଳ ଗ୍ରାମରେ ନୂତନ ଗୋଷ୍ଠୀ କେନ୍ଦ୍ରର ଉଦଘାଟନ କରାଯାଇଛି। ଧୋବାପାଳ ଗ୍ରାମ ହନୁମାନ ମନ୍ଦିରଠାରେ ନୂତନ ଭୋଗମଣ୍ଡପର ଭୂମିପୂଜନ ହୋଇଛି। ଚନ୍ଦ୍ରବିଲ ଗ୍ରାମରେ ଅବସ୍ଥିତ ମା' ମଙ୍ଗଳାଙ୍କ ନୂତନ ମନ୍ଦିର ସୌନ୍ଦର୍ଯ୍ୟକରଣ ଓ ନେତାଜୀ ୟୁଥ୍ କ୍ଲବ ନୂତନ ଗୃହ ଉଦଘାଟନ କରାଯାଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ସାନତ୍ରିବିଡ଼ା ସରପଞ୍ଚ ସୁଜାତା ପ୍ରଧାନ, ସମିତି ସଭ୍ୟା ମିନାକ୍ଷୀ ସାହୁ, କଣିହାଁ ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଚିନ୍ମୟ ମିଶ୍ର, ଅନୁଗୋଳ ଜିଲ୍ଲା ବିଜେଡି ଉପସଭାପତି ସୁନୀଲ ପ୍ରଧାନ, କଣିହାଁ ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ରାଜେନ୍ଦ୍ର ପ୍ରଧାନ, ବଡ଼ତ୍ରିବିଡ଼ା ସରପଞ୍ଚ ଶାନ୍ତନୁ ପ୍ରଧାନ, ସମିତିସଭ୍ୟା କିଶୋରୀ ବେହେରା, ଗଦଶିଳା ସରପଞ୍ଚ ବୃନ୍ଦାବନ ପ୍ରଧାନ, ବିଜିଗୋଳ ସରପଞ୍ଚ ରୁକ୍ମିଣୀ ପ୍ରଧାନ, ନାଏବ ସରପଞ୍ଚ ଅମୃତି ବେହେରା, ଧୋବାପାଳ ଓ ଚନ୍ଦ୍ରବିଲ ଗ୍ରାମ ସଭାପତି, ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ସଂଗଠକ ନିର୍ମଳ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



# ସାର୍ବଜନୀନ ନାମଲେଖା ନିମନ୍ତେ ଶିକ୍ଷା ମହାସଭା

ଅନୁଗୋଳ, ୯ ।୪(ସମିସ):



ପାଲଲହଡ଼ାର ବଣପାହାଡ଼ ଘେରା ଅଗମ୍ୟ ସିବିଡ଼ା କନ୍ୟାଶ୍ରମରେ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ସାର୍ବଜନୀନ ନାମଲେଖା ତଥା ସମସ୍ତ ଶିଶୁଙ୍କୁ ବିଦ୍ୟାଳୟମୁଖୀ କରିବା ନିମନ୍ତେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନ୍ତର୍ଗତ ଶିକ୍ଷା ମହାସଭା ସମ୍ପନ୍ନ ହୋଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବିଇଓ ସତ୍ୟବାଦୀ ସାମଲ, ସ୍ଥାନୀୟ ବରଡିହ ସରପଞ୍ଚ କପିଳ ଦେହୁରୀ, ନଗିରା ସରପଞ୍ଚ ପିତନ ବାରିକ, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ଅଧିକାରୀ ରୋହିତ କୁମାର ନାଥ, ଅନୁଗୋଳ ବିଇଓ ଅଶୋକ କୁମାର ପ୍ରଧାନ, ସମଗ୍ର ଶିକ୍ଷା ଜିଲ୍ଲା ଶୈକ୍ଷିକ ସଂଯୋଜକ ମନୋରଞ୍ଜନ ସାହୁ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ, ସମଗ୍ର ଶିକ୍ଷା ଜିଲ୍ଲା ଅନୁସୂଚିତ ଜନଜାତି ସଂଯୋଜକ ମନୋଜ କୁମାର ସ୍ୱାଇଁ, ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ବିଜୟ କୁମାର ସାହୁ, ସିବିଡ଼ା ସିଆର୍‌ସିସି ବେଣୁଧର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ମୁଣ୍ଡା ସାଉଁନ୍ତ, ଜଗନ୍ନାଥ ପ୍ରଧାନ, ସଇଡ଼ା ସିଆର୍‌ସିସି ମଖମଲ ନାୟକ, ସଇଡ଼ା ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଭାରତୀ ନାଏକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଅନ୍ତର୍ଗତ ସିବିଡ଼ା ଗ୍ରାମରେ ଶିକ୍ଷା ସଚେତନତା ଶୋଭାଯାତ୍ରା ଓ ସିବିଡା କନ୍ୟାଶ୍ରମରେ ଶିକ୍ଷା ମହାସଭା ଅନୁଷ୍ଠିତ ହୋଇଥିଲା। ସିବିଡ଼ା ପିଭିଟିଜି ବାଳକ ଆଶ୍ରମ ବିଦ୍ୟାଳୟ ଏବଂ କନ୍ୟାଶ୍ରମ ଉଚ୍ଚ ବିଦ୍ୟାଳୟ ତରଫରୁ ଅତିଥିଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ମାନିତ କାରାଯାଇଥିଲା। ବିଇଓ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ସାହୁ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନ୍ତର୍ଗତ ସାର୍ବଜନୀନ ନାମଲେଖା କରାଯାଇ ସବୁ ଶିଶୁଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ଆହ୍ୱାନ କରିଥିଲେ। ଛାତ୍ରଛାତ୍ରୀ ପାଠପଢ଼ି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଶିକ୍ଷୟିତ୍ରୀମାନେ କୋମଳମତି ଶିଶୁଙ୍କୁ ସ୍ନେହ, ସମ୍ମାନ ଓ ଆନନ୍ଦମୟ ଶିକ୍ଷଣ ପରିବେଶରେ ଶିକ୍ଷାଦାନ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମର ବାର୍ତ୍ତା ସବୁ ଗ୍ରାମକୁ ପହଞ୍ଚାଇବା ନିମନ୍ତେ ବରଡିହ ଓ ନଗିରା ପଞ୍ଚାୟତର ଗ୍ରାମଗୁଡ଼ିକରୁ ୩୦୦ରୁ ଅଧିକ ଜନସାଧାରଣ ଯୋଗଦେଇଥିଲେ। ଛାତ୍ରଛାତ୍ରୀ ଓ ଲୋକମାନଙ୍କ ସଚେତନତା ନିମନ୍ତେ ଶିକ୍ଷା ସମ୍ପର୍କିତ ପାଲା, ଆଦିବାସୀ ନୃତ୍ୟ, ଛାତ୍ରଛାତ୍ରୀଙ୍କ ଦ୍ୱାରା ସର୍ଗିଫୁଲ ନୃତ୍ୟ ଇତ୍ୟାଦି ପରିବେଷଣ କରାଯାଇଥିଲା। ସିବିଡ଼ା ପିଭିଟିଜି ବାଳକ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୁଟୁ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଝାରବେଡ଼ା ସିଆର୍‌ସିସି କିଶୋର କୁମାର ନାୟକ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ କବିତା ଲିଖନରେ କଳ୍ପନା ପ୍ରଥମ



କିଶୋରନଗର, ୯ ।୪(ସମିସ): ଓଡ଼ିଆ ପକ୍ଷରେ ସାହିତ୍ୟ ଓ ସୃଜନ କାର୍ଯ୍ୟକ୍ରମରେ ଅନୁଗୋଳ ସରକାରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କବିତା ଲିଖନ ପ୍ରତିଯୋଗିତାରେ କିଶୋରନଗର ସ୍ନାତକ ମହାବିଦ୍ୟାଳୟର ପ୍ରଥମ ବର୍ଷ ଛାତ୍ରୀ କଳ୍ପନା ମହାପାତ୍ର ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଛନ୍ତି। ଏହି ସଫଳତା ପାଇଁ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




## ତାଳଚେର ଷ୍ଟାଡିୟମରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

ତାଳଚେର, ୯ ।୪(ସମିସ): ବହୁ ଦାବି ଓ ପ୍ରତିବାଦ ପରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ତାଳଚେରର ବହୁ ପୁରାତନ ଷ୍ଟାଡିୟମ ନୂତନ ରୂପ ପାଇବାକୁ ଯାଉଛି। କାର୍ଯ୍ୟ ଶେଷ ହେବାକୁ ଅଳ୍ପ ଦିନ ବାକି ଥିବା ବେଳେ ଏହି ଷ୍ଟାଡିୟମରୁ ବାରମ୍ବାର ଲକ୍ଷାଧିକ ଟଙ୍କାର କେବୁଲ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହେଉଥିବାରୁ ଠିକାଦାର କ୍ଷତି ସହି ନ ପାରି କାର୍ଯ୍ୟ ଛାଡ଼ି ଚାଲିଯିବା ଆଶଙ୍କା ଉପୁଜିଛି। ଷ୍ଟାଡିୟମରେ ମାତ୍ର ଦୁଇଜଣ ଠିକା ଜଗୁଆଳି ରହୁଥିବା ବେଳେ ଏହା ଧର୍ମକୁ ଆଖିଠାର ସଦୃଶ ହୋଇଛି। ଅପରପକ୍ଷେ ଏହି ଷ୍ଟାଡିୟମ ଟାଉନ ଥାନାଠାରୁ ମାତ୍ର ୧ କିମି ଦୂର ହୋଇଥିବା ବେଳେ ଏକାଧିକ ଥର ଚୋରି ସମ୍ପର୍କରେ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବା ପୁଲିସର ଭୂମିକା ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚୋରି, ରାହାଜାନୀ, ଡକାୟତି, ଡ୍ରଗ୍ସ ବେପାର, ଗୋଡ଼ି, ବାଲି, ମୋରମ, କୋଇଲା ଚୋରି ଇତ୍ୟାଦି ଜଗିବାକୁ ଲକ୍ଷାଧିକ ଟଙ୍କା ବ୍ୟୟରେ ତାଳଚେରର ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଖଞ୍ଜାଯାଇଛି। ମାତ୍ର ଏଗୁଡ଼ିକ କାହା ସ୍ୱାର୍ଥରେ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ସହରର ସିସିଟିଭିର ସଂଯୋଗ ଏସଡିପିଓଙ୍କ କାର୍ଯ୍ୟାଳୟ ଓ ଥାନାରେ ରହିଥିଲେ ମଧ୍ୟ ଅପରାଧିକ କାର୍ଯ୍ୟ କିପରି ଦେଖାଯାଉ ନାହିଁ ବୋଲି ପ୍ରଶ୍ନ ଉଠିଛି। ପୁଲିସ କେବଳ ହେଲମେଟ, ସିଟ୍‌ବେଲ୍ଟ ଯାଞ୍ଚ କରି ଜରିମନା ଲଗାଉଥିବା ବେଳେ ଅପରାଧିକ କାର୍ଯ୍ୟକଳାପ ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଅଭିଯୋଗ ହେଉଛି। ଷ୍ଟାଡିୟମରୁ ଚୋରି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



ପୁଲିସ୍ ନିଷ୍କ୍ରିୟ, ସିସିଟିଭି କାହା ସ୍ୱାର୍ଥରେ !



### କାଳ ହେଉଛି ଦୂଷିତ ପାନୀୟ ଜଳ

# ବାଉଁଶଡୋଳରେ ଝାଡ଼ାବାନ୍ତି: ଜଣେ ମୃତ, ୧୩ ଆକ୍ରାନ୍ତ





କବାଟବନ୍ଧ, ୯।୪(ସମିସ): ଧର୍ମଶାଳା ବ୍ଲକ୍ ଜେନାପୁର ଥାନା ଅଞ୍ଜିରା ପଞ୍ଚାୟତ ବାଉଁଶଡୋଳ ଗାଁରେ ଝାଡ଼ାବାନ୍ତି ବ୍ୟାପିଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଛି। ଗ୍ରାମର ଅନେକ ଲୋକ ଆକ୍ରାନ୍ତ ହୋଇଥିବାବେଳେ ୧୩ଜଣ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପ୍ରାୟ ୧୦ ମାସ ପରେ ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ୍‌କୁ ଡାଇରିଆ ଘେରିଥିବା ଜଣାପଡ଼ିଛି। ଗତ ବର୍ଷ ଜୁନରେ ଡାଇରିଆରେ ବହୁ ଲୋକ ଆକ୍ରାନ୍ତ ହୋଇଥିଲେ। ପୁନର୍ବାର ସେହି ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବାକୁ ନେଇ ଲୋକମାନେ ଭୟଭୀତ ହୋଇଛନ୍ତି। ଜିଲ୍ଲା ପ୍ରଶାସନ ତଥା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗାଁରେ ସ୍ଥିତି ଅନୁଧ୍ୟାନ କରାଯିବା ସହିତ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ତେବେ ପ୍ରାଥମିକ ପର୍ଯ୍ୟାୟରେ ଏହା ଡାଇରିଆ ବୋଲି ଜଣାପଡ଼ିଛି।

ବୁଧବାର ଗ୍ରାମର କିଛି ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ପରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଯୁବକ ମୃତ୍ୟୁ ବରଣ କରିଥିବା ଜଣାପଡ଼ିଛି। ମୃତ ବ୍ୟକ୍ତିଙ୍କ ନାମ ବାଦଲ (୩୪) ମଲିକ। ବାଦଲ ବୁଧବାର ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବା ପରେ ତାଙ୍କୁ ଚିକିତ୍ସା ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆ ଯାଇଥିଲା। ସେଠାରେ ଚିକିତ୍ସା ପରେ ଘରକୁ ଫେରିଥିଲେ। ମାତ୍ର ସେ ପୁନର୍ବାର ଝାଡ଼ାବାନ୍ତିରେ ଗୁରୁତର ହେବାରୁ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଆକ୍ରାନ୍ତଙ୍କ ମଧ୍ୟରେ ଗୋଟିଏ ପରିବାର ୨ ଜଣ ଏବଂ ଅନ୍ୟ ଏକ ପରିବାରର ୩ ଜଣଙ୍କୁ ମିଶାଇ ମୋଟ ୧୩ ଜଣ ଚିକିତ୍ସିତ ହେଉଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ୧୦ଜଣ ମହିଳା ଏବଂ ୩ ପୁରୁଷ ରହିଛନ୍ତି। ଜଣେ ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତର ବିଶ୍ୱଜିତ ନାୟକ, ଡାକ୍ତର ସଞ୍ଜୟ ଓଝା, ସୁପରଭାଇଜର ଅନୀଲ କୁମାର ରଥ, ସିଏଚ୍‌ଓ ସୌଭାଗିନୀ ରଥ, ସ୍ୱାସ୍ଥ୍ୟ କର୍ମୀ ସନ୍ଦୀପ ଶାନ୍ତନୁ ଦାସ, ମହିଳା ସ୍ୱାସ୍ଥ୍ୟ କର୍ମୀ ବିଶାଖା ଓଝା ଏବଂ ଆଶା କର୍ମୀ ମଞ୍ଜୁ ଜେନାଙ୍କ ସମେତ ଏକ ଟିମ୍ ଉକ୍ତ ଗ୍ରାମରେ ପହଞ୍ଚି ବାସ୍ତବ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଝାଡ଼ାବାନ୍ତି କିଭଳି ଅନ୍ୟମାନଙ୍କୁ ନ ବ୍ୟାପିବ, ସେଥିପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଗ୍ରାମରେ ରହୁଥିବା ମୋଟ ୮୭ ପରିବାରର ଘରକୁ ଘର ବୁଲି ଲୋକମାନଙ୍କୁ ସଚେତନ କରାଯାଉଛି। ଏଥିସହିତ ଓଆରଏସ୍, ହାଲୋଜିନ୍ ବଟିକା ଏବଂ ଔଷଧ ବଣ୍ଟନ କରାଯାଉଛି। ଝାଡ଼ାବାନ୍ତି ବ୍ୟାପିବାର କାରଣ ଖୋଜିବା ପାଇଁ ଗାଁରେ ବ୍ଲକ୍ ପ୍ରଶାସନ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ପକ୍ଷରୁ ଗ୍ରାମରେ ରହିଥିବା ବିଭିନ୍ନ ଜଳ ଉତ୍ସର ନମୁନା ସଂଗ୍ରହ କରାଯାଇଛି। ଗ୍ରାମରେ ରହିଥିବା ସମସ୍ତ ନଳକୂପ, ଖୋଲା କୂଅ, ଏବଂ ଟାଙ୍କି ପାଣିର ଜଳନମୁନା ତଥା ସମସ୍ତ ବେସରକାରୀ ଏବଂ ସରକାରୀ ଜଳ ଉତ୍ସରୁ ପାନୀୟ ଜଳ ବିଭାଗ ପକ୍ଷରୁ ନମୁନା ସଂଗ୍ରହ କରାଯାଇଛି। ଜଳ ନମୁନା ପରୀକ୍ଷା ପରେ ଏହି ସଂକ୍ରମଣର କାରଣ ସ୍ପଷ୍ଟ ହେବ ବୋଲି ସୂଚନା ମିଳିଛି। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟ କୁମାର ମିଶ୍ର ଅପରାହ୍ଣରେ ଉକ୍ତ ଗ୍ରାମରେ ପହଞ୍ଚି ବାସ୍ତବ ସ୍ଥିତି ପରଖିବା ସହିତ ସେଠାରେ ଉପସ୍ଥିତ ସ୍ୱାସ୍ଥ୍ୟ କର୍ମୀଙ୍କୁ ରାତି ସମୟରେ ଯଦି କେହି ଆକ୍ରାନ୍ତ ହୁଅନ୍ତି ତେବେ ତୁରନ୍ତ ମେଡିକାଲରେ ପହଞ୍ଚାଇ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଲଛମନ ବାଲାଜୀଉ ଡିଗ୍ରୀ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ପ୍ରୀତିପୁର, ୯।୪(ସମିସ): ରକ୍ତଦାନ ଏକ ମହତ ଦାନ। କାହାର ବୁନ୍ଦାଏ ରକ୍ତ ଆଉ ଜଣକର ଜୀବନ ରକ୍ଷା କରିପାରେ ବୋଲି ଲଛମନ ବାଲାଜୀଉ ଡିଗ୍ରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ମେଗା ରକ୍ତଦାନ ଶିବିରର ଉଦ୍‌ଘାଟନୀ ସଭାରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଞ୍ଝାରପୁର ଥାନା ତଥା ବରୀ ବ୍ଲକ୍ ଅଙ୍ଗାଲୋ ଗ୍ରାମରେ ଅବସ୍ଥିତ ଲଛମନ ବାଲାଜୀଉ ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳିତ ହୋଇଛି। ଏହି ଅବସରରେ ଏକ ରକ୍ତ ଦାନ ଶିବିର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଜୟଦେବ ଥାଟୋଇ ଉଦ୍‌ଘାଟନ କରିଥିଲେ। ସେ ସର୍ବପ୍ରଥମେ ରକ୍ତଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ କଲେଜର ଅଧ୍ୟକ୍ଷ ଜୟଦେବ ଥାଟୋଇ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଜୟ କୁମାର ମିଶ୍ର, ବରେଣ୍ୟ ଅତିଥି ଶିକ୍ଷାବିତ ତଥା ସୁସାହିତ୍ୟିକ ପ୍ରବୋଧ କୁମାର ସାମଲ, ସମ୍ମାନିତ ଅତିଥି ଅଧ୍ୟାପକ ସୁଦୀପ୍ତ କୁମାର ବିଶ୍ୱାଳ, ନୋଡାଲ ଅଫିସର ଏନ୍‌ଏସ୍‌ଏସ, ସମ୍ମାନିତ ଅତିଥି ଡାକ୍ତର ପ୍ରଶାନ୍ତ କୁମାର ବିଶ୍ୱାଳ, ମୁଖ୍ୟବକ୍ତା ପ୍ରାଧ୍ୟାପକ ଦିଲ୍ଲୀପ କୁମାର ରାଉତ, ସମ୍ମାନିତ ବକ୍ତା ଭରତ ଚନ୍ଦ୍ର ବେହେରା, ବରେଣ୍ୟ ଅତିଥି ରମାକାନ୍ତ ବେହେରା, ସୁଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସମେତ ଅନ୍ୟ ସମସ୍ତ କର୍ମଚାରୀ ଉତ୍ସବରେ ସହାୟତା କରିଥିଲେ। ଏହି ଅବସରରେ ଅତିଥିମାନେ ଓଡ଼ିଆ ପକ୍ଷର ଗୁରୁତ୍ୱ ବିଷୟରେ କଥାହୋଇ ରକ୍ତଦାନକୁ ଏକ ମହାନ ସେବା ବୋଲି ବର୍ଣ୍ଣନା କରିଥିଲେ। ସେମାନେ କହିଥିଲେ ଯେ, ଏହିପରି ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଆ ସଂସ୍କୃତି ସହ ସେବାଭାବ ମଧ୍ୟ ବଢ଼ିବ। ଏହି ଶିବିରରେ ଅନେକ ଯୁବକ ଓ ଯୁବତୀ ଉତ୍ସାହର ସହ ଯୋଗଦେଇ ସ୍ୱଇଚ୍ଛାରେ ରକ୍ତଦାନ କରିଥିଲେ। ମୋଟ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ବେଳେ, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଶିବିରକୁ ସଫଳ କରିବାରେ ସହଯୋଗ କରିଥିଲେ।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ସିଂହପୁର, ୯।୪(ସମିସ): ବିଞ୍ଝାରପୁର ବ୍ଲକ୍ ଖରସ୍ରୋତା ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଦ୍ୱାରା +୩ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବିଦାୟକାଳୀନ ସଭାର ଆୟୋଜନ କରାଯାଇଥିଲା। ବିଭାଗ ମୁଖ୍ୟ ଅଧ୍ୟାପକ କୈଳାସ ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାମଲ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ପିଲାମାନଙ୍କ ଉଦ୍ଦେଶ୍ୟରେ ଉପାଦେଶାତ୍ମକ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବିଜୟ କୁମାର ପତି, ମାନକେତନ ତ୍ରିପାଠୀ, ଅମ୍ବିକା ପ୍ରସାଦ ଜେନା, ବୈଭବ ନାୟକ, ଶରତ ରାଉଳ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଅଧ୍ୟାପକ ସନ୍ତୋଷ ମହାପାତ୍ର, ପ୍ରଦୀପ ରାଉଳ, ରଜତ ସାହୁ, ନୀଳମଣି ମଲିକ, ବିବେକ ମେହେର, ଯୋଗେନ୍ଦ୍ର ସୁତାର, ଅଧ୍ୟାପିକା ଜ୍ୟୋତିପ୍ରଭା ମହାନ୍ତି, ରୁବି ଏକ୍କା, ଝରଣା ଦେହୁରୀ, ସୁମନ ସାହୁ, କର୍ମଚାରୀ ପ୍ରେମାନନ୍ଦ ଜେନା ଯୋଗଦାନ କରିଥିଲେ। ଶେଷବର୍ଷର ୮୪ଜଣ ଛାତ୍ରଛାତ୍ରୀଙ୍କୁ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ସଂଗୀତ ନୃତ୍ୟ ଉପହାର ସହ ବହୁ ମୂଲ୍ୟବାନ ଉପହାର ପ୍ରଦାନ କରିଥିଲେ। ବିଭାଗର ଅଧ୍ୟାପକ ପାଣ୍ଡବ ସେଠୀ ଓ ଚିତ୍ତରଞ୍ଜନ ସାହୁ ସଭାକାର୍ଯ୍ୟରେ ସହଯୋଗ କରିଥିଲେ। ଅଧ୍ୟାପକ ଜଳଧର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ

ଧର୍ମଶାଳା, ୯।୪(ସମିସ): ଧର୍ମଶାଳା ବ୍ଲକ ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଧର୍ମଶାଳା କଲେଜ ଓଡ଼ିଆ ବିଭାଗ ପକ୍ଷରୁ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସ୍ୱରୂପାନନ୍ଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ଡକ୍ଟର ରମାକାନ୍ତ ଜେନା ଯୋଗଦେଇ ଛାତ୍ରଛାତ୍ରୀ ଓଡ଼ିଆ ପୁସ୍ତକ ପଢିଲେ ଓଡ଼ିଆ ଜାତୀୟତା



ବୋଧରେ ଅଭିମଣ୍ଡିତ ହେବା ସହିତ ଓଡ଼ିଆ ପତ୍ର ପତ୍ରିକା ଆଧୁନିକ ସାହିତ୍ୟ ସୃଷ୍ଟିରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ଦେବ ପ୍ରସାଦ ସାମଲ ଯୋଗଦେଇ ଗୋକର୍ଣ୍ଣିକା ପତ୍ରିକା ଜାରକାରୁ ଦୀର୍ଘ ୫୦ବର୍ଷ ହେବ ପ୍ରକାଶ ପାଇବା ସହିତ ଓଡ଼ିଆ ସାହିତ୍ୟ ପ୍ରସାର କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ମତପ୍ରକାଶ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଅଭିନ୍ନ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ସନ୍ତୋଷ କୁମାର ଦାଶ, ଅରବିନ୍ଦ ମହାନ୍ତି, ଅଧ୍ୟାପକ ଡକ୍ଟର ଆଶିଷ ଦାଶ, ଚତୁର୍ଭୁଜ ବେହେରା, ଅଧ୍ୟାପିକା ସସ୍ମିତା ରାଉଳ, ନୀଳିମା ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଦୀପକ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜରି ପିଏଚ୍‌ସିରେ ଅବ୍ୟବସ୍ଥା; ବୁଦ୍ଧିଜୀବୀ ମଞ୍ଚର ଧାରଣା




ବିଞ୍ଝାରପୁର/ସିଂହପୁର, ୯।୪(ସମିସ): ବିଞ୍ଝାରପୁର ବ୍ଲକ୍‌ରେ ସ୍ୱାସ୍ଥ୍ୟସେବା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ବ୍ଲକ୍‌ର ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଥିବା ବେଳେ କେବଳ ଆୟୁଷ ଡାକ୍ତରଙ୍କ ଉପରେ ରୋଗୀ ସେବା ନିର୍ଭର କରୁଛି। କେଉଁଠି ଏମ୍‌ବିବିଏସ୍ ଡାକ୍ତରଟିଏ ନାହାନ୍ତି ତ କେଉଁଠି ଫାର୍ମାସିଷ୍ଟ ଅଭାବ ଦେଖାଦେଇଛି। ଏହାର ପରିଣାମରେ ରୋଗୀମାନେ ସମୟମତେ ଚିକିତ୍ସା ନ ପାଇ ବିପଦରେ ପଡୁଛନ୍ତି। ଏଥିସହ ଅନେକ ମୃତ୍ୟୁମୁଖରେ ପଡୁଥିବା ଅଭିଯୋଗ ହେଉଛି। ବିଶେଷକରି ଜରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପ୍ରାୟ ୭ଟି ପଞ୍ଚାୟତର ଲୋକ ନିର୍ଭର କରୁଥିବା ସତ୍ତ୍ୱେ ଏଠାରେ ଦୀର୍ଘଦିନ ଧରି ଏମ୍‌ବିବିଏସ୍ ଡାକ୍ତର ନ ଥିବା ସହ ସ୍ଥାୟୀ ଫାର୍ମାସିଷ୍ଟ ମଧ୍ୟ ନାହାନ୍ତି। ଏହି ଅବସ୍ଥାକୁ ନେଇ ଆଞ୍ଚଳିକ ବୁଦ୍ଧିଜୀବୀ ମଞ୍ଚର ସଭାପତି ବିଷ୍ଣୁ ଚରଣ ଭୂୟାଁ ଓ ସମ୍ପାଦକ ବ୍ରହ୍ମାନନ୍ଦ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଜରି, ବାଙ୍ଗରା, ଛନ୍ଦାମୁଣ୍ଡ ଆଦି ଅଞ୍ଚଳର ଲୋକମାନେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଦିବାରାତ୍ର ଗଣଧାରଣାରେ ବସିଛନ୍ତି। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ଗତ ୭ ଦିନ ପୂର୍ବରୁ ସେମାନେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ କୌଣସି ପ୍ରତିକ୍ରିୟା ମିଳି ନ ଥିବାରୁ ବାଧ୍ୟହୋଇ ସେମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା ଆରମ୍ଭ କରିଛନ୍ତି। ସେମାନଙ୍କ ଦାବି ହେଉଛି, ଯେ ପର୍ଯ୍ୟନ୍ତ ମୌଳିକ ସମସ୍ୟା ସମାଧାନ ହେବନି, ସେପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କ ପ୍ରତିକ୍ରିୟା ନେବାରୁ ସେ କହିଛନ୍ତି ଯେ, ସମସ୍ୟା ସମାଧାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କଲେ ଜିଲ୍ଲାପାଳ

ଯାଜପୁର, ୯।୪(ସମିସ): ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଗୁରୁବାର ସକାଳେ ଅଚାନକ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ଏହି ଗସ୍ତ ସମୟରେ ସେ ଚିକିତ୍ସାଳୟର ବିଭିନ୍ନ ୱାର୍ଡ ବୁଲି ଦେଖିବା ସହ ସ୍ୱାସ୍ଥ୍ୟସେବାର ବାସ୍ତବ ସ୍ଥିତି ସମୀକ୍ଷା କରିଥିଲେ।



### ସ୍ୱାସ୍ଥ୍ୟ ସେବା ଓ ଭିତ୍ତିଭୂମିର କଲେ ସମୀକ୍ଷା

ଜିଲ୍ଲାପାଳ ପ୍ରଥମେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ସେମାନେ ପାଉଥିବା ଚିକିତ୍ସାର ଗୁଣବତ୍ତା ଓ ଡାକ୍ତରୀ ସେବା ଉପରେ ସେମାନଙ୍କ ମତାମତ ପଚାରି ବୁଝିଥିଲେ। ଏହାପରେ ସେ କାଜୁଆଲିଟିକୁ ଯାଇ ସେଠାରେ ଚିକିତ୍ସିତ ହେଉଥିବା ଦୁଇଟି ଦୁର୍ଘଟଣା ପୀଡ଼ିତ ରୋଗୀଙ୍କ ସହ କଥା ହୋଇଥିଲେ। ପରୀକ୍ଷାଗାର ପରିଦର୍ଶନ ସମୟରେ ସେଠାରେ ଆବଶ୍ୟକୀୟ ଉପକରଣ, ଯନ୍ତ୍ରପାତି ଓ ରିଏଜେଣ୍ଟର ଉପଲବ୍ଧତା ବିଷୟରେ ଅନୁଧ୍ୟାନ କରିଥିଲେ। ପ୍ରତିଦିନ କେତେ ସଂଖ୍ୟାରେ ଏବଂ କେଉଁ ପ୍ରକାର ପରୀକ୍ଷା କରାଯାଉଛି, ସେ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଥିଲେ। ଏହାପରେ ସେ "ନିରାମୟ' ଔଷଧ ବିତରଣ କେନ୍ଦ୍ର ପରିଦର୍ଶନ କରି ଉପସ୍ଥିତ ରୋଗୀଙ୍କ ସହ କଥା ହୋଇଥିଲେ। ପରେ ମାଗଣା ଔଷଧ ଠିକ୍ ଭାବରେ ମିଳୁଛି କି ନାହିଁ, ସେ ବିଷୟରେ ତଦାରଖ କରିଥିଲେ।

ଚିକିତ୍ସାଳୟର ଦ୍ୱିତୀୟ ମହଲାରେ ନୂତନ ଭାବେ ନିର୍ମିତ ହୋଇଥିବା ପେ-କ୍ୟାବିନଗୁଡ଼ିକୁ ମଧ୍ୟ ଜିଲ୍ଲାପାଳ ବୁଲି ଦେଖିଥିଲେ। ସେଠାରେ ଲାଗିଥିବା ପେସେଣ୍ଟ କଲିଂ ସିଷ୍ଟମ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧାର କାର୍ଯ୍ୟକାରିତା ନିରୀକ୍ଷଣ କରିଥିଲେ। ଖୁବ୍‌ଶୀଘ୍ର ଏହି କ୍ୟାବିନ୍‌ଗୁଡ଼ିକୁ ରୋଗୀଙ୍କ ସେବା ପାଇଁ କାର୍ଯ୍ୟକ୍ଷମ କରିବାକୁ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଓ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏହାସହ ଡାକ୍ତରଖାନାରେ ସୁରକ୍ଷାକୁ ଦୃଷ୍ଟିରେ ରଖି ଅଗ୍ନି ନିର୍ବାପକ ବ୍ୟବସ୍ଥା ସୁଦୃଢ଼ କରିବାକୁ ଜିଲ୍ଲାପାଳ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଅଗ୍ନିକାଣ୍ଡ ଭଳି ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଆଗୁଆ ସତର୍କ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲ୍ଲାପାଳ ମହାରାଜା ଯଯାତି କେଶରୀ ମେଡିକାଲ କଲେଜ ଅଧ୍ୟକ୍ଷଙ୍କ ସହ ମେଡିକାଲ କଲେଜରେ ଡାକ୍ତରୀ ସେବା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ ସେବା ପ୍ରଦାନରେ ଯେଭଳି କୌଣସି ବ୍ୟାଘାତ ନ ହୁଏ, ସେଥିପାଇଁ ପରାମର୍ଶ ଦେଇଥିଲେ। ଏହାସହ ରୋଗୀ ଏବଂ ରୋଗୀଙ୍କ ସମ୍ପର୍କୀୟଙ୍କ ସହ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

## ଘର ପାଖରୁ ବାଇକ୍ ଚୋରି ଅଭିଯୋଗ

ପାଣିକୋଇଲି, ୯।୪(ସମିସ): ପାଣିକୋଇଲି ଅଞ୍ଚଳରେ ଚୋରି ଏକ ନିତିଦିନିଆ ଘଟଣାରେ ପରିଣତ ହେଲାଣି। ଏଠାରେ ଜିଲ୍ଲା ପୁଲିସ ମୁଖ୍ୟାଳୟ ଥାଇ ମଧ୍ୟ ଚୋରମାନେ ପୁଲିସକୁ ଖାତିର କରୁନାହାନ୍ତି। ରାଜପଥ ଠାରୁ ଆରମ୍ଭ କରି ହାଟ ବଜାର ଓ ଗ୍ରାମାଞ୍ଚଳ ସବୁଠି ଚୋରି ବୃଦ୍ଧି ପାଇବାରେ ଲାଗିଛି। ପାଣିକୋଇଲି ଥାନା ଅଳତିରି କାଙ୍କଲାପାଟଣା ଗ୍ରାମରେ ଘରେ ଥିବା ବାଇକ୍‌କୁ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଥିବା ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ ଅଭିଯୋଗ ମୁତାବକ କାଙ୍କଲାପାଟଣା ଗ୍ରାମର ରଘୁନାଥ ବେହେରା ତାଙ୍କ ବାଇକ୍ ଘର ନିକଟରେ ସବୁଦିନ ପରି ରଖି ରାତିରେ ଶୋଇଥିଲେ। ସକାଳୁ ଦେଖିବା ବେଳକୁ ତାଙ୍କ ବାଇକ୍ (ଓଡି ୦୪କ୍ୟୁ ୩୯୩୩)ଟି କେହି ଦୁର୍ବୃତ୍ତ ଚୋରି କରିନେଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

## ହିନ୍ଦୀ ଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ବାଲିଚନ୍ଦ୍ରପୁର, ୯।୪(ସମିସ): ପଲାଇ ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା କଳ୍ପନା ଦେବୀ ବିଦ୍ୟା ନିକେତନ ଗଜେନ୍ଦ୍ରପୁର ହିନ୍ଦୀ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଡ.ଭାଗ୍ୟଧର ସାହୁ, ହରିପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କର୍ଣ୍ଣଧର ଘଡ଼ାଇ, ଶିକ୍ଷକ ନେତା ଦୟାନିଧି ସାମଲ, ଅଜିତ କୁମାର ମହାନ୍ତି, କଳ୍ପନା ଦେବୀ, ବିଦ୍ୟା ନିକେତନର ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ପରିଡ଼ା ତଥା ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ପୁରାତନ ଛାତ୍ର, ଅଧ୍ୟୟନରତ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ବିରାଟ ପଟୁଆରରେ ଶ୍ରୀ ଜେନାଙ୍କୁ ତାଙ୍କ ବାସଭବନ ଗୋଳକୁଣ୍ଡ ପଞ୍ଚାୟତ ହରିପୁର ଗ୍ରାମରେ ବାଜା, ବାଣ ରୋଷଣି କରି ବିଦାୟ ଦେଇଥିଲେ। ଏହି ପଟୁଆରରେ ୩୦୦ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।

## ଟ୍ରକ୍ ଦୁର୍ଘଟଣାରେ ଡ୍ରାଇଭର ଗୁରୁତର

ଧର୍ମଶାଳା, ୯।୪(ସମିସ): ଧର୍ମଶାଳା ଥାନା ୧୬ନମ୍ବର ଜାତୀୟ ରାଜପଥ ଜାରକା ଛକ ନିକଟରେ ରାସ୍ତାରେ ବ୍ରେକ୍ ଡାଉନ ହୋଇରହିଥିବା ଏକ ଟ୍ରକ୍ ପଛକୁ ଏକ ଟ୍ରେଲର୍ ଧକ୍କା ଦେବା ଫଳରେ ଟ୍ରେଲର୍ ଡ୍ରାଇଭର ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଚଣ୍ଡିଖୋଲ ପଟକୁ ଯାଉଥିବା ଏକ ଟ୍ରକ ଜାତୀୟ ରାଜପଥରେ ବ୍ରେକ୍‌ଡାଉନ ହୋଇ ରହିଥିଲା। ପଛପଟୁ ଆସୁଥିବା ଏକ ଟ୍ରେଲର ତାହାର ଟ୍ରକ ପଛପଟକୁ ଧକ୍କା ଦେଇଥିଲା। ଫଳରେ ଟ୍ରଲର ଡ୍ରାଇଭର ଗାଡ଼ି ଭିତରେ ଅଟକି ରହିଯାଇଥିଲା। ଖବର ପାଇ ଚଣ୍ଡିଖୋଲ ଦମକଳ ବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚି ଡ୍ରାଇଭରକୁ ସୁରକ୍ଷିତ ଉଦ୍ଧାର କରି ପ୍ରଥମେ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏହି ଦୁର୍ଘଟଣା ଯୋଗୁଁ ୧୬ ନମ୍ବର ଜାତୀୟ ରାଜପଥରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଫଳରେ ଅନେକ ଗାଡି ବାଇପାସ ରାସ୍ତାରେ ଯାଉଥିବା ଦେଖିବାକୁ ମିଳିଥିଲା। ତେବେ ଦୁର୍ଘଟଣା ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନଥିବା ବେଳେ ଧର୍ମଶାଳା ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ଥାନାରେ ରଖିଥିବା ନେଇ ଥାନା ଅଧିକାରିଣୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

## ଶ୍ରୀରାଧାକୃଷ୍ଣ ସାହିତ୍ୟ ସଂସଦ ପକ୍ଷରୁ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ

ଜେନାପୁର, ୯।୪(ସମିସ): ଧର୍ମଶାଳାର ଶ୍ରୀରାଧାକୃଷ୍ଣ ସାହିତ୍ୟ ସଂସଦ ଓ ମାତା ଇ-ପତ୍ରିକା ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା ପକ୍ଷରୁ ଯାଜପୁର, ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ପାଟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟପୁର ଓ ବଳଦେବଜିଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଡ଼ ବାରି ସାହିରେ ଅନୁଷ୍ଠାନ ପକ୍ଷରୁ ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର, ସୁରକ୍ଷା ଓ



ବିକାଶ ପାଇଁ ଶହେରୁ ଊର୍ଦ୍ଧ୍ୱ ପିଲାଙ୍କୁ ବର୍ଣ୍ଣବୋଧ ବହି ବଣ୍ଟନ କରାଯାଇଛି। ଅନୁଷ୍ଠାନର ସଭାପତି ଆଦିକନ୍ଦ ରାଉତ, ଉପ ସଭାପତି ଅରୁଣ କୁମାର ଦାସ, ପ୍ରତିଷ୍ଠାତା ଓ ସମ୍ପାଦକ ଡ. ଆଶୁତୋଷ ଦେବୀପ୍ରସାଦ ରାଉତଙ୍କ ପରାମର୍ଶକ୍ରମେ ଏହି କାର୍ଯ୍ୟକ୍ରମର ଦାୟିତ୍ୱ ସମ୍ପାଦିକା ଜୟନ୍ତୀ ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ଶ୍ରୀମତୀ ବେହେରା ଦୁଇଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ନେଇ ଏହି ଅଭିନବ କାର୍ଯ୍ୟକ୍ରମ ସମ୍ପାଦନ କରିଛନ୍ତି। ଅନୁଷ୍ଠାନ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯିବା ସହ ଏଭଳି କାର୍ଯ୍ୟକ୍ରମ ଆଗକୁ ବିଭିନ୍ନ ବିଦ୍ୟାଳୟରେ କରିବା ପାଇଁ ନିଷ୍ପତ୍ତି ହୋଇଛି।

# ଷ୍ଟାଫ୍ କ୍ୱାର୍ଟର୍ସ କାର୍ଯ୍ୟ ନିମ୍ନମାନର; ଘର ପାଖକୁ ନାହିଁ ସଂଯୋଗୀ ରାସ୍ତା

ମଙ୍ଗଳପୁର, ୯।୪(ସମିସ):



ଜନସାଧାରଣ ଆଶା ରଖିଥିଲେ ରାଜ୍ୟରେ ସରକାର ବଦଳିଲେ ପୂର୍ବ ସରକାର ସମୟ ଅନୁପାତରେ ସରକାରୀ ଦପ୍ତର ବା ସରକାରୀ କାର୍ଯ୍ୟରେ ଅଧିକ ସ୍ୱଚ୍ଛତା ଆସିବ। ମାତ୍ର ଏବେ ତାହା ବିପରୀତ ହୋଇଛି। ସରକାର ବଦଳିବା ପରେ ଦୁର୍ନୀତି କମିବା ପରିବର୍ତ୍ତେ ପ୍ରତ୍ୟେକ କ୍ଷେତ୍ରରେ ଦୁର୍ନୀତି ବଢ଼ିବାରେ ଲାଗିଛି। ଏମିତି ଏକ ଘଟଣା ଦେଖିବା ପାଇଁ ମିଳିଛି ଦଶରଥପୁର ବ୍ଲକ୍ ଥାଲକୁଡ଼ି ପଞ୍ଚାୟତ ଧନୀପୁରଠାରେ। ଏଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ନିର୍ମାଣାଧୀନ ସବ୍‌ରେଜିଷ୍ଟର ଷ୍ଟାଫ୍ କ୍ୱାର୍ଟର୍ସ ନିମ୍ନମାନର ହୋଇଥିବା ଅଭିଯୋଗ ହେଉଛି। ଏହାର ନିର୍ମାଣ ପୂର୍ବରୁ ଫଳକ ଲଗାଯିବା ନିୟମ ଥିବାବେଳେ ସେଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଫଳରେ କାର୍ଯ୍ୟ ସମ୍ପର୍କରେ ଜନସାଧାରଣ ଜାଣିପାରୁନାହାନ୍ତି। କିଏ ଠିକାଦାର ଅଛନ୍ତି, କେତେ ଅର୍ଥ ମଞ୍ଜୁର ହୋଇଛି, କିଭଳି କାମ ହେବ ସେ ସମ୍ପର୍କରେ କୌଣସି ସୂଚନା ନାହିଁ। ସ୍ଥାନୀୟ ଲୋକେ ଏହାର ଦୃଢ଼ ବିରୋଧ କରିବା ସହ ସୂଚନା ଫଳକ ନ ଲଗାଇଲେ ନିର୍ମାଣ କାର୍ଯ୍ୟ କରିପାରିବ ନାହିଁ ବୋଲି କହିଥିଲେ। ବିରୋଧକୁ ଦେଖି ବିଭାଗୀୟ କନିଷ୍ଠଯନ୍ତ୍ରୀ ସୂଚନା ଫଳକ ଲଗାଇବା ପରେ ଠିକାଦାର କାର୍ଯ୍ୟ କରିବେ ବୋଲି ସ୍ଥାନୀୟ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅଳ୍ପ କିଛିଦିନ ଉକ୍ତ ଘର ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। ମାତ୍ର ପୁନର୍ବାର ଠିକାଦାର ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ସହ ଘରର ଛାତ ପଡ଼ିଗଲାଣି। ଏଥିସହ ଘର ଚତୁଃପାଶ୍ୱର୍ରେ ପ୍ରାଚୀର ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ବସିଲାଣି। ତେବେ ଠିକାଦାର ଜଣକ କନିଷ୍ଠଯନ୍ତ୍ରୀ ଓ ସ୍ଥାନୀୟ ଲୋକଙ୍କ କଥାକୁ ବେଖାତିର କରିବା ସହ ଆଜି ପର୍ଯ୍ୟନ୍ତ ସୂଚନା ଫଳକ ନ ଲଗାଇ କାର୍ଯ୍ୟ କରିଚାଲିଥିବାବେଳେ ସ୍ଥାନୀୟ ଲୋକମାନେ କାର୍ଯ୍ୟ ସମ୍ପର୍କରେ କୌଣସି ତଥ୍ୟ ଜାଣି ପାରୁନାହାନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହୋଇଛି। ସେହିପରି ନିର୍ମାଣାଧୀନ ଘର ଓ ପ୍ରାଚୀର କାର୍ଯ୍ୟରେ ମାଟିମିଶା ବାଲି ବ୍ୟବହାର କରାଯାଉଥିବା ବେଳେ ନିମ୍ନମାନର ଚିପ୍ସ ବ୍ୟବହାର କରାଯାଉଛି। ସେହିପରି ସିମେଣ୍ଟ ସହ ନିୟମ ଅନୁଯାୟୀ ଅନ୍ୟାନ୍ୟ ସାମଗ୍ରୀ ମିଶ୍ରଣ ହେଉନାହିଁ ବୋଲି ଅଭିଯୋଗ ହୋଇଛି। କାମ କେବେ ଆରମ୍ଭ ହୋଇ କେବେ ଶେଷ ହେବ ସେଥିନେଇ କୌଣସି ତଥ୍ୟ ଠିକାଦାର ଲୋକମାନଙ୍କୁ ନ ଜଣାଇବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଷ୍ଟାଫ କ୍ୱାର୍ଟର୍ସ ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ବସିଥିବା ବେଳେ ସେଠାକୁ ଯିବା ପାଇଁ ସଂଯୋଗୀ ରାସ୍ତା ନଥିବା ଜଣାପଡ଼ିଛି। ଯେଉଁ ସ୍ଥାନରେ ଏହି ଘର ନିର୍ମାଣ କରାଯାଇଛି ଘରର ସମ୍ମୁଖରେ ପାଣି ନାଳ ରହିଥିବାବେଳେ ଘର ନିର୍ମାଣ ଶେଷ ହେଲେ ମଧ୍ୟ ଘରକୁ ଯିବା ପାଇଁ ରାସ୍ତାଟିଏ ନାହିଁ। ବିଭାଗୀୟ ଅଧିକାରୀମାନେ ଘର ନିର୍ମାଣ ଚାଲିଥିବା ସମୟରେ ଆଦୌ ତଦାରଖ କରିବା ପାଇଁ ଆସୁନଥିବା ମଧ୍ୟ ଅଭିଯୋଗ ହୋଇଛି। ଘରକୁ ଯିବା ପାଇଁ ରାସ୍ତା ନାହିଁ ବୋଲି ଠିକାଦାରଙ୍କୁ ପଚାରିବାରୁ ଆମର ଘର ନିର୍ମାଣ କରିବା ଦାୟିତ୍ୱ ଓ ଘର ନିର୍ମାଣ କରି ରଙ୍ଗ ମାରି ସାରିବା ପରେ ଆମେ ଘର ହସ୍ତାନ୍ତର କରିଦେବୁ ବୋଲି କହିଥିଲେ। ଏଠାରେ ସୂଚନା ଥାଉକି ବିଭାଗୀୟ ଅଧିକାରୀ ଘର ନିର୍ମାଣ କରିବା ପାଇଁ ଅର୍ଥ ମଞ୍ଜୁର କରିଥିବା ବେଳେ ଘରକୁ ଯିବା ପାଇଁ ରାସ୍ତା ନାହିଁ। ତା'ହେଲେ ଏତେ ଟଙ୍କା ଖର୍ଚ୍ଚ କରି ଉକ୍ତ ସ୍ଥାନରେ ଘର ନିର୍ମାଣ କରିବାର କାରଣ କ'ଣ ବୋଲି ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଉନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ଏଥିରେ ସମ୍ପୃକ୍ତ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।



# ଭୁବନେଶ୍ୱର ସିଟି

# ଗଡୁଛି 'କଳାମଣ୍ଡଳ' କଷ୍ଟ; ପୁଣି ଏପ୍ରିଲ୍‌କୁ ଅପେକ୍ଷା?

## କେବେ ପୂରଣ ହେବ ମଞ୍ଚ ଅଭାବ ଓ ବଡ଼ ସମ୍ମିଳନୀ କକ୍ଷର ଆବଶ୍ୟକତା

ଭୁବନେଶ୍ୱର, ୯।୪(ସମିସ): ଚଳିତ ଏପ୍ରିଲ ମାସରୁ କାର୍ଯ୍ୟକ୍ଷମ ହେବ ରାଜ୍ୟର ସୁବଠାରୁ ବଡ଼ ସମ୍ମିଳନୀ କକ୍ଷ 'କଳାମଣ୍ଡଳ'। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ କଳାମଣ୍ଡଳ କଳା, ସଂସ୍କୃତି, ପର୍ଯ୍ୟଟନ, ଐତିହ୍ୟ ଭରା ଓଡ଼ିଶାର ମିନିଏଚରକୁ ଗୋଟିଏ ଛାତ ତଳେ ଦେଖିବେ ପର୍ଯ୍ୟଟକ। ନୂଆଦିଲ୍ଲୀର ଭାରତ ମଣ୍ଡପ ଭଳି ଓଡ଼ିଶାର ବିଭିନ୍ନ ବଡ଼ବଡ଼ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏହି ସମ୍ମିଳନୀ କକ୍ଷ ଉଦ୍ଦିଷ୍ଟ ରହିବ। ଦୀର୍ଘବର୍ଷ ଧରି ଏହାର ଉଦ୍‌ଘାଟନ ଅନିଶ୍ଚିତତା ମଧ୍ୟରେ ରହିଥିବା ବେଳେ ଚଳିତ ୨୦୨୬ ମସିହା ଏପ୍ରିଲ ମାସ ୨୮ ତାରିଖ ମଧୁବାବୁଙ୍କ ଜନ୍ମଦିନରେ ଉଦ୍‌ଘାଟନ କରାଯିବାକୁ ଲକ୍ଷ୍ୟ ରହିଥିବା ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ସୂଚନା ଅନୁସାରେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାୟ୧୦୦ କୋଟି ଟଙ୍କା ବିନିଯୋଗରେ ଏହି ପ୍ରକଳ୍ପ ଆରମ୍ଭ କରିଥିଲେ। ଇଡ୍‌କୋ ଦ୍ୱାରା ସମ୍ପାଦିତ ଏହି ପ୍ରକଳ୍ପ ମଧ୍ୟରେ ଅନେକ ସୁବିଧା ରହିଛି। କଳାମଣ୍ଡଳ ପ୍ରେକ୍ଷାଳୟରେ ଅଢ଼େଇ ହଜାର ଦର୍ଶକ ଏକାସାଙ୍ଗରେ ବସି ବିଭିନ୍ନ କାର୍ଯ୍ୟକ୍ରମ ଦେଖିବାର ସୁଯୋଗ ସାଙ୍ଗକୁ କଳାମଣ୍ଡଳ ପରିସରରେ କଳାଗ୍ରାମ, ସଂଗ୍ରହାଳୟ, ମୁକ୍ତାକାଶ ମଞ୍ଚ ଓ ଅତିଥି ଭବନ, ୫୦୦ ଆସନ ବିଶିଷ୍ଟ ଆମ୍ଫିଥିଏଟର, ଐତିହ୍ୟ ପାର୍କ, କାଫେଟ୍ ଏରିଆର ମଧ୍ୟ ସୁବିଧା ରହିବ। ସେହିପରି ପ୍ରତିଷ୍ଠିତ ଶିଳ୍ପୀଙ୍କ କଳାକୃତି ସ୍ଥାପନ ଓ ପ୍ରଦର୍ଶନୀ ପାଇଁ ଲଳିତ କଳା ମଣ୍ଡଳ, କଳାମଣ୍ଡଳ ବାହାରେ ଭିତ୍ତିଭୂମି ନିର୍ମାଣ ସହ ଭିତରେ ଲାଇଟ୍, ସାଉଣ୍ଡ ଓ ଅନ୍ୟାନ୍ୟ ଆର୍କିଟେକ୍‌ଚର ଡିଜାଇନ୍ ସାଙ୍ଗକୁ ଏହାକୁ ଅଧିକ ଆକର୍ଷିତ କରିବାକୁ ବାହାରେ ଏବଂ ଭିତରେ ଅନେକ ସୂକ୍ଷ୍ମ କାରୁକାର୍ଯ୍ୟ ଓ ବୈଷୟିକ କାମ ଆକର୍ଷଣ ପାଲଟିବ। ରାଜଧାନୀରେ ରହିଥିବା ରବୀନ୍ଦ୍ର ମଣ୍ଡପ, ଉତ୍କଳ ମଣ୍ଡପ, ଜୟଦେବ ଭବନ, ଗୀତଗୋବିନ୍ଦ ସଦନ, ଇଡକଲ୍ ଅଡିଟୋରିୟମ୍, ଭଞ୍ଜ କଳାମଣ୍ଡପ, ଉତ୍କଳ ରଙ୍ଗମଞ୍ଚରେ ପ୍ରତିଦିନ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି, ଯେଉଁଠି ୨୫୦ରୁ ୫୫୦ ଦର୍ଶକ ବସିବାର ସୁବିଧା ରହିଛି। ତେବେ ଏହି ଅଡିଟୋରିୟମ୍ ବଡ଼ ସହରରେ ବଡ଼ କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ହେବ। ଦୀର୍ଘଦିନ ହେବ ଏହାର ଉଦ୍‌ଘାଟନୀକୁ ନେଇ ଦ୍ୱନ୍ଦ ରହିଥିବା ବେଳେ ଚଳିତ ମାସ ୨୮ ତାରିଖ ମଧୁବାବୁଙ୍କ ଜନ୍ମଦିନରେ ଏହାର ଉଦଘାଟନୀ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ଏନେଇ ସଂସ୍କୃତି ବିଭାଗ ସ୍ୱତନ୍ତ୍ର ଶାସନସଚିବ ଦେବପ୍ରସାଦ ମତ ଦେଇଥିଲେ ଯେ, ଚଳିତ ଏପ୍ରିଲ ୧ ତାରିଖ ଉତ୍କଳ ଦିବସରେ କଳାକମଣ୍ଡଳ ଉଦ୍‌ଘାଟନ କରାଯିବାର ଲକ୍ଷ୍ୟ ରହିଥିବା ବେଳେ ଉକ୍ତ ସମୟ ମଧ୍ୟରେ କାର୍ଯ୍ୟ ଶେଷ ହୋଇପାରିବନି ବୋଲି କାର୍ଯ୍ୟ କରୁଥିବା ସଂସ୍ଥା ପକ୍ଷରୁ ସୂଚନା ମିଳିବା ପରେ ଏହାକୁ ମଧୁବାବୁଙ୍କ ଜନ୍ମଦିନରେ ଉଦ୍‌ଘାଟନ କରାଯିବାକୁ ଲକ୍ଷ୍ୟ ରହିଛି। ଏଥିପାଇଁ ନିକଟରେ ୮୮.୮୯ଲକ୍ଷ ଟଙ୍କା ଇଡ୍‌କୋକୁ ପ୍ରଦାନ କରାଯାଇଛି। ତେବେ ପୂର୍ବରୁ ମଧ୍ୟ ପ୍ରାୟ ୮୦କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ରହିଛି। ୧୦ବର୍ଷ ଧରି ଅଟକି ରହିଥିବା ଏହି ପ୍ରକଳ୍ପକୁ ଦିଆଯାଇଥିବା ସମୟ ମଧ୍ୟରେ ସାରିବାକୁ ଇଡ୍‌କୋକୁ ନିର୍ଦ୍ଦେଶ ଦିଆଯାଇଛି। କାରଣ କଳାମଣ୍ଡଳ କାର୍ଯ୍ୟକ୍ଷମ ହେଲେ ରବୀନ୍ଦ୍ର ମଣ୍ଡପ, ଭଞ୍ଜକଳା ମଣ୍ଡପର ପୁନରୁଦ୍ଧାର କାର୍ଯ୍ୟ କରାଯିବ। କଳାମଣ୍ଡଳ ଆରମ୍ଭ ହୋଇପାରୁ ନଥିବାରୁ ଏହି ମଣ୍ଡପ ଗୁଡ଼ିକ କାମ ହୋଇପାରୁ ନାହିଁ। ତେବେ କଳାମଣ୍ଡଳର ଷ୍ଟେଜ୍ କିଭଳି କଳାକାର, ନୃତ୍ୟଶିଳ୍ପୀଙ୍କ ପାଇଁ ସୁହାଇବ ସେଥିପାଇଁ ଗୁରୁତ୍ୱ ଦିଆଯିବା ସହ ସେମାନଙ୍କ ଆବଶ୍ୟକତା ମୁତାବକ ଯଦି କିଛି କରାଯିବା ଉଚିତ୍ ସେ ଦିଗରେ ପଦକ୍ଷେପ ନିଆଯିବ। ଏଠାରେ ରହିଥିବା ଦର୍ଶକଙ୍କ ଅନୁସାରେ ପାର୍କିଂ ସୁବିଧା କରାଯାଇନଥିବାରୁ ଏକ ମଲଟିଲେୟାର ପାର୍କିଂ ବ୍ୟବସ୍ଥା କରାଯିବ। ଯେଉଁଠାରେ ପ୍ରାୟ ୫ଶହ ଗାଡ଼ି ରଖାଯାଇପାରିବ। ସେହିପରି ଏହା ପରିସରରେ 'ଅସ୍ମିତା ଭବନ' ନିର୍ମାଣ କରାଯିବ ବୋଲି ଶ୍ରୀ ଦାସ କହିଥିଲେ। ତେବେ ୨୮ ତାରିଖ ପାଖେଇ ଆସୁଥିବା ବେଳେ ଏହି ତାରିଖରେ 'କଳା ମଣ୍ଡଳ' ବାସ୍ତବରେ କାର୍ଯ୍ୟକ୍ଷମ ହେଉଛି କି ନାହିଁ ତାହା ଏବେ ପ୍ରଶ୍ନବାଚୀ।

## ପୁସ୍ତକ ଉନ୍ମୋଚନ ଓ ମ୍ୟୁଜିକ୍ ଭିଡିଓ ଲୋକାର୍ପଣ



ଭୁବନେଶ୍ୱର, ୯।୪(ସମିସ): ସାରାଂଶ ସାହିତ୍ୟିକ ଅନୁଷ୍ଠାନ ପକ୍ଷରୁ ଅନିଲ କୁମାର ପାଢ଼ୀଙ୍କ ଜନ୍ମଦିନ ଅବସରରେ ପୁସ୍ତକ ଉନ୍ମୋଚନ ଓ ମ୍ୟୁଜିକ୍ ଭିଡିଓ ଲୋକାର୍ପଣ ଉତ୍ସବ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ ଉଦ୍ୟୋଗପତି ମିତ୍ରଦତ୍ତ ମହାପାତ୍ର, କଣ୍ଠଶିଳ୍ପୀ ସୁସ୍ମିତା ଦାସ, ଓମ୍‌ପ୍ରକାଶ ମହାନ୍ତି. ଡ. ଦୀପା ମିଶ୍ର. ସାହିତ୍ୟ ସାରାଂଶ ଅନୁଷ୍ଠାନ ସଂସ୍ଥାପକ ଅନିଲ କୁମାର ପାଢ଼ୀ, ଅନୁଷ୍ଠାନର ନିର୍ଦ୍ଦେଶିକା ଡ. ମମତାମୟୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୁସ୍ତକ ନିଦ ବୁଦ୍ଧ ଯାହା ଚାହିଁ ନ ଥିଲେ, ନଖ ଗଛ, ଚିନ୍ତା ଓ ଚିନ୍ତନର ରାଜକିଶୋର, ମୁଁ ଯୁଦ୍ଧ ଚାହେଁ, ସିନ୍ଦୁକ ଆଦି ପୁସ୍ତକ ସହ ମ୍ୟୁଜିକ୍ ଭିଡିଓକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଏହି ଅବସରରେ ସାହିତ୍ୟ ଓ ପ୍ରକାଶନ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନୀତ କରାଯବା ସହ ଗୁରୁ ନିମାକାନ୍ତ ରାଉତରାୟ, ମହେନ୍ଦ୍ର ଆଚାର୍ଯ୍ୟ, ସୁସ୍ମିତା ଦାସ, ଓମପ୍ରକାଶ ମହାନ୍ତି, ଯଜ୍ଞ ଦାଶ, ଗୁରୁ ବିଜୟ ଜେନା ପ୍ରମୁଖଙ୍କୁ ଉତ୍କୃଷ୍ଟ ସଙ୍ଗୀତ ସୃଷ୍ଟି ପାଇଁ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ।

## 'ଜଗନ୍ନାଥାୟନ ପରି ସାହିତ୍ୟ ପାଇଁ ସାହିତ୍ୟାୟନ କରାଯାଉ'




ଭୁବନେଶ୍ୱର, ୯।୪(ସମିସ): ପୁରୁଣା ବସଷ୍ଟାଣ୍ଡ ନିକଟସ୍ଥ ଲେଖକ ସମବାୟ ସମିତି ସଭାଗୃହରେ ଲେଖକ ସାମ୍ମୁଖ୍ୟର ସଭାପତି ଡକ୍ଟର ଅଲେଖ ଚନ୍ଦ୍ର ପଢ଼ିଆରୀଙ୍କ ସଭାପତିତ୍ୱରେ ଉତ୍କଳ ଦିବସର ଅନୁଚିନ୍ତା ଶୀର୍ଷକ ଆଲୋଚନାଚକ୍ର ଏବଂ ବିଶିଷ୍ଟ ସାହିତ୍ୟିକ ମାନଙ୍କର ଦେଶାତ୍ମବୋ।ଧ କବିତା ଆବୃତ୍ତି କରାଯାଇଥିଲା। ପ୍ରାରମ୍ଭରେ ସାମ୍ମୁଖ୍ୟର ସମ୍ପାଦିକା ବିମଳା ସିଂହ ସଭାର ଉଦ୍ଦେଶ୍ୟରେ ସୂଚନା ଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ ପ୍ରଫେସର ପୂର୍ଣ୍ଣ ଚନ୍ଦ୍ର ମଲ୍ଲିକ ଆଲୋଚନା, ପ୍ରଫେସର୍ ଶରତ ଚନ୍ଦ୍ର ରଥ, ପ୍ରଶାସକ ମହେନ୍ଦ୍ର କୁମାର ମଲ୍ଲିକ, ବିଶିଷ୍ଟ କବି ମନୋରନ ଷଡ଼ଙ୍ଗୀ, ନାଟ୍ୟକାର ବିଜୟ କୁମାର ମହାନ୍ତି, ଝରଣାର ସମ୍ପାଦକ ମନୋଜ କୁମାର ଜେନା, ଡକ୍ଟର ସିଦ୍ଧାର୍ଥ କାନୁନଗୋ ରମାକାନ୍ତ ମିଶ୍ର, ସୁବାସ ଚନ୍ଦ୍ର ସାହୁ ଆଲୋଚନା କରିଥିଲେ। ଆଲୋଚନାରେ ଭାଗ ନେଇ ପ୍ରଫେସର ଶରତ ଚନ୍ଦ୍ର ରଥ କହିଲେ ଯେ ଓଡ଼ିଶା ସରକାର ଯେପରି ପ୍ରତି ମାସରେ 'ଜଗନ୍ନାଥାୟନ' କାର୍ଯ୍ୟକ୍ରମ କରୁଛନ୍ତି, ସେହିପରି ମଧ୍ୟ ଯୁଗୀୟ ସାହିତ୍ୟ ଉପରେ ପ୍ରତି ମାସରେ 'ସାହିତ୍ୟାୟନ' ଆଲୋଚନାଚକ୍ର ଏବଂ କବିତା ଆବୃତ୍ତି କରାଯିବାର ବ୍ୟବସ୍ଥା କରାଯାଉ। ଶେଷରେ ପରିଚାଳନା କମିଟି ସଭ୍ୟ ମନୋଜ କୁମାର ଜେନା ଧନ୍ୟବାଦ ଦେଇଥିଲେ।

## ସୋହମ ସନଲିଟ୍ ଓଡ଼ିଶା ଅଟିଜିମ୍ ହିଲିଂ ମିଶନର ଶୁଭାରମ୍ଭ

ଭୁବନେଶ୍ୱର, ୯।୪(ସମିସ): ନ୍ୟୁରୋଡାଇଭର୍ଜେଣ୍ଟ ବ୍ୟକ୍ତିବିଶେଷଙ୍କ ପାଇଁ ଏକ ଅନ୍ତର୍ଭୁକ୍ତ ଏବଂ ସହାୟକ ଇକୋସିଷ୍ଟମ୍ ଗଠନ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ସୋହମ (ସନଲିଟ୍ ଓଡ଼ିଶା ଅଟିଜମ୍ ହିଲିଂ ମିଶନ) ଆଶା ସେଣ୍ଟର ଅଫ୍ ୱେଲନେସ୍, ବରମୁଣ୍ଡା ହାଉସିଂବୋର୍ଡ କଲୋନିରେ ଉଦ୍ଘାଟିତ ହୋଇଛି। ରୋଟାରି ଜିଲ୍ଲା ପ୍ରାନ୍ତପାଳ ରୋଟାରୀଆନ ମନୋଜ କୁମାର ତ୍ରିପାଠି, ଇନର୍-ହ୍ୱିଲ୍ ଅଧ୍ୟକ୍ଷା ମଧୁସ୍ମିତା ତ୍ରିପାଠିଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶିଷ୍ଟ ବ୍ୟକ୍ତି, ସମାଜସେବୀ, ଅଭିଭାବକ, ବିଭିନ୍ନ କ୍ଲବ୍‌ର ରୋଟାରି ନେତା, ପୂର୍ବତନ ଜିଲ୍ଲା ଗଭର୍ଣ୍ଣର୍



ଏବଂ ସମ୍ପ୍ରଦାୟର ସଦସ୍ୟଙ୍କ ଉପସ୍ଥିତିରେ ଏହି କେନ୍ଦ୍ରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଛି। 'ସୋହମ'କୁ ଅଟିଜମ୍ ସ୍କ୍ରିନିଂ ଏବଂ ସ୍କିଲିଂ ପାଇଁ ଏକ ଉତ୍କର୍ଷ କେନ୍ଦ୍ର ଭାବେ କଳ୍ପନା କରାଯାଇଛି ଏବଂ ଏହା ବେଟର ମ୍ୟାଟର ଫାଉଣ୍ଡେସନ୍ ସହିତ ମିଳିତ ଭାବେ ଭୁବନେଶ୍ୱର ରୋଟାରି କ୍ଲବ୍‌ର ଏକ ପ୍ରମୁଖ ପଦକ୍ଷେପ ଭାବେ ଠିଆ ହୋଇଛି। ଏହି ପ୍ରୟାସର ଏକ ପ୍ରମୁଖ ଆକର୍ଷଣ ହେଉଛି ଯେ ସ୍କ୍ରିନିଂ ଏବଂ ଦକ୍ଷତା କାର୍ଯ୍ୟକ୍ରମ ଉଭୟ ଅଭିଭାବକମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ପ୍ରଦାନ କରାଯିବ।

## ରକ୍ତଦାନ ଶିବିରରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ



ଭୁବନେଶ୍ୱର, ୯।୪(ସମିସ): ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଓଡ଼ିଆ ପକ୍ଷ ଅବସରରେ ବିଜୁ ପଟ୍ଟନାୟକ ସ୍ନାତକ ବିଜ୍ଞାନ ଓ ଶିକ୍ଷ୍ୟା ମହାବିଦ୍ୟାଳୟ, ଜୟଦେବ ବିହାର ଏବଂ ମିଶନ ରକ୍ତଦାନ ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଦୀପ୍ତ କୁମାର ଗାହାଣ ଉଦ୍‌ଘାଟନ କରିଥିଲେ। ଜାତୀୟ ସେବା ଯୋଜନା ଏବଂ ଯୁବ ରେଡକ୍ରସ ସହଯୋଗରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଜ୍ୟୋତି ଶଙ୍କର ଘୋଷ, ଲିପିକା ରଥ ଏବଂ ଲଗ୍ନା ମହାନ୍ତି ଏବଂ ମୋହିତ କୁମାର ରାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୩୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଏବଂ ଛାତ୍ରଛାତ୍ରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ପନ୍ଥନ ଟ୍ରଷ୍ଟ ପକ୍ଷରୁ 'ରକ୍ତ ସେତୁ' ଅଭିଯାନ




ଭୁବନେଶ୍ୱର, ୯।୪(ସମିସ): ସମାଜିକ ଅନୁଷ୍ଠାନ ପନ୍ଥନ ଟ୍ରଷ୍ଟର ୧୦ବର୍ଷ ପୂର୍ତ୍ତି ଅବସରରେ 'ରକ୍ତ ସେତୁ' ଅଭିଯାନ ମାଧ୍ୟମରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରେଡ୍‌କ୍ରସ୍ ଭବନରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ସେବାନିବୃତ୍ତ ମୁଖ୍ୟ ବ୍ୟବସ୍ଥାପକ ଯୁଗଳ କିଶୋର ଶତପଥୀ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଚିତ୍ତରଞ୍ଜନ ମଣାସିଂହ, ମୁଖ୍ୟ ଅଗ୍ନିଶମ ଧିକାରୀ ବ୍ରଜେନ୍ଦୁ ଭୂଷଣ ଦାସ, ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ବିଶେଷଜ୍ଞ ଡ. ଚିତ୍ତରଞ୍ଜନ ଶହାଣୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ଅଧ୍ୟକ୍ଷ ମିର୍ଜା ଅବ୍ଦୁଲ୍ ଜାହିର ବେଗ୍, ସମ୍ପାଦିକା ଫାଲଗୁନି ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଏକାମ୍ର ନୃତ୍ୟ ମହୋତ୍ସବ ଉଦ୍‌ଘାଟିତ




ଭୁବନେଶ୍ୱର, ୯।୪(ସମିସ): ସୁରଭି, ଭୁବନେଶ୍ୱର ଦ୍ୱାରା ଆୟୋଜିତ ଜାତୀୟ ସ୍ତରୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ଉତ୍ସବ ୨୪ତମ ଏକାମ୍ର ନୃତ୍ୟ ମହୋତ୍ସବ ଗୁରୁବାର ଗୁରୁ କେଳୁଚରଣ ମହାପାତ୍ର ଗବେଷଣା କେନ୍ଦ୍ରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ପୂର୍ବତନ ସଚିବ, ପ୍ରବୋଧ ରଥ, ମର୍ଦ୍ଦଳ ବାଦକ, ଗୁରୁ ନିରଞ୍ଜନ ପଟ୍ଟନାୟକ, ତବଲା ବାଦକ, ଗୁରୁ କୁଳମଣି ଜେନା, ଓଡିଶୀ ନୃତ୍ୟ ଗୁର, ଗଜେନ୍ଦ୍ର ପଣ୍ଡା, ଓଡିଶୀ ନୃତ୍ୟାଙ୍ଗନ, ପ୍ରଣତି ମହାନ୍ତି ଉପସ୍ଥିତ ରହିଥିଲେ। ଅତିଥିମାନେ ଏହି ପର୍ବର ମାଧ୍ୟମରେ ଭାରତୀୟ ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାରରେ ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ। ପ୍ରଥମ ଦିନର କାର୍ଯ୍ୟକ୍ରମରେ କୋଲକାତାର ଦୀପାୟନ ଦାସଙ୍କ ତବଲା ରିସାଇଟାଲ୍ ଦର୍ଶକମାନଙ୍କୁ ମନୋମୁଗ୍ଧ କରିଥିଲା। ପରେ ପରେ ଓଡ଼ିଶୀ ନୃତ୍ୟରେ କୋଲକାତାର ଶୟୋମିତା ଦାସଗୁପ୍ତା ଏବଂ ଭୁବନେଶ୍ୱରର ରୋସାଲିନୀ ମହାପାତ୍ରଙ୍କ ଅଭିନୟ ଓ ନୃତ୍ୟରେ ସମସ୍ତେ ମୋହିତ ହୋଇଥିଲେ। ଏହି ଉତ୍ସବ ଆସନ୍ତା ରବିବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## ପାଞ୍ଚ ହଜାର ମିଶନ ଶକ୍ତି ମହିଳାଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ

ଭୁବନେଶ୍ୱର, ୯।୪(ସମିସ):ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ର ସଦସ୍ୟାମାନଙ୍କୁ ସୁରକ୍ଷିତ ଓ ସଶକ୍ତ କରିବା ଲକ୍ଷ୍ୟରେ ସ୍ଥାନୀୟ ମିଶନ ଶକ୍ତି ଭବନରେ ରାଜ୍ୟର ଏସଏଚ୍‌ଜି ସଦସ୍ୟାମାନଙ୍କୁ ସ୍ୱତନ୍ତ୍ର ଆତ୍ମରକ୍ଷା ପ୍ରଶିକ୍ଷଣ ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁଭାରମ୍ଭ କରିଥିବା ବେଳେ ଜାତୀୟ ମହିଳା କମିସନର ଅଧ୍ୟକ୍ଷା ବିଜୟା କିଶୋର ରାହତକର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜାତୀୟ ମହିଳା କମିଶନ ଏବଂ ମିଶନ ଶକ୍ତି ବିଭାଗର ମିଳିତ ସହଯୋଗରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିବା ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୫ଟି ଜିଲ୍ଲାର ୫, ୦୦୦ ଏସଏଚଜି ସଦସ୍ୟାଙ୍କୁ ପ୍ରଶିକ୍ଷଣ ଦିଆଯିବ। କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି, ମିଶନ ଶକ୍ତି ବିଭାଗର କମିସନର ତଥା ଶାସନ ସଚିବ ମାନସୀ ନିମ୍ଭାଲ, ଅତିରିକ୍ତ ଶାସନ ସଚିବ ଶୈଳେନ୍ଦ୍ର କୁମାର ଜେନା ଉପସ୍ଥିତ ଥିଲେ।



## ରିମାଣ୍ଡରେ ବେଙ୍ଗାଲୁରୁ ଗଲା ଦୁର୍ଦ୍ଦାନ୍ତ ରାଜା

କଟକ/ଭୁବନେଶ୍ୱର, ୯।୪(ସମିସ): ଚୌଦ୍ୱାର ଜେଲରେ ଥିବା ବିହାରର ଦୁର୍ଦ୍ଦାନ୍ତ ଅପରାଧୀ ଶୁଭମ୍ ଓରଫ ରାଜା ସାହାଣୀକୁ କର୍ଣ୍ଣାଟକ ପୁଲିସ ଜେରା କରିବା ପରେ ତାକୁ ଆଜି ୭ଦିନିଆ ରିମାଣ୍ଡରେ ନେଇଛି। ଦୁର୍ଦ୍ଦାନ୍ତ ରାଜାକୁ ବାଙ୍ଗାଲୁର୍ ନିଆଯାଇଥିବା ବେଳେ ସେଠାରେ ସ୍ୱେସାଲ୍ ସ୍କ୍ୱାଡ୍ ଜେରା କରିବ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଜେରା କରାଯିବ। ଏହାପରେ କର୍ଣ୍ଣାଟକ ପୁଲିସ ରାଜାକୁ ଆଣି ଚୌଦ୍ୱାର ଜେଲ୍‌ରେ ଛାଡିବ। ଏହାପରେ ବିହାର, ଆନ୍ଧ୍ର ଓ ଝାଡ଼ଖଣ୍ଡ ପୁଲିସ ଜେରା କରିବ ବୋଲି ଜଣାପଡ଼ିଛି। ଶେଷରେ ପୁଣି ଥରେ କମିସନରେଟ୍ ପୁଲିସ ରାଜାକୁ ୭ଦିନିଆ ରିମାଣ୍ଡରେ ନେବ।

ଏଠାରେ ସୂଚନାଯୋଗ୍ୟ, ଦୁର୍ଦ୍ଦାନ୍ତ ଅପରାଧି ରାଜା କର୍ଣ୍ଣାଟକ ମହୀଶୁର ଜିଲ୍ଲାର ହୁନସୁର୍ ଟାଉନ୍‌ରେ ୨୦୨୫ ଡିସେମ୍ବର ୨୮ରେ ଏକ ଗହଣା ଦୋକାନରୁ ଡକାୟତି କରିଥିଲା। ହୁନସୁର୍ ବସଷ୍ଟାଣ୍ଡ ନିକଟରେ ସ୍କାଏ ଗୋଲ୍ଡ ଏବଂ ଡାଇମଣ୍ଡ ଗହଣା ଦୋକାନରୁ ରାଜା ନେତୃତ୍ୱରେ ୫ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଫାଙ୍କା ଗୁଳିଚାଳନା କରି ମାତ୍ର ୬ ମିନିଟ୍‌ରେ ୮ କେଜି ସୁନା ଓ ହୀରା ଅଳଙ୍କାର ଲୁଟି ନେଇ ଯାଇଥିଲେ। ଏହି ମାମଲାରେ ୨୦୨୬ ଜାନୁଆରୀରେ ଦିଲ୍ଲୀର ଜେଠପୁରରେ ରହୁଥିବା ବିହାର ଦରଭଙ୍ଗାର ଋଷିକେଶ କୁମାର ସିଂହ ଓରଫ୍ ଛୋଟୁ ଓ ବିହାର ଭାଗଲପୁରର ପଙ୍କଜ କୁମାରକୁ ଗିରଫ କରାଯାଇଥିଲା। ଗତ ମାର୍ଚ୍ଚ ମାସରେ ହର୍‌ମନ ଓ ସୋନୁ ସିଂଙ୍କୁ ଗିରଫ କରାଯାଇଥିଲା। କିନ୍ତୁ କର୍ଣ୍ଣାଟକ ପୁଲିସ ରାଜାକୁ ଗିରଫ କରିବାରେ ବିଫଳ ହୋଇଥିଲା।

## ମୁଣ୍ଡମୁହାଣ ରାମଲୀଳା ଯାତ୍ରା

# ଅନ୍ତିମ ସନ୍ଧ୍ୟାରେ ଶ୍ରୀରଘୁନାଥ ଜୀଉଙ୍କ ରାଜ୍ୟାଭିଷେକ

ଯାଁଳା, ୯।୪(ସମିସ): ଭୁବନେଶ୍ୱର ଉପକଣ୍ଠ ମୁଣ୍ଡମୁହାଣ ଗ୍ରାମର ୮୧ତମ ଐତିହାସିକ ରାମ ନାଟକ ରାମ ଅଭିଷେକ ଯାତ୍ରାର ଅନ୍ତିମ ଦିବସ ବେଶ୍ ମନମୁଗ୍ଧକର ହୋଇଥିଲା। ପ୍ରଭୁ ଶ୍ରୀରାମଚନ୍ଦ୍ର ଲଙ୍କାପତି ରାବଣକୁ ନିଧନ କରିସାରିବା ପରେ ସୀତା ମାତାଙ୍କୁ ପୁଷ୍ପକ ବିମାନରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରନ୍ତି। ବାଟରେ ବିଭିନ୍ନ ସ୍ଥାନ ସୀତାମାତାଙ୍କୁ ଦେଖାଇଥାନ୍ତି ଏବଂ ଶେଷରେ ଋଷି ଭରଦ୍ୱାଜଙ୍କ ଆଶ୍ରମରେ ଆସି ବିଶ୍ରାମ କରନ୍ତି, ଭରଦ୍ୱାଜଙ୍କ ଆଶ୍ରମରୁ ଶ୍ରୀ ହନୁମାନ ବାର୍ତ୍ତା ଦେଇ ଅଯୋଧ୍ୟା ପ୍ରେରଣ କରିବା ସମୟରେ ବାଟରେ ଗୁହ୍ୟକ ଶବର ସହ ଦେଖା ହୁଅନ୍ତି। ଅନ୍ୟପଟେ ଭରତ ମହାରାଜା ଶ୍ରୀରାମଙ୍କ ଆଗମନକୁ ପ୍ରତୀକ୍ଷା କରି ସମସ୍ତ ଅଯୋଧ୍ୟାପୁରୀ ସାଜ ସଜ୍ଜା କରି ଦେଇଥାନ୍ତି। ପରେ ବିଭୀଷଣଙ୍କ ସିଂହାସନ ରୋହଣ, ସୀତାଙ୍କ ଅଗ୍ନି ପରୀକ୍ଷା ହୁଏ। ଶେଷରେ ବିଭୀଷଣଙ୍କ ଅନୁରୋଧ କ୍ରମେ ଶ୍ରୀରାମ, ଲକ୍ଷଣ, ସୀତା, ବାନର ସେନା ପୁଷ୍ପକ ଯାନରେ ବସି ଅଯୋଧ୍ୟା ଗମନ କରନ୍ତି। ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟାଭିସେକ ଦୃଶ୍ୟ ଅତ୍ୟନ୍ତ ସୁନ୍ଦର ଥିଲା, ବିଭିନ୍ନ ଭୂମିକାରେ, ଭରତ ବାରିକ (ରାମ), ସୁନୀଲ ମଙ୍ଗରାଜ



(ଲକ୍ଷ୍ମଣ), ଅନିଲ୍ ପରି ଡା (ଭରତ), ବେଣୁଧର ପ୍ରଧାନ (ଶତ୍ରୁଘ୍ନ), ମୂରଲୀ ପ୍ରଧାନ (ସୀତା), ଶଙ୍କର୍ଷଣ ମଙ୍ଗରାଜ (ହନୁମାନ), ରବି ନାରାୟଣ ମହାପାତ୍ର (ଭରଦ୍ୱାଜ), ରବୀନ୍ଦ୍ର ବାରିକ (କୌଶଲ୍ୟା), ଦାଶରଥି ସ୍ୱାଇଁ ବିଭୀଷଣ, ପ୍ରମୁଖ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିବାସହ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଦର୍ଶକଙ୍କ ସମାବେଶ ପ୍ରଭୁ ଶ୍ରୀରାମଙ୍କ ପ୍ରତି ଭକ୍ତି ଓ ପ୍ରଭୁ ଶ୍ରୀରାମଙ୍କ ପ୍ରତ୍ୟାବର୍ତ୍ତନ ସମୟରେ ଗ୍ରାମ ପରିକ୍ରମା ସହ ଗ୍ରାମର ବାଟସାରା ବନ୍ଦାପନା ଏବଂ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା।

### ୧୮ ସ୍ଥାନରେ ହେଉଛି ପ୍ରଭାକରଙ୍କ ରାମଲୀଳା

ମୁଣ୍ଡମୁହାଣରେ ପରିବେଷଣ ହେଉଥିବା ରାମଲୀଳା ପାଣ୍ଡୁଲିପି ରାଜ୍ୟର ବିଭିନ୍ନ ସ୍ଥାନରେ ପରିବେଷଣ କରାଯାଉଛି। ତେବେ ପଣ୍ଡିତ ମହାପାତ୍ର ୧୯୪୨ ମସିହାରେ ରାମଲୀଳା ପାଣ୍ଡୁଲିପି ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ୧୪୪୫ ମସିହାରେ ସ୍ଥାନୀୟ ମୁଣ୍ଡମୁହାଣ ଗ୍ରାମର ଯୁବକମାନଙ୍କୁ ନେଇ ଏକ ସଂଗଠନ ଗଢି ଏହି ଗୀତି ନାଟକ ଆରମ୍ଭ କରିଥିଲେ। ପଣ୍ଡିତ ପ୍ରଭାକର ମହାପାତ୍ରଙ୍କ ଏହି ଗୀତିନାଟକ ୧୮ଟି ସ୍ଥାନରେ ପରିବେଷଣ କରାଯାଇଛି। ସେଥି ମଧ୍ୟରୁ ସର୍ବ ପ୍ରଥମେ ଗଢିଉଠିଥିବା ମୁଣ୍ଡ ମୁହାଣର ଐତିହାସିକ ରାମ ନାଟକ ଅନନ୍ୟ।



# ଫାଷ୍ଟଫୁଡ୍ ପାଇଁ କମୁଛି ମୁଢ଼ିର ଚାହିଦା

ଭୁବନେଶ୍ୱର, ୯।୪(ସମିସ): ଏକଦା ଚାହିଦା ବୃଦ୍ଧି ସହ ରାଜଧାନୀରେ ମଧ୍ୟ ବିଭିନ୍ନ ସ୍ଥାନରେ ମୁଢ଼ି ଭାଟି ଦେଖିବାକୁ ମିଳୁଥିଲା। ହେଲେ ସମୟକ୍ରମେ ଏବେ ଫାଷ୍ଟଫୁଡ୍‌ର ଚାହିଦା ବୃଦ୍ଧି ଯୋଗୁଁ ଯୁବଗୋଷ୍ଠୀ ମୁଢ଼ିରୁ ମୁହଁ ଫେରାଉଛନ୍ତି। ଫଳରେ ରାଜଧାନୀରେ ମୁଢ଼ିଭାଟିର ସଂଖ୍ୟା କମିବାକୁ ଲାଗିଲା। ଅପରପକ୍ଷେ ମୁଢ଼ି ଭାଟି କାରିଗର ମିଳୁ ନ ଥିବାରୁ ରାଜଧାନୀର ଅନେକ ମୁଢ଼ି ଭାଟିରେ ଏବେ ତାଲା ଝୁଲୁଛି।

ପୋଖରୀପୁଟ, ତପୋବନ ବସ୍ତି, ଘାଟିକିଆ, ଆଇଗିଣିଆ, ରସୁଲଗଡ଼, ମଞ୍ଚେଶ୍ୱର ଆଦି ସ୍ଥାନରେ ହିଁ ଏବେ କାଁ ଭାଁ ମୁଢ଼ି ଭାଟି ଥିବା କିଛି ବ୍ୟବସାୟୀଙ୍କଠୁ ଜାଣିବାକୁ ମିଳିଛି। ଏ ନେଇ ଖଣ୍ଡଗିରିର ମୁଢ଼ି ବ୍ୟବସାୟୀ ସୁରେନ୍ଦ୍ର ନାଥ ସାହୁ କୁହନ୍ତି ଏବେ ଫାଷ୍ଟଫୁଡ୍‌ର ଯୁଗ। ଗଳିଗଳିରେ ଫାଷ୍ଟଫୁଡ୍ ଦୋକାନଠାରୁ ଆରମ୍ଭ କରି ଖାଓ ଗଳିମାନ ଖୋଲିଛି। ଯେଉଁଠାରେ ସକାଳେ ସଞ୍ଜରେ ଲୋକଙ୍କ ଭିଡ଼ ଜମୁଛି। ଏମିତି କି ଆଜିର ଯୁବଗୋଷ୍ଠୀ ମଧ୍ୟାହ୍ନ ଭୋଜନରେ ମଧ୍ୟ ଫାଷ୍ଟ ଫୁଡ୍ ଖାଇବାକୁ ପସନ୍ଦ କରୁଛନ୍ତି। ଏପରିସ୍ଥଳେ ଜଳଖିଆ କଥା ଛାଡ଼ନ୍ତୁ ଲୋକେ ଭାତ ଖାଇବାକୁ ମଧ୍ୟ ପସନ୍ଦ କରୁ ନାହାନ୍ତି। ଫଳରେ ରାଜଧାନୀରେ ଆଉ ଆଗ ଭଳି ମୁଢ଼ିର ଚାହିଦା ଦେଖିବାକୁ ମିଳୁନି। ପୂର୍ବରୁ ଯେଉଁଭଳି ଘରେ ଘରେ ମୁଢ଼ି ଭଜା ଯାଉଥିଲା ତାର ସ୍ୱାଦ ବି ସେଇ ଭଳିଆ ଥିଲା। ହେଲେ ସମୟ ସହ ଲୋକ ଏସବୁ କରିବା ଭୁଲିଗଲେଣି। ପରିଶ୍ରମ ବଦଳରେ ଦୋକାନରୁ ପ୍ୟାକେଟଟେ କିଣି ଆଣି ଖାଇବାକୁ ପସନ୍ଦ କରୁଛନ୍ତି। ତାଙ୍କ ନିଜର ମୁଢ଼ି ଭାଟି ରହିଛି। ହେଲେ ଆଗଭଳି ସେଥିରେ କାମ କରିବାକୁ ଆଉ ମିସ୍ତ୍ରୀ ମଧ୍ୟ ମିଳୁନାହାନ୍ତି।



## ମିଳୁନାହାନ୍ତି ମିସ୍ତ୍ରି; ବନ୍ଦ ପଡ଼ିଛି ଭାଟି



କାରଣ ସେଥିରେ ଅଧିକ ପରିଶ୍ରମ କରିବାକୁ ପଡ଼ିଥାଏ। କିନ୍ତୁ ଏହି କାମ ପାଇଁ ମିସ୍ତ୍ରୀ ଖୋଜିବା କଷ୍ଟକର ହୋଇପଡୁଛି। ସେ ଆହୁରି ମଧ୍ୟ କୁହନ୍ତି ୧୧ ବର୍ଷ ହୋଇଯିବ ସେ ଏହି ମୁଢ଼ି ବ୍ୟବସାୟ କରି ଆସୁଛନ୍ତି। ଯେଉଁଠି ଆଗରୁ ଦିନକୁ ୧୫୦ ରୁ ୨୦୦ ଟି ଟିଣ ବିକ୍ରି ହେଉଥିଲା ତାହା ଆଜିର ଦିନରେ କମି ୭୦ ରୁ ୮୦ ହୋଇଗଲାଣି। ଏବେର ସମୟରେ ଲାଭ ଆଗ ଅପେକ୍ଷା ଖୁବ କମି ଗଲାଣି। ଭଲ ବ୍ୟବସାୟ ପାଇଁ ଶୀତ ଦିନକୁ ଅପେକ୍ଷା କରିବାକୁ ପଡ଼ିଥାଏ। କାରଣ ସେହି ଦିନରେ ହିଁ ଲୋକ ଅଧିକା ମୁଢ଼ି ଖାଇବାକୁ ପସନ୍ଦ କରିଥାନ୍ତି। ବାକି ଦିନରେ ସେତେ ଭଲ ବ୍ୟବସାୟ ହୋଇପାରେନି। ଭାଟିରେ ମୁଢ଼ି ଭଜା ହେଲା ପରେ ସେଠାରୁ ରାଜଧାନୀର ବିଭିନ୍ନ ସ୍ଥାନର ବେପାରୀ ଓ ଖାଉଟିଙ୍କ ପାଖକୁ ପହଁଚିଥାଏ। ଗୋଟିଏ ଟିଣ ଓ ପ୍ୟାକେଟ ହିସାବରେ। ଟିଣ ପିଛା ବ୍ୟବସାୟୀ ଖାଉଟିଙ୍କଠୁ ୯୦ଟଙ୍କା ନେଉଥିବା ବେଳେ ବେପାରୀଙ୍କଠୁ ୮୦ ଟଙ୍କା ନେଇଥାନ୍ତି। ସେହିପରି ପ୍ୟାକେଟ ପିଛା ୩୦ ଟଙ୍କାରେ ବିକ୍ରି ହୋଇଥାଏ। ଯେଉଁ ବେପାରୀ ଭାଟିରୁ ମୁଢ଼ି ଆଣି ରାଜଧାନୀରେ ବୁଲି ବିକ୍ରି କରୁଛନ୍ତି ସେମାନେ ଅଧିକାଂଶ ମଳିପଡ଼ା ଓ କାଇମାଟିଆର ବୋଲି ବ୍ୟବସାୟୀ କହିଛନ୍ତି।

## କର୍ତ୍ତବ୍ୟନିଷ୍ଠ ସୁଦକ୍ଷ କର୍ମୀ ଅନୁଷ୍ଠାନର ସମ୍ପଦ ଡଃ ତିରୁପତି ପାଣିଗ୍ରାହୀ



ଭୁବନେଶ୍ୱର, ୯।୪(ସମିସ): ଓଡ଼ିଶାରେ ସ୍ୱାସ୍ଥ୍ୟଶିକ୍ଷା ଚିକିତ୍ସା ଓ ସେବା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ହାଇଟେକ୍ ମେଡିକାଲ କଲେଜ ଏବଂ ହସ୍ପିଟାଲର ସୁଦକ୍ଷ ଚିକିତ୍ସାବିତ୍, ପାରାମେଡିକାଲ ଷ୍ଟାଫ, ନର୍ସିଙ୍ଗ ଷ୍ଟାଫ, ଫାର୍ମାସିଷ୍ଟ ସମସ୍ତେ ଅନୁଷ୍ଠାନକୁ ସମୁଜ୍ଜ୍ୱଳ କରିବାରେ ଲାଗିଛନ୍ତି। ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲର ହୃଦବକ୍ଷଶଲ୍ୟ ଚିକିତ୍ସା ବିଭାଗର ସୁଦକ୍ଷ ଚିକିତ୍ସାବିତ ପ୍ରଫେସର ଡାକ୍ତର ରିତେଶ କୁମାର ଆଚାର୍ଯ୍ୟ, ସହଯୋଗୀ ପ୍ରଫେସର ଡାକ୍ତର ସ୍ମୃତି ପ୍ରକାଶ ସାହୁ ବିଶେଷ ସ୍ୱାସ୍ଥ୍ୟ ସେବା ଯୋଗାଇଦେଇ ସମାଜର ପ୍ରତିଟି ବର୍ଗର ଲୋକଙ୍କ ପାଖରେ ଆଦରର ପାତ୍ର ହେବାରେ ଲାଗିଛନ୍ତି। ଏଥିପାଇଁ ହାଇଟେକ ଗ୍ରୁପର ଅଧକ୍ଷ ଡ. ତିରୁପତି ପାଣିଗ୍ରାହୀ ସମ୍ବର୍ଦ୍ଧିତ କରିବା ସହିତ କହିଥିଲେ ଯେ, ପ୍ରତ୍ୟେକ ଅନୁଷ୍ଠାନର ସୁଦକ୍ଷ ଏବଂ କର୍ମଯୋଗୀ କର୍ମଚାରୀ ମାନଙ୍କ ପାଇଁ ଅନୁଷ୍ଠାନ ସ୍ୱର୍ଣ୍ଣମୟ ହୋଇଥାଏ। ସେମାନେ ହିଁ ଅନୁଷ୍ଠାନର ସମ୍ପଦ ଓ ମୂଳପୁଞ୍ଜି ଅଟନ୍ତି। ଏହି ଅବସରରେ ହାଇଟେକ ମେଡିକାଲ କଲେଜ ଏବଂ ହସ୍ପିଟାଲର ଟ୍ରଷ୍ଟି ତଥା ନିର୍ଦ୍ଦେଶିକା ମଧୁସ୍ମିତା ତ୍ରିପାଠୀ ଯୋଗଦେଇ ସମସ୍ତ ଡାକ୍ତର ଏବଂ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ମେଡିକାଲ ସୁପରିନଟେଣ୍ଡେଣ୍ଟ ଡ. ରବିନ୍ଦ୍ରନାଥ ବେହେରା ଡେପୁଟି ସୁପରିନ୍‌ଟେଣ୍ଡେଣ୍ଟ ଡ. ଚନ୍ଦନ ସାମନ୍ତରାୟ ଆଗାମୀ ଦିନରେ ସମସ୍ତେ ମେଡିକାଲର କାର୍ଯ୍ୟ ପ୍ରଣାଳୀକୁ ମନଯୋଗ ସହକାରେ ସେବା ଯୋଗାଇ ଦେବାରେ ପ୍ରତିଶ୍ରୁତି ବଦ୍ଧତାକୁ ଦୃଢ଼ତାର ସହିତ କାର୍ଯ୍ୟକରିବେ ବୋଲି କହିଥିଲେ।

● ଓଡ଼ିଆ ପକ୍ଷର ନବମ ଦିନ

## ବହି କିଣିବା ପାଇଁ ଯୁବପିଢ଼ିଙ୍କ ମଧ୍ୟରେ ଉତ୍ସାହ



ଭୁବନେଶ୍ୱର, ୯।୪(ସମିସ):ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି ଓଡ଼ିଆ ପକ୍ଷର ନବମ ଦିନରେ 'ଆସ ବହିଟିଏ କିଣିବା ଅଭିଯାନ' ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପୁସ୍ତକ ପ୍ରଦର୍ଶନୀ ଆୟୋଜନ ସହ ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟମାନଙ୍କରେ ପ୍ରକାଶନୀ ସଂସ୍ଥା ପକ୍ଷରୁ ପୁସ୍ତକ ଷ୍ଟଲ ଖୋଲାଯାଇଥିଲା। ବହି କିଣିବା ସହ ଏହାର ସେଲ୍‌ଫି ଉଠାଇ ପାଠକମାନେ ଏହାକୁ ଓଡ଼ିଆ ପକ୍ଷ ୱେବସାଇଟ୍‌ରେ ଅପଲୋଡ଼ କରିଛନ୍ତି। ଏହି ଅବସରରେ ଅତିଥିମାନଙ୍କୁ ଭାଗବତ ପୁସ୍ତକ ପ୍ରଦାନ କରାଯାଇଥିଲା। ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

## ଭାରତୀୟ ଜ୍ଞାନ ପରମ୍ପରା ପ୍ରାଚୀନ ଓ ସମୃଦ୍ଧ



ଭୁବନେଶ୍ୱର, ୯।୪(ସମିସ): ଭାରତୀୟଜ୍ଞାନ ପରମ୍ପରା ସମଗ୍ର ବିଶ୍ୱରେ ଶିକ୍ଷାଦାନ ବ୍ୟବସ୍ଥାର ବିଶେଷତ୍ୱ ଦୃଷ୍ଟିରୁ ଅତୁଳନୀୟ। ଏହା ଆମର ଆଚାର ବ୍ୟବହାର, ଚରିତ୍ରନିର୍ମାଣ ଶୃଙ୍ଖଳାର ମାର୍ଗ ଦର୍ଶାଇଥାଏ। ବଶିଷ୍ଠ, ବିଶ୍ୱାମିତ୍ର, ସନ୍ଦିପନୀ, ଚାଣକ୍ୟଙ୍କଠାରୁ ବହୁ ଗୁରୁ ଶିକ୍ଷାଦାନ ପ୍ରଣାଳୀକୁ ପ୍ରଶସ୍ତ ଓ ପରିବ୍ୟାପ୍ତ କରିଛନ୍ତି ବୋଲି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ ଭାରପ୍ରାପ୍ତ କୁଳପତି ତଥା ସଂସ୍କୃତ ବିଦ୍ୱାନ ପ୍ରଫେସର ନରସିଂହ ଚରଣ ପଣ୍ଡା ମତବ୍ୟକ୍ତ କରିଛନ୍ତି। ଗୁରୁବାର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପରିସରରେ 'ଭାରତୀୟ ଜ୍ଞାନ ପରମ୍ପରା ଓ ବିଦ୍ୟାଳୟ ଶିକ୍ଷା' ଶୀର୍ଷକ ବକ୍ତୃତା ପ୍ରଦାନ କରି ପ୍ରଫେସର ପଣ୍ଡା ଏହା କହିଥିଲେ। ପ୍ରତିଷ୍ଠାନର ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ଏହି ବକ୍ତୃତାମାଳାକୁ ଉଦ୍‌ଘାଟନ କରି ବିଦ୍ୱାନ୍ ଦେଶବିଦେଶରେ ସମ୍ମାନ ପାଇବା ଆମକୁ ଆମ ପରମ୍ପରା ଶିକ୍ଷା ଦେଇଛି। ଜାତୀୟ ଶିକ୍ଷାନୀତି ୨୦୨୦ରେ ଭାରତୀୟ ଜ୍ଞାନ ପରମ୍ପରା ପ୍ରସାର ପାଇଁ ପ୍ରୋତ୍ସାହନ ଥିବା ପ୍ରକାଶ କରିଥିଲେ। ପ୍ରାରମ୍ଭରେ ବକ୍ତୃତାମାଳାର ସଂଯୋଜିକା ପ୍ରଫେସର ରୀତାଞ୍ଜଳୀ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ପ୍ରଫେସର ଡ.ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ଇତିହାସ କଂଗ୍ରେସର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର, ୯।୪(ସମିସ): ଓଡ଼ିଶା ଇତିହାସ କଂଗ୍ରେସର ୫୭ତମ ପ୍ରତିଷ୍ଠା ଦିବସ ଜାତୀୟ ଅଭିଲେଖାଗାର ଆଞ୍ଚଳିକ କେନ୍ଦ୍ରଠାରେ ପାଳିତ ହୋଇଯାଇଛି। ନବନିର୍ବାଚିତ ସଭାପତି ଡ. ସୁବାସ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟ ଅତିଥି ଆଶୋକ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ପ୍ରଫେସର ଅମଳ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ସହକାରୀ ନିର୍ଦ୍ଦେଶକ ଡ. ସତ୍ୟନାରାୟଣ ମିଶ୍ର ଯୋଗ ଦେଇଥିଲେ। ଏହି ପ୍ରତିଷ୍ଠା ଦିବସରେ ଡ. ପାରେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିବେଶ ସଚେତନତା

ଭୁବନେଶ୍ୱର, ୯।୪(ସମିସ): କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବୁଧବାର ପରିବେଶ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଭାରତୀୟ ତୈଳ ନିଗମର ପୂର୍ବତନ ପରିଚାଳକ ହେମନ୍ତ କୁମାର ଜେନା ପରିବେଶ ସଚେତନତା ବୃଦ୍ଧି ନିମନ୍ତେ ପ୍ରାକୃତିକ ସମ୍ପଦ ଯଥା ଜଳ ସ୍ଥଳ ଏବଂ ନିର୍ଭରଶୀଳ ତାର ଉଦାହରଣ ପ୍ରଦାନ ସହ ଜଙ୍ଗଲ, ବୃକ୍ଷରୋପଣ ଏବଂ ତାର ସୁରକ୍ଷା କିପରି ଜନସମାଜର ଏକ ସୁସ୍ଥ ଜୀବନ ନିମନ୍ତେ ପ୍ରେରଣା ଦିଏ ଏହା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମର ଅନ୍ୟ ଅତିଥି ସେବା ନିବୃତ୍ତ ଗ୍ରୀଡକୋର ଲୋକ ସମ୍ପର୍କ ଅଧିକାରୀ ଦେବାନନ୍ଦ ସାମଲ ଆମ ପୃଥିବୀ ଆମ ଦାୟିତ୍ୱ, ପ୍ଲାଷ୍ଟିକ୍‌ର ସର୍ବନିମ୍ନ ବ୍ୟବହାର ଏବଂ ପରିବେଶ ପ୍ରତି ସଚେତନତା ସୃଷ୍ଟି ସହ ଦିଗରେ ଛାତ୍ରଛାତ୍ରୀମାନଙ୍କର ଗୁରୁତ୍ୱ ପୂର୍ଣ୍ଣ ଭୂମିକା ନ ରହିଲେ ଭବିଷ୍ୟତ ପ୍ରଶ୍ନବାଚୀ ହୋଇଯିବା ଆଶଙ୍କା ପ୍ରକାଶ କରିବା ସହ ସମସ୍ତଙ୍କୁ ପରିବେଶ ବନ୍ଧୁ ହେବା ନିମନ୍ତେ ପ୍ରବର୍ତ୍ତାଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡଃ. ତ୍ରିବିକ୍ରମ ଷଡ଼ଙ୍ଗୀ ବୁଦ୍ଧ ଓ ଚରକଙ୍କ ଉଦାହରଣ ଛଳରେ ସଚେତନତା ସୃଷ୍ଟି ଦିଗରେ ଉଦାହରଣ ପ୍ରଦାନ ସହ ସାକ୍ଷର ସଚେତନ ସୁସ୍ଥ ପରିବେଶଣ ସମ୍ଭାବନାକୁ




ଜଙ୍ଗଲକୁ ସୁରକ୍ଷା ଦେବା ଆବଶ୍ୟକ ବୋଲି କହିଥିଲେ। ଜଙ୍ଗଲ ବିଭାଗର ସର୍ବୋଚ୍ଚ ଅଧିକାରୀ ହର୍ଷବର୍ଦ୍ଧନ ଉଦ୍‌ଗାତା ଛାତ୍ରଛାତ୍ରୀମାନଙ୍କୁ ବକ୍ତୃତା ଛଳରେ ବୃକ୍ଷର ସଞ୍ଜ୍ଞା ବୁଝାଇବାକୁ ଯାଇ ସମାଜ ପ୍ରତି ଏହାର ଅବଦାନ ସହ ଗଛଟିଏ ଜୀବଜନ୍ତୁଙ୍କ ସହ କିପରି ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଅନ୍ୟମାନଙ୍କୁ ଏ ଦିଗରେ ପ୍ରବର୍ତ୍ତାଇ ପାରିଲେ ଏକ ସୁସ୍ଥ ସୁନ୍ଦର ପୃଥିବୀର ପରିକଳ୍ପନା କରି ସୁସ୍ଥଜୀନ ସମ୍ଭବ ହେବ ବୋଲି ମତ ପୋଷଣ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସଭ୍ୟ ତଥା ସଭାପତି ଡଃ. ଚିତ୍ତ ରଞ୍ଜନ ମିଶ୍ର ପିଲାମାନଙ୍କୁ ଗାଁରୁ ସହର ପର୍ଯ୍ୟନ୍ତ ବାୟୁ ପଦୂଷଣର ବିଭିନ୍ନ କାରଣ ଓ ନିରାକରଣ କିପରି ସମ୍ଭବ, ଏ ଆଗେଇ ନେବା ଉପରେ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ ଉପାଧ୍ୟକ୍ଷ ଡଃ. ରୁଦ୍ର ମୋହନ ନନ୍ଦ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିବା ସହ ଉପସ୍ଥିତ ସମସ୍ତେ ଧରିତ୍ରୀମା' ଉପରେ ହାତ ରଖି ଶପଥ ପାଠ କରିବା ସହ "ପରିବେଶ ସୁରକ୍ଷା ଜୀବନ ରକ୍ଷା" ବୋଲି ସ୍ଲୋଗାନ ଦେଇଥିଲେ।

## ୬୬୨ ବର୍ଗ କଲେଜ ସଂଘର ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର, ୯।୪(ସମିସ): ଉଚ୍ଚଶିକ୍ଷା ବିଭାଗ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଗଠିତ ଉଚ୍ଚ କ୍ଷମତା ସମ୍ପର୍ଣ କମିଟି ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଛି ୬୬୨ବର୍ଗ କଲେଜ ସଂଘ। ସଂଘର ରାଜ୍ୟ ସଭାପତି ଗୋଲକ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳି କମିଟିର ମୁଖ୍ୟ ପୂର୍ବତନ ମୁଖ୍ୟ ଶାସନସଚିବ ଅଶୋକ କୁମାର ତ୍ରିପାଠୀ ଓ ଅନ୍ୟ ସଭ୍ୟମାନଙ୍କୁ ଭେଟି ସମସ୍ତ କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନସନ ପରିସରଭୁକ୍ତ କରିବା, ଖାଲି ପଡ଼ିଥିବା ପଦବୀ ଗୁଡ଼ିକ ଶୀଘ୍ର ପୁରଣ କରିବା, ଅନୁଦାନରୁ ବାଦ ପଡ଼ିଥିବା କର୍ମଚାରୀମାନଙ୍କୁ ଅନୁଦାନ ପରିସରଭୁକ୍ତ କରିବା, ଯୋଗ୍ୟ ବିବେଚିତ ଅଧ୍ୟାପକ, କର୍ମଚାରୀମାନଙ୍କୁ ପଦୋନ୍ନତି ଦେବା ଓ ଚାକିରୀର ବୟସ ସୀମା ୬୦ ବର୍ଷରୁ ୬୨ ବର୍ଷ କରିବା ଦାବି କରିଛନ୍ତି। ଏଥି ସହିତ ଅନ୍ୟାନ୍ୟ ଦାବି ବିଷୟରେ ସରକାର ଯଦି ଅତିଶୀଘ୍ର ସିଦ୍ଧାନ୍ତ ନ ନିଅନ୍ତି ତେବେ ଆଗାମୀ ଦିନରେ ସଂଘ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଂଘର ସଭାପତି ଗୋଲକ ନାୟକ, ଦୁଇ ସାଧାରଣ ସମ୍ପାଦକ ସଭାପରଦ୍ଦିନ ଅହମ୍ମଦ, ଡଃ ଗଗନ ବେଉରା, ରଞ୍ଜନ ପ୍ରଧାନ, ଡଃ ତପନ ଜେନା, ଅଶୋକ ପୁରୋହିତ, ଡଃ ଜ୍ୟୋତ୍ସ୍ନା ବଡ଼ିଆ ପ୍ରମୁଖ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

## ବରିଷ୍ଠ ନାଗରିକଙ୍କ ତାରିଣୀ ଦର୍ଶନ



ଭୁବନେଶ୍ୱର, ୯।୪(ସମିସ): ଯଶୋଦା ମା ଫାଉଣ୍ଡେସନ ଆନୁକୂଲ୍ୟରେ ପାଞ୍ଚଟି ବସ୍ତିର ବୟସ୍କ ବୃଦ୍ଧ ବୃଦ୍ଧା ମାନଙ୍କୁ ନେଇ କେନ୍ଦୁଝର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ଘଟଗାଁ ମା ତାରିଣୀ ପୀଠ ଦର୍ଶନ କରାଯାଇଛି। ଯଶୋଦା ମା ଫାଉଣ୍ଡେସନର ଅଧ୍ୟକ୍ଷା ତଥା ସମାଜସେବୀ ନିବେଦିତା ଲେଙ୍କାଙ୍କ ଉଦ୍ୟମରେ ଏହି କାର୍ଯ୍ୟ ସମାପନ ହୋଇଥିଲା। ଏଥିରେ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ସାହୁ, ମୁକ୍ତା ଫାଉଣ୍ଡେସନ ଅଧ୍ୟକ୍ଷା ବନ୍ଦନା ପଣ୍ଡା, ଅଧ୍ୟାପିକା ଧରିତ୍ରୀ ମହାରଥା, ଜୟ ତ୍ରିମାତା ଫାଉଣ୍ଡେସନର ମୁଖ୍ୟ ମିନତୀ ଲେଙ୍କା, ଉଦ୍ୟୋଗୀ ବଂଶୀଧର ବାରିକ୍, ଶିକ୍ଷାବିତ୍ ଇଂ ଶାନ୍ତନୁ ମହାପାତ୍ର, ପୂର୍ବତନ ବନ ସଂରକ୍ଷକ ଆଲୋକ ହୋତାଙ୍କ ସମେତ କିଛି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ତାରିଣୀ ଓ ଛତିଆ ବଟ ଦର୍ଶନ ସଫଳ ହୋଇଥିଲା। ଏଥିରେ ଯୁବ ସମାଜସେବୀ ପ୍ରତ୍ୟୁଷ ଭଞ୍ଜଙ୍କ ସମେତ ବର୍ଣ୍ଣବୋଧ ପାଠଶାଳାର ୫ ଜଣ ଗୁରୁମା ଉପସ୍ଥିତ ରହି ଗାଇଡ୍ କରିଥିଲେ।

## ବସ୍ତିରେ ନାମଲେଖା ସଚେତନତା ଅଭିଯାନ



ଭୁବନେଶ୍ୱର, ୯।୪(ସମିସ): ପ୍ରବେଶ ଉତ୍ସବ ଓ ନାମଲେଖା ସଚେତନତା ଅଭିଯାନ ଅବସରରେ ଆକ୍ସନଏଡ୍ ଆସୋସିଏସନ୍, ସିସିଡବ୍ଲୁଡି ଓ ସରକାରୀ ପ୍ରାଥମିକ ବିଦ୍ୟାଳୟ ସେକେଣ୍ଡ ପୋଷ୍ଟାଲ କଲୋନୀ ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ୱାର୍ଡ ନମ୍ବର-୧୭ ଅଧିନସ୍ଥ ପଥରବନ୍ଧ ବସ୍ତିରେ ବସ୍ତି ପରିଭ୍ରମଣ ଓ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଶୈଳପ୍ରଭା ପଣ୍ଡା, ଶିକ୍ଷୟିତ୍ରୀ ଜ୍ଞୁଲତା ବେହେରା, ଶିକ୍ଷକ ରଞ୍ଜନ ବେହେରା ଓ ଜ୍ୟୋତି ପ୍ରକାଶ ପାଇକରାୟ ପ୍ରମୁଖ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ରେଣୁବାଳା ସାହୁ, ବିଷ୍ଣୁପ୍ରୀୟା ସାମଲ ଓ ଭାସ୍କର ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ।

## ଓଡ଼ିଆ ସାହିତ୍ୟ ସମାରୋହ ଉଦ୍‌ଘାଟିତ

### ଡକ୍ଟର କମ୍ବୁପାଣି ସାମନ୍ତଙ୍କୁ 'ଭଞ୍ଜଭାରତୀ ଜୟଦେବ ଷଡ଼ଙ୍ଗୀ ସ୍ମୃତି ସମ୍ମାନ'

ଭୁବନେଶ୍ୱର, ୯।୪(ସମିସ): ସାରସ୍ୱତ ଅନୁଷ୍ଠାନ 'ଭୁବନେଶ୍ୱର ଭଞ୍ଜଭାରତୀ'ପକ୍ଷରୁ ଗୀତଗୋବିନ୍ଦ ସଦନରେ ତିନିଦିନିଆ ଓଡିଆ ସାହିତ୍ୟ ସମାରୋହର 'ଭଞ୍ଜନିକୁଞ୍ଜ' ଶୀର୍ଷକ ଉଦ୍‌ଘାଟିତ ହୋଇଯିଛି। ଏଥିରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରପତି ବିରଜାପ୍ରସନ୍ନ ଶତପଥୀ ଯୋଗ ଦେଇ ଆଧୁନିକ ଓଡ଼ିଶାରେ ଭଞ୍ଜକବିଙ୍କ ରଚନାବଳୀର ଅନୁଶୀଳନ, ଚିନ୍ତନ ଓ ଚର୍ଚ୍ଚାର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ଭଞ୍ଜୀୟ ସାହିତ୍ୟ ସୃଷ୍ଟିର କାଳଜୟୀ ପ୍ରଭାବ ଓ ପ୍ରକର୍ଷ ଉପରେ ବକ୍ତବ୍ୟ ରଖି ଅନୁଷ୍ଠାନର ସମୃଦ୍ଧି କାମନା କରିଥିଲେ। ଗୀତିକାର ମୋତିଲାଲ ପତି କବି ଉପେନ୍ଦ୍ରଙ୍କ ସାହିତ୍ୟରେ ସାଙ୍ଗୀତିକତା ଓ ଶାବ୍ଦିକମୂର୍ଚ୍ଛନାର ଅବତାରଣା କରିଥିଲେ। ସଭାର ସଭାପତି ତଥା ଭଞ୍ଜଭାରତୀର ସଭାପତି ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟର ବୈଶିଷ୍ଟ୍ୟରେ ବୈଦେହୀ ଚରିତ୍ରର ମହତ୍ତ୍ୱକୁ ଉପସ୍ଥାପିତ କରିବା ସହିତ ଭଞ୍ଜ ହିଁ ଓଡିଆ ଅସ୍ମିତାର ପ୍ରତୀକ ବୋଲି



କହିଥିଲେ। ଏହି ଅବସରରେ ଭଞ୍ଜନଗର ନିବାସୀ ବର୍ଷୀୟାନ୍ ଭଞ୍ଜ ସାହିତ୍ୟ ଗବେଷକ ଓ ପ୍ରାବନ୍ଧିକ ଡକ୍ଟର କମ୍ବୁପାଣି ସାମନ୍ତଙ୍କୁ ମର୍ଯ୍ୟାଦାଜନକ 'ଭଞ୍ଜଭାରତୀ ଜୟଦେବ ଷଡଙ୍ଗୀ ସ୍ମୃତିସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ନାଦବ୍ରହ୍ମ ପକ୍ଷରୁ ଭଞ୍ଜସଙ୍ଗୀତ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଭଞ୍ଜଭାରତୀର ସଦସ୍ୟା ଉତ୍କଳଲକ୍ଷ୍ମୀ ମିଶ୍ର ପରିଚାଳନା କରିଥିବା ବେଳେ ସୁଶ୍ରୀ ଅନନ୍ୟା ମିଶ୍ର ସଂଯୋଜନା କରିଥିଲେ। ଶେଷରେ ଗତିକୃଷ୍ଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାରୋହ ଆଗାମୀ ଅପ୍ରେଲ ୧୧ତାରିଖ ଯାଏଁ ଚାଲିବ।

## ଏଆଇ ମ୍ୟୁଜିକ୍ ଭିଡିଓ 'ନଈଟିଏ ହୋଇ ବହି ଯାଉ ଯାଉ'ର ଶୁଭମୁକ୍ତି

ଭୁବନେଶ୍ୱର, ୯।୪(ସମିସ): ଅରୋମିରା ଏଣ୍ଟରଟେନମେଣ୍ଟ ଦ୍ୱାରା ପ୍ରସ୍ତୁତ ଏଆଇ ମ୍ୟୁଜିକ୍ ଭିଡିଓ 'ନଈଟିଏ ହୋଇ ବହି ଯାଉ ଯାଉ' ଗୀତଟି ମୁକ୍ତିଲାଭ କରିଛି। ଡ. ପ୍ରତିଭା ରାୟଙ୍କ ଦ୍ୱାରା ରଚିତ ନଈଟିଏ ହୋଇ ଗୀତଟି ମହିଳାଙ୍କ ଅବ୍ୟକ୍ତ ଚିନ୍ତାଧାରା ଏବଂ ଭାବନା ଦ୍ୱାରା ଅନୁପ୍ରାଣିତ। ନଦୀ ପରି ଏହି ଗୀତଟି ମହିଳାଙ୍କ ଯାତ୍ରାର ସୌନ୍ଦର୍ଯ୍ୟ, ଶକ୍ତି ଏବଂ ପ୍ରବାହକୁ ପ୍ରତିଫଳିତ କରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାୟିକା ସୁସ୍ମିତା ଦାସ ଏହି ଗୀତକୁ କଣ୍ଠଦାନ କରିଥିବା ବେଳେ ଯୁବ ସଙ୍ଗୀତକାର ଅଭିଜିତ ମିଶ୍ର ଏହାର ସ୍ୱର ସଂଯୋଜନା କରିଛନ୍ତି। ଏହାର କାହାଣୀ ଦେବ ମେହେର ଏବଂ ସନ୍ଦୀପ ସିକଦର ରଚନା କରିଥିବା ବେଳେ ଦେବ ମେହେର ଏବଂ ଅବିନାଶ ମେହେର ପ୍ରଯୋଜନା ଭାର ତୁଲାଇଛନ୍ତି।

## ବଡ଼ଧରଣର ଚଢ଼ଉ ପରେ ବି ଥମୁନି ଗୋରୁ ଚୋରାଚାଲାଣ

# ପୁଣି ଗୋ ତସ୍କର ସକ୍ରିୟ; ୨ ଗିରଫ, ୨୧ ଗୋରୁ ଉଦ୍ଧାର



### ■ ରାତିଅଧିଆ କରୁଥିଲେ ଗୋରୁ ଚାଲାଣ

ରାଇରଙ୍ଗପୁର, ୯।୪(ସମିସ): ବାରମ୍ବାର ବଡ଼ଧରଣ ଚଢ଼ଉ ପ୍ରକ୍ରିୟା ପରେ ମଧ ସୁଧୁରୁ ନାହାନ୍ତି ଗୋ ମାଫିଆ। ଗୋଟେ ପଟେ ଗୋ ମାଫିଆଙ୍କ ଘରେ ଚଢ଼ଉ ହେଉଥିବାବେଳେ ଅନ୍ୟପଟେ ଗୋ ଚାଲାଣ ଜାରି ରହିଛି। ବାମନଘାଟି ଉପଖଣ୍ଡରେ ଗୋ ତସ୍କରୀ ଥମିବାର ନାଁ ନେଉନାହିଁ। ତିରିଂ ଥାନା ଅଞ୍ଚଳର ବିଞ୍ଜୁଆ ଗ୍ରାମରେ ଆନ୍ତଃରାଜ୍ୟ ଗୋଚାଲାଣ ଟିମ ସକ୍ରିୟ ରହି ବେଆଇନ ଭାବେ ଚାଲାଣ କରୁଛନ୍ତି। ତିରିଂ ଥାନା ପୁଲିସ ୨ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ୨୧ଟି ଗୋରୁ ଉଦ୍ଧାର ହୋଇଛନ୍ତି। ଗିରଫ ଦ୍ୱୟ ହେଲେ ତିରିଂ ଥାନା ଅନ୍ତର୍ଗତ ବଡ଼ ଦୁଦୁ ଗ୍ରାମର ଦୁଇ ଭାଇ ଏମଡି ସମିମ ଓ ଏମଡି ଅରବାଜ।

ଗୋ ତସ୍କରକୁ ରୋକିବାକୁ ପୁଲିସ ପକ୍ଷରୁ ଗତ ଜାନୁଆରୀ ମାସରେ ବାମନଘାଟି ଉପଖଣ୍ଡରେ ଚଢ଼ଉ ହୋଇଥିଲା। ପୁଣି ଦୁଇ ମାସର ବ୍ୟବଧାନ ପରେ ଗତ ମଙ୍ଗଳବାର ବାଦାମପାହାଡ଼ ଥାନା ଅଞ୍ଚଳରେ ଚଢ଼ଉ ହୋଇଥିଲା। ଏହାପରେ ମଧ ଗୋ ତସ୍କର ଥମିବା ବଦଳରେ ପୁଣି ସକ୍ରିୟ ଭାବେ ଗୋ ଚାଲାଣ ଆରମ୍ଭ କରିଥିଲେ। ବୁଧବାର ବିଳମ୍ବିତ ରାତିରେ ତିରିଂ ଥାନା ପୁଲିସ ଦ୍ୱାରା ବେଆଇନ ଭାବେ ଗୋଚାଲାଣ ବେଳେ ୨୧ଟି ଗୋରୁ ଉଦ୍ଧାର ହୋଇଛି। ବେଆଇନ ଗୋ ଚାଲାଣ ନେଇ ବିଞ୍ଜୁଆ ଗ୍ରାମର ଜଗନ୍ନାଥ ବସା ତିରିଂ ଥାନାରେ ଅଭିଯୋଗ କରିଥିଲେ। ବିଞ୍ଜୁଆ ଗ୍ରାମର ସେକ ରମଜାନ, ସେକ ରୁହୁଲ, ବଡ଼ଦୁଦୁ ଗ୍ରାମର ଏମଡି ସମିମ ଓ ଏମଡି ଅରବାଜ ପ୍ରମୁଖ ଗୋ ଚାଲାଣ କରୁଥିବା ଅଭିଯୋଗରେ ଦର୍ଶାଇଥିଲେ। ଯାହାକୁ ନେଇ ତିରିଂ ପୁଲିସ ଚଢ଼ଉ କରିଥିଲା। ଏମଡି ସମିମ ଓ ଏମଡି ଅରବାଜ ବିଳମ୍ବିତ ରାତିରେ ଅନ୍ଧାର ସୁଯୋଗ ନେଇ ୨୧ଟି ଗୋରୁକୁ ଚଲାଇ ଚଲାଇ ଝାଡ଼ଖଣ୍ଡ ପଟକୁ ନେଉଥିଲେ। ରାସ୍ତାରେ ଚଢ଼ଉ କରି ଗୋରୁ ଉଦ୍ଧାର କରାଯାଇଛି। ଗୋରୁଗୁଡିକ ବିଭିନ୍ନ ସ୍ଥାନରୁ ଆଣି ହତ୍ୟା କରି ମାଂସ ବିକ୍ରି କରିବା ଯୋଜନା କରିଥିଲେ ବୋଲି ସନ୍ଦେହ କରାଯାଉଛି। ଗୋ ଚାଲାଣ ସେମାନଙ୍କ ବ୍ୟବସାୟ ହୋଇଥିବାବେଳେ ଝାଡ଼ଖଣ୍ଡ ଚାଲାଣ କରିବା ପାଇଁ ନେଉଥିବା ପୁଲିସ ସନ୍ଦେହ କରୁଛି। ପୁଲିସ ଗୋରୁ ଉଦ୍ଧାର କରି ଗୋଶାଳାକୁ ପଠାଯାଇଛି। ଏ ନେଇ ତିରିଂ ଥାନାରେ ମାମଲା ରୁଜୁ କରି ଦୁଇଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଧିକ ତଦନ୍ତ ଜାରି ରହିଥିବାବେଳେ ଅନ୍ୟ ସମ୍ପୃକ୍ତଙ୍କୁ ଗିରଫ କରିବାକୁ ପ୍ରୟାସ ଜାରି ରଖିଛି ପୁଲିସ। ତେବେ ବଡ଼ ଧରଣ ଚଢ଼ଉ ପରେ ମଧ ବାମନଘାଟି ଉପଖଣ୍ଡରେ ଗୋଚାଲାଣ ଥମୁନାହିଁ। ଏହାକୁ ରୋକିବା ପାଇଁ ରାଜ୍ୟ ସରକାର ଆଇନ ପ୍ରଣୟନ କରିବା ନିମନ୍ତେ ବାରମ୍ବାର ଦାବି ଉପସ୍ଥାପନ କରାଯାଉଛି। କିନ୍ତୁ କୌଣସି ଆଇନ ପ୍ରଣୟନ ନ ହେବାରୁ ଗୋ ତସ୍କରି ଜାରି ରହିଛି।

## ଶିଶୁ ଶିଳ୍ପୀଙ୍କୁ ସମ୍ବର୍ଦ୍ଧନା



ଶୁକୁଳି, ୯।୪(ସମିସ): ରରୁଆଁ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ପକ୍ଷରୁ ଅନନ୍ୟା ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରି ଉତ୍ସାହିତ କରାଯାଇଛି। ଅନନ୍ୟା ପାଣିଗ୍ରାହୀ ଏକବର୍ଷ ଏଗାର ମାସ ବୟସରେ ବଡ଼ରରୁଆଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବରେ ମଞ୍ଚରେ ଏକାକୀ ନୃତ୍ୟ କରି ସମସ୍ତଙ୍କ ମନକୁ ଜିଣି ପାରି ପୁରସ୍କୃତ ହୋଇଥିଲେ। ଏହାବ୍ୟତୀତ ସେ ଆମ ରାଜ୍ୟର ନାମ, ମୁଖ୍ୟମନ୍ତ୍ରୀଙ୍କ ନାମ, ପ୍ରଧାନମନ୍ତ୍ରୀଙ୍କ ନାମ, ସଡ଼କର କେଉଁ ପଟେ ଯିବା ଏପରି ଅନେକ ପ୍ରଶ୍ନର ସଠିକ ଉତ୍ତର ପ୍ରଦାନ କରିପାରୁଛନ୍ତି। ତାଙ୍କ ପ୍ରତିଭାରେ ଖୁସି ହୋଇ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ ଶ୍ରୀମତୀ ବାସନ୍ତୀଲତା ସେଠୀ ସମ୍ବର୍ଦ୍ଧିତ କରିଛନ୍ତି। ଅଙ୍ଗନବାଡି କର୍ମୀ ପୁଷ୍ପଲତା ନାଏକ, ସୁପରଭାଇଜର ମଞ୍ଜୁଲତା ମହାନ୍ତ, ଶୁଭଦ୍ରା ଯୋଜନାର ପବିତ୍ରା ମହାନ୍ତ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଅନନ୍ୟା ପାଣିଗ୍ରାହୀ ସମାଜସେବୀ ଦେବମିତ୍ର ଆନନ୍ଦ ପାଣିଗ୍ରାହୀ ଓ ଅନୀତା ପାଣିଗ୍ରାହୀଙ୍କ ନାତୁଣୀ।

## ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତିକ ଯୋଗ ଦିବସ ପାଇଁ ଅବଗଣନା ଆରମ୍ଭ

ବାରିପଦା, ୯।୪(ସମିସ): ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଆୟୋଜିତ ୧୦୦ ଦିନ, ୧୦୦ ସହର, ୧୦୦ ଅନୁଷ୍ଠାନ କାର୍ଯ୍ୟକ୍ରମ ଅନ୍ତର୍ଗତ ବାରିପଦାର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଦୂର ଓ ଅନଲାଇନ୍ ଶିକ୍ଷାକେନ୍ଦ୍ର (ସିଡିଓଇ)ରେ ଆନ୍ତର୍ଜାତିକ ଯୋଗ ଦିବସ ପାଇଁ ୭୨ ଦିନିଆ ଅବଗଣତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କୁଳପତି ପ୍ରଫେସର ମହେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ସୁସ୍ଥତା, ଜ୍ଞାନ ଓ ବିଶ୍ୱ ଶାନ୍ତି ପାଇଁ ଯୋଗ' ଶୀର୍ଷକରେ ଏକ ଯୋଗ ପ୍ରତିଯୋଗିତା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଶୁକ୍ରବାର ସକାଳ ୭ଟାରୁ ୭ଟା୪୫ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ପରିସରରେ ଏକ ବିରାଟ ସାଧାରଣ ଯୋଗ ପ୍ରୋଟୋକଲ୍ ଅଧିବେଶନ ଅନୁଷ୍ଠିତ ହେବ। ଏଥିରେ ବିଶ୍ୱବିଦ୍ୟାଳୟ, ଅନୁବନ୍ଧିତ କଲେଜ ଓ ସ୍କୁଲର ଛାତ୍ରଛାତ୍ରୀ, କର୍ମଚାରୀ, ସାଧାରଣ ଜନତାଙ୍କ ପାଇଁ ୫୦୦ରୁ ୧୦୦୦ ଜଣ ଅଂଶଗ୍ରହଣ ହେବ ବୋଲି କୁଳପତି ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶ ଓ ୨୦୧୪ରେ ମିଳିତ ଜାତିସଂଘ ଦ୍ୱାରା ଗୃହୀତ ସଂକଳ୍ପ ଅନୁଯାୟୀ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଗତ ତିନିବର୍ଷ ଧରି ଚାଲିଛି। ଯୋଗକୁ 'ଜୀବନଧାରଣାର ଉପାୟ' ଭାବେ ପ୍ରତିଷ୍ଠିତ କରିବା



ଲକ୍ଷ୍ୟରେ ଆୟୁଷ ମନ୍ତ୍ରଣାଳୟ ଏହି ଦେଶବ୍ୟାପୀ ପଦକ୍ଷେପ ନେଇଛି।

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ପାଇଁ ସ୍ୱୀକୃତି ମିଳିଥିବାରୁ କୁଳପତି ପ୍ରଫେସର ଶ୍ରୀ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସିଡିଓଇ ନିର୍ଦ୍ଦେଶକ ପ୍ରଫେସର ସୁକାନ୍ତ ନାୟକ, ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର କମଳଲୋଚନ ବାରିକ, କୁଳସଚିବ ସୁଶ୍ରୀ ସୁମିତା ସିଂ ଓ ବିତ୍ତ ନିୟନ୍ତ୍ରକ ଭରତ ଚନ୍ଦ୍ର ଦେହୁରୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ, ଅନୁବନ୍ଧିତ କଲେଜ ଓ ସ୍କୁଲର ଅଧ୍ୟକ୍ଷ, ସାଧାରଣ ଜନତା, ଗଣମାଧ୍ୟମ ପ୍ରତିନିଧିଙ୍କୁ କୁଳପତି ସହଯୋଗ କାମନା କରିଛନ୍ତି। ଯୋଗ ମହୋତ୍ସବ, ସାଧାରଣ ଯୋଗ ପ୍ରୋଟୋକଲ୍ କର୍ମଶାଳା ଓ ତାଲିମ ମାଧ୍ୟମରେ ଏହି କାଉଣ୍ଟଡାଉନ୍ ଜୁନ୍ ୨୧ ଆନ୍ତର୍ଜାତିକ ଯୋଗ ଦିବସ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିବାକୁ ଇଚ୍ଛୁକ ବ୍ୟକ୍ତିଙ୍କୁ ବିଶ୍ୱବିଦ୍ୟାଳୟର ସିଡିଓଇ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଇଛି।

## ଦାଦନ ସମସ୍ୟା ସମାଧାନ ଦାବି; ୧୧ରେ ରାସ୍ତା ଅବରୋଧ

ବାରିପଦା, ୯।୪(ସମିସ): ଶିମିଳିପାଳ ସମେତ ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ଓ ଐତିହ୍ୟସ୍ଥଳୀର ଗନ୍ତାଘର ମୟୂରଭଞ୍ଜରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା, ଜିଲ୍ଲାରେ ଥିବା ବିଭିନ୍ନ ବନ୍ୟଜାତ ଦ୍ରବ୍ୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପର ଉଚିତ ବ୍ୟବସାୟୀକରଣ ଦ୍ୱାରା ତଥା ବିଭିନ୍ନ କୁଟୀର ଶିଳ୍ପ ମାଧ୍ୟମରେ ହିଁ ବେକାରୀ ସମସ୍ୟାରେ ଜର୍ଜରିତ ଆମ ଜିଲ୍ଲାର ଲକ୍ଷାଧିକ ଯୁବସମାଜ ରୋଜଗାରକ୍ଷମ ହୋଇପାରିବା ସହ ଜିଲ୍ଲାର ଦାଦନ ଦୁଃଖ ସମସ୍ୟା ଦୂର ହେବା ଏବଂ ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧି ମଧ ହୋଇପାରିବ ବୋଲି ଦୀର୍ଘ ୧୦ ବର୍ଷ ଧରି ଭଞ୍ଜସେନା ପକ୍ଷରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଖରେ ଦାବି କରିଆସୁଥିଲେ। ଭଞ୍ଜସେନା ପକ୍ଷରୁ ଆସନ୍ତା ମେ ମାସ ୧୧ ତାରିଖ ସୋମବାର ଦିନ ମୟୂରଭଞ୍ଜ ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ୧୮ନଂ ଏବଂ ୪୯ନଂ ସହିତ ସମସ୍ତ ରାଜ୍ୟ ରାଜପଥ ଉପରେ ଶାନ୍ତିପୂର୍ଣ୍ଣ ହରତାଳ କରାଯିବ ବୋଲି ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ସୂଚନା ପ୍ରଦାନ କରିଛନ୍ତି ବୋଲି ଜିଲ୍ଲା ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

## ତଲଙ୍ଗା ବିଦ୍ୟାଳୟର ବାର୍ଷିକ ଉତ୍ସବ

ଖିଚିଂ, ୯।୪(ସମିସ): ଶୁକୁଳି ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ତଲଙ୍ଗାର ବାର୍ଷିକ ଉତ୍ସବ 'ପୁଲକ' ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ତାପସ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଶୁକୁଳି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସିଂ, ଅଜିତ୍ ନାୟକ ପ୍ରମୁଖ ବ୍ୟକ୍ତି ବିଶେଷ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବା ପାଇଁ ମାର୍ଗଦର୍ଶନ କରିଥିଲେ। ଶିକ୍ଷକ ଦଶରଥ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। କୁମ୍ଭୀର୍ଦା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମୁକ୍ତି କାନ୍ତ ବଳ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ



ମୁଖ୍ୟ ବକ୍ତା ଭାବେ ମହାମୁନୀଶ୍ୱର ପଣ୍ଡିତ ନିରଞ୍ଜନ ମୁନି, ବିଶିଷ୍ଟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବିଜନ ଚାତାର୍, ପାଣ୍ଡରଶିଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଣେଶ୍ୱର ସାହୁ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରବୀର୍ ଶିଆଳ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପାରଦର୍ଶିତା ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ମାନିନୀ ମହାକୁଡ଼ଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟର ସାମୟିକ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ନାୟକ ଓ ବିନତୀ ନାୟକଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ସଭ୍ୟା ସହଯୋଗ କରିଥିଲେ।

## ଶୁକୁଳି ସ୍ନାତକ ମହାବିଦ୍ୟାଳୟରେ ରକ୍ତଦାନ ଶିବିର




ଶୁକୁଳି, ୯।୪(ସମିସ): ଓଡ଼ିଆ ପକ୍ଷ ଉପଲକ୍ଷେ ଶୁକୁଳି ସ୍ନାତକ ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ଏସ୍‌ଡିପିଓ ନବକିଶୋର ନାୟକ ଉଦଘାଟନ କରିଥିଲେ। ସମ୍ମାନୀୟ ଅତିଥି ଭାବରେ ରରୁଆଁ ଥାନା ଥାନା ଅଧିକାରୀ ଅନାଦି ଚରଣ ପଟ୍ଟାୟତ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ସଂଗ୍ରାମ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସ୍‌ଆଇ ବିବେକାନନ୍ଦ ବେହେରା, ଇଞ୍ଜିନିୟର ବିନୋଦ ପ୍ରାସାଦ ସାହୁଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଯୋଗ ଦେଇଥିଲେ। କରଞ୍ଜିଆ ଉପଖଣ୍ଡସ୍ତରୀୟ ବ୍ଲଡ୍ ବ୍ୟାଙ୍କ ସହାୟତାରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା। ଡାକ୍ତର ଶୁଭେନ୍ଦୁ କୁମାର ଜେନାଙ୍କ ସହିତ ତ୍ରିଲୋଚନ ମହାନ୍ତ, ଅଭିଜିତ ମୁଖି, ଗାୟତ୍ରୀ ସାହୁ, ସୁମନ୍ତ ମହାନ୍ତ, ରାଜେଶ କୁମାର ପାତ୍ର ଏହି ଶିବିରରେ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ଅଧ୍ୟାପକ ବିଶ୍ୱ ରଞ୍ଜନ ମାଝୀ ପ୍ରାରମ୍ଭିକ ଭାଷଣ ଦେବା ସହିତ ଅଧ୍ୟାପକ ସରୋଜ କୁମାର ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୨୧ ଜଣ ଛାତ୍ରଛାତ୍ରୀ ଅଧ୍ୟାପକ ଅଧ୍ୟାପିକା ରକ୍ତଦାନ କରିଥିଲେ।

## ୭ ମାସ ପରେ ଫେରାର ଗୋଚାଲାଣକାରୀ ଗିରଫ

ମହୁଲଡିହା, ୯।୪ ସମିସ ): ଗତ ୨୦୨୫ ଅଗଷ୍ଟ ୧୨ ତାରିଖରେ ଗୋଟିଏ ଷଣ୍ଢ ଓ ୩ଟି ଗାଈ ଚୋରା ଚାଲାଣ ହେଉଥିବାବେଳେ ପୁଲିସ ଉଦ୍ଧାର କରିଥିଲା। ତେବେ ଆସାମୀ ଧରାପଡ଼ିନଥିଲା। ଠାକୁରମୁଣ୍ଡାରୁ ୩ କିମି ଦୂର ଜୁଆଳିକଟା ନିକଟରେ ଗୋଟିଏ ସ୍କର୍ପିଓ ଗାଡିର ଚକ ଫାଟିଯିବାରୁ ଚାଳକ ଗାଡ଼ି ଛାଡି ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ଗାଡ଼ି ମଧ୍ୟରେ ୩ଟି ଗାଈ ଓ ଗୋଟିଏ ଷଣ୍ଢ ଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଲେଇ ଷଣ୍ଢ ଓ ଗାଈଙ୍କୁ ଉଦ୍ଧାର କରି ମାମଲା ରୁଜୁ କରିଥିଲେ। ଉଦ୍ଧାର ହୋଇଥିବା ଗାଈ ଓ ଷଣ୍ଢକୁ ନନ୍ଦିନୀ ଗୋଶାଳାକୁ ହସ୍ତାନ୍ତର କରି ଗାଡ଼ି ନମ୍ବର ଆଧାରରେ ତଦନ୍ତ ଆରମ୍ଭ କରିଥିଲା ପୁଲିସ। ସ୍କର୍ପିଓଟି ଝାଡ଼ଖଣ୍ଡ ଇଷ୍ଟ ସିଂଭୂମ ଜଗନ୍ନାଥପୁର ବସନ୍ତ କୁମାରଙ୍କ ନାମରେ ଥିଲା। ଏହି ସ୍କର୍ପିଓକୁ ଶେଖ ରମଜାନ ଭଡ଼ାରେ ନେଇ ଚଳାଉଥିଲା। ବାଦାମପାହାଡ଼ ଥାନା ଦେଓଗାଁ ଗ୍ରାମରେ ଶେଖ ଜଲାଲୁଦ୍ଦିନଙ୍କ ପୁଅ ଶେଖ ରମଜାନର ଘର ବୋଲି ଜଣାପଡ଼ିଥିଲା। ଖବରପାଇ ପୁଲିସ ଟିମ୍ ଚଢ଼ଉ କରି ଅଭିଯୁକ୍ତ ଶେଖ ରମଜାନକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଓଡ଼ିଆ ପକ୍ଷ ଅବସରରେ ରକ୍ତଦାନ ଶିବିର




କୁଆମରା, ୯।୪(ସମିସ)ଓଡ଼ିଆ ପକ୍ଷ ପାଳିତ ଅବସରରେ ଗୋପବନ୍ଧୁ ନଗର ବ୍ଲକ କୁଆମରା ସାରସ୍ୱତ ଡିଗ୍ରୀ କଲେଜ ଓ ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ କଲେଜର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କୁଆମରା କଲେଜର ମୋଟ ୪୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ବେଳେ ପୁରୁଣା ବାରିପଦା କଲେଜର ମୋଟ ୨୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। କୁଆମରା କଲେଜର ଅଧ୍ୟକ୍ଷ ସୁବଳ ଦାସ ଓ କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ଶିବିରକୁ ଉଦ୍‌ଘାଟନ କରିଥିଲେ। ସେହିପରି ପୁରୁଣା ବାରିପଦା କଲେଜର ଅଧ୍ୟକ୍ଷ ଅନନ୍ତ ପ୍ରସାଦ ବେହେରା ଉଦଘାଟନ କରିବା ସହ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଉଭୟ କଲେଜର ଯୁବ ରେଡକ୍ରସ୍ ଅଧିକାରୀ, ଜାତୀୟ ସେବା ଯୋଜନା ଅଧିକାରୀ, ଏନ୍ ସି ସି ଅଧିକାରୀ ଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ମାନେ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିବା ବେଳେ ସାମ୍ବାଦିକ ନିମାଇଁ ପ୍ରସାଦ ଦାଶ ଓ ଶାନ୍ତନୁ କୁମାର ମଢୁଆଳ ସହଯୋଗ କରିଥିଲେ।

## ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଭାବେ ଉଦଳା ବିଧାୟକଙ୍କ ଦାୟିତ୍ୱ ଗ୍ରହଣ



ବାରିପଦା, ୯।୪ (ସମିସ): ଗୁରୁବାର ପୂର୍ବାହ୍ନରେ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଭାବେ ଉଦଳା ବିଧାୟକ ଭାସ୍କର ମଢେଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜିଲ୍ଲାପାଳ ହେମକାନ୍ତ ସଏଙ୍କଠାରୁ ଦାୟିତ୍ୱ ଗ୍ରହଣ କରିବା ସହିତ ଶପଥ ପାଠ ପତ୍ର ଗ୍ରହଣ କରିଛନ୍ତି। ଏ ସମୟରେ ତାଙ୍କ ସହିତ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବିଧାୟକ, ସାଂସଦ, ବିଜେପି ଓ ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ଯୋଗ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ଶ୍ରୀ ମଢେଇ ସୌଜନ୍ୟମୂଳକ ଭାବେ ତାଙ୍କର ପ୍ରଥମ ଜିଲ୍ଲା ଯୋଜନା ବୋର୍ଡର ବୈଠକରେ ପୌରୋହିତ୍ୟ କରି ସମସ୍ତ ବିଭାଗର କାର୍ଯ୍ୟ ତ୍ୱରାନ୍ୱିତ ଉପରେ ଗୁରୁତ୍ୱ ଦେଇଥିଲେ।

## ଜିଲ୍ଲା ଶିଶୁ ସୁରକ୍ଷା ସମିତି ସଦସ୍ୟ ହେଲେ ସୁରଥ



ରାଇରଙ୍ଗପୁର, ୯।୪(ସମିସ): ଜିଲ୍ଲା ଶିଶୁ ସୁରକ୍ଷା ସମିତି ସଦସ୍ୟ ଭାବେ ଶିକ୍ଷାବିତ୍ତ ସୁରଥ ପଟ୍ଟନାୟକ ନିଯୁକ୍ତ ହୋଇଛନ୍ତି। ମହିଳା ଏବଂ ଶିଶୁ ମଙ୍ଗଳ ବିଭାଗ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସୁରଥ ପଟ୍ଟନାୟକ ଗତ ଦୁଇବର୍ଷ ପୂର୍ବେ ଚାକିରିରୁ ନିବୃତ ହୋଇ ଶିଶୁ ସୁରକ୍ଷା ନେଇ କାର୍ଯ୍ୟ କରୁଥିଲେ। ଏନେଇ ରାଇରଙ୍ଗପୁର ସ୍ଥିତ ବାମନଘାଟି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି।

## ଏକଲବ୍ୟ ମଡେଲ ସ୍କୁଲର ବାର୍ଷିକ ଉତ୍ସବ

ଉଦଳା, ୯।୪(ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ଡିମଗଡ଼ିଆ ଠାରେ ଥିବା ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ପ୍ରଥମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବିଶେଷ କରି ଶିକ୍ଷା ସାଙ୍ଗକୁ କ୍ରୀଡ଼ା ଓ ବାର୍ଷିକ ଉତ୍ସବ ଛାତ୍ରଛାତ୍ରୀ ମାନଙ୍କର ଶାରୀରିକ ଓ ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ। ବିଶେଷ କରି ୨୦୨୪ ରେ ଏହି ବିଦ୍ୟାଳୟ ଆରମ୍ଭ ହୋଇଥିବା ବେଳେ ଏ ବର୍ଷ ପ୍ରଥମ ବାର୍ଷିକ ଉତ୍ସବ ହୋଇଥିବାରୁ ସମସ୍ତଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ପରିଶେଷରେ ବାର୍ଷିକ କ୍ରୀଡ଼ାରେ ଅତିଥିଙ୍କ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିବାବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଅଭୟ କୁମାରଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ କୋଚିଳାଡିହା ପଞ୍ଚାୟତର ସରପଞ୍ଚ ସାରମଣି ହେମ୍ବ୍ରମ, ସମିତି ସଭ୍ୟା ସୁକାନ୍ତି ହାସଦା ପ୍ରମୁଖ ଯୋଗଦେଇଥିଲେ।

## ବଳାଙ୍ଗୀ ମହୋତ୍ସବ କାର୍ଯ୍ୟାଳୟ ଉଦଘାଟିତ

ବାରିପଦା, ୯।୪(ସମିସ):ଆସନ୍ତା ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ୭ଦିନ ଧରି ୨୪ତମ ରାଜ୍ୟସ୍ତରୀୟ ବଳାଙ୍ଗୀ ମହୋତ୍ସବ ଆୟୋଜିତ ହେବାକୁ ଯାଉଥିବାବେଳେ ବାରିପଦା ରାଜବାଟି ନିକଟ ମ୍ୟୁନିସିପାଲଟି ମାର୍କେଟ କମ୍ପ୍ଲେକ୍ସରେ ମହୋତ୍ସବ କାର୍ଯ୍ୟ ପରିଚାଳନା ପାଇଁ ଏକ ଅସ୍ଥାୟୀ କାର୍ଯ୍ୟାଳୟ ଉଦଘାଟିତ ହୋଇଛି। ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟାଳୟ ଉଦଘାଟନ କରି ବଳାଙ୍ଗୀ ମହୋତ୍ସବ ଦୀର୍ଘ ୨୪ ବର୍ଷ ଧରି ଜିଲ୍ଲାରେ ଏକ ସାଂସ୍କୃତିକ ଆନ୍ଦୋଳନ ସୃଷ୍ଟି କରିଛି ବୋଲି କହି ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ। ମହୋତ୍ସବ କମିଟି ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସମାଜସେବୀ ବିଶ୍ୱଜିତ ନାୟକ, ଅମର ସେଠୀ, ସ୍ଥାନୀୟ କାଉନସିଲର ସୁକେଶିନୀ ସେଠୀ, ପ୍ରାଧ୍ୟାପକ ସୁନୀଲ ଜେନା, କିନ୍ନର ମହାସଙ୍ଘର ସଭାପତି ମନୀଷା ସାହୁ ପ୍ରମୁଖ ଯୋଗଦେଇ ମୟୂରଭଞ୍ଜ ବାଲିମେଳା ବଳାଙ୍ଗୀ ଏକ ନିଆରା ମହୋତ୍ସବ ବୋଲି କହିଥିଲେ। ଡ ଶଶୀଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସମ୍ପାଦକ ଦୀପକ ନାୟକ, ବରିଷ୍ଠ ସଦସ୍ୟ ଗୋଲକ ମହାନ୍ତି, କ୍ଷୀରୋଦ ଚନ୍ଦ୍ର ମହାନ୍ତି, ଇନ୍ଦୁମତି ମହାନ୍ତି, ଅଶୋକ କୁମାର ପଲେଇ, ଦୋଳଗୋବିନ୍ଦ ମହାନ୍ତ, ସଂଯୁକ୍ତା ଭୁଜବଳ, ରାଜଲକ୍ଷ୍ମୀ ଦାସ, ଗିଗମା ଦାସ ପ୍ରମୁଖ ବହୁ



ସଦସ୍ୟ ଯୋଗ ଦେଇଥିଲେ। ବଳାଙ୍ଗୀ ସେନାର କୁମାରେଶ ନାୟକ, ସନତ ବାରିକ, ମିଥୁନ ବାରିକ, ଶିଶିର ଭୁଜବଳ, ଦିଲ୍ଲୀପ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଗାମୀ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟା ୭ରୁ ରାତ୍ର ୯ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟ ଖୋଲା ରହିବ ବୋଲି ଜଣାଯାଇଛି।

## ମାଦଳ ମହୁରୀ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

# ନାଟକ 'ଗ୍ରେଟ ନୁଙ୍ଗୁରା' ଓ 'ମିଛୁଆ ରାଧୁଆ' ମଞ୍ଚସ୍ଥ

ବାରିପଦା, ୯।୪(ସମିସ): ସ୍ଥାନୀୟ ସହିଦ ସ୍ମୃତି ଭବନରେ ଦୁର୍ଯ୍ୟ-ସରସ୍ୱତୀ ସାଂସ୍କୃତିକ ପରିଷଦ ଓ ସୌଖିନ କଳାକାର କ୍ଲବ ଆନୁକୂଲ୍ୟରେ ଆୟୋଜିତ ତିନିଦିନିଆ ମାଦଳ ମହୁରୀ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ କ୍ଷୀରୋଦ ବିହାରୀ ସିଟଙ୍କ ରଚିତ ଦୁଇଟି ନାଟକ ମଞ୍ଚସ୍ଥ ହୋଇଯାଇଛି। ଜ୍ଞାନ ପଣ୍ଡାଙ୍କ ନିର୍ଦ୍ଦେଶିତ ନାଟକ 'ଗ୍ରେଟ ନୁଙ୍ଗୁରା'ରେ ଜ୍ଞାନ ପଣ୍ଡା, ଜଗଦୀଶ, ନିକିତା ଅଭିନୟ କରିଥିବାବେଳେ ମହେଶ ସାହୁ (ତପୁବାବା)ଙ୍କ ନିର୍ଦ୍ଦେଶିତ ନାଟକରେ ରବୀନ୍ଦ୍ର ନାଥ ସିଂ, ଅଶୋକ ପଟ୍ଟନାୟକ, ରଣଜିତ ସାହୁ, ରବୀନ୍ଦ୍ର ମହାପାତ୍ର, ନବକିଶୋର ଲେଙ୍କା, ଲଭରଜିତ ସାହୁ, ଅଭିଜିତ ପଣ୍ଡା ଓ ଲିପିକା ରଣା ଅଭିନୟ କରିଥିଲେ। ଉଭୟ ନାଟକ ଦର୍ଶକଙ୍କୁ ବିମୋହିତ କରିଥିଲା। ନାଟକ ପ୍ରାରମ୍ଭରେ ପରିଷଦର ମୁଖ୍ୟ ସଂଯୋଜକ କ୍ଷୀରୋଦ ବିହାରୀ ସିଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ସଂଯୁକ୍ତା ନାଟ୍ୟ କେନ୍ଦ୍ର, ଘାଟସିଳାର ମୁଖ୍ୟ ପୃଷ୍ଠପୋଷକ ଅନୁପ ଦତ୍ତ, ସମ୍ପାଦିକା ଜ୍ୟୋତି ମଲ୍ଲିକ, ନାଟ୍ୟକାର ଶେଖର ମଲ୍ଲିକ,



ପୂର୍ବତନ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. କେସି ମହାନ୍ତି, ବେଙ୍ଗଲୀ ସିରିଏଲ ଓ ଚଳଚିତ୍ର ଅଭିନେତା ଇଂ ସୁଶାନ୍ତ ସିଟ, ବାରିପଦା କଳାକାର ପରିବାରର ସଭାପତି ସନ୍ତୋଷ ମହାନ୍ତି, ବରିଷ୍ଠ ଅଭିନେତା ନିର୍ଦ୍ଦେଶକ ଡଃ କୁମରମଣି ନାୟକ, ପ୍ରତିଷ୍ଠିତ ମଞ୍ଚ ଓ ଚଳଚ୍ଚିତ୍ର ଅଭିନେତା ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ ଓ ବରିଷ୍ଠ ଆଇନଜୀବୀ କ୍ଷେତ୍ରମୋହନ ପଣ୍ଡା ପ୍ରମୁଖ ଉତ୍ସବର ସଫଳତା କାମନା କରିବା ସହ ଏହି ଉତ୍ସବରେ ମଞ୍ଚସ୍ଥ ହେଉଥିବା ନାଟକରେ ଯୁବ କଳାକାର ଓ ନିର୍ଦ୍ଦେଶକଙ୍କୁ ସୁଯୋଗ ଦେଇଥିବାରୁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ଏ ଅବସରରେ ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଡା କେ ସି ମହାନ୍ତି ଓ ଇ ସୁଶାନ୍ତ ସିଟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୋମନାଥ ସିଂହ ଓ ଗୌରବ ସିଟ ମଞ୍ଚ ପରିଚାଳନା କରିଥିଲେ। ଚିନ୍ମୟ ଶେଜପଡ଼ା ଓ ନୟନିକା ମହାନ୍ତି ଓଡିଶୀ ନୃତ୍ୟ, ସରନ୍ୟା ସାହୁଙ୍କ ସଙ୍ଗୀତ ତଥା ନଂ-୧ ଡ୍ୟାନ୍ସ ଏକାଡେମୀର ମିହିକା ନନ୍ଦ ଗୋସ୍ୱାମୀଙ୍କ ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା।

■ ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ

# ସମ୍ବଲପୁର ଚାମ୍ପିଅନ, ଉତ୍କଳ ରନର୍ସଅପ୍

ସମ୍ବଲପୁର, ୯।୪ (ସମିସ)




ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପକ୍ଷରୁ କ୍ରୀଡ଼ା, ଉତ୍ସାହ ଓ ଯୁବଶକ୍ତିର ଏକ ସମନ୍ୱୟ ରୂପେ 'ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଶାର ୧୪ଟି ବିଶ୍ୱବିଦ୍ୟାଳୟରୁ ପୁରୁଷ ଏବଂ ମହିଳା ଉଭୟଙ୍କ ପାଇଁ ୧୮ଟି ଆଥ୍‌ଲେଟିକ୍ସ ଇଭେଣ୍ଟରେ ୩୪୬ ଜଣ ପୁରୁଷ ଓ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରୁଥିଲେ। ଥ୍ରୋଇଂ ଇଭେଣ୍ଟ ଗୁଡ଼ିକ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ହୋଇଥିବାବେଳେ ଟ୍ରାକ୍ ଏବଂ ଫିଲ୍ଡ ଇଭେଣ୍ଟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଆୟୋଜିତ ହୋଇଥିଲା। ଆଜି ଏହି ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୬ଟି ସ୍ୱର୍ଣ୍ଣ, ୧୫ଟି ରୌପ୍ୟ ଓ ୧୪ଟି କାଂସ୍ୟ ପଦକ ସହ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓଭରଅଲ୍ ଚାମ୍ପିଅନ ହୋଇଥିବାବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ ୯ଟି ସ୍ୱର୍ଣ୍ଣ, ୧୦ଟି ରୌପ୍ୟ ଓ ୧୧ଟି କାଂସ୍ୟ ପଦକ ସହ ପ୍ରଥମ ରନର୍ସଅପ୍ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ୮ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଓ ୫ଟି କାଂସ୍ୟ ପଦକ ସହ ଦ୍ୱିତୀୟ ରନର୍ସ ଅପ୍ ହୋଇ ପୁରସ୍କୃତ ହୋଇଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଦୟାନିଧି ମୁଣ୍ଡା ଶ୍ରେଷ୍ଠ କ୍ରୀଡ଼ାବିତ୍ (ପୁରୁଷ) ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଦିପ୍ତୀରାଣୀ ସାହୁ ଶ୍ରେଷ୍ଠ କ୍ରୀଡ଼ାବିତ୍ (ମହିଳା) ବିବେଚିତ ହୋଇଛନ୍ତି। ଓଭରଅଲ୍ ଗ୍ରୁପ୍ ଚମ୍ପିଆନ୍ ଭାବେ ଉଭୟ ପୁରୁଷ ଓ ମହିଳା ବର୍ଗରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୃତିତ୍ୱ ହାସଲ କରିଥିବାବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ ରନର୍ସ ଅପ୍ ହୋଇଛି। ପ୍ରତିଯୋଗିତାର ଶେଷ ଦିନରେ ପୁରୁଷ ଓ ମହିଳା ବର୍ଗରେ ୧୦, ୦୦୦ ମିଟର ଦୌଡ଼, ସ୍ପ୍ରିଣ୍ଟ ପ୍ରତିଯୋଗିତାରେ ମହିଳା ଓ ପୁରୁଷ ୨୦୦ ମିଟର ଦୌଡ଼, ପୁରୁଷ ଓ ମହିଳା ବର୍ଗରେ ୪-୪୦୦ ମିଟର ରିଲେରେସ୍ ଆଦି ଇଭେଣ୍ଟ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୁରଲିଧର ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଓ ଛାତ୍ର କଲ୍ୟାଣ ଡିନ୍ ପ୍ରଫେସର ପାର୍ଥ ସାରଥୀ ମଲ୍ଲିକ ମଞ୍ଚାସୀନ ଥିଲେ। ସ୍ୱାଗତଭାଷଣରେ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଚାରିଦିନିଆ ପ୍ରତିଯୋଗିତାର ସମଗ୍ର ବିବରଣୀ ଦେଇଥିଲେ। ମୁଖ୍ୟଅତିଥି ପ୍ରଫେସର ମିଶ୍ର ତାଙ୍କ ବକ୍ତବ୍ୟରେ ନୂତନ ଶିକ୍ଷାନୀତି ୨୦୨୦ ପ୍ରସଙ୍ଗରେ କ୍ରୀଡ଼ାର ଗୁରୁତ୍ୱକୁ ବ୍ୟାଖ୍ୟା କରିଥିଲେ। ଆଞ୍ଚଳିକ କ୍ଷେତ୍ର ନିର୍ଦ୍ଦେଶକ ଡ. ମାଝୀ ନିଜ ଭାଷଣରେ କ୍ରୀଡ଼ା ବିକାଶର ନୀତିମୂଳକ ଦିଗ ଉପରେ ଆଲୋକପାତ କରିଥିଲେ। କ୍ରୀଡ଼ା ମହୋତ୍ସବର ନୋଡାଲ ଅଧିକାରୀ ତଥା ଜିଏମ୍‌ୟୁ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ସହଯୋଗ ପାଇଁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ଏହାପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସିନିଆ ଟିଗ୍ଗା ଧନ୍ୟବାଦ ଅର୍ପଣ କରିଥିଲେ।

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଶ୍ନପତ୍ର ଗୋପନୀୟତା ରଖିବାରେ ବିଫଳ ଘଟଣା

# ଅନଲାଇନ୍ ବଦଳରେ ପୁଣି ଅଫଲାଇନରେ ଯିବ ପ୍ରଶ୍ନପତ୍ର

**ସମ୍ବଲପୁର, ୯।୪(ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟର ଷଷ୍ଠ ସେମିଷ୍ଟର ପରୀକ୍ଷାରେ ବ୍ୟାପକ ଅସଙ୍ଗତି ହେଉଥିବା ନେଇ ବୁଧବାର 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତତ୍ପର ହୋଇଛନ୍ତି। ସମସ୍ତ ବ୍ୟବସ୍ଥାକୁ ପୁନଃ ସମୀକ୍ଷା କରିବା ସହିତ ପ୍ରଶ୍ନପତ୍ର ଲିକ୍ ଯେପରି ନ ହେବ, ସେଥିପାଇଁ କଠୋର ପଦକ୍ଷେପ ନେଇଛନ୍ତି। ପରୀକ୍ଷା ସକାଳ ୮ ଟାରୁ ଆରମ୍ଭ ହେଉଥିବା ବେଳେ ଛାତ୍ରଛାତ୍ରୀମାନେ ୭.୪୫

**ଖବର ପ୍ରକାଶ ପରେ, ଚେତିଲେ କର୍ତ୍ତୃପକ୍ଷ**

**୭.୪୫ ପରେ ବିଦ୍ୟାର୍ଥୀଙ୍କୁ ପରୀକ୍ଷା ହଲ୍‌କୁ ପ୍ରବେଶ ମନା**

**କଲେଜ ସିସିଟିଭି ଦେଖି ଯାଞ୍ଚ କଡ଼ାକଡ଼ି**

ପୂର୍ବରୁ ପରୀକ୍ଷା ହଲ୍‌କୁ ପ୍ରବେଶ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏପରିକି ଏହି ସମୟ ପରେ ପରୀକ୍ଷାର୍ଥୀଙ୍କୁ ପ୍ରବେଶ ଅନୁମତି ମିଳିବ ନାହିଁ ବୋଲି ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ସମସ୍ତ କଲେଜ ଅଧ୍ୟକ୍ଷଙ୍କୁ ଅବଗତ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ମେଲ୍ ମାଧ୍ୟମରେ କଲେଜଗୁଡ଼ିକୁ ପ୍ରଶ୍ନପତ୍ର ପଠାଯାଉଥିବାରୁ ପରୀକ୍ଷା ଆରମ୍ଭ ପୂର୍ବରୁ ଛାତ୍ରଛାତ୍ରୀଙ୍କ ପାଖରେ ପ୍ରଶ୍ନପତ୍ର ପହଞ୍ଚି ଯାଉଥିଲା। ଏଆଇ ଚାର୍ଟ ଜିପିଟିରେ ସମସ୍ତ ପ୍ରଶ୍ନର ଉତ୍ତର କିଛିକ୍ଷଣ ମଧ୍ୟରେ ବାହାର କରି ତାକୁ ମାଇକ୍ରୋ ଜେରକ୍ସ କରିବା ପାଇଁ ଜେରକ୍ସ ଦୋକାନରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଏପରି ଅଭିଯୋଗ ସାମ୍ନାକୁ ଆସିବା ପରେ ପରୀକ୍ଷା ପ୍ରଶ୍ନପତ୍ରର ଗୋପନୀୟତା ପ୍ରତି ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଗତବର୍ଷ ସମାନ ଢାଞ୍ଚାରେ ପ୍ରଶ୍ନପତ୍ର ଲିକ୍ କରି ବିକ୍ରି କରୁଥିବା ଏକ ଗ୍ୟାଙ୍ଗ୍ ଧରାପଡ଼ିଥିଲେ ମଧ୍ୟ ପ୍ରଶ୍ନପତ୍ର ସୁରକ୍ଷା ବ୍ୟବସ୍ଥାରେ ସୁଧାର ଆଣିବାକୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏନେଇ ଖବର ପ୍ରକାଶ ପାଇବା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତତ୍କାଳ ପଦକ୍ଷେପ ନେଇଛନ୍ତି। କପି ରୋକିବାକୁ ୭.୪୫ ପୂର୍ବରୁ ପରୀକ୍ଷା ହଲରେ ପ୍ରବେଶ କରିବାକୁ ବାଧ୍ୟତାମୂଳକ କରିଛନ୍ତି। ଏ ସମ୍ପର୍କରେ ଅଧିକ ସୂଚନା ଦେଇ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ. ଉମେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ପୂର୍ବରୁ ପରୀକ୍ଷା ହଲକୁ ପ୍ରବେଶ ସମୟ ୭.୪୫ ଧାର୍ଯ୍ୟ ହୋଇଥିଲେ ମଧ୍ୟ କିଛି କଲେଜରେ ଏହାକୁ ପାଳନ କରାଯାଉ ନ ଥିବା ଅଭିଯୋଗ ହୋଇଥିଲା। ଫଳରେ ଏହାକୁ କଡ଼ାକଡ଼ି କରାଯାଇଛି। ସେହିପରି ବିଭିନ୍ନ କଲେଜ୍‌କୁ ଆଜି ବିଶ୍ୱବିଦ୍ୟାଳୟ ସ୍କ୍ୱାଡ୍ ପହଞ୍ଚି ତଦନ୍ତ କରିଛନ୍ତି। ଯେଉଁ କଲେଜରେ ଅଧିକ ଛାତ୍ରଛାତ୍ରୀ କପି କରି ଧରା ପଡ଼ିବେ ସେହି କଲେଜର ସମସ୍ତ ଦିଗକୁ ତର୍ଜମା କରାଯିବ। ପରୀକ୍ଷା ସମୟରେ ଅଚାନକ କଲେଜରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରାଯିବ। ଆବଶ୍ୟକସ୍ଥଳେ ସମସ୍ତ ଫୁଟେଜ ସଂଗ୍ରହ ମଧ୍ୟ କରାଯିବ। କୌଣସି କଲେଜରେ ଅଧିକ କପି ହେଉଥିବା ଖବର ପାଇଲେ ତ୍ୱରିତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରି ସୁରକ୍ଷିତ ପ୍ରଶ୍ନପତ୍ର ପ୍ରେରଣ କରାଯାଉଥିଲେ ମଧ୍ୟ କିଛି ଅସାଧୁ କର୍ମଚାରୀ ପ୍ରଶ୍ନପତ୍ର ଲିକ୍ କରିବାରେ ସାହାଯ୍ୟ କରୁଛନ୍ତି। ତେଣୁ ପୂର୍ବ ଭଳି କଲେଜକୁ ସିଧା ସଳଖ ପ୍ରଶ୍ନପତ୍ର ଦେବା ବିଷୟରେ ଆଲୋଚନା ହେବ। ପ୍ରଶ୍ନପତ୍ର ଲିକ କରୁଥିବା ର୍‌ୟାକେଟ୍‌କୁ ନିଷ୍କ୍ରିୟ କରିବା ପାଇଁ କଡ଼ା ପଦକ୍ଷେପମାନ ଗ୍ରହଣ କରାଯିବ ବୋଲି ଡ. ମହାପାତ୍ର କହିଛନ୍ତି।

ନାବାଳିକାକୁ ଦୁଷ୍କର୍ମ କରି ଗର୍ଭବତୀ ମାମଲା

# ଅଭିଯୁକ୍ତକୁ ୨୦ ବର୍ଷ ଜେଲ

**ସମ୍ବଲପୁର, ୯।୪ (ସମିସ) :** ସମ୍ବଲପୁର ଅତିରିକ୍ତ ସେସନ୍‌ସ ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଅଭିଳାଷ ସେନାପତି ବାମରାରେ ନାବାଳିକା ଦୁଷ୍କର୍ମ ଓ ଗର୍ଭବତୀ କରିବା ମାମଲାର ବିଚାରକରି ଅଭିଯୁକ୍ତ ନାବାଳକ (ବର୍ତ୍ତମାନ ୨୪ ବର୍ଷ ବୟସ୍କ) ଙ୍କୁ ଦୋଷୀ ସାବ୍ୟସ୍ତ କରିବାସହ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଆଉ ଏକ ବର୍ଷ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି।

ଘଟଣାଟି ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଅଞ୍ଚଳରେ ଘଟିଥିଲା। ୨୦୨୦ ସେପ୍ଟେମ୍ବର ୧୫ ତାରିଖ ଦିନ ପୀଡ଼ିତାଙ୍କ ପିତା ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରିପୋର୍ଟ ଅନୁଯାୟୀ, ତାଙ୍କ ନାବାଳିକା ଝିଅର ପେଟ ବାହାରୁଥିବା ଦେଖି, ସେ ତାଙ୍କୁ ଏ ବିଷୟରେ ପଚରାଉଚୁରା କରିଥିଲେ। ପୀଡ଼ିତା କହିଲେ ଯେ, ୨୦୧୮ ରୁ ସେ ଜଣେ ନାବାଳକ (ସିଆଇସିଏଲ୍) ସହ ପ୍ରେମ ସମ୍ପର୍କରେ ଥିଲେ, ଯିଏ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇଥିଲେ। ଘରେ ତାଙ୍କ ଏକା ରହିବାର ସୁଯୋଗ ନେଇ, ନାବାଳକ ବାରମ୍ବାର ତାଙ୍କ ବାସଭବନକୁ ଯାଇ ତାଙ୍କ ଇଚ୍ଛା ବିରୋଧରେ ଏବଂ ତାଙ୍କ ପ୍ରତିରୋଧ ସତ୍ତ୍ୱେ ଯୌନ ସମ୍ପର୍କ ସ୍ଥାପନ କରିଥିଲେ। ଅଭିଯୋଗକାରୀ ଆହୁରି କହିଛନ୍ତି ଯେ, ପରବର୍ତ୍ତୀ ସମୟରେ ସେ ଜାଣିବାକୁ ପାଇଲେ ଯେ ତାଙ୍କ ଝିଅ ଛଅ ମାସର ଗର୍ଭବତୀ। ଏହା ପୂର୍ବରୁ, ପୀଡ଼ିତା ତାଙ୍କ କାକୀ ଘରକୁ ଯାଇଥିବାବେଳେ ଗର୍ଭଧାରଣ ଚିହ୍ନଟ ହୋଇଥିଲା, ଏବଂ କାକୀ ପୀଡ଼ିତାଙ୍କ ମା'ଙ୍କୁ ଜଣାଇଥିଲେ। ପଚରାଉଚୁରା କରିବା ପରେ, ପୀଡିତାଙ୍କ ମା' ଉକ୍ତ ନାବାଳକ (ସିଆଇସିଏଲ୍) ସହିତ ଟେଲିଫୋନରେ ଯୋଗାଯୋଗ କରିଥିଲେ, କିନ୍ତୁ ସେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେଇଥିଲେ, ଭୟଙ୍କର ପରିଣାମ ହେବ ବୋଲି ଧମକ ଦେଇଥିଲେ ଏବଂ ସେମାନଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ସେମାନଙ୍କ ଘରକୁ ମଧ୍ୟ ଆସିଥିଲେ। ଏହି ରିପୋର୍ଟକୁ ଆଧାର କରି, ଗୋବିନ୍ଦପୁର ଥାନାର ଭାରପ୍ରାପ୍ତ ଥାନାଧିକାରୀ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଘଟଣାର ତଦନ୍ତ କରି ପୁଲିସ ଅଭିଯୁକ୍ତ ବିରୋଧରେ ୧୧-୧୧-୨୦୨୦ରେ ଚାର୍ଜସିଟ୍ ଦାଖଲ କରିଥିଲେ। ନାବାଳିକା ଜଣକ ମାତ୍ର ୧୪ ବର୍ଷ ୧୧ ମାସ ବୟସରେ ଗର୍ଭବତୀ ହୋଇ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ।

ଆଜି ଅତିରିକ୍ତ ଜିଲ୍ଲା ଜଜ୍ ଓ ପୋକ୍‌ସୋ ବିଚାରପତି ଅଭିଳାଷ ସେନାପତି ସାକ୍ଷ୍ୟପ୍ରମାଣ ଓ ତଥ୍ୟ ଆଧାରରେ ଶୁଣାଣି କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ସେକ୍ସନ ୬ ପୋକ୍‌ସୋ ଆକ୍ଟରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ୧ ବର୍ଷ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ବିଚାରପତି ଶ୍ରୀ ସେନାପତି ନିୟମ ଅନୁଯାୟୀ ପିଡ଼ିତାଙ୍କୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣ, ସମ୍ବଲପୁରକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ପିପି (ପୋକ୍‌ସୋ) ପ୍ରସନ୍ନ କୁମାର ସାହୁ ଏହି ମୋକଦ୍ଦମା ପରିଚାଳନା କରିଥିଲେ।

# ହନୁମାନ ଜୟନ୍ତୀ ପୂର୍ବରୁ ଫ୍ଲାଗ୍‌ମାର୍ଚ୍ଚ



**ସମ୍ବଲପୁର, ୯।୪ (ସମିସ) :** ସମ୍ବଲପୁରରେ ହନୁମାନ ଜୟନ୍ତୀ ପାଳନକୁ ଶାନ୍ତିଶୃଙ୍ଖଳାର ସହିତ ସମାପନ କରିବା ପାଇଁ ପ୍ରସ୍ତୁତ ରହିଛି ପୁଲିସ ପ୍ରଶାସନ। ଶୁକ୍ରବାର ହନୁମାନ ଜୟନ୍ତୀ ପୂର୍ବର ବାଇକ୍ ରାଲି ହେବ। ଏହି ରାଲି ପୂର୍ବରୁ ଆଜି ସନ୍ଧ୍ୟାରେ ପୁଲିସ ପକ୍ଷରୁ ବାଇକ୍ ରାଲି ପଥ (ରୁଟ୍)ରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ଅତିରିକ୍ତ ଏସପି ଶ୍ରୀମନ୍ତ ବାରିକ ଓ ଶଶାଙ୍କ ବେଉରାଙ୍କ ସହ ସଦର ଏସଡିପିଓ ତୋଫାନ ବାଗଙ୍କ ନେତୃତ୍ୱରେ ଫ୍ଲାଗମାର୍ଚ୍ଚ ଜେଲ୍ ଛକରୁ ବାହାରି ମୋତିଝରଣ, ରାଜାନଗର, ସୁନାପାଲି ଓ ଧନକଉଡ଼ା ପର୍ଯ୍ୟନ୍ତ ପ୍ରାୟ ୫ କିଲୋମିଟର ରାସ୍ତାରେ ପୁଲିସ ନିଜର ଶକ୍ତି ପ୍ରଦର୍ଶନ କରିଛି। ଏଥିରେ ୧୮ ପ୍ଲାଟୁନ ପୁଲିସ ଫୋର୍ସ, ବିଏସଏଫ୍ ଓ ସିଆର୍‌ପିଏଫ୍ ଜବାନମାନେ ସାମିଲ ହୋଇଥିଲେ। ବାଇକ୍ ରାଲି ଶାନ୍ତିଶୃଙ୍ଖଳାର ସହିତ ହେବ ବୋଲି ସଦର ଏସ୍‌ଡିପିଓ କହିଛନ୍ତି। ହନୁମାନ ଜୟନ୍ତୀ ପୂର୍ବରୁ ଶୁକ୍ରବାର ହେବାକୁ ଥିବା ବାଇକ୍ ରାଲିକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ସଜାଗ ରହିଛି ସମ୍ବଲପୁର ପୁଲିସ। ଆଜି ସନ୍ଧ୍ୟା ସୁଦ୍ଧା ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ଓ ପ୍ରମୁଖ ଛକ ମାନଙ୍କରେ ପୁଲିସ ନିୟୋଜିତ ହେବାସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଶୁକ୍ରବାର ସହରରେ ମୋଟ ୩୦ ପ୍ଲାଟୁନ ପୋଲିସ ଫୋର୍ସ ସହ ୩ କମ୍ପାନି ବିଏସଏଫ୍ ଓ ସିଆରପିଏଫ୍ ଯବାନ ନିୟୋଜିତ ହେବେ। ଏଥିସହ ୪ ଅତିରିକ୍ତ ଏସପି, ୫ ଡିଏସପି, ୩୯ ଇନସ୍ପେକ୍ଟର ଏବଂ ୧୦୧ ସବ୍-ଇନସ୍ପେକ୍ଟର ଓ ଏଏସଆଇ ସୁରକ୍ଷା ଦାୟିତ୍ୱ ତୁଲାଇବେ। ବାଇକ ରାଲି ସମୟରେ ସମ୍ବଲପୁର ସହରରେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।

# ପର୍ଶୁରାମ ବିଇଡି ଶିକ୍ଷା ପ୍ରତିଷ୍ଠାନରେ ରକ୍ତଦାନ ଶିବିର

**ସମ୍ବଲପୁର, ୯।୪(ସମିସ):** ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ଥାନୀୟ ଡ. ପର୍ଶୁରାମ ମିଶ୍ର ଶିକ୍ଷା ପ୍ରତିଷ୍ଠାନର ଯୁବ ରେଡକ୍ରସ ଆନୁକୂଲ୍ୟରେ ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଗରୁଡଧ୍ୱଜ ବାରିକଙ୍କ ଅଧ୍ୟକ୍ଷତାରେ ଏକ ରକ୍ତଦାନ ଶିବିର ଏବଂ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରତିଷ୍ଠାନର ସହକାରୀ ପ୍ରଫେସର କ୍ଷୀତିଶ ଚନ୍ଦ୍ର ପାତ୍ର, ଡ. ମଞ୍ଜୁଶ୍ରୀ ବାଗଙ୍କ ନେତୃତ୍ୱରେ ଏବଂ ଓଡ଼ିଆ ପକ୍ଷ ପାଳନ କାର୍ଯ୍ୟକ୍ରମର ସମନ୍ୱୟ କାରୀ (ସଂଯୋଜିକା) ସହକାରୀ ପ୍ରଫେସର ଡ. ମମତା ପ୍ରିୟଦର୍ଶିନୀ ସାହୁଙ୍କ ତତ୍ତ୍ୱାବଧାନରେ ସର୍ବମୋଟ ୪୨ ୟୁନିଟ୍ ରକ୍ତ ସଂଗ୍ରହ କରିଛି। ଏଥିରେ ପାର୍ବତୀ ଗିରି ସ୍ନାତକ ମହାବିଦ୍ୟାଳୟ, ମହୁଲ ପାଲି, ଯୁଯୁମୁରାର ଛାତ୍ର ଛାତ୍ରୀ ତଥା କର୍ମଚାରୀ ମଧ୍ୟ ରକ୍ତଦାନ କରିଥିଲେ। ଏତଦ୍ ବ୍ୟତୀତ ଧନକଉଡା, ସମ୍ବଲପୁର ଚିକିତ୍ସାଳୟର ଚିକିତ୍ସାଧିକାରୀ ଡାକ୍ତର ଦିଲ୍ଲୀପ ମୁଦୁଲିଙ୍କ ଦ୍ୱାରା ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହକାରୀ ପ୍ରଫେସର ସୀତା ମହାନ୍ତ, ସରିତା ଆଚାର୍ଯ୍ୟ, ସିପ୍ରା ପ୍ରଧାନ ଏବଂ ସମସ୍ତ



ଶୈକ୍ଷିକ ଓ ଅଣଶୈକ୍ଷିକ କର୍ମଚାରୀ, ତଥା ଛାତ୍ର ସଂସଦର ସଭାପତି ଏମଇଡି ଦ୍ୱିତୀୟ ବର୍ଷ ଛାତ୍ର ତୁଷାର ପଶାୟତ, ଯୁବ ରେଡ଼କ୍ରସ ସେକ୍ରେଟାରୀ ବିଇଡି ଦ୍ୱିତୀୟ ବର୍ଷ ଛାତ୍ରୀ ପ୍ରିୟଙ୍କା ସାହୁ ଓ ବିଇଡି ପ୍ରଥମ ବର୍ଷ ଛାତ୍ର ଶ୍ରୀତମ ବର୍ଗେ ତଥା ଅନ୍ୟାନ୍ୟ ଛାତ୍ର ଛାତ୍ରୀଙ୍କ ସହଯୋଗ ରହିଥିଲା।

# ଠେଲକୋପଡ଼ାରେ ନିର୍ମାଣ ହେବ ସୁଲଭ ବାସଗୃହ

**ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ପ୍ରମୁଖ ସଚିବଙ୍କ ପ୍ରକଳ୍ପ ପରିଦର୍ଶନ ଓ ସମୀକ୍ଷା**

ସମ୍ବଲପୁର, ୯।୪ (ସମିସ)

ସମ୍ବଲପୁର ମଧ୍ୟଭାଗରେ ଥିବା ଠେଲକୋପଡ଼ାରେ ସୁଲଭ ବାସଗୃହ ନିର୍ମାଣ କରି ସରକାରୀ କ୍ୱାର୍ଟର୍ସରେ ରହୁଥିବା ସମସ୍ତଙ୍କୁ ଥଇଥାନ କରାଯିବ। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟସଚିବ ଉଷାପାଢ଼ୀ ଆଜି ସମ୍ବଲପୁର ଗସ୍ତରେ ଆସି ଠେଲକୋପଡ଼ାଠାରେ ଚାଲିଥିବା ସୁଲଭ ବାସଗୃହ ପ୍ରକଳ୍ପସ୍ଥଳରେ ହିତାଧିକାରୀ ଓ ଜନସାଧାରଣଙ୍କ ସହ ଆଲୋଚନା କରି ପ୍ରକଳ୍ପର ସଫଳ ରୂପାୟନ ପାଇଁ ସେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅତିରିକ୍ତ ମୁଖ୍ୟ ସଚିବ ଉଷା ପାଢ଼ୀ ଆଜି ସମ୍ବଲପୁର ସହରର ବିଭିନ୍ନ ଜନକଲ୍ୟାଣକାରୀ ଓ ଭିତ୍ତିଭୂମି ପ୍ରକଳ୍ପର କ୍ଷେତ୍ର ପରିଦର୍ଶନ ସହ ଅଗ୍ରଗତି ସମୀକ୍ଷା କରିଛନ୍ତି। ଶ୍ରୀମତୀ ପାଢ଼ୀ ୱାଟ୍‌କୋ ପକ୍ଷରୁ ନିର୍ମିତ ଜମାଦାରପାଲି ଇନ୍‌ଟେକ୍ ପଏଣ୍ଟ ଏବଂ ଟିପୁପଡ଼ା ଜଳବିଶୋଧନ ପ୍ଲାଣ୍ଟ ସ୍ଥଳ ପରିଦର୍ଶନ, ମହାନଗର ନିଗମ ଦ୍ୱାରା ହାତକୁ ନିଆଯାଇଥିବା ମୁଦିପଡ଼ା ପୁଷ୍କରିଣୀର ପୁନରୁଦ୍ଧାର କାର୍ଯ୍ୟ ଆଦି ପରିଦର୍ଶନ କରିଥିଲେ। ବୁର୍ଲାସ୍ଥିତ ଅଟଳ ଉଦ୍ୟାନ ପରିଦର୍ଶନ, ବରେଇପାଲି ପାଞ୍ଚଗଛିଆସ୍ଥିତ ଇଡ୍‌କୋ ଶିଳ୍ପାଞ୍ଚଳ ପରିଦର୍ଶନ କରିଥିଲେ। କ୍ଷେତ୍ର ପରିଦର୍ଶନ ପରେ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟରେ ଅତିରିକ୍ତ ସଚିବ ଶ୍ରୀମତୀ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସହରର ପରିମଳ ବ୍ୟବସ୍ଥା, ଷ୍ଟ୍ରିଟ୍ ଲାଇଟ୍, ନିଗମ ଦ୍ୱାରା ରାଜସ୍ୱ ସଂଗ୍ରହ, ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଓ ଏହାର ସମାଧାନ, ବର୍ଷା ଜଳ ନିଷ୍କାସନ ଏବଂ ଆଇଗଟ୍ କର୍ମଯୋଗୀ ଭଳି ପ୍ରମୁଖ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ସମ୍ବଲପୁର ସହରର ସାମଗ୍ରିକ ବିକାଶ ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ପ୍ରକଳ୍ପ ଶେଷ କରିବାକୁ ଶ୍ରୀମତୀ ପାଢ଼ୀ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସମୀକ୍ଷା ବୈଠକରେ ମୁଖ୍ୟତଃ ୮୦୦ ଏକର ଜମିରେ ନୂତନ ସମ୍ବଲପୁର ସହର ଯୋଜନା, ପରଧିଆପାଲି ଏବଂ ଠେଲକୋପଡ଼ାରେ ୨୦୦୦ ସୁଲଭ ଆବାସ ପ୍ରକଳ୍ପ, ସମ୍ବଲପୁର ନୂତନବସ୍ ଟର୍ମିନାଲ୍ ନିର୍ମାଣ ନିମନ୍ତେ ପାଣ୍ଠି ଅନୁଦାନ, ସମ୍ବଲପୁର ସହରର ଆଲୋକୀକରଣ ସମ୍ପର୍କିତ ସେ ଆଲୋଚନା କରିଥିଲେ। ଡ୍ରେନେଜ୍ ମାଷ୍ଟର ପ୍ଲାନ୍ (ପ୍ରଥମ ପର୍ଯ୍ୟାୟ)ରେ ୩୮ କୋଟି ଟଙ୍କାର ଟେଣ୍ଡର ପ୍ରକ୍ରିୟା ଚାଲିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ୧୬୩ କୋଟି ଟଙ୍କାର ବ୍ୟୟ ଅଟକଳ ସରକାରଙ୍କ ଅନୁମୋଦନ ପାଇଁ ପଠାଯିବାସହ ସମ୍ବଲପୁର ବର୍ଜ୍ୟବସ୍ତୁ ପରିଚାଳନା ପାଇଁ କେନ୍ଦ୍ରୀକୃତ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପ୍ଲାଣ୍ଟ ସ୍ଥାପନ ଏବଂ ବୁଢ଼ାରଜାଠାରେ ବୃହତ୍ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ ପ୍ରସ୍ତାବ ଦେଇଛନ୍ତି। ସମ୍ବଲପୁର, ବରଗଡ଼ ଏବଂ ଝାରସୁଗୁଡ଼ା ଅର୍ଥନୈତିକ କରିଡର ବିକାଶ ପାଇଁ ଉପସ୍ଥିତ ଥିବା ନିୟୋଜିତ ପରାମର୍ଶଦାତାଙ୍କ ସହିତ ଏହାର ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା ମଧ୍ୟ କରିଥିଲେ। ବୈଠକରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ୱାଟକୋ ଏମ୍‌ଡି ଦେବବ୍ରତ ମହାନ୍ତି, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



# ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ସୁନ୍ଦରମଣି ବାରିକ ସମ୍ବର୍ଦ୍ଧିତ

**ସମ୍ବଲପୁର, ୯।୪ (ସମିସ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଚାଲିଥିବା ଓଡ଼ିଶା ଆନ୍ତଃବିଶ୍ୱବିଦ୍ୟାଳୟ ଦୌଡ଼କୁଦ଼ ପ୍ରତିଯୋଗିତାରେ ବରିଷ୍ଠ କ୍ରୀଡ଼ାବିତ୍ ସୁନ୍ଦରମଣି ବାରିକ ସମ୍ବର୍ଦ୍ଧିତ କରାଯାଇଛି। ଏହି ପ୍ରତିଯୋଗିତାର ତୃତୀୟ ସନ୍ଧ୍ୟାରେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଜ୍ଞାନ ରଞ୍ଜନ ସ୍ୱାଇଁ ଶ୍ରୀ ବାରିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ପ୍ରଦୋଷ ଆଚାର୍ଯ୍ୟ ଶ୍ରୀ ବାରିକଙ୍କ କୃତିତ୍ୱ ଓ ଜୀବନୀ ପାଠ କରିଥିଲେ।



॥ ପ୍ରଥମ ଶ୍ରାଦ୍ଧବାର୍ଷିକୀ ॥



ସ୍ୱ ଲକ୍ଷ୍ମୀକାନ୍ତ ବାରିକ୍
ଚୁଳିଆପୋଷି, ଉଦଳା, ମୟୂରଭଞ୍ଜ
ଆବିର୍ଭାବ : ୧୮.୦୪.୧୯୪୧, ତିରୋଧାନ : ୦୯.୦୪.୨୦୨୫

ତୁମେ ଆମ ପାଇଁ ଦୁନିଆର ସର୍ବଶ୍ରେଷ୍ଠ ସର୍ବଶକ୍ତିମାନ ଏକ ଅବ୍ୟକ୍ତ ଅନୁଭବ।
ନିର୍ଭୟର ସୁରକ୍ଷା ପ୍ରାଚୀର ଟିଏ, ପ୍ରେରଣା ଓ ପ୍ରତିଷ୍ଠାର ଶାନ୍ତି ମନ୍ଦିର ଟିଏ,
ତ୍ୟାଗ ଓ ତିତିକ୍ଷାର ଠାକୁର ଟିଏ, ଆମ ସବୁ ସମ୍ଭବର ପ୍ରଚ୍ଛଦପଟ୍ଟ ନାୟକ ତୁମେ।
ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତୁମ ଅମରାତ୍ମା ସଦଗତି ଲାଗି
ମହାପ୍ରଭୁଙ୍କ ଠାରେ ପ୍ରାର୍ଥନା।
ହତଭାଗ୍ୟ ପୁତ୍ରଗଣ: ଦିଲ୍ଲୀପ, ପ୍ରଦୀପ, ସଞ୍ଜୀବ
ତଥା ବନ୍ଧୁ ଓ ପରିବାରବର୍ଗ

# ଆଜିଠୁ ଜିଲ୍ଲାସ୍ତରୀୟ ଆନ୍ତଃକ୍ଲବ୍ ମୁଖ୍ୟମନ୍ତ୍ରୀ ଟ୍ରଫି ପ୍ରତିଯୋଗିତା

**ସମ୍ବଲପୁର, ୯।୪ (ସମିସ) :** ଜିଲ୍ଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଆନ୍ତଃକ୍ଲବ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ, କବାଡ଼ି ଓ ଖୋ-ଖୋ ପ୍ରତିଯୋଗିତା ଶୁକ୍ରବାରରୁ ଆରମ୍ଭ ହେବ। କାର୍ଯ୍ୟସୂଚୀ ଅନୁଯାୟୀ, ଫୁଟବଲ ପ୍ରତିଯୋଗିତା ୧୦ ତାରିଖଠାରୁ ୨୪ ତାରିଖ ପର୍ଯ୍ୟନ୍ତ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ହେବାକୁ ଥିବାବେଳେ କବାଡ଼ି ପ୍ରତିଯୋଗିତା ୧୧ ଓ ୧୨ ତାରିଖ ବୀର ସୁରେନ୍ଦ୍ର ସାଏ ଷ୍ଟାଡିଅମ୍‌ରେ ଏବଂ ଖୋ-ଖୋ ପ୍ରତିଯୋଗିତା ୧୩ ଓ ୧୪ ତାରିଖ ଦୟାନନ୍ଦ ପବ୍ଲିକ ସ୍କୁଲ, ପଢ଼ିଆବାହାଲଠାରେ ଆୟୋଜିତ ହେବ। ଏହି ଅବସରରେ ଜିଲ୍ଲାର ସମସ୍ତ କ୍ରୀଡ଼ାନୁଷ୍ଠାନ, ଶିକ୍ଷାନୁଷ୍ଠାନ, କ୍ରୀଡ଼ା ସଂଗଠକ ଓ କ୍ରୀଡ଼ାପ୍ରେମୀ ଯୋଗଦେଇ ପ୍ରତିଯୋଗୀ ମାନଙ୍କ ଉତ୍ସାହ ବୃଦ୍ଧି କରିବାକୁ କ୍ରୀଡ଼ା ସଂଘ ପକ୍ଷରୁ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ ଅନୁରୋଧ କରିଛନ୍ତି।

# ରୋଟାରୀର ଫେଲିସିଟେସନ୍ କାର୍ଯ୍ୟକ୍ରମ




**ସମ୍ବଲପୁର, ୯।୪ (ସମିସ) :** ରୋଟାରୀ ଇଣ୍ଟରନ୍ୟାସନାଲ୍ ଜିଲ୍ଲା ୩୨୬୧ ପକ୍ଷରୁ ସ୍ଥାନୀୟ ହୋଟେଲ୍ ହରଜିତ୍ ରେସିଡେନ୍ସିରେ ଗୁରୁବାର ସନ୍ଧ୍ୟାରେ ଆୟୋଜିତ 'ଫେଲିସିଟେସନ୍ କାର୍ଯ୍ୟକ୍ରମ' ସମ୍ପନ୍ନ ହୋଇଛି। ଏହି କାର୍ଯ୍ୟକ୍ରମରେ ରୋଟାରୀ ଇଣ୍ଟରନ୍ୟାସନାଲ୍‌ର ନିର୍ଦ୍ଦେଶକ ପିଡିଜି ବାସୁଦେବ ଗୋଲ୍ୟାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ଚଳିତବର୍ଷର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଅମିତ ଯଶ୍ୱାଳ ତାଙ୍କ ବକ୍ତବ୍ୟରେ ପିଡିଜି ଗୋଲ୍ୟାନଙ୍କ ସେବାମୂଳକ କାର୍ଯ୍ୟ ଓ ନେତୃତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ବଲପୁରର ପୂର୍ବତନ ଗଭର୍ଣ୍ଣର ହରଜିତ ସିଂହ ହୁରା, ସହାୟକ ଗଭର୍ଣ୍ଣର ରଞ୍ଜିତସିଂହ ହୁରା, ଶିବ ପ୍ରସାଦ ପାଢ଼ୀ, ଅରୁଣ କୁମାର ଟିବ୍ରେୱାଲ ଓ ପ୍ରମୋଦ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଅବଦାନ ରଖିଥିବା ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ବଲପୁରର ବିଭିନ୍ନ ରୋଟାରୀ କ୍ଲବର ସଭାପତି, ସମ୍ପାଦକଙ୍କ ସହ ସଦସ୍ୟ ଓ ଅନ୍ୟମାନେ ଯୋଗ ଦେଇଥିଲେ। ସୀମନ୍ତିକା ଦାସ ଉଦଘୋଷିକା ଭାବେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ସକାଳ THE SAKALA



### ସମାଧାନ ହୋଇ ପାରୁନି ମହାନଦୀ ଜଳ ବିବାଦ

# ଓଡ଼ିଶା ପାଇଁ ଡବଲ ପ୍ରତାରଣା: ମହାନଦୀ ବଞ୍ଚାଓ ଆନ୍ଦୋଳନ

**ସମ୍ବଲପୁର, ୯।୪(ସମିସ)**

ମହାନଦୀ ବଞ୍ଚାଓ ଆନ୍ଦୋଳନ ପକ୍ଷରୁ 'ମହାନଦୀ ଟ୍ରିବ୍ୟୁନାଲ: ଓଡ଼ିଶା ପାଇଲା କ'ଣ'? ଶୀର୍ଷକ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଛି। ମହାନଦୀ ଟ୍ରିବ୍ୟୁନାଲ ଓଡ଼ିଶାକୁ ପ୍ରତାରିତ କରିଛି ବୋଲି ଉପସ୍ଥିତ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ମହାନଦୀ ବଞ୍ଚାଓ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି, ଛତିଶଗଡ଼ ଓ ଓଡ଼ିଶା ମଧ୍ୟରେ ଉପୁଜିଥିବା ଜଳ ବିବାଦର ସମାଧାନ ପାଇଁ ଏହି ମହାନଦୀ ଟ୍ରିବ୍ୟୁନାଲ ୨୦୧୮ ମାର୍ଚ୍ଚ ୧୧ ତାରିଖରେ ଗଠିତ ହୋଇଥିଲା। ଦୁଇଥର ଟ୍ରିବ୍ୟୁନାଲର କାର୍ଯ୍ୟକାଳକୁ ବୃଦ୍ଧି କରାଯାଇଥିଲା। ଏହା ଭିତରେ ୮ ବର୍ଷ ବିତିଥିବା ବେଳେ ୪୬ ଥର ଟ୍ରିବ୍ୟୁନାଲ ବସିଛି ମାତ୍ର ବିବାଦର ସମାଧାନ ହୋଇପାରିନାହିଁ। ଏପରିକି ୪୦ ଜଣ ସାକ୍ଷୀଙ୍କ ଭିତରୁ ମାତ୍ର ଜଣେ ଟ୍ରିବ୍ୟୁନାଲ ସାମ୍ନାରେ ତାଙ୍କର ମତାମତ ରଖିଛନ୍ତି। ଅନେକ ତଥ୍ୟ ଆଜି ପର୍ଯ୍ୟନ୍ତ ମଧ୍ୟ ଟ୍ରିବ୍ୟୁନାଲ ପାଖରେ କେନ୍ଦ୍ରୀୟ ସଂସ୍ଥା ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସଂସ୍ଥା ମାନେ ଦାଖଲ କରି ନାହାନ୍ତି। ଉପର ମୁଣ୍ଡରେ ମହାନଦୀର ସ୍ରୋତକୁ ଛତିଶଗଡ଼ ଅଟକାଇ ରଖିବା ଯୋଗୁଁ ତଳ ମୁଣ୍ଡରେ ଅଣ ମୌସୁମୀ ସମୟରେ ଓଡ଼ିଶାରେ ମହାନଦୀ ଶୁଖିଲା ପଡୁଛି। ହୀରାକୁଦ କୁ ଖରାଦିନେ




ଯେତିକି ପାଣି ଆସିବା କଥା ତାହା ଆସୁନାହିଁ। ଟ୍ରିବୁନାଲ ଆରମ୍ଭ ଦିନରୁ ଏକ ଆନ୍ତରୀଣ ରାୟ ପାଇଁ ଟ୍ରିବ୍ୟୁନାଲ ନିକଟରେ ଓଡ଼ିଶା ଦାବି କରି ଆସୁଛି। ମାତ୍ର ବାରମ୍ବାର ଆବେଦନ ସତ୍ତ୍ୱେରାୟ ଆଜି ପର୍ଯ୍ୟନ୍ତ ଓଡ଼ିଶାକୁ ମିଳିଲା ନାହିଁ ବୋଲି ସେ କହିଥିଲେ। ଟ୍ରିବ୍ୟୁନାଲ କାର୍ଯ୍ୟକାଳ ଏପ୍ରିଲ ୧୩ରେ ସରିବାକୁ ଯାଉଥିବା ବେଳେ ରାଜ୍ୟ ସରକାର ଆପୋଷ ଆଲୋଚନା ମାଧ୍ୟମରେ ଏହି ଜଳ ବିବାଦର ସମାଧାନ ବିଷୟ ଘୋଷଣା କରିଥିଲେ। ଏଥି ପାଇଁ ମନ୍ତ୍ରୀ ଓ ବିଧାୟକଙ୍କୁ ନେଇ କମିଟି ଗଠନ କରିଥିଲେ। ସେ କମିଟି ଆଜି ପର୍ଯ୍ୟନ୍ତ ବିବାଦର ସମାଧାନ ଦିଗରେ ଅଗ୍ରଗତି କରି ପାରିନାହିଁ। କେବଳ ଦୁଇଟି ବୈଠକ ବ୍ୟତୀତ ଆଜି ପର୍ଯ୍ୟନ୍ତ ଆଉକିଛି ଆଖିଦୃଶିଆ ପଦକ୍ଷେପ ନେବାରେ ଅକ୍ଷମ ହୋଇଛି।

ଓଡ଼ିଶା, ଛତିଶଗଡ଼ ଓ କେନ୍ଦ୍ରରେ ବିଜେପି ସରକାର ରହିଛି। ତେଣୁ ମହାନଦୀ ଜଳ ବିବାଦର ଆପୋଷ ସମାଧାନ ସହଜ ହୋଇ ପାରିବ ବୋଲି ଓଡ଼ିଶାବାସୀ ଭାବୁଥିଲେ। ହେଲେ ତାହା କ୍ରମଶଃ ଏକ ମରୀଚିକା ବୋଲି ପ୍ରତୀୟମାନ ହେବାକୁ ବସିଲାଣି। ଓଡ଼ିଶା ପାଇଁ ଏହା ଡବଲ ପ୍ରତାରଣା ବୋଲି ମହାନଦୀ ବଞ୍ଚାଓ ଆନ୍ଦୋଳନ ପକ୍ଷରୁ କୁହାଯାଇଛି। ଏପ୍ରିଲ ୧୧ରେ ଟ୍ରିବ୍ୟୁନାଲ ଶେଷ ଶୁଣାଣି ହେବ। ଯଦି ଓଡ଼ିଶା ଓ ଛତିଶଗଡ଼ର ଆବେଦନ ମୁତାବକ ଟ୍ରିବ୍ୟୁନାଲର ସମୟସୀମା ବଢ଼େ ତେବେ ଆଉ ୯ ମାସ ପାଇଁ ଏହାର କାର୍ଯ୍ୟକାଳ ବଢ଼ିବ। ଏହି ସମୟ ଭିତରେ ଏକ ଅନ୍ତରିଣ ରାୟ ଟ୍ରିବ୍ୟୁନାଲ ଠାରୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ମହେଶ ସତ୍ୟଙ୍କ ଆବାହକତ୍ୱରେ ଅନୁଷ୍ଠିତ ଆଜିର ଏହି ବୈଠକରେ ରାଜନୀତି ବିଜ୍ଞାନର ପ୍ରାଧ୍ୟାପକ ଡ. ବିଜୟ ବହିଦାର, ଟାଇମ୍ସ ଓ ଇଣ୍ଡିଆର ପୂର୍ବତନ ଏଡିଟର ନଳିନୀ ମହାନ୍ତି, ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା, ପର୍ଭେଜ ଅଲ୍ଲୀ ଖାଁ, ରାଧାକାନ୍ତ ବହିଦାର, ମହମ୍ମଦ ଅଜିମ ଅଞ୍ଜୁ, ସଞ୍ଜୟ ବର୍ମା, ହାରିବନ୍ଧୁ ଶତପଥୀ, ମହମ୍ମଦ ଜାଭେଦ ପ୍ରମୁଖ ଯୋଗ ଦେଇଥିଲେ।

## ବ୍ରଜରାଜନଗର ମହାବିଦ୍ୟାଳୟରେ ଷ୍ଟାର୍ଟଅପ୍ ବୁଟ୍ କ୍ୟାମ୍ପ

**ବ୍ରଜରାଜନଗର, ୯।୪ (ସମିସ):** ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ନୂତନ ଟେକ୍ନୋଲୋଜି ପ୍ରତି ସୂଚନା ପ୍ରଦାନ କରିବା ସହ ଭବିଷ୍ୟତରେ ଏହା ପ୍ରତି ଆଗ୍ରହ ଜାଗୃତ କରିବା ଉଦ୍ଦେଶ୍ୟରେ ଏଫଟିବିଆଇ, ଏନଆଇଟି




ରାଉରକେଲା ପକ୍ଷରୁ ଏମସିଏଲ ସିଏସଆର ଅନୁଦାନ ସହଯୋଗରେ ବ୍ରଜରାଜନଗର ମହାବିଦ୍ୟାଳୟ ପରିସରରେ ଏକ ଷ୍ଟାର୍ଟଅପ୍ ବୁଟ୍ କ୍ୟାମ୍ପ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କ୍ୟାମ୍ପରେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସୁପ୍ରକାଶ ଚୌଧୁରୀ, ଏକାଡେମିକ ବର୍ସର ଅଧ୍ୟାପକ ଅଜୟ ଦୀପ, ଆଇଆଇସି ସେଲ୍‌ଫ କୋ-ଅର୍ଡିନେଟର ଅଧ୍ୟାପକ ଶିବା ତ୍ରିବେଦୀ ପ୍ରମୁଖ ମଞ୍ଚାସୀନ ରହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏଫଟିବିଆଇ, ଏନଆଇଟି ରାଉରକେଲାର ସଭାପତି ସଞ୍ଜିବ ପଣ୍ଡା ଏବଂ ମୁଖ୍ୟବକ୍ତା ଭାବେ ସିଇଓ ଚିରଞ୍ଜିବୀ ସାମଲ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବରେ ବୁଝାଇଥିଲେ। ଏହି ଅବସରରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ଷ୍ଟାର୍ଟଅପ୍ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। ସଫଳ ପ୍ରତିଭାଗୀମାନଙ୍କୁ ପୁରସ୍କାର ଓ ସର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମଟିକୁ ଅଧ୍ୟାପିକା ସଙ୍ଗୀତା ସାହୁ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ନଗମା ନିଶା ନନ୍ଦା ଓ ଅଧ୍ୟାପିକା ଗାୟତ୍ରୀ ବିଶୋଇ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଅବସରରେ ଅଧ୍ୟାପକ ସୁମିତ ତିର୍କୀ, ସୌମ୍ୟ ରଞ୍ଜନ ସାହୁ, ଅଧ୍ୟାପିକା ସୁଶ୍ରୀ ମଧୁମିତା କର୍ଣ୍ଣ, ଶ୍ୟାମା ଯାଦବ, ଅଧ୍ୟାପକ ଏ. ଗୋସାଇଁ, ଏସଏସ ପୃଷ୍ଟି, ନାଂହୁ ଗୋପାଳ ପଣ୍ଡା, ଆଶିଷ ଅବସ୍ଥୀ, ଦୀପକ ରାୟଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ, କର୍ମଚାରୀ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ନ୍ୟାୟାଳୟଙ୍କ ଆଦେଶ ସତ୍ତ୍ୱେ ହେଉନି ସ୍ଥାୟୀ ନିଯୁକ୍ତି

**ସମ୍ବଲପୁର, ୯।୪ (ସମିସ) :** ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଦୀର୍ଘଦିନ ଧରି କାର୍ଯ୍ୟରତ ଏନ୍‌ଏମ୍‌ଆର୍ ସଫେଇ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଥିବା ସତ୍ତ୍ୱେ ମହାନଗର କର୍ତ୍ତୃପକ୍ଷ ତାହାକୁ ପାଳନ କରୁ ନ ଥିବାରୁ ସଫେଇ କର୍ମଚାରୀମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଦେଖାଦେଇଛି। ଏସ୍‌ଏମ୍‌ସି ସଫେଇ କର୍ମଚାରୀ ୟୁନିଅନ୍‌ର ସଭାପତି ପ୍ରଶାନ୍ତ ପାଢ଼ୀ ଏହି ସମ୍ବନ୍ଧରେ ମହାନଗର ନିଗମ ଆୟୁକ୍ତ, ଜିଲ୍ଲାପାଳ ଏବଂ ରାଜ୍ୟ ସରକାରଙ୍କୁ ପତ୍ର ଲେଖି ଶୀଘ୍ର ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି। ସେ କହିଛନ୍ତି ଯେ, ୨୦୨୨ରେ କେତେଜଣ ଏନ୍‌ଏମ୍‌ଆର୍ ସଫେଇ କର୍ମଚାରୀ ନ୍ୟାୟ ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଦାଲତ ତାଙ୍କୁ ଆଠ ସପ୍ତାହ ମଧ୍ୟରେ ସ୍ଥାୟୀ କରିବାକୁ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହାର ପ୍ରାୟ ତିନି ବର୍ଷ ବିତିଯାଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇନାହିଁ, ଏଣୁ ଏହା ଅଦାଲତର ଅବମାନନା ବୋଲି ଶ୍ରୀ ପାଢ଼ୀ ମତପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଏସ୍‌ଏମ୍‌ସିରେ କାମ କରୁଥିବା ରେଗୁଲାର, ଏନ୍‌ଏମ୍‌ଆର୍, ଅସ୍ଥାୟୀ, ୱାର୍କଚାର୍ଜ ଓ ଠିକା ଶ୍ରମିକମାନଙ୍କ ଅନେକ ମୌଳିକ ସମସ୍ୟା ରହିଛି। ସମାନ କାମକୁ ସମାନ ଦରମା, ୱାର୍କଚାର୍ଜ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ଦୀର୍ଘଦିନ ଧରି କାମ କରୁଥିବା ଶ୍ରମିକଙ୍କୁ ଉଚ୍ଚ କୁଶଳୀ ଶ୍ରମିକର ମାନ୍ୟତା, ସାମାଜିକ ସୁରକ୍ଷା ଯୋଜନାରେ ସାମିଲ, ସୁରକ୍ଷା ସାମଗ୍ରୀ ପ୍ରଦାନ, ଭତ୍ତା ବୃଦ୍ଧି, ଇନ୍‌କ୍ରିମେଣ୍ଟ, ମୃତକ ପରିବାର ସଦସ୍ୟଙ୍କୁ ଚାକିରି, ଶ୍ରମ ଆଇନର କଡ଼ାକଡ଼ି ପାଳନ, ସମୟୋଚିତ ଦରମା ପ୍ରଦାନ, ଋଣ ସୁବିଧା ଓ ରାତ୍ରିକାଳୀନ ଭତ୍ତା ଭଳି ଦାବିଗୁଡ଼ିକୁ ସେ ଉଲ୍ଲେଖ କରିଛନ୍ତି। ଏଣୁ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ସମ୍ମାନ ଜଣାଇ ଶୀଘ୍ର ଏହି ଆଦେଶକୁ କାର୍ଯ୍ୟକାରୀ କରି ସଫେଇ କର୍ମଚାରୀମାନଙ୍କୁ ନ୍ୟାୟ ଦେବାକୁ ଶ୍ରୀ ପାଢ଼ୀ ପତ୍ର ମାଧ୍ୟମରେ ଅନୁରୋଧ ଜଣାଇଛନ୍ତି।

## ବରପାଲିରେ କଂକ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ

**ଝାରସୁଗୁଡ଼ା, ୯।୪(ସମିସ):** ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଚାନ୍ଦିନୀମାଲ ଗ୍ରାମପଞ୍ଚାୟତ ଅଧିନସ୍ଥ ବରପାଲି ଗ୍ରାମର ହନୁମାନ ମନ୍ଦିରଠାରୁ ବସୁନ୍ଧରା ନଦୀ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା କଂକ୍ରିଟ ରାସ୍ତା କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଆଜି ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି କଂକ୍ରିଟ ରାସ୍ତା କେଉଁ ଆର୍ଥିକ ବର୍ଷ ଅନୁମୋଦନ ହୋଇଛି ଏବଂ କେତେ ଟଙ୍କା ବ୍ୟୟ ବରାଦ କରାଯାଇଛି ତାହାର କୌଣସି ସଠିକ ସୂଚନା ମଧ୍ୟ ପ୍ରଦାନ କରାଯାଇ ନଥିବା ଅଭିଯୋଗରେ ଦର୍ଶାଯାଇଛି। ରାସ୍ତାର ସୂଚନା ଫଳକ ନ ଥାଇ ସୋମବାର କାର୍ଯ୍ୟ ଆରମ୍ଭ କରାଯାଇଥିବାରୁ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା କାର୍ଯ୍ୟସ୍ଥଳରେ ଫଳକରେ କାମ ଆରମ୍ଭ ତାରିଖ ଉଲ୍ଲେଖ ନଥିବା ବେଳେ କାମ କିପରି ଚାଲିଛି ସେନେଇ ମଧ୍ୟ ପ୍ରଶ୍ନ ଉଠିଛି। ଏହା ସହିତ ଏହି ନିର୍ମାଣ କାର୍ଯ୍ୟକୁ ଯାଞ୍ଚ କରୁଥିବା ସଂସ୍ଥା ତଥା ପ୍ରସାସନିକ ଅଧିକାରୀଙ୍କ କାର୍ଯ୍ୟକୁ ନେଇ ମଧ୍ୟ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ଦିନରେ ଅଳ୍ପ କିଛି ମାଟି ଖୋଲି ଦୁଇପଟରୁ ମଝିରେ ବାଲି ଫିଙ୍ଗି ପରେ ପାଣି ନ ଦେଇ ତାହା



**ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ**

ଉପରେ ମାତ୍ର ଦୁଇରୁ ଅଢ଼ାଇ ଇଞ୍ଚ ମେଟାଲିଂ କରାଯାଉଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ଝାରସୁଗୁଡା ବ୍ଲକ କାର୍ଯ୍ୟାଳୟରୁ କୌଣସି ଅଧିକାରୀ ବା କର୍ମଚାରୀଙ୍କ ଅନୁପସ୍ଥିତିରେ କାର୍ଯ୍ୟ ହେଉଥିବା ବେଳେ ପ୍ରଶାସନ ଯେପରି ଆଖିବୁଜି ଦେଇଥିବା ନେଇ ଅଭିଯୋଗ ହୋଇଛି। ଗୋଟିଏ ଦିନରେ ପାଖାପାଖି ୫୦୦ ମିଟରରୁ ଅଧିକ ହେବ ତରବରିଆ ଭାବେ ମେଟାଲିଂ କରାଯାଇଛି ଏବଂ ବ୍ଲକ କର୍ମଚାରୀଙ୍କ ଅନୁପସ୍ଥିତିକୁ ନେଇ ଏହି ରାସ୍ତାରେ ବ୍ୟାପକ ମାତ୍ରାରେ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ କରାଯାଇଛି। ରାସ୍ତାଟି ବର୍ତ୍ତମାନ ୭ ରୁ ୮ ଫୁଟ୍ ଥିବାବେଳେ ଏହି କଂକ୍ରିଟ ରାସ୍ତା କେତେ ଚଉଡ଼ାରେ ନିର୍ମାଣ ହେବ ଏହାର ସୂଚନା ନାହିଁ, ତେଣୁ ରାସ୍ତାର ସଠିକ ଭାବରେ ମାପ କରିବା ସହ ଉନ୍ନତମାନର ରାସ୍ତା ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଗୁରୁବାର ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ପ୍ରଦାନ କରିଥିବା ବେଳେ ଏହାର ନକଲ ରାଜସ୍ୱ ମନ୍ତ୍ରୀ ତଥା ବ୍ରଜରାଜନଗର ବିଧାୟକ, ଝାରସୁଗୁଡା ମୁଖ୍ୟ ଉନ୍ନୟନ ଅଧିକାରୀ, ଝାରସୁଗୁଡା ତହସିଲଦାର, ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି।

## ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ




**ନାକଟିଦେଉଳ, ୯।୪(ସମିସ):** ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଆନୁକୂଲ୍ୟରେ ଓଡିଆ ପକ୍ଷ ପାଳନ ଅବସରରେ ରେଢ଼ାଖୋଲ ଓ ସମ୍ବଲପୁର ବ୍ଲଡବ୍ୟାଙ୍କ ସହାୟତାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ରକ୍ତଦାନ ସମ୍ପର୍କିତ ସଚେତନତା ସଭାରେ ମୁଖ୍ୟ ଅତିଥି ଭାବରେ ସମ୍ବଲପୁର ଜିଲ୍ଲା ଯୋଜନା କମିଟିର ସହଯୋଗୀ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ଦେଓ, ସମ୍ମାନିତ ଅତିଥି ଭାବେ ନାକଟିଦେଉଳ ବ୍ଲକ ଉନ୍ନୟନ ଅଧିକାରୀ ଆକାଶ ରଞ୍ଜନ ସାହୁ, ରେଢ଼ାଖୋଲ ବ୍ଲଡ୍‌ବ୍ୟାଙ୍କ ଅଧିକାରୀ ଡା. ଅଭିଶେକ ଦାଶ ଓ ଟେକ୍ନିସିଆନ୍ ନୃସିଂହ ଚରଣ ବିଶ୍ୱାଳ ଯୋଗ ଦେଇଥାଲେ। ମନୋରମା ଧଳ, ଜାହ୍ନବୀ ଧଳ, କାମଦେବ ପଟେଲ, ଗଣେଶ ରାମ ସେଠ ଓ ଡି.ସେଠଙ୍କ ପରିଚାଳନା ତଥା ୟୁଥ୍ ରେଡକ୍ରସ ର ପରାମର୍ଶଦାତା ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ ଏବଂ ଏନ୍ ଏସ୍ ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଡ. ଆର୍ ପୁଷ୍ପାଞ୍ଜଳିଙ୍କ ସଂଯୋଜନା କ୍ରମେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଭଜମୋହନ ପ୍ରଧାନ, ଅଧ୍ୟାପିକା ଗିରିଶ ବାଳା ନାୟକ, ସମରେନ୍ଦ୍ର ମାଝୀ, ଭବାନୀ ସାହୁ, ଲୋପାମୁଦ୍ରା ଗଡ଼ତିଆ, ଅଜୟ ସାହୁ, ଉମାକାନ୍ତ ପ୍ରଧାନ, ଦିଲୀପ ସାହୁ, ସିପୁନ ପ୍ରଧାନ ଓ ଅଶୋକ ଧଳ ସମେତ ମୋଟ୍ ୩୮ ଜଣ ରକ୍ତଦାନ କରିଥିଲେ।

## ଜିଏମ୍‌ୟୁରେ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ




**ସମ୍ବଲପୁର, ୯।୪ (ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟସ୍ଥିତ ଗ୍ରନ୍ଥାଳୟରେ ଓଡ଼ିଆ ପକ୍ଷ ଉପଲକ୍ଷେ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହାକୁ ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଉଦ୍‌ଘାଟନ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ଜ୍ଞାନରଞ୍ଜନ ସ୍ୱାଇଁ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ପୁସ୍ତକ ପଠନ ଅଭ୍ୟାସ ପାଇଁ ପ୍ରେରିତ କରିଥିଲେ। ଓଡ଼ିଆ ପକ୍ଷ ପାଳନର ସଂଯୋଜକ ଡ. ରଞ୍ଜନ ସେଠୀ, ଗ୍ରନ୍ଥାଳୟ ପ୍ରଭାରୀ ଡ. ରୋଜାଲିନ ରାଉତ ଓ ପୂର୍ବତନ ଗ୍ରନ୍ଥାଗାରିକା ପୁଷ୍ପାଙ୍ଗିନୀ ପଟ୍ଟନାୟକଙ୍କ ପ୍ରୟାସରେ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

## ବିକାଶ ଲ' ସ୍କୁଲ୍‌ରେ ବିଦାୟକାଳୀନ ସମ୍ବର୍ଦ୍ଧନା

**ବରଗଡ଼, ୯।୪(ସମିସ):** ବିକାଶ ଲ' ସ୍କୁଲରେ ବିଏଏଲଏଲ୍‌ବି ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲ' ସ୍କୁଲର ଅଧ୍ୟକ୍ଷ ପ୍ରଫେସର ଡ. ବିକ୍ରମ ଦାସଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଲକ୍ଷ୍ମୀବିକାଶ ଗ୍ରୁପର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଲିଗାଲ୍ ଆଡଭାଇଜର ପ୍ରସନ୍ନ ଦାଶ ଯୋଗ ଦେଇଥିଲେ।




## ପ୍ରଫେସର ଘନଶ୍ୟାମ ଦାଶଙ୍କ ୧୨୪ତମ ଜୟନ୍ତୀ

**ବରଗଡ଼, ୯।୪(ସମିସ):** ସ୍ଥାନୀୟ ଗାନ୍ଧୀ ପାଠାଗାରରେ ଐତିହାସିକ ପ୍ରଫେସର ଘନଶ୍ୟାମ ଦାଶ ଜୟନ୍ତୀ ପାଳିତ ହୋଇଛି। ପ୍ରଫେସର ଘନଶ୍ୟାମ ଦାଶ ସ୍ମୃତି କମିଟି ତରଫରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କବି ଓ ଗାଳ୍ପିକ ରୋହିତ ଦାଶ ଅଧ୍ୟକ୍ଷତା କରିଥିଲେ। କଳାପାଣି କଲେଜର ଅଧ୍ୟକ୍ଷ ମୋହନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ତରଣୀସେନ ବୁଧିଆ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ। ଅଧ୍ୟାପକ ଶେଷନ ବିଶି ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ ସହ ସମ୍ବର୍ଦ୍ଧନା ପର୍ବ ପରିଚାଳନା କରିଥିଲେ। ଯୁବ ଶିଳ୍ପୀ ପ୍ରଜ୍ଞା ପରିମିତା ଦାଶ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବ୍ୟଙ୍ଗ କବି ମନୋରଞ୍ଜନ ସାହୁ, ପ୍ରାଧ୍ୟାପକ ରବୀନ୍ଦ୍ର ପ୍ରଧାନ, ତପସ୍ୱିନୀ ଗୁରୁ ଓ କବି ଦାମୋଦର ସାହୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଅଧ୍ୟାପକ ରାଜକୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଅରୁଣ ମହାନ୍ତି, ଅଶୋକ ମହାପାତ୍ର, ଧନପତି ମହାପାତ୍ର, ପତିତ ପାବନ ସାହୁ, ଡୋଳାମଣି ଶତପଥୀ, ସନାତନ ଭୋଇ, ବରିଷ୍ଠ ସାମ୍ବାଦିକ ତୁଳସୀ ଚରଣ ଦାଶ, ବିନୋଦ ପଣ୍ଡା, ସୂର୍ଯ୍ୟମହାପାତ୍ର, ମାନଭଞ୍ଜନ ପାଣିଗ୍ରାହୀ, ଗୋପୀନାଥ ଦେବତା, ଟିକେଶ୍ୱର ବେହେରା, ଡ. ଜଗଦୀଶ ମିଶ୍ର, ଡ. ଗୋବର୍ଦ୍ଧନ ସାହୁ, ନରେନ୍ଦ୍ର ମହାନ୍ତି, ତେଜରୁ ବାରିକ,



ସୁକୋମଳ ଦାଶ, ଦୟାନିଧି ମହାପାତ୍ର, ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଘନଶ୍ୟାମଙ୍କ ଗାଁ କଟାପାଲିରୁ ଶ୍ରୀକର ନାଗ, ଘାସିରାମ ସ୍ୱାଇଁ, ଗଣେଶ ଭୋଇ, ଯମେସ ସା ଓ ପରିବାର ତରଫରୁ ପ୍ରମୋଦ ଦାଶ, ବାଦଲ ଦାଶ ଉପସ୍ଥିତ ଥିଲେ। ଜିତାରାଣୀ ଦାଶ ଓ ବିଳାସିନୀ ବୁଧିଆ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଜିଏମ୍‌ୟୁରେ 'ଶବ୍ଦଗଙ୍ଗା' ଲୋକାର୍ପିତ

**ସମ୍ବଲପୁର, ୯।୪ (ସମିସ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅନ୍‌ଲାଇନ୍ ମାସିକ ମୁଖପତ୍ର 'ଶବ୍ଦଗଙ୍ଗା'ର ସତୁରିତମ ସଂଖ୍ୟା ଆଜି ସନ୍ଧ୍ୟାରେ ମୁଖ୍ୟ ସମ୍ପାଦକ ଡ. ଲକ୍ଷ୍ମୀପ୍ରିୟା ବେହେରାଙ୍କ ଅଧ୍ୟକ୍ଷତାରେ ଉନ୍ମୋଚିତ ହୋଇଯାଇଛି। ଏହି ଉନ୍ମୋଚନ ସଭାରେ ଅତିଥିକବି ଭାବେ କୌଶଲ୍ୟା ପ୍ରଧାନ ଆଭାସୀ ମାଧ୍ୟମରେ ଯୋଡ଼ିହୋଇ ସ୍ୱରଚିତ କବିତା 'ସ୍ୱର୍ଶ' ଆବୃତ୍ତି କରିବା ସହ ଯୁବପିଢ଼ି ପାଇଁ ପତ୍ରପତ୍ରିକା ଓ ଭାଷା ସାହିତ୍ୟର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଏସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। 'ଶବ୍ଦଗଙ୍ଗା'ର ସହଯୋଗୀ ଛାତ୍ର ସମ୍ପାଦିକା ଅନନ୍ୟା ବେହେରା ସ୍ୱାଗତଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଛାତ୍ର ସମ୍ପାଦିକା ଲିପ୍ସା ମେହେର ସମ୍ପାଦକୀୟ ଅଭିଭାଷଣ ରଖିଥିଲେ। ଯୁବ ପ୍ରତିଭା ପ୍ରଣତି ବୁଡେକ ତାଙ୍କ ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ। ସହଯୋଗୀ ସମ୍ପାଦିକା ଇପ୍ସିତା ପ୍ରିୟଦର୍ଶିନୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିବାବେଳେ ସହ-ସମ୍ପାଦକ ଜଗନ୍ନାଥ ମେହେର ଯାନ୍ତ୍ରିକ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ




**ନାକଟିଦେଉଳ, ୯।୪ (ସମିସ):** ନାକଟିଦେଉଳ ବ୍ଲକ ଅଧୀନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସରାପାଲି ବିଦ୍ୟାଳୟର ସଭାପତି ଧନଞ୍ଜୟ ମହାକୁଡ଼ଙ୍କ ସଭାପତିତ୍ୱରେ ୬ଷ୍ଠ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ନାକଟିଦେଉଳ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହନ୍ତ ମୁଖ୍ୟଅତିଥି, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଭୀମସେନ ବେହେରା ମୁଖ୍ୟବକ୍ତା, ନାକଟିଦେଉଳ ତହସିଲଦାର ଅମର ଜେ ଡୁଙ୍ଗଡୁଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ବିଦ୍ୟାଳୟର ଉପଦେଷ୍ଟା ଉଦ୍ଧବ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଦେହୁରୀ ଗୁରୁମା ବିବରଣୀ ପଠନ କରିଥିଲେ।

# ବିଜୁଳି ବିଭାଗ କାର୍ଯ୍ୟାଳୟ ଘେରଉ

**ସମ୍ବଲପୁର, ୯।୪ (ସମିସ)**

ସମ୍ବଲପୁରରେ ବକେୟା ରାଶି ଅସୁଲ ସମୟରେ ଦୁର୍ବ୍ୟବହାର ଏବଂ ସ୍ୱାସ୍ଥ୍ୟ କେନ୍ଦ୍ରର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନକୁ ନେଇ ସାଧାରଣରେ ତେଜୁଛି ଅସନ୍ତୋଷ। ଏନେଇ ଆଜି ଭୀମ ଆର୍ମି ପକ୍ଷରୁ ଏକ ରାଲିରେ ଯାଇ ଗୋବିନ୍ଦତୋଲା ଛକରୁ ଧନୁପାଲିସ୍ଥିତ ଏସ୍‌ଡିଓ କାର୍ଯ୍ୟାଳୟକୁ ଯାଇ ଘେରଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏନେଇ ବିଦ୍ୟୁତ୍ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ମିଳିତ ଉଦ୍ୟମ, ଯେଉଁଥିରେ ସରକାରଙ୍କର ୪୯% ଅଂଶ ରହିଛି। ଏସ୍‌ଡିଓ ଧନୁପାଲି ଜିଲ୍ଲା ପ୍ରଶାସନ ବିନା ପରାମର୍ଶରେ ଏବଂ ସରକାରଙ୍କୁ ସୂଚନା ନ ଦେଇ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି, ଠେମରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ରୋଗୀଙ୍କ ଜୀବନକୁ ବିପଦରେ ପକାଇ ଦେଇଛନ୍ତି। ସ୍ମାର୍ଟ ମିଟର ଯୋଗୁଁ ଅବାସ୍ତବ ବିଦ୍ୟୁତ୍ ବିଲ୍ ଉତ୍ପାଦନ କରିଥିଲା ଯାହା ପାଇଁ ସାଧାରଣ ଲୋକ କଷ୍ଟ ପାଉଛନ୍ତି। ବିପିଏଲ୍ ବର୍ଗର ପରିବାର ପାଇଁ ଉଦ୍ଦିଷ୍ଟ ସୌଭାଗ୍ୟ ଯୋଜନା ଅଧୀନ ହିତାଧିକାରୀଙ୍କ ସାଧାରଣ ଗ୍ରାହକ ସଂଖ୍ୟା ସୃଷ୍ଟି କରାଯାଇ ନାହିଁ। ଗରିବ ଗ୍ରାମବାସୀଙ୍କୁ ହଇରାଣ କରିବା ପାଇଁ ସେମାନଙ୍କୁ ମନଇଚ୍ଛା ଜରିମାନା କରି ଦଣ୍ଡ ଦିଆଯାଉଛି। ଭୀମ ଆର୍ମିର ଦାବି ଗୁଡ଼ିକ ମଧ୍ୟରେ - ଏସ୍‌ଡିଓଙ୍କୁ ଧନୁପାଲି ବିଦ୍ୟୁତ ଉପବିଭାଗରୁ ନିଲମ୍ବିତ ଏବଂ ପ୍ରତ୍ୟାହାର କରାଯିବା, ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିବା ପୂର୍ବରୁ ଖିଲାପି ଗ୍ରାହକଙ୍କୁ ଗୋଟିଏ ମାସର ନୋଟିସ ପ୍ରଦାନ, ସ୍ମାର୍ଟ ମିଟରକୁ ପୂର୍ବ ମିଟର ଦ୍ୱାରା ବଦଳାଯିବା, ସୌଭାଗ୍ୟ ଯୋଜନାରେ ବିପିଏଲ୍ ହିତାଧିକାରୀଙ୍କ ଉପରେ ଲାଗୁ ହୋଇଥିବା ବଡ଼ ଦଣ୍ଡ ଛାଡ଼ କରାଯିବା, ବକେୟା କିସ୍ତିରେ ଆଦାୟ କରାଯିବା, ଗ୍ରାହକ ମାନଙ୍କଠାରୁ ସଂଗୃହୀତ ନଗଦ ପାଇଁ ରସିଦ ପ୍ରଦାନ କରାଯିବା ଆଦି ଦାବି ରହିଛି। ଭୀମ ଆର୍ମି ରାଜ୍ୟ ସଭାପତି ଲଙ୍କେଶ ରାବଣଙ୍କ ନେତୃତ୍ୱରେ ଟିଙ୍କୁ ଜଗତ, ରୋଶନ ଆଜାଦ, ଗୋପୀନାଥ ରୋହିଦାସ, ରାମ ସାହୁ, ପ୍ରମୋଦ ନାଏକ, ରାଜେଶ ଧର, କୁମୁଦ ସାହୁ, ଟିଙ୍କୁ କରାଳି, ରାମ ଉଗର, ଜନ୍ମେଜୟ ପ୍ରମୁଖ ସାମିଲ ହୋଇଥିଲେ।




## ସୋହେଲାରେ ହିନ୍ଦୁ ସମ୍ମିଳନୀ

**ସାହେଲା, ୯।୪(ସମିସ):** ଆଜି ସୋହେଲା ଦୁର୍ଗାମନ୍ଦିର ପରିସରରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।। ଏହାପରେ ଶତାଧିକ ମହିଳା ସ୍ଥାନୀୟ ଡାକବଙ୍ଗଳା ସ୍ଥିତ ମହାଦେବ ମନ୍ଦିରରୁ ପବିତ୍ର ଜଳ ନେଇ ଏକ କଳସ ଶୋଭାଯାତ୍ରାରେ ଦୁର୍ଗାମନ୍ଦିର ପ୍ରାଙ୍ଗଣକୁ ଆସିଥିଲେ। କଳସ ସ୍ଥାପନ ପରେ ପ୍ରଥମେ ଗୋମାତାଙ୍କ ପୂଜା ପରେ ତୁଳସୀ ପୂଜା ସହିତ ଭାରତ ମାତାଙ୍କ ପୂଜା ଏବଂ ଯଜ୍ଞ ଅନୁଷ୍ଠିତ ହୋଇ ଥିଲା। ନବଘନ ଦାସ ଏବଂ ତାଙ୍କ ଧର୍ମପତ୍ନୀ ସୁଧାମଞ୍ଜରୀ ଦାସ ପୂଜା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜା କାର୍ଯ୍ୟପରେ ଆୟୋଜନ କମିଟିର ସଭାପତି ପଣ୍ଡିତ ମନବୋଧ ମିଶ୍ରଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶ୍ୱ ହିନ୍ଦୁ ପରିଷଦ କେନ୍ଦ୍ରୀୟ ମାର୍ଗଦର୍ଶକ ସ୍ୱାମୀ ଜୀବନ ମୁକ୍ତାନନ୍ଦ ପୁରୀ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସଭାକୁ ଶିବାନୀ ଲାଲ ପରିଚୋଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୁଦ୍ର, ଅରବିନ୍ଦ, ଭବଦତ୍ତ, ଜୟନ୍ତ, ମନୋଜ, ବିଶ୍ୱ, ଶାନ୍ତନୁ, ଭବାନୀ ଶଙ୍କର ପ୍ରମୁଖ ସହଯୋଗ କରିଥିଲେ।

୯/୪/୨୦୨୬ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୬୪,୨୧୩/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍



**ପୁରୀକୁ ଭକ୍ତ, ପର୍ଯ୍ୟଟକଙ୍କ ଆଗମନ ବଢୁଛି**

# ରାସ୍ତାଘାଟ ପ୍ରଶସ୍ତ ହେବ କେବେ?



ପୁରୀ,୯।୪(ସମିସ): ଅନ୍ତର୍ଜାତୀୟ ପର୍ଯ୍ୟଟନ ଓ ଆଧ୍ୟାତ୍ମିକ ସହର ପୁରୀ। ପୁଣି ନିକଟରେ ପୁରୀ ପାଇଛି ମହାନଗର ନିଗମର ମାନ୍ୟତା। ଧୀରେ ଧୀରେ ସହରର କଳେବର ବଢୁଛି। ପ୍ରତିଦିନ ଦେଶବିଦେଶରୁ ହଜାର ହଜାର ଭକ୍ତ, ପର୍ଯ୍ୟଟକ ଆସୁଛନ୍ତି। ଏଥିପାଇଁ ଗାଡ଼ିମୋଟର ସଂଖ୍ୟା ଢେର ବଢ଼ିଥିବାବେଳେ ବାହାର ରାଜ୍ୟରୁ ମଧ୍ୟ ଅଧିକାଂଶ ଗାଡ଼ି ଆସୁଛି। ଫଳରେ ବିଭିନ୍ନ ସମୟରେ ସହରର ପ୍ରମୁଖ ରାସ୍ତାଘାଟରେ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ବିଶେଷକରି ଶ୍ରୀମନ୍ଦିର ସଂଲଗ୍ନ ବିଭିନ୍ନ ସାହିକୁ ସଂଯୋଗ କରୁଥିବା ରାସ୍ତା ଏବଂ ବେଳାଭୂମି ସଂଲଗ୍ନ ରାସ୍ତାରେ ସମୟେ ସମୟେ ଗହଳି ଏମିତି ହେଉଛି, ସେଥିରୁ ବାହାରିବା ମୁସ୍କିଲ୍ ହୋଇପଡୁଛି। ଆଗକୁ ପୁରୀରେ ଆହୁରି ଗହଳି ବଢ଼ିବ। ତେଣୁ ପ୍ରମୁଖ ରାସ୍ତାଘାଟର ପ୍ରଶସ୍ତୀକରଣ ହେବା ଜରୁରୀ ହୋଇପଡ଼ିଛି। ପୂର୍ବ ସରକାର ସମୟରେ ସହରର ବ୍ୟସ୍ତବହୁଳ ତଥା ଅଧିକାଂଶ ସମୟ ଗହଳି ହେଉଥିବା ରାସ୍ତାକୁ ପ୍ରଶସ୍ତ କରାଯିବା ଲାଗି ଯୋଜନା କରାଯାଇଥିଲା। କେବଳ ଆଲୋଚନା ନୁହେଁ; ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିଥିଲେ। କେଉଁ ରାସ୍ତା କେତେ ଓସାର ହେବ, ସେ ବିଷୟରେ ବି ଆଲୋଚନା କରାଯାଇଥିଲା। ଏପରିକି ଚକ୍ରତୀର୍ଥ ରୋଡ୍ ଉଭୟ ପାର୍ଶ୍ୱରୁ ଉଚ୍ଛେଦ ପାଇଁ ମାପଚୁପ କରାଯିବା ଲାଗି ଚିହ୍ନ ଦିଆଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ସରକାର ବଦଳିବା ପରେ ପୁରୀର ରାସ୍ତାଘାଟ କଥା ଆଉ କେହି ଚିନ୍ତା କରୁନାହାନ୍ତି। ଟ୍ରାଫିକ୍ ସମସ୍ୟାରେ ଅଣଃନିଶ୍ୱାସୀ ହୋଇପଡୁଛନ୍ତି ସହରବାସୀ ଏବଂ ଭକ୍ତ, ପର୍ଯ୍ୟଟକ। ସମସ୍ତଙ୍କ ମନରେ ପ୍ରଶ୍ନ, ପୁରୀର ପ୍ରମୁଖ ରାସ୍ତାଘାଟ ପ୍ରଶସ୍ତ ହେବ କେବେ?

ପୁରୀ ସହରର ଏକାଧିକ ଜନଗହଳିପୂର୍ଣ୍ଣ ରାସ୍ତାଘାଟ ରହିଛି, ଯେଉଁଠି ଯିବାଆସିବା କାଠିକାର ପାଠ ହୋଇଥାଏ। ବିଶେଷକରି ବାଲିସାହିରୁ ସ୍ୱର୍ଗଦ୍ୱାର ରାସ୍ତା, ଲୋକନାଥ ରୋଡ୍, ଦୋଳମଣ୍ଡପ ସାହି ଏବଂ ସିଟି ରୋଡ୍‌ରେ ଅଧିକାଂଶ ସମୟ ଟ୍ରାଫିକ୍ ସମସ୍ୟା ଉପୁଜିଥାଏ। ତେଣୁ ବିଗତ ସରକାର ସମୟରେ ଏହାର ବାସ୍ତବତାକୁ ଉପଲବ୍ଧି କରି ରାସ୍ତା ପ୍ରଶସ୍ତ କରାଯିବା ଲାଗି ଯୋଜନା କରାଯାଇଥିଲା। ଅଧିକାରୀମାନେ ଏହି ରାସ୍ତା ବୁଲି ଦେଖିଥିଲେ। ସେଥିମଧ୍ୟରୁ ସିଟି ରୋଡ୍ ବା ଚକ୍ରତୀର୍ଥ ରୋଡ୍ ହେଉଛି ଅନ୍ୟତମ। ପ୍ରାୟ ୩ ବର୍ଷ ହେବ ସିଟି ରୋଡ୍ (ସୁଭାଷ ବୋଷ ଛକରୁ ପେଣ୍ଠକଟା) ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ପାଇଁ ପ୍ରଶାସନ ପକ୍ଷରୁ ମାପଚୁପ କରାଯାଇ ଚିହ୍ନ ଦିଆଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ଏହା ଆରମ୍ଭ ହୋଇନାହିଁ। ଅପରପକ୍ଷେ ଦିନକୁ ଦିନ ଏହି ରାସ୍ତାରେ ଅଧିକ ସଂଖ୍ୟକ ଗାଡ଼ିମୋଟର ଚଳପ୍ରଚଳ କରୁଥିବାରୁ ବିଭିନ୍ନ ସମୟରେ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ପୁରୀ ସହରର ଅନ୍ୟତମ ବ୍ୟସ୍ତବହୁଳ ତଥା ସଂକୀର୍ଣ୍ଣ ରାସ୍ତା ସିଟି ରୋଡ ପ୍ରଶସ୍ତୀକରଣ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ପୁରୀ ପୌରସଂସ୍ଥା ପକ୍ଷରୁ ବୈଠକ ବସି ସିଟି ରୋଡ୍‌ର ଉଭୟ ପାର୍ଶ୍ୱରେ ବିଭିନ୍ନ ବ୍ୟାବସାୟିକ ପ୍ରତିଷ୍ଠାନ ଏବଂ ଘରୋଇ ଲୋକେ କରିଥିବା ଜବରଦଖଲ ହଟାଯିବାକୁ ନିଷ୍ପତ୍ତି ହୋଇଥିଲା। ତତ୍କାଳୀନ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସମେତ ବିଭିନ୍ନ ଅଧିକାରୀ ଚକ୍ରତୀର୍ଥ ରୋଡ୍ ଅନୁଧ୍ୟାନ କରିଥିଲେ। କାରଣ ଏହି ରାସ୍ତା ସମ୍ପ୍ରସାରଣର ଗୁରୁତ୍ୱ ରହିଛି।

କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ପେଣ୍ଠକଟାରେ ତିଆରି ହୋଇଛି ଶ୍ରୀଜଗନ୍ନାଥ ଷ୍ଟାଡିୟମ୍। ଏଠାରେ ଘରୋଇ କ୍ରିକେଟ ସାଙ୍ଗକୁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ। ତେଣୁ ଷ୍ଟାଡିୟମ୍‌କୁ ଯିବା ପାଇଁ ମୁଖ୍ୟ ରାସ୍ତା ହେଉଛି ସିଟି ରୋଡ୍। ଏହାବ୍ୟତୀତ ଏହି ରାସ୍ତା ଉଭୟ ପାର୍ଶ୍ୱରେ ଶହଶହ ସଂଖ୍ୟାରେ ହୋଟେଲ ଥିବାରୁ ପ୍ରତ୍ୟେକ ଦିନ ପର୍ଯ୍ୟଟକଙ୍କ ଭିଡ଼ ହୋଇଥାଏ। ତେଣୁ ଚକ୍ରତୀର୍ଥ ରୋଡ୍ ପ୍ରଶସ୍ତୀକରଣ ହେବା ଅତ୍ୟନ୍ତ ଜରୁରୀ ଥିବାରୁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ଆଇଟିଆଇ ଛକରୁ ହୋଟଲ ସାନ୍ତ୍ୱନା ପର୍ଯ୍ୟନ୍ତ ୬୦ ଫୁଟିଆ ରାସ୍ତା ରହିବ। ସେହିପରି ସାନ୍ତ୍ୱନା ହୋଟେଲଠାରୁ ସୁଭାଷ ବୋଷ ଛକ ପର୍ଯ୍ୟନ୍ତ ୪୦ ଫୁଟିଆ ରାସ୍ତା ହେବ। ପ୍ରାଥମିକ ଭାବେ ଯେଉଁମାନେ ଜବରଦଖଲ କରିଛନ୍ତି, ତାହା ମୁକ୍ତ ହେବ। ଆବଶ୍ୟକ ପଡ଼ିଲେ ଘରୋଇ ଜମି ଅଧିଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ପ୍ରାୟ ୩ ବର୍ଷ ହେବ ସିଟିରୋଡ୍‌ର ସ୍ଥିତି ଅନୁଧ୍ୟାନ କରିବା ସହ ମାପଚୁପ କରାଯାଇଥିଲା। ପେଣ୍ଠକଟାଠାରୁ ସୁନାର ଗୌରାଙ୍ଗ ପର୍ଯ୍ୟନ୍ତ ରାସ୍ତା ମାପଚୁପ ହୋଇ ଚିହ୍ନ ଦିଆଯାଇଥିଲା। ବିଶେଷକରି ଜବରଦଖଲ ହୋଇଥିବା ଜମିକୁ ଚିହ୍ନଟ କରାଯାଇଥିଲା। ସୁଭାଷ ବୋଷ ଛକ ପର୍ଯ୍ୟନ୍ତ ମାପଚୁପ ଓ ଚିହ୍ନଟ ସରିବା ପରେ ରାସ୍ତା ପ୍ରଶସ୍ତୀକରଣ ହେବ ବୋଲି ସେତେବେଳେ କୁହାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ଏହି ରାସ୍ତା ପ୍ରଶସ୍ତୀକରଣ ନେଇ ଜିଲ୍ଲା ପ୍ରଶାସନ କୌଣସି ପ୍ରକାର ଆଗ୍ରହ ଦେଖାଉନାହିଁ। ଫଳସ୍ୱରୂପ ଦିନକୁ ଦିନ ଏହି ରାସ୍ତାରେ ଭିଡ଼ ଅଧିକ ହେଉଛି।

● ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ସୁବିଧା ଦାବି

## ୯ ଦିନରେ ସଚେତନତା ପଦଯାତ୍ରା; ଶୁଣୁନାହାନ୍ତି ସରକାର



ପୁରୀ,୯।୪(ସମିସ): ପୁରୀ ସହର ଓ ସଦରବାସୀଙ୍କୁ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। ହେଲେ ଶୁଣୁନାହାନ୍ତି ସରକାର। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଏଥିପାଇଁ ଗଠିତ ମଞ୍ଚ ପକ୍ଷରୁ ଏପ୍ରିଲ ପହିଲାରୁ ଚାଲିଥିବା ସଚେତନତା ପଦଯାତ୍ରା ଗୁରୁବାର ନବମ ଦିନରେ ପହଞ୍ଚିଛି। ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ଏହି ପଦଯାତ୍ରାରେ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ, ଇତିଭୁଆଁର ପୂର୍ବତନ ସରପଞ୍ଚ ଦାମୋଦର ନାୟକ, ସଞ୍ଜୟ ପ୍ରଧାନ, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ହରିଶଙ୍କର ମିଶ୍ର, ସୁକାନ୍ତ ପଣ୍ଡା, ବିଶ୍ୱନାଥ ମିଶ୍ର, ଚକ୍ରଧର ମହାପାତ୍ର, କିଶୋର ଚନ୍ଦ୍ର ଦାସ, ସୂର୍ଯ୍ୟ ନାରାୟଣ ରଥ, ବନିତା ଦୀକ୍ଷିତ, କାଳନ୍ଦୀ ଚରଣ ବେହେରା, ରାମକୃଷ୍ଣ ମହାନ୍ତି, ସୁରେଶ ଚନ୍ଦ୍ର ମିଶ୍ର, ରାଜା ମହାନ୍ତି, ଦେବୀପ୍ରସାଦ ମିଶ୍ର, ଅରୁଣା ପଟ୍ଟନାୟକ, ମାନସ ପଟ୍ଟନାୟକ, କ୍ଷୀରୋଦ ଦାଶ, ରାମଚନ୍ଦ୍ର ମହାନ୍ତି ଓ କେଦାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ପଦଯାତ୍ରାର ସଂଯୋଜନା ଆବାହକ ସ୍ୱାଧୀନ ପଣ୍ଡା କୁମାର କରିଥିଲେ। ସେ କହିଥିଲେ ଯେ, ସହର ଓ ସଦରବାସୀଙ୍କ ପୂର୍ବପରି ଦର୍ଶନ ଅଧିକାର ସୁନିଶ୍ଚିତ ହେବା ପର୍ଯ୍ୟନ୍ତ ଏହି ସଚେତନତା ଅଭିଯାନ ଜାରି ରହିବ। ଭକ୍ତିର ସହ ଅଧିକାରର ଏହି ଯାତ୍ରା ପୁରୀ ସହର ଓ ସଦରବାସୀଙ୍କ ଲୋକମାନଙ୍କ ଭାବନାକୁ ଏକତ୍ର କରିବା ସହିତ ନ୍ୟାୟସଙ୍ଗତ ଦାବି ପ୍ରତି ସମର୍ଥନକୁ ଆହୁରି ମଜଭୁତ କରିଛି।

## ପ୍ରଫେସର ସୁକାନ୍ତ ସେନାପତିଙ୍କୁ ବିଦ୍ୟା ବାଚସ୍ପତି ସମ୍ମାନ

ପୁରୀ,୯।୪(ସମିସ): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରରୁ ଅଧ୍ୟାପକ ଜୀବନ ଆରମ୍ଭ କରି ନିକଟରେ ସୋମନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଯୋଗଦେଇଥିବା ଭାରତବର୍ଷର ବିଶିଷ୍ଟ ବିଦ୍ୱାନ ପ୍ରଫେସର ସୁକାନ୍ତ କୁମାର ସେନାପତିଙ୍କୁ କର୍ଣ୍ଣାଟକ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ମିଳିଛି ବିଦ୍ୟା ବାଚସ୍ପତି ସମ୍ମାନ। ରାଜ୍ୟପାଳ ଥାଭରଚାନ୍ଦ ଗେହଲଟ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସାଂସଦ ଡ. ମଞ୍ଜୁନାଥ ଓ ବିଶ୍ୱବିଦ୍ୟାଳୟର କୁଳପତି ଡ. ଅହଲ୍ୟା ଉପସ୍ଥିତ ଥିଲେ। ସଂସ୍କୃତ ସହ ଶ୍ରୀଜଗନ୍ନାଥ ଓ ଶ୍ରୀସୋମନାଥ ସଂସ୍କୃତିକୁ ଦେଶ ବିଦେଶରେ ପ୍ରଚାରପ୍ରସାର ପାଇଁ କାଳିଦାସ ସମ୍ମାନ ପାଇଥିବା ପ୍ରଫେସର ସେନାପତି ବିଦ୍ୟା ବାଚସ୍ପତି ସମ୍ମାନ ପାଇଥିବାରୁ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀର କୁଳାଧିପତି ଶ୍ରୀନିବାସ ବରଖେଡ଼ି, ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ ଓଡ଼ିଶାର ରାଜ୍ୟ ସଭାପତି ବଦ୍ରି ମିଶ୍ର, ନିର୍ମାଲ୍ୟ ସମ୍ପାଦକ ତଥା ମାଉସୀ ମା' ମନ୍ଦିରର ମୁଖ୍ୟ ସେବକ ଡ. ବିଶ୍ୱନାଥ ମିଶ୍ର ଓ ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

● ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ

## କୁଳପତି ଦାୟିତ୍ୱ ଗ୍ରହଣ କଲେ ପ୍ରଭାତ ମହାପାତ୍ର

ପୁରୀ,୯।୪(ସମିସ): ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର ପ୍ରଭାତ କୁମାର ମହାପତ୍ର ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଶ୍ୱବିଦ୍ୟାଳୟ ପରିସରରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଦାୟିତ୍ୱ ଗ୍ରହଣ କରିବା ପରେ ସେ କହିଛନ୍ତି ଯେ, ସଂସ୍କୃତ ଶିକ୍ଷା ଓ ଗବେଷଣାର ପ୍ରସାର ସହ ବିଶ୍ୱବିଦ୍ୟାଳୟର ସାମଗ୍ରିକ ବିକାଶ ତାଙ୍କର ପ୍ରାଥମିକତା ରହିବ। ଜଗନ୍ନାଥ ସଂସ୍କୃତି ଓ ସଂସ୍କୃତ ଭାଷାର ସମନ୍ୱୟ ରକ୍ଷା କରି ବିଶ୍ୱବିଦ୍ୟାଳୟକୁ



ଏକ ଉଚ୍ଚମାନର ଶିକ୍ଷାକେନ୍ଦ୍ର ଭାବେ ଗଢ଼ିତୋଳିବାକୁ ସେ ସଂକଳ୍ପବଦ୍ଧ। ସେହିପରି ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଦାୟିତ୍ୱଭାର ଗ୍ରହଣ କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଏବଂ ଗବେଷଣାକୁ ବିଶ୍ୱଦରବାରରେ ପହଞ୍ଚାଇବା ପାଇଁ ଓଡ଼ିଆ ବିଶ୍ୱବିଦ୍ୟାଳୟ ଯେଉଁ ଲକ୍ଷ୍ୟ ନେଇ ପ୍ରତିଷ୍ଠା ହୋଇଛି ତାହାକୁ ଆଗକୁ ନେବା ପାଇଁ ସେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି। ଉଭୟଙ୍କ ଯୋଗଦାନ ଫଳରେ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ ଅଧିକ ସମୃଦ୍ଧ ହେବ ବୋଲି ଆଶା କରାଯାଉଛି।

## 'ଆସ ବହିଟିଏ କିଣିବା' ଦିବସ ପାଳିତ

ପୁରୀ,୯।୪(ସମିସ): ଓଡ଼ିଆ ପକ୍ଷ ପାଳନର ନବମ ଦିବସରେ ଗୁରୁବାର 'ଆସ ବହିଟିଏ କିଣିବା' ଦିବସ ଅନୁଷ୍ଠିତ ହୋଇଥିଲା। ଆମ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବେଶ୍ ସମୃଦ୍ଧ। ଏହାକୁ ଅଧିକ ଋଦ୍ଧିମନ୍ତ କରିବା ସହ ଆଗାମୀ ପିଢ଼ିକୁ ସାହିତ୍ୟ, ସଂସ୍କୃତିରେ ଉଦ୍‌ବୁଦ୍ଧ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର। ଓଡ଼ିଆ ଭାଷାକୁ ଅଧିକ ପ୍ରଚାରପ୍ରସାର କରିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ପରାମର୍ଶ କ୍ରମେ ବିବିଧ ଅଧିକାରୀ ଓ କର୍ମଚାରୀ ଓଡ଼ିଆ ପୁସ୍ତକ ପ୍ରଦର୍ଶିତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳଦ୍ୱୟ ଏହି ବ୍ୟବସ୍ଥା ଦ୍ୱାରା ଯୁବବର୍ଗ ଆମ ମାତୃଭାଷା ପ୍ରତି ଅନୁରକ୍ତ ହେବେ ବୋଲି ଆଶାବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ଆଦ୍ୟାଶା ରଥ, ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ, ସୌମ୍ୟଶ୍ରୀ ପାଣିଗ୍ରାହୀ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ, ଚନ୍ଦ୍ରପ୍ରଭା ଦେଇ ପ୍ରମୁଖ 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ।



## ଆସୁଛି ଚନ୍ଦନ ଯାତ୍ରା: ଅନୁକୂଳ ହେଲା ମଣ୍ଡଣି କାମ

ପୁରୀ,୯।୪(ସମିସ): ଆସନ୍ତା ୨୦ ତାରିଖରେ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା। ବାହାର ଚନ୍ଦନ ଯାତ୍ରାରେ ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ପଞ୍ଚ ମହାଦେବଙ୍କ ସହ ଚାପ ଖେଳିବେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା। ତେଣୁ ଠାକୁରଙ୍କ ନନ୍ଦା ଓ ଭଦ୍ରା ଚାପ ନିର୍ମାଣ ନିମନ୍ତେ ଆରମ୍ଭ ହୋଇଛି ପ୍ରସ୍ତୁତି। ନରେନ୍ଦ୍ର ପୁଷ୍କରିଣୀ ମଧ୍ୟରେ ବୁଡ଼ାଯାଇଥିବା ୫ ଡଙ୍ଗା (୨ଟି ଲେଖାଏଁ ଡଙ୍ଗାକୁ ଯୋଡ଼ି ନନ୍ଦା ଓ ଭଦ୍ରା ଚାପ ଓ ଅନ୍ୟଟି ବୈଜୟନ୍ତୀ)କୁ ଚୈତ୍ର ପୂର୍ଣ୍ଣିମାରେ ଭୋଇ ସେବକମାନେ ଉପରକୁ କାଢ଼ିଛନ୍ତି। ଡଙ୍ଗାଗୁଡ଼ିକ ନରେନ୍ଦ୍ର କଡ଼ରେ ଶୁଖୁଥିବା ବେଳେ ମହାରଣା ସେବକ ଚାପ ପ୍ରସ୍ତୁତ କରିବେ। ତେବେ ଚାପରେ ପକାଯାଉଥିବା କନା ମଣ୍ଡଣି କାମ ଗୁରୁବାର ଅନୁକୂଳ ହୋଇଛି। ଦରଜୀ ସର୍ଦ୍ଦାର ପ୍ରକାଶ ମହାପାତ୍ର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁକୂଳ କରିଛନ୍ତି। ୧୭ ଜଣ କାରିଗର ନିୟୋଜିତ ହୋଇଥିବା ବେଳେ ନନ୍ଦା ଓ ଭଦ୍ରା ଚାପ ପାଇଁ ମଣ୍ଡଣି ଏବଂ ଠାକୁରଙ୍କ ଲାଗି ଅନ୍ୟାନ୍ୟ କପଡ଼ା କାମ ହେବ। ୧୭ଟି ଶେଯ, ୨୧ଟି ମାଣ୍ଡି, ୨ଟି ମୃଦଙ୍ଗ ମାଣ୍ଡି, ଗୋଟିଏ ଲେଖାଏଁ କଳା ଓ ଧଳା ଛତି, ଗୋଟିଏ ଓଲାର, ୨ଟି ପାଲିଙ୍କି ଚାଳି, ଗୋଟିଏ ତରାସ, ଗୋଟିଏ ସୁନାର ବିଞ୍ଚଣା, ୩ଟି ରୁପାର ଆଲଟ, ୫ଟି ବିଞ୍ଚଣା, ଚାନ୍ଦୁଆ ପତାକା, ଗୋଟିଏ ଲେଖାଏଁ ଅଳଙ୍କାର ମୁଣି, ଦଶାବତାର



ପାନବଟୁଆ, ଖଣ୍ଡା ଓ ଛୁରି, ୮ଟି ବାଙ୍କ ଇତ୍ୟାଦି ତିଆରି କରାଯିବ। ଅକ୍ଷୟ ତୃତୀୟା ଦିନେ ଥାଇ କାମ ସରିବ ଏବଂ ସେମାନେ ଚାପରେ ମଣ୍ଡଣି ପକେଇବ ବୋଲି ଦରଜୀ ସର୍ଦ୍ଦାର କହିଛନ୍ତି।

**ଶ୍ରୀମନ୍ଦିରରେ ପୁରୀବାସୀଙ୍କ ସ୍ୱତନ୍ତ୍ର ସୁବିଧା**

## ସରକାରଙ୍କୁ ୧୫ ଦିନ କଣ୍ଟ ଦେଲେ ପୁରୀବାସୀ

ପୁରୀ,୯।୪(ସମିସ): ପୁରୀବାସୀଙ୍କ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଦାବିରେ ଗୁରୁବାର ଶ୍ରୀକ୍ଷେତ୍ର ସୁରକ୍ଷା ଅଭିଯାନ ପକ୍ଷରୁ ମାର୍କେଟ ଛକରେ ଏକ ସଭା ଆୟୋଜିତ ହୋଇଯାଇଛି। ଦୀର୍ଘଦିନ ହେବ ସେମାନଙ୍କ ଦାବି ଶୁଣାଯାଉ ନ ଥିବାରୁ ପ୍ରଶାସନ ଓ ସରକାରଙ୍କୁ କଡ଼ା ଶବ୍ଦରେ ସମାଲୋଚନା ସହ ଚରମ ବାଣୀ ଶୁଣାଇଛନ୍ତି ପୁରୀ ବାସିନ୍ଦା। ଆବାହକ ଗୌରହରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଉଦ୍‌ବୋଧନ ଦେଇ କହିଥିଲେ, ପୁରୀବାସୀଙ୍କୁ ମାନସିକ ଯନ୍ତ୍ରଣା ବହୁତ ହୋଇଗଲା। ଗଜପତି ମହାରାଜାଙ୍କ ସହ ଶେଷ ଥର ପାଇଁ ଏ ସମ୍ପର୍କରେ ଆଲୋଚନା କରାଯିବ। ଗଜପତି ଯଦି ପ୍ରଶାସନ ସହ କଥା ହୋଇ ଏହାର ସମାଧାନ ଦିଗରେ ପଦକ୍ଷେପ ନ ନିଅନ୍ତି ଆନ୍ଦୋଳନକୁ ଓହ୍ଲାଇବୁ। ଏହା ପୁରୀବାସୀଙ୍କ ସମ୍ମାନ, ସ୍ୱାଭିମାନର କଥା। ୧୫ ଦିନ ଭିତରେ ଏହାର ସମାଧାନ ନ ହେଲେ ପୁରୀବାସୀ କ'ଣ କରିପାରନ୍ତି ତାହା ପ୍ରଶାସନ ଓ ସରକାର ଦେଖିବେ ବୋଲି ଶ୍ରୀ ତ୍ରିପାଠୀ ଚେତାଇ ଦେଇଛନ୍ତି।

ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ କହିଛନ୍ତି, ପରିକ୍ରମା ପ୍ରକଳ୍ପ ପାଇଁ ବାସିନ୍ଦା ବହୁ କିଛି ତ୍ୟାଗ କରିଛନ୍ତି। କିନ୍ତୁ ପରିଣାମ ସ୍ୱରୂପ ଦର୍ଶନ ପାଇଁ ସରକାର ଓ ପ୍ରଶାସନର ଅନୁମତିକୁ ଅପେକ୍ଷା କରିବାକୁ ପଡୁଛି। ପ୍ରଶାସନ ଚାହିଁଲେ ଏହାର ସମାଧାନ ହୋଇପାରିବ। ଏଠି କିନ୍ତୁ ସରକାର ଟଙ୍କା ରୋଜଗାର ପାଇଁ ବ୍ୟବସ୍ଥାରେ ଆଣି ସ୍ୱତନ୍ତ୍ର ସୁବିଧାରେ ଦର୍ଶନ କରି ଛଡ଼ାଯାଉଛି। ହେଲେ ପୁରୀବାସୀଙ୍କୁ ଛଡ଼ାଯାଉନି। ଏହାକୁ ଆଉ ବରଦାସ୍ତ କରାଯିବନି। ସରକାର ନ ଶୁଣିଲେ ଲଢ଼େଇ ଜୋର୍‌ଦାର୍ ହେବ। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟ ରଥ,





ମାତିଲେଣି। ତ୍ୱରିତ ସମାଧାନ ନ ହେଲେ ଏହି ଲଢ଼େଇ ଜୋର୍‌ଦାର୍ ହେବ। ପୂର୍ବତନ ନଗରପାଳ ସୁରେନ୍ଦ୍ରନାଥ ଦାଶ କହିଛନ୍ତି, ପୁରୀ ବାର୍ କାଉନ୍‌ସିଲ ସଭାପତି ପ୍ରେମାନନ୍ଦ ମହାନ୍ତି, ବାର୍ କାଉନ୍‌ସିଲ ସମ୍ପାଦକ ଶରତ ରାୟଗୁରୁ କହିଛନ୍ତି, ବାହାରୁ ବସ୍‌ରେ ଲୋକଙ୍କୁ ବୀରେନ୍ଦ୍ର ଭୂଷଣ ହୋତା, ବିଦ୍ୟୁଲତା ଆଚାର୍ଯ୍ୟ, ସୁକାନ୍ତ ପଣ୍ଡା, ଜଗନ୍ନାଥ ଦେଓ, ସରସ୍ୱତୀ ପାତ୍ରଙ୍କ ସମେତ ପୂର୍ବତନ କାଉନ୍‌ସିଲର ଓ ବାସିନ୍ଦାମାନେ ଦର୍ଶନ ବ୍ୟବସ୍ଥା ନେଇ କ୍ଷୋଭ, ଅଭିମାନ, ଦୁଃଖ ଓ କ୍ରୋଧ ପ୍ରକାଶ କରିଥିଲେ।

## ହୃଦ୍‌ଘାତରେ ଆଇନଜୀବୀଙ୍କ ପରଲୋକ

ପୁରୀ,୯।୪(ସମିସ): ପୁରୀର ବରିଷ୍ଠ ଆଇନଜୀବୀ ତ୍ରିଲୋଚନ ପାଣିଗ୍ରାହୀଙ୍କର ଗୁରୁବାର ପୂର୍ବାହ୍ଣରେ ହୃଦ୍‌ଘାତରେ ପରଲୋକ ହୋଇଛି। ଅଠରନଳା ନୀଳଚକ୍ର ନଗର ବାସଭବନରୁ କୋର୍ଟକୁ ଯାଉଥିବାବେଳେ ମେଡିକାଲ ଛକଠାରେ ଟ୍ରାଫିକ୍ ସିଗ୍‌ନାଲଠାରେ ଅଟକି ରହିଥିଲେ। ସେହିଠାରୁ ସ୍ଥାନୀୟ ଲୋକେ ମେଡ଼ିକାଲକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମରଶରୀର ବାସଭବନକୁ ନିଆଯାଇ ସେଠାରୁ ପୁରୀ ଜିଲ୍ଲା ଓକିଲ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଶେଷ ଦର୍ଶନ ପାଇଁ ରଖାଯାଇଥିଲା। ଓକିଲ ସଂଘର ନିର୍ବାଚିତ ପ୍ରତିନିଧିଗଣଙ୍କ ସହ ଶତାଧିକ ଆଇନଜୀବୀ ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ପାଣିଗ୍ରାହୀ ଜଣେ ମେଳାପୀ, ସ୍ନେହୀ ଓ ବନ୍ଧୁବତ୍ସଳ ଥିଲେ। ପୁରୀ ଜିଲ୍ଲା ଜଜ୍ କୋର୍ଟ ସମେତ ହାଇକୋର୍ଟରେ ମଧ୍ୟ ଅନେକ ମାମାଲାରେ ଆଇନଜୀବୀ ଭାବେ ଦକ୍ଷତାର ସହ ମାମଲା ପରିଚାଳନା କରୁଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ଓକିଲ ଓ ମହକିଲମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସମସ୍ତେ କାମନା କରିଛନ୍ତି। ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ଗଳ୍ପ ସଂକଳନ 'ପୁରୀ ଗପ' ଲୋକାର୍ପିତ



ପୁରୀ,୯।୪(ସମିସ): ଗଳ୍ପ ସଂକଳନ 'ପୁରୀ ଗପ'ର ଲୋକାର୍ପଣ ଉତ୍ସବ ରମାବଲ୍ଲଭ ରୋଡ୍‌ସ୍ଥିତ ରୋଟାରୀ ଭବନ ସମ୍ମିଳନୀ ଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଭାଷାବିତ୍ ଡ. ରବିନାରାୟଣ ପଣ୍ଡା ଏବଂ ପୁସ୍ତକର ପ୍ରକାଶକ ସତ୍ୟ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ 'ପୁରୀ ଗପ' ସଂକଳନକୁ ଲୋକାର୍ପିତ କରିଥିଲେ। ପୁରୀର ଦିବ୍ୟତା, ମହାପ୍ରଭୁଙ୍କ ମହିମା, ସମୁଦ୍ରର ବିଶାଳତା, ନୀଳଚକ୍ରର ଗରିମା ଓ ବଡ଼ଦାଣ୍ଡର ଆକର୍ଷଣରେ ପ୍ରଭାବିତ ଓ ବିମୋହିତ ହୋଇ ଯେଉଁ ସ୍ରଷ୍ଟାମାନେ ସଂକଳନରେ ଲେଖନୀ ଚାଳନା କରିଛନ୍ତି ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହିତ ଅଧିକରୁ ଅଧିକ ଲେଖକଙ୍କୁ ପୁରୀ ମନସ୍କ କରାଇବା ପାଇଁ ଏହି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ସଂକଳନର ସମ୍ପାଦକ ଶ୍ରୀମନ୍ଦିର ପୁରୋହିତ ଡ. ସିଦ୍ଧେଶ୍ୱର ମହାପାତ୍ର ପୁସ୍ତକ ସମ୍ପର୍କରେ ଅଭିମତ ପ୍ରକାଶ କରିଥିବାବେଳେ ସହ ସମ୍ପାଦକ ସାରସ୍ୱତ ସାଧକ ଦେବୀ ପ୍ରସନ୍ନ ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। 'ଅଭିନନ୍ଦନିକା'ର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ସଭାକାର୍ଯ୍ୟ ସଞ୍ଚାଳନ କରିଥିବାବେଳେ ଗାଳ୍ପିକ ବଦ୍ରି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରୀରେ ଅଲ୍ ଇଣ୍ଡିଆ ଥିଏଟର କାଉନ୍‌ସିଲ୍‌ର ରାଷ୍ଟ୍ରୀୟ ଅଧିବେଶନ

ପୁରୀ,୯।୪(ସମିସ): କଳାର ବିକାଶ ଓ କଳାକାରଙ୍କ ସମସ୍ୟା ପାଇଁ ଅହରହ ସଂଗ୍ରାମ କରୁଥିବା ଦେଶର ବୃହତ୍ କଳାକାର ସଂଗଠନ 'ଅଲ୍ ଇଣ୍ଡିଆ ଥିଏଟର କାଉନ୍‌ସିଲ୍'ର ପଞ୍ଚମ ରାଷ୍ଟ୍ରୀୟ ଅଧିବେଶନ ଏବଂ ସାଂସ୍କୃତିକ ମହୋତ୍ସବ ଆସନ୍ତା ୧୧ ଓ ୧୨ ଦୁଇଦିନ ଧରି ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହେବ। ଏଥିରେ ଭାରତର ବିଭିନ୍ନ ରାଜ୍ୟରୁ ଶତାଧିକ କଳାକାର ଯୋଗଦେଉଥିବା ଗୁରୁବାର ସ୍ଥାନୀୟ ସୂର୍ଯ୍ୟା ବିଚ୍ ଇନ୍ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଲ୍ ଇଣ୍ଡିଆ ଥିଏଟର କାଉନ୍‌ସିଲର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ରାଜଗୋପାଳ ପାଢ଼ୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆୟୋଜିତ ହେବାକୁ ଥିବା ରାଷ୍ଟ୍ରୀୟ ଅଧିବେଶନରେ

**ଯୋଗଦେବେ ବିଭିନ୍ନ ରାଜ୍ୟର ନାଟ୍ୟ ବ୍ୟକ୍ତିତ୍ୱ**

ସଂସ୍ଥାର ସାଧାରଣ ନିର୍ବାଚନ, ପ୍ରତି ରାଜ୍ୟ ସଂଗଠନର କାର୍ଯ୍ୟ ଓ ସ୍ଥିତି ସମୀକ୍ଷା, ସଂଗଠନ ବିସ୍ତାର ସହିତ କଳାକାରଙ୍କ ରହିଥିବା ବହୁବିଧ ସମସ୍ୟା ଉପରେ ଆଲୋଚନା ହେବ। ଆଗନ୍ତୁକ ଅତିଥି କଳାକାର ତଥା ପ୍ରତିଷ୍ଠିତ ନାଟ୍ୟ ପ୍ରତିଭାମାନେ କାର୍ଯ୍ୟକ୍ରମର ପ୍ରଥମ ଦିନ ସଂଗଠନର ଧ୍ୱଜା ଉତ୍ତୋଳନ କରି ସାଂଗଠନିକ ଆଲୋଚନା କରିବା ସହ ନୂତନ କମିଟି ଗଠନ ଓ ଶପଥ ଗ୍ରହଣ କରିବା ନେଇ ସ୍ଥିର ହୋଇଛି। ଦ୍ୱିତୀୟ ଦିନ ପୁରୀ





ବେଳାଭୂମି ଓ ସ୍ୱର୍ଗଦ୍ୱାର ଭ୍ରମଣ ସହିତ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଅଧିବେଶନର ଦ୍ୱିତୀୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ, ଯେଉଁଥିରେ ବହୁ ସ୍ୱତନ୍ତ୍ର ଅତିଥି ଉପସ୍ଥିତ ରହିବେ। ବିଭିନ୍ନ ବିଭାଗର ପ୍ରତିଭାଧାରୀଙ୍କୁ ରାଷ୍ଟ୍ରୀୟ କଳା ସମ୍ମାନ ଓ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ ସହ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା କଳାକାରଙ୍କୁ ସମ୍ମାନିତ କରାଯିବ।

ସାଂସ୍କୃତିକ ସନ୍ଧ୍ୟାରେ ଡା. ତିରୁପତି ସାହୁଙ୍କ ରଚିତ, ଅଭିନୀତ ଓ ନିର୍ଦ୍ଦେଶିତ ନାଟକ "ରାମ ବନବାସ' ପରିବେଷଣ ହେବା ସହିତ ଓଡ଼ିଶୀ, କଥକ ଓ ଅନ୍ୟ ପାରମ୍ପରିକ ନୃତ୍ୟ ପରିବେଷଣ ହେବ। ଅନୁଷ୍ଠିତ ହେବାକୁ ଥିବା ରାଷ୍ଟ୍ରୀୟ ଅଧିବେଶନରେ ପ୍ରତି ଜିଲ୍ଲାରେ କଳାକାରଙ୍କ ନାଟ୍ୟ ଅଭ୍ୟାସ ଓ ନାଟକ ମଞ୍ଚସ୍ଥ ନିମନ୍ତେ ଭଲ ମଞ୍ଚ, ମଞ୍ଚକୁ ରିଆତି ଦରରେ କଳାକାରଙ୍କୁ ଯୋଗାଇବା, କୋଭିଡ୍ ପୂର୍ବରୁ କଳାକାରଙ୍କୁ ମିଳୁଥିବା ରେଳ ରିଆତିକୁ ପୁନଃ ଚାଲୁ କରିବା, କଳାକାରଙ୍କୁ ସରକାରୀ ସହାୟତା ପ୍ରଦାନ ଆଦି ଅନେକ ଗମ୍ଭୀର ବିଷୟ ଉପରେ ଆଲୋଚନା କରାଯିବ ବୋଲି ଶ୍ରୀ ପାଢ଼ୀ ସୂଚନା ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ସଂଗଠନର ଉପସଭାପତି ବବିତା ସ୍ୱାଇଁ, କୋଷାଧ୍ୟକ୍ଷ ସିଏଚ୍ ଦେବଦାସ, ସଦସ୍ୟ ଅନିଲ କୁମାର ପାତ୍ର, କୈଳାସ ଚନ୍ଦ୍ର ପାଣିଗ୍ରାହୀ, ଲିଲା ମହାନ୍ତିଙ୍କ ସମେତ ନାଟ୍ୟାନୁଷ୍ଠାନ 'ରଙ୍ଗଶାଳା'ର ନିର୍ଦ୍ଦେଶକ ବିକ୍ରମ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ବଜେଟ ସଚେତନତା କର୍ମଶାଳା

# ‘ଆମେ ଜାଣିବା ଆମ ବଜେଟ’

ଜଗତସିଂହପୁର, ୯।୪(ସମିସ)




ଆଜି ପୂର୍ବାହ୍ନରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଜିଲ୍ଲାସ୍ତରୀୟ ବଜେଟ କର୍ମଶାଳା, ‘ଆମେ ଜାଣିବା ଆମ ବଜେଟ’ ଆୟୋଜିତ ହୋଇଯାଇଛି। ଏପ୍ରିଲ ୧ ରୁ ୧୪ ପର୍ଯ୍ୟନ୍ତ ଏହି ଅଭିଯାନ ଜିଲ୍ଲାସ୍ତରଠାରୁ ପଞ୍ଚାୟତସ୍ତର ପର୍ଯ୍ୟନ୍ତ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଆଜିର ଏହି କର୍ମଶାଳାରେ ଜିଲ୍ଲାପାଳ ଜେ. ସୋନାଲ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ ସାଂସଦ ବିଭୁ ପ୍ରସାଦ ତରାଇ ଯୋଗଦେଇ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ୍ ଆମ ସମୃଦ୍ଧ ଓଡ଼ିଶା ଭିଜନର ଲକ୍ଷ୍ୟ ହାସଲ ନିମନ୍ତେ ଏକ ସୁଦୃଢ଼ ମୂଳଦୂଆ ସାବ୍ୟସ୍ତ ହେବ ଏବଂ ଚଳିତ ବର୍ଷର ବଜେଟ ଅଟକଳ ବିଗତ ବର୍ଷର ବଜେଟ ଅଟକଳ ଠାରୁ ୭ ପ୍ରତିଶତ ଅଧିକ ବୋଲି ସୂଚନା ଦେଇଥିଲେ। ଏହି ବଜେଟ୍ ଓଡ଼ିଶାକୁ ପୂର୍ବଭାରତର ଏକ ପ୍ରମୁଖ ଲଜିଷ୍ଟିକ୍ ଏବଂ ଯୋଗାଯୋଗ ହବ୍ ଭାବରେ ଗଢ଼ି ତୋଳିବ ବୋଲି ସାଂସଦ କହିଥିଲେ। ସେ ଜନସାଧାରଣଙ୍କୁ ଏହି ପ୍ରକ୍ରିୟାରେ ସକ୍ରିୟ ଭାଗ ନେଇ ତାଙ୍କର ମତାମତ ପ୍ରଦାନ କରିବାକୁ ଆହ୍ୱାନ ଦେଇଥିଲେ। କର୍ମଶାଳାରେ ବିଶିଷ୍ଟ ଅତିଥି ଭାବରେ ନିର୍ମାଣ ବିଭାଗ ତଥା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଯୋଗଦେଇଥିଲେ। ‘ଆମେ ଜାଣିବା ଆମ ବଜେଟ କାର୍ଯ୍ୟକ୍ରମ’ ମାଧ୍ୟମରେ ଅତ୍ୟନ୍ତ ସରଳ ଭାଷାରେ ବଜେଟ ଜନ ସାଧାରଣଙ୍କ ପାଖରେ ପହଞ୍ଚିବ ବୋଲି ସେ କହିଥିଲେ। ସେହିପରି ଜଗତସିଂହପୁର ଜିଲ୍ଲା କେବଳ ଓଡ଼ିଶା ନୁହେଁ, ବରଂ ଭାରତର ଅର୍ଥନୈତିକ ମାନଚିତ୍ରରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ଶ୍ରୀ ସିଂ ମତବ୍ୟକ୍ତ କରିଥିଲେ। ଜିଲ୍ଲାର ପାରାଦୀପ ବନ୍ଦର, ଆଇଓସିଏଲ୍ ଭଳି ରାଷ୍ଟ୍ରୀୟ ଉଦ୍ୟୋଗ ଯୋଗୁଁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣରେ ଜିଲ୍ଲା ମୁଖ୍ୟ ଭୂମିକା ଗ୍ରହଣ କରି ଆସିଥିବା ଶ୍ରୀ ସିଂ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ଜିଲ୍ଲାପାଳ ଶ୍ରୀ ସୋନାଲ କହିଥିଲେ ଯେ, ୧୪ ଏପ୍ରିଲ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସ୍ତରରେ ‘ଆମେ ଜାଣିବା, ଆମ ବଜେଟ’ କାର୍ଯ୍ୟକ୍ରମ ଆୟୋଜିତ ହୋଇ ବଜେଟର ବିଭିନ୍ନ ପାର୍ଶ୍ୱକୁ ସରଳ ଭାଷାରେ ଲୋକଙ୍କ ନିକଟକୁ ପହଞ୍ଚାଯିବ। ଜିଲ୍ଲାରେ ବ୍ଲୁ ଫ୍ଲାଗ ବିଚ୍, ଭି ବି ଜି ରାମ ଜି ଦ୍ୱାରା ୨୦୨୭ ସୁଦ୍ଧା ସମସ୍ତ ଗ୍ରାମରେ ଅତ୍ୟାବଶ୍ୟକ ସେବା ଯୋଗାଇବା ସହ ଜଳବାୟୁ ଅନୁକୂଳ ଗ୍ରାମ ତିଆରି, ମଧୁବାବୁ ପେନସନ ଯୋଜନାରେ ସମସ୍ତଙ୍କୁ ସହାୟତା, ମେଗା ୱାଟର ସ୍ପୋର୍ଟସ, ଉଦ୍ୟମୀ ସ୍କିମ୍‌ରେ ନାନୋ ଉଦ୍ୟୋଗକାରୀ ସୃଷ୍ଟି, ଶିଆଳି ବେଳାଭୂମି ଓ ବନ୍ଦରର ପର୍ଯ୍ୟଟନ ଶିଳ୍ପ ବୃଦ୍ଧି, ସାରଳା ମନ୍ଦିର ଫେଜ୍ ୨ ଆଦି ବିଷୟରେ ଅବଗତ କରାଇଥିଲେ। ଆରକ୍ଷୀ ଅଧୀକ୍ଷକ ଅଙ୍କିତ କୁମାର ବର୍ମା ମଧ୍ୟ ବଜେଟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ କହିଲେ ଆମର ଏହି ବଜେଟ୍ ହେଉଛି ନାଗରିକ କୈନ୍ଦ୍ରିକ ବଜେଟ୍।

ଏହି କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ପିଲ୍ଲେ, ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ନିରଞ୍ଜନ ବେହେରା, ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ସହରର ବୁଦ୍ଧିଜୀବୀ, ଆଇନଜୀବୀ, ମାତୃଶକ୍ତି ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ପରେ ବଜେଟ୍ ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଜରିଆରେ ଜନତା ନିଜର ପ୍ରଶ୍ନ ପଚାରିବା ସହ ମଞ୍ଚାସୀନ ଅତିଥି ଏହାର ଉତ୍ତର ରଖିଥିଲେ। ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ପିଲ୍ଲେ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



ଜଗତସିଂହପୁର, ୯।୪(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ୍ ବୋରିକିନା ପଞ୍ଚାୟତ ବରଗୁଡ଼ିପଡ଼ା ସରସ୍ୱତୀ ଶିଶୁ ମନ୍ଦିରର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ମୁଖ୍ୟ ଉପଦେଷ୍ଟା ନିରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବିରିଡି ବ୍ଲକର ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ସର୍ବେଶ୍ୱର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ଉଦଘାଟନ କରିବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ କରିଥିଲେ। ସେହିପରି ବୋରିକିନା ପଞ୍ଚାୟତର ପୂର୍ବତନ ସରପଞ୍ଚ ସାଧୁଚରଣ ସାହୁ ମୁଖ୍ୟ ବକ୍ତା, ବୋରିକିନା ପଞ୍ଚାୟତ ସମିତି ସଭ୍ୟ ସମରେନ୍ ରାୟ ଏବଂ ପଳାଧୁଆବନ୍ଧ ଦୋଳ ମେଳଣ କମିଟିର ସମ୍ପାଦକ ପ୍ରମୋଦ ରାଉତ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ବର୍ତ୍ତମାନ ସମାଜରେ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଏହି ସରସ୍ୱତୀ ଶିଶୁ ମନ୍ଦିର ଅନ୍ୟତମ ବୋଲି ମୁଖ୍ୟ ଅତିଥି ବିଶ୍ୱାଳ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ସହକାରୀ ଅଚାର୍ଯ୍ୟା ସୁଶ୍ରୀ ପ୍ରିୟଙ୍କା ପଲେଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଭିମନ୍ୟୁ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସୁଶ୍ରୀ ଜୟଶ୍ରୀ ଆଦିଶକ୍ତି ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ୨୦୨୫-୨୬ ଶିକ୍ଷାବର୍ଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଉପଦେଷ୍ଟା ଉମେଶ ଚନ୍ଦ୍ର ଲେଙ୍କା ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ କାର୍ଯ୍ୟକ୍ରମକୁ ସଫଳ କରିବାରେ ହେମନ୍ତ କୁମାର ଦାସ, ମାନସ ସ୍ୱାଇଁ, ମାନସୀ ଗୁରୁମା, ପଙ୍କଜିନୀ ଗୁରୁମା, ଲିପ୍ସା ଗୁରୁମା, ରାଜଶ୍ରୀ ଗୁରୁମା ଓ ରମାକାନ୍ତ ଗୁରୁଜୀ ଇତ୍ୟାଦି ସହଯୋଗ କରିଥିଲେ।

## ଓଡ଼ିଆ ପକ୍ଷରେ ‘ଆସ ବହିଟିଏ କିଣିବା’ ଅଭିଯାନ

ଜଗତସିଂହପୁର, ୯।୪(ସମିସ): ଆଜି ଓଡ଼ିଆ ପକ୍ଷ ପାଳନର ନବମ ଦିବସ ଅବସରରେ ସାରା ରାଜ୍ୟରେ “ଆସ ବହିଟିଏ କିଣିବା’ ଅଭିଯାନ ଆୟୋଜିତ ହୋଇଯାଇଛି। ଆଜିର ଦିବସଟି ଓଡ଼ିଆ ସାହିତ୍ୟ ଜଗତର ସାରସ୍ୱତ ସ୍ରଷ୍ଟାମାନଙ୍କ ପାଇଁ ସମର୍ପିତ ଥିଲା। ସାରସ୍ୱତ ସାଧକମାନଙ୍କ ଦ୍ୱାରା ଲିଖିତ ପୁସ୍ତକକୁ କିଣିବା, ପଢ଼ିବା ଓ ଅନ୍ୟମାନଙ୍କୁ ଉପହାର ଦେବା ଲକ୍ଷ୍ୟରେ ଆଜି “ଆସ ବହିଟିଏ କିଣିବା’ ଅଭିଯାନକୁ



ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାର ସ୍ୱାମୀ ବିବେକାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅସ୍ଥାୟୀ ପୁସ୍ତକ ବିକ୍ରୟ କେନ୍ଦ୍ର ତଥା ପୁସ୍ତକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସୁଜାତା ଓତା ଯୋଗଦେଇ ଓଡ଼ିଆ ପକ୍ଷ ଏବଂ ଆଜି କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି କହିଥିଲେ ଯେ ଫୁଲତୋଡ଼ା ଅସ୍ଥାୟୀ କିନ୍ତୁ ପୁସ୍ତକ ଚିରସ୍ଥାୟୀ, ତେଣୁ ଫୁଲତୋଡ଼ା ଉପହାର ନ ଦେଇ ବିଭିନ୍ନ ଅବସରରେ ପୁସ୍ତକ ଉପହାର ଦେବାକୁ ସେ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ପୁସ୍ତକ ପ୍ରଦର୍ଶନୀ ପରିଦର୍ଶନ କରିଥିଲେ। ସମସ୍ତେ ନିଜ ପାଇଁ ମନଲାଖି ବହି କିଣିଥିଲେ। ଏଥିସହିତ ବହି କିଣିବା ଓ ପଢ଼ିବାର ସେଲ୍‌ଫି ଉଠାଇ ଏହାକୁ ଅତି ଉତ୍ସାହର ସହିତ ଓଡ଼ିଆ ପକ୍ଷର ୱେବ୍‌ସାଇଟରେ ଅପଲୋଡ୍ କରି ପ୍ରମାଣପତ୍ର ପାଇଥିଲେ। ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷକମାନେ ଓଡ଼ିଆ ପୁସ୍ତକ ବଣ୍ଟନ କରିଥିଲେ। ଓଡ଼ିଆ ସାହିତ୍ୟ ଓ ପୁସ୍ତକ ପଠନ ସମ୍ବନ୍ଧରେ ଯୁବପିଢ଼ିଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ସହିତ ସାହିତ୍ୟ ସର୍ଜନାକୁ ପ୍ରୋତ୍ସାହନ ଦେବା ଦିଗରେ ଆଜିର ଏହି ‘ଆସ ବହିଟିଏ କିଣିବା’ ଅଭିଯାନକୁ ସଫଳତାର ସହ ପାଳନ କରାଯାଇଥିଲା।

## ୮୨ ଗ୍ରାମର ଧଳାଜହର ଜବତ; ଅଭିଯୁକ୍ତ ଗିରଫ

ଜଗତସିଂହପୁର, ୯।୪(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ଅବକାରୀ ଥାନା ପକ୍ଷରୁ ଅସିଲୋ ଛକରେ ଚଢ଼ଉ କରାଯାଇ ୮୨ ଗ୍ରାମର ବ୍ରାଉନସୁଗର ଜବତ କରାଯିବା ସହ ଅଭିଯୁକ୍ତ ବିଶ୍ୱଜିତ ସାହୁକୁ ଗିରଫ କରାଯାଇଛି। ଗୁରୁବାର ଦିନ ଜଗତସିଂହପୁର ଅବକାରୀ ରେଞ୍ଜ ଇନ୍ସପେକ୍ଟର ଶ୍ରୀକାନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ ବିଶେଷ ସୂତ୍ରକୁ ଆଧାର କରି ଅସିଲୋ ଛକ ଠାରେ ଚଢାଉ କରିଥିଲା। ସେଠାରେ



ବ୍ରାଉନସୁଗାର ବିକ୍ରି କରିବାକୁ ଆସିଥିବା ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ କୂଳସାହି ଗ୍ରାମର ମାୟାଧର ସାହୁଙ୍କ ପୁଅ ବିଶ୍ୱଜିତ ସାହୁ (୩୧) ଙ୍କଠାରୁ ୮୨ ଗ୍ରାମର ବ୍ରାଉନସୁଗାର ସହ ଏକ ବଜାଜ ପଲସର ମୋଟର ସାଇକେଲ (ଓଡି-୧୩-ୱାଇ-୨୧୫୩) ଓ ଏକ ମୋବାଇଲ ଫୋନ ଜବତ କରିବା ସହ ତାଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତକୁ ଅଦାଲତ ଚାଲଣ କରାଯାଇଥିବା ବେଳେ ଜିଲ୍ଲା ଦୌରାଜଜ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି କାରାଗାରକୁ ପଠାଇଛନ୍ତି। ଆଜିର ଏହି ଚଢାଉରେ କନଷ୍ଟେବଲ ଜୟଦେବ ପାତ୍ର, ଦୀନବନ୍ଧୁ ସେଠୀ, ପ୍ରତିମା ଜେନା, ଶୁଭଶ୍ରୀ ବିଶ୍ୱାଳ, ଅନୁରାଗ ସୂର୍ଯ୍ୟବଂଶୀ ପ୍ରମୁଖ ସାମିଲ ଥିଲେ। ଜିଲ୍ଲାରେ ଦିନକୁ ଦିନ ବ୍ରାଉନସୁଗାର କାରବାର ବଢି ଚାଲିଥିବା ବେଳେ ଏବଂ ସମଗ୍ର ରାଜ୍ୟରେ ସ୍ପେଶାଲ ଡ୍ରାଇଭ ଚାଲିଥିବା ବେଳେ ଏହା ନିଶ୍ଚିତ ଭାବେ ଜଗତସିଂପୁର ଅବକାରୀ ବିଭାଗ ପାଇଁ ବଡ ସଫଳତା। ଅବକାରୀ ଅଧିକ୍ଷକ ଅନିତା ପ୍ରଧାନ ବାଲିକୁଦା ଅବକାରୀ ଥାନାକୁ ପ୍ରଶଂସା କରିବା ସହ ଆଗାମୀ ଦିନ ମାନଙ୍କରେ ଚଢ଼ଉକୁ ଜୋରଦାର କରିବା ପାଇଁ ପରାମର୍ଶ ଦେଇଛନ୍ତି।

## ଠିକା ଶ୍ରମିକଙ୍କ ସମସ୍ୟା ନେଇ ଆଇଓସିଏଲ -ଶ୍ରମିକ ସଂଘ ଆଲୋଚନା



ପାରାଦୀପ, ୯।୪(ସମିସ): ଆଇଓସିଏଲ୍ ପାରାଦୀପ ରିଫାଇନାରୀରେ କାର୍ଯ୍ୟ କରୁଥିବା ସମସ୍ତ ଠିକା ଶ୍ରମିକ ଭାଇ ଓ ଭଉଣୀମାନଙ୍କ ସମସ୍ୟା ସମାଧାନ ନେଇ ପାରାଦୀପ ଆଇଓସିଏଲ ରିଫାଇନାରୀ କର୍ତ୍ତୃପକ୍ଷଙ୍କ ସହ ପାରାଦୀପ ଏର୍‌ସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ ତଥା କେନ୍ଦ୍ରୀୟ ଉପ-ମୁଖ୍ୟ ଶ୍ରମ କମିଶନର ଭୁବନେଶ୍ୱରଙ୍କ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ହୋଇଛି। ଏହି ଆଲୋଚନାରେ ଆଇଓସିଏଲ ପାରାଦୀପ ରିଫାଇନାରୀର ସିଜିଏମ୍ (ଏଚ୍‌ଆର୍) ଧର୍ମେଶ ଚୌଧୁରୀ, ମ୍ୟାନେଜର (ଏଚ୍‌ଆର୍) ପ୍ରକାଶ ସାହୁ, ଡିଜିଏମ (ଇଏମ୍‌ଏସ୍) ବି.ପି. ସୁବୁଦ୍ଧି ଏବଂ କେନ୍ଦ୍ରୀୟ ଉପ-ମୁଖ୍ୟ ଶ୍ରମ କମିଶନର ଭୁବନେଶ୍ୱର ଚିରଞ୍ଜୀବ ସାଇକିଆଙ୍କ ସହିତ ପାରାଦୀପ-ଏରସମା ଶ୍ରମିକ ସଂଘର ସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ବାପି ସର୍ଖେଲ ଓ ସଂଘର ସାଧାରଣ ସମ୍ପାଦକ ସମୀର ବିଶ୍ୱାଳ ଏବଂ ସାଙ୍ଗଠନିକ ସମ୍ପାଦକ ଦୀପକ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଆଲୋଚନା ବିଶେଷକରି ଠିକା ଶ୍ରମିକ ଭାଇ ଭଉଣୀ ମାନଙ୍କ ସ୍ୱାର୍ଥ ସମ୍ପର୍କରେ ଓ ସଙ୍ଘ ପକ୍ଷରୁ ଶ୍ରମିକ ମାନଙ୍କ ପାଇଁ ଦିଆଯାଇଥିବା ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ଶ୍ରମିକମାନେ କିଭଳି ଉଚିତ ଦରମା ପାଇବା ସହିତ ଆନୁଷଙ୍ଗିକ ସୁବିଧା ସୁଯୋଗ ପାଇବେ ତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଆଲୋଚନା ସମସ୍ତଙ୍କ ସହଯୋଗରେ ସଫଳ ହୋଇଥିବାରୁ ଓ ଆଗକୁ ବଢିଥିବାରୁ ଉପସ୍ଥିତ ସମସ୍ତ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଶ୍ରୀ ସର୍ଖେଲ କୃତଜ୍ଞତା ଜଣାଇଛନ୍ତି।

## ପାରାଦୀପ ବନ୍ଦର ପ୍ରାଧିକରଣ-ସିଇଏମ୍‌ଏସ୍ ସହଯୋଗରେ ଯୁବ ସଶକ୍ତୀକରଣ

ପାରାଦୀପ, ୯।୪(ସମିସ): ପାରାଦୀପ ବନ୍ଦର ପ୍ରାଧିକରଣ, ‘ସେଣ୍ଟର ଅଫ୍ ଏକ୍ସଲେନ୍ସ ଇନ୍ ମାରିଟାଇମ୍ ଆଣ୍ଡ ସିପ୍ ବିଲ୍ଡିଂ’ (ସିଇଏମଏସ) ର ସହଯୋଗରେ ଏହାର ସିଏସ୍‌ଆର୍ ପାଣ୍ଠି ଦ୍ୱାରା ପରିଚାଳିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ପ୍ରଥମ ପ୍ରଶିକ୍ଷଣ ବ୍ୟାଚ୍ ସଫଳତାର ସହ ଶେଷ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଛି। ସାମୁଦ୍ରିକ ଏବଂ ଲଜିଷ୍ଟିକ୍ସ କ୍ଷେତ୍ରରେ ବଢୁଥିବା ଚାହିଦାକୁ ଦୃଷ୍ଟିରେ ରଖି ସ୍ଥାନୀୟ



ଯୁବକଯୁବତୀଙ୍କ ନିଯୁକ୍ତି ସୁଯୋଗ ବୃଦ୍ଧି କରିବା ପାଇଁ ଏହି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଏହି ପଦକ୍ଷେପର ଅଭୁତପୂର୍ବ ସଫଳତା ପ୍ରଦର୍ଶନ କରି, ପ୍ରଥମ ପର୍ଯ୍ୟାୟରେ ମନୋନୀତ ୧୬୮ ଜଣଙ୍କ ମଧ୍ୟରୁ ପ୍ରଥମ ବ୍ୟାଚ୍‌ର ୨୫ ଜଣ ଛାତ୍ରଛାତ୍ରୀ ୧୦୦ପ୍ରତିଶତ ନିଯୁକ୍ତି ହାସଲ କରିଛନ୍ତି। ଅଧିକାଂଶ ପ୍ରଶିକ୍ଷାର୍ଥୀ, ଯେଉଁମାନଙ୍କ ବୟସ ୨୦ ରୁ ୨୨ ବର୍ଷ ମଧ୍ୟରେ, ସେମାନେ କୋଏମ୍ବାଟୁର, ହୋସୁର, ହାଇଦ୍ରାବାଦ, କୋଲକାତା, ବାଙ୍ଗାଲୋର ଏବଂ ବିଶାଖାପାଟଣା ଭଳି ପ୍ରମୁଖ ସହରଗୁଡ଼ିକରେ ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳା କ୍ଷେତ୍ରରେ ନିଯୁକ୍ତି ପାଇଛନ୍ତି। ପାରାଦୀପ ବନ୍ଦରରେ ଗୁରୁବାର ଦିନ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଶିକ୍ଷାର୍ଥୀଙ୍କ ସଫଳତାକୁ ସ୍ୱୀକୃତି ଦିଆଯାଇଥିଲା ଏବଂ 'ସପ୍ଲାଏ ଚେନ୍ ମ୍ୟାନେଜମେଣ୍ଟ' କାର୍ଯ୍ୟକ୍ରମ ସଫଳତାର ସହ ଶେଷ କରିଥିବା ୨୫ ଜଣ ପ୍ରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହା ଏହି ବୃହତ ପ୍ରଶିକ୍ଷଣ ଅଭିଯାନର ପ୍ରଥମ ପର୍ଯ୍ୟାୟକୁ ପ୍ରତିଫଳିତ କରିଛି।“ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ, ଉପାଧ୍ୟକ୍ଷ ଟି.ଭେନୁଗୋପାଳ, ସଚିବ କୃଷ୍ଣା ବାପି ରାଜୁ ଜି ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସିଇଏମଏସ ପକ୍ଷରୁ ଅବସରପ୍ରାପ୍ତ ମୁଖ୍ୟ ପରିଚାଳନା ଅଧିକାରୀ କମାଣ୍ଡର ଗୋପୀ କ୍ରିଷ୍ଣା ସିଭମ୍ ଏବଂ ଅନ୍ୟାନ୍ୟ ବରିଷ୍ଠ ସଦସ୍ୟମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି ପାରାଦୀପ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ କହିଛନ୍ତି ଯେ, ଏହି ଅଭିଯାନ ସ୍ୱତନ୍ତ୍ର ଭାବେ ଓଡ଼ିଶାର ଯୁବକଯୁବତୀଙ୍କ ପାଇଁ ଉଦ୍ଦିଷ୍ଟ। ସେ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ରାଜ୍ୟର ଯୁବପିଢ଼ିଙ୍କ ପାଇଁ ଆର୍ଥିକ ସ୍ୱାଧୀନତା ଏବଂ ବୃତ୍ତିଗତ ଅଭିବୃଦ୍ଧି ଦିଗରେ ଏକ ପ୍ରମୁଖ ପଦକ୍ଷେପ। ପାରାଦୀପ ବନ୍ଦର ପ୍ରାଧିକରଣର ଏହି କାର୍ଯ୍ୟକ୍ରମ ପାଇଁ ଚଳିତ ବର୍ଷ ୪୦ ଲକ୍ଷ ଟଙ୍କା ଆବଣ୍ଟନ କରିଛି। ବର୍ତ୍ତମାନ ଏକାସାଙ୍ଗରେ ଛଅଟି ବ୍ୟାଚ୍ ଚାଲିଛି, ଯେଉଁଥିରେ ବାର୍ଷିକ ପ୍ରାୟ ୧୪୦ ରୁ ୧୬୦ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଏହାର ସଫଳତାକୁ ଦେଖି ବନ୍ଦର ପକ୍ଷରୁ ସିଇଏମଏସ କୁ ଜାହାଜ ନିର୍ମାଣ, ଜାହାଜ ମରାମତି ଏବଂ ସାମୁଦ୍ରିକ କାର୍ଯ୍ୟକଳାପକୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବାକୁ ଉତ୍ସାହିତ କରାଯାଇଛି। ସୂଚନାଯୋଗ୍ୟ ଯେ, ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଦ୍ୱାରା ସମର୍ଥିତ ଏବଂ ଇଣ୍ଡିଆନ୍ ରେଜିଷ୍ଟର ଅଫ୍ ସିପିଂ ଦ୍ୱାରା ପ୍ରୋତ୍ସାହିତ ସିଇଏମଏସ, ୨୦୧୯ ମସିହାରୁ ସାରା ଦେଶରେ ୨୫ହଜାର ରୁ ଅଧିକ ପ୍ରାର୍ଥୀଙ୍କୁ ପ୍ରଶିକ୍ଷଣ ଦେଇସାରିଛି। ଏହି ପଦକ୍ଷେପ ଆଗାମୀ ଦିନରେ ଅଧିକ ବ୍ୟାଚ୍ ସହିତ ଜାରି ରହିବ, ଯାହା ସ୍ଥାନୀୟ କର୍ମଜୀବୀଙ୍କ ବିକାଶରେ ସହାୟକ ହେବା ସହ ଅଞ୍ଚଳର ଶିଳ୍ପ ଅଭିବୃଦ୍ଧିରେ ସହଯୋଗ କରିବ ବୋଲି ପାରାଦୀପ ବନ୍ଦର ପ୍ରାଧିକରଣ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରୁ ପ୍ରକାଶ।

## ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ବୈଠକ

ତିର୍ତ୍ତୋଲ, ୯।୪(ସମିସ): ତିର୍ତ୍ତୋଲ ବ୍ଲକ୍ ବୋଧେଇ ପଞ୍ଚାୟତର ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ନୂଆ ପୋଖରୀର କାର୍ଯ୍ୟନିର୍ବାହୀ କମିଟିର ବୈଠକ ସଭାପତି ଡ. ରବୀନ୍ଦ୍ର କୁମାର ପ୍ରହରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ବିଷ୍ଣୁ ପ୍ରସାଦ କାନୁନ୍‌ଗୋ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପଞ୍ଜୀକୃତ ହେବା ପରେ ସଙ୍ଘର ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ପାଇଁ ତହସିଲଦାରଙ୍କ ନିକଟରେ ବିଚାରଧୀନ ଥିବା ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। କୋଷାଧ୍ୟକ୍ଷ ହେମନ୍ତ କୁମାର ବର୍ଦ୍ଧନ ୨୦୨୫-୨୬ ଆର୍ଥିକ ବର୍ଷର ଆୟବ୍ୟୟର ବିବରଣୀ



ପ୍ରଦାନ କରିଥିଲେ। ସ୍ଥାନୀୟ ଅଞ୍ଚଳରୁ ନିଶା ନିବାରଣ ଓ ଆଗମୀ। ବର୍ଷା ଋତୁରେ ଚାରା ରୋପଣ ନିମନ୍ତେ କ୍ଷେତ୍ର ପ୍ରସ୍ତୁତି କରିବା ପାଇଁ ସୁରେଶ ଚନ୍ଦ୍ର ଯୋଗଣିଆ ଓ ନିରଞ୍ଜନ ବିଶ୍ୱାଳ ଗୁରୁତ୍ୱାରୋପ କରିଥିଲେ। ରାଧୂଗଡ଼ାସ୍ଥିତ ପତିତପାବନ ମନ୍ଦିର ପରିସର ସଫେଇ କରିବା ପାଇଁ ଯୁଗ୍ମ ସମ୍ପାଦକ ଗୋପାଳ ଚରଣ ପଟ୍ଟନାୟକଙ୍କ ପ୍ରସ୍ତାବ ଗୃହୀତ ହୋଇଥିଲା। ଉପ ସଭାପତି ପଦ୍ମ ଚରଣ ବିଶ୍ୱାଳ ସଂଘରେ ନୂତନ ସଦସ୍ୟ ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ନିମାଇଁ ଚରଣ ଖଟୁଆ, ଶରତ ଚନ୍ଦ୍ର ସେଠୀ ପ୍ରମୁଖ ନିକଟରେ ଅବସର ଗ୍ରହଣ କରିଥିବା ବ୍ୟକ୍ତିମାନଙ୍କ ନାମ ଉଲ୍ଲେଖ କରିଥିଲେ। ବରିଷ୍ଠ ସଭ୍ୟ ବୃନ୍ଦାବନ ତାରେଣୀଆ ସଙ୍ଘର କାର୍ଯ୍ୟ ପାଇଁ ଅନ୍ୟ ଗୃହର ଜରୁରୀ ଆବଶ୍ୟକତା ବିଷୟ ଦର୍ଶାଇଥିଲେ। ଜଗନ୍ନାଥ ଦାଶ ଧନ୍ୟବାଦ୍ ଦେଇଥଲେ।

## ନବ ପ୍ରଭାତ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ପାରାଦୀପ, ୯।୪(ସମିସ): ପାରାଦୀପ ବୃନ୍ଦାବନ କଲୋନୀ ଠାରେ ଥିବା ନବ ପ୍ରଭାତ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଆଜି ସନ୍ଧ୍ୟାରେ ପାଳିତ ହୋଇ ଯାଇଛି। ବିଦ୍ୟା ମନ୍ଦିରର ପରିସରରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ସାଂସଦ ଡ. ବିଭୁପ୍ରସାଦ ତରାଇ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ବିଶିଷ୍ଟ ଶିକ୍ଷାବିତ ମନୋରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ସିଆରସିସି ସୁକାନ୍ତ କୁମାର ସ୍ୱାଇଁ, କାଉନସିଲର ଅଜିତ ଷଡ଼ଙ୍ଗୀ, କାଉନସିଲର ସୁବ୍ରତ ପ୍ରଧାନ, ବିଦ୍ୟା ମନ୍ଦିର ପରିଚାଳନା କମିଟିର ସମ୍ପାଦକ ମହେନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟା ମନ୍ଦିରର ପ୍ରଧାନ ଶିକ୍ଷୟିତ୍ରୀ ବବିତା ଜେନାଙ୍କ ସଭାପତିତ୍ୱ କାର୍ଯ୍ୟକ୍ରମ ଆୟୋଜିତ ଆୟୋଜିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।ଶେଷରେ ବିଦ୍ୟା ମନ୍ଦିରର କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଅତ୍ୟାଧୁନିକ ମେଡିକାଲ ପ୍ରତିଷ୍ଠା ଦାବି ଜୋର୍ ଧରିଲା

# ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଲା ଏନ୍‌ବିଏସ୍ ଟ୍ରଷ୍ଟ

ପାରାଦୀପ, ୯।୪(ସମିସ)



ପାରାଦୀପ ବନ୍ଦର ସହିତ ଜାତୀୟ ଅନ୍ତର୍ଜାତୀୟ ସ୍ତରର ଶିଳ୍ପସଂସ୍ଥାନ ଆଜି ପାରାଦୀପକୁ ବିଶ୍ୱରେ ଏକ ବାଣିଜ୍ୟ ହବ ଭାବରେ ପରିଗଣିତ କରିଛି। ପାରାଦୀପ ବନ୍ଦର ମଧ୍ୟ ସର୍ବଭାରତୀୟ ବୃହତ ବନ୍ଦର ମଧ୍ୟରେ ପ୍ରମୁଖ ବନ୍ଦର ଭାବରେ ତାର ପରିଚୟ ହାସଲ କରିଛି। ମାତ୍ର ଏହି ଅଞ୍ଚଳର ସ୍ୱାସ୍ଥ୍ୟସେବା ଆଜି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଗୋଟିଏ ପଟେ ଶିଳ୍ପ କାରଖାନାରୁ ନିର୍ଗତ ହେଉଥିବା ଧୂଳି, ଧୂଆଁ, ରାସାୟନିକ ବର୍ଜ୍ୟବସ୍ତୁ ର ପ୍ରଭାବରେ ପାରାଦୀପ ସମେତ ପାରାଦୀପ ଉପକଣ୍ଠ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟସେବା ପାଇଁ ଭଲ ଡାକ୍ତରଖାନାଟିଏ ନାହିଁ। ଫଳରେ ଗ୍ରାମାଞ୍ଚଳର ଲୋକମାନେ ଅନେକ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ହେଉଛନ୍ତି। ସଡ଼କ ଦୁର୍ଘଟଣା କଥା ନା କହିଲେ ଭଲ। ଦୈନନ୍ଦିନ କଟକ ପାରାଦୀପ ହେଉ କିମ୍ବା ଚଣ୍ଡିଖୋଲ ପାରାଦୀପ ରାଜରାସ୍ତାରେ ବହୁ ଦୁର୍ଘଟଣା ଘଟି ଅନେକ ନିରୀହ ଜୀବନ ଯାଉଛି। ଏହାର ପ୍ରମୁଖ କାରଣ ହେଉଛି ପାରାଦୀପ ଅଞ୍ଚଳରେ ରହିଥିବା ମେଡିକାଲଗୁଡ଼ିକର ବିକଳ ସ୍ୱାସ୍ଥ୍ୟସେବା। ଦୁର୍ଘଟଣାଗ୍ରସ୍ତଙ୍କୁ ମେଡିକାଲକୁ ଆଣିଲେ କିଛି ନ ଦେଖି ଆଶୁ ଚିକିତ୍ସା ପରେ ସେମାନଙ୍କୁ କଟକ ମେଡିକାଲ ପଠାଇ ଦିଆଯାଉଛି। କଟକ ମେଡିକାଲ ପାରାଦୀପରୁ ୧୦୦ କିମି ହୋଇଥିବାରୁ ଅଧାବାଟରେ ହିଁ ଅନେକଙ୍କ ଜୀବନ ଅକାଳରେ ଚାଲିଯାଉଛି। ଯାହାକୁ ନେଇ ପାରାଦୀପ ଅଞ୍ଚଳରେ ଏକ ମେଡିକାଲ ସହିତ ମେଡିକାଲ କଲେଜ ଖୋଲିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ପାରାଦୀପ ଅଞ୍ଚଳରେ ପାରାଦ୍ୱୀପ ବନ୍ଦରକୁ ଭିତ୍ତିକରି ଅନେକଗୁଡ଼ିକ ଶିଳ୍ପ କାରଖାନା ଗଢ଼ି ଉଠିଛି। ଯାହାଫଳରେ ଶିଳ୍ପଜନିତ ପ୍ରଦୂଷଣ କାରଣରୁ ପାରାଦୀପବାସୀ ଅନେକ ଦୁରାରୋଗ୍ୟରେ ପୀଡ଼ିତ ହେଉଛନ୍ତି। ଏହି ଅଞ୍ଚଳରେ ଶିଳ୍ପ ସ୍ଥାପନ କାରଣରୁ ଏ ଅଞ୍ଚଳବାସୀ ହଜାର ହଜାର ଏକର ଜମି ଦେବା ଫଳରେ ପୂର୍ବରୁ ଜୀବିକା ନିର୍ବାହ ପାଇଁ ଉଦ୍ଦିଷ୍ଟ ପାନ ଚାଷ, ମାଛ ଚାଷ, ଧାନ ଚାଷ ହରାଇ ବେକାରୀ ହୋଇ ଦୁଃଖ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ଅନେକ ଶିଳ୍ପ ସ୍ଥାପନ ହୋଇ ପାରିଛି ସତ, ସ୍ୱାସ୍ଥ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ସରକାର ସମ୍ପୂର୍ଣ୍ଣ ଉଦାସୀନ ଏବଂ ବିଫଳ ହୋଇଛନ୍ତି। ସରକାର ବଦଳିବା ପରେ ପାରାଦୀପ ଅଞ୍ଚଳର କୌଣସି ଶିକ୍ଷିତ ଯୁବକ ଶିଳ୍ପ ସଂସ୍ଥାରେ ନିଯୁକ୍ତି ପାଇ ନାହାନ୍ତି। ବରଂ ଶିଳ୍ପ ସଂସ୍ଥା ଗୁଡ଼ିକ ଅଣଓଡ଼ିଆଙ୍କୁ ଆଣି ଏଠାରେ ନିଯୁକ୍ତି ଦେଉଛନ୍ତି। ଆଜି କୁଜଙ୍ଗ ଅଞ୍ଚଳର ଗାନ୍ଧୀ ଭାବରେ ପରିଚିତ ନାରାୟଣ ବୀରବର ସାମନ୍ତଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ କୁଜଙ୍ଗ, ନାରାୟଣ ବୀରବର ସାମନ୍ତ (ଏନ୍‌ବିଏସ୍) ଟ୍ରଷ୍ଟ ତରଫରୁ ତିର୍ତ୍ତୋଲ ଏବଂ ପାରାଦ୍ୱୀପ ଅଞ୍ଚଳରେ ସରକାରୀ ମେଡିକାଲ କଲେଜ ଏବଂ ସରକାରୀ ମେଡିକାଲ ସ୍ଥାପନ କରାଯିବା ସହିତ ଉକ୍ତ ମେଡିକାଲ କଲେଜ ସହିତ ମେଡିକାଲକୁ ଏ ଅଞ୍ଚଳର ବରପୁତ୍ର ନାରାୟଣ ବୀରବର ସାମନ୍ତଙ୍କ ନାମରେ ନାମିତ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଉକ୍ତ ମେଡିକାଲ କଲେଜରେ ଏମ୍. ବି.ବି.ଏସ୍.. ବି.ବି.ଏସ୍., ଫାର୍ମାସିଷ୍ଟ ଏବଂ ନର୍ସିଂ ବିଭାଗ ଖୋଲାଯିବା ସହିତ ଉକ୍ତ ମେଡିକାଲ କଲେଜରେ ଏ ଅଞ୍ଚଳର ବେକାର ଯୁବକ/ଯୁବତୀ ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପ୍ରଦାନ କରିବାକୁ ଦାବି କରିବା ସହିତ ଯଥାଶୀଘ୍ର ଏହି ଦାବିଗୁଡ଼ିକୁ ସହୃଦୟତାର ସହିତ ବିଚାରକୁ ନେଇ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ଜିଲ୍ଲପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଟ୍ରଷ୍ଟର ମୁଖ୍ୟ ଆଡ୍‌ଭୋକେଟ ଦେବବ୍ରତ ସାହୁଙ୍କ ସହିତ ଚିତ୍ତରଞ୍ଜନ ମଲ୍ଲିକ, ସାଗର ବିଶ୍ୱାଳ ଏବଂ ସଂଗଠନର ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଲକ୍ଷ୍ମୀନାରାୟଣ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ



ଧାମନଗର, ୯।୪(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ରାଧାବଲ୍ଲଭପୁର ପଞ୍ଚାୟତ ଅଧୀନସ୍ଥ ମିର୍ଜାପୁର ଓ ତାଳପଦା ଗାଁର ମଧ୍ୟସ୍ଥଳରେ ଅବସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରର ୫ମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ମହାଆଡ଼ମ୍ବର ଓ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ମନ୍ଦିରର ପ୍ରତିଷ୍ଠାତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାଗିରଥି ଯେନାଙ୍କ ସଞ୍ଚାଳନାରେ ଆୟୋଜିତ ଏହି ଉତ୍ସବରେ ଶୁଭ୍ରାଂଶୁ ଶେଖର ଯେନା ଓ ପ୍ରୀତିମୟୀ ଯେନା କର୍ତ୍ତା ଭାବେ କାର୍ଯ୍ୟ ତୁଲାଉଥିଲେ। ଏହି ଅବସରରେ ୪ ଜଣ ବ୍ରାହ୍ମଣଙ୍କ ଦ୍ୱାରା ବିଭିନ୍ନ ପୂଜାର୍ଚ୍ଚନା, ଯଜ୍ଞ ଓ ଧାର୍ମିକ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏହି ଉତ୍ସବରେ ସ୍ଥାନୀୟ ଭକ୍ତମାନଙ୍କର ବିଶେଷ ଭିଡ଼ ଦେଖିବାକୁ ମିଳିଥିଲା। ଏହି ଧାର୍ମିକ କାର୍ଯ୍ୟକ୍ରମରେ ୟୁକୋ ବ୍ୟାଙ୍କ ଶାଖାର ପରିଚାଳକ ଦେବସ୍ମିତା ମହାପାତ୍ର, ସାମ୍ବାଦିକ ସଞ୍ଜୀବ ମହାନ୍ତି, ପୂର୍ବତନ ସରପଞ୍ଚ ବିଶ୍ୱରଞ୍ଜନ ଘଡ଼ାଇ, ନାରୀ ନେତ୍ରୀ ଓ ସମାଜସେବୀ ରେବତୀ ଷଡ଼ଙ୍ଗୀ, ସୁପ୍ରଭା ଯେନା, ଆଲୋକ ଯେନା, ଶୁଭଶ୍ରୀ ଯେନା, ଅପୂର୍ବ ରଞ୍ଜନ ଯେନା ଓ ସ୍ଥାନୀୟ ଗ୍ରାମବାସୀ, ସମାଜସେବୀ, ବୁଦ୍ଧିଜୀବୀମାନେ ଉପସ୍ଥିତ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ।

## ‘ଆମେ ଜାଣିବା ଆମ ବଜେଟ’ କାର୍ଯ୍ୟକ୍ରମ

ଦୋଳସାହି, ୯।୪(ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତି ପଞ୍ଚାୟତରେ ଅନୁଷ୍ଠିତ ହେଉଛି ‘ଆମେ ଜାଣିବା ଆମ ବଜେଟ’ କାର୍ଯ୍ୟକ୍ରମ। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତର ସଦାନନ୍ଦପୁର ଗାଁରେ ବୁଧବାର ସରକାରଙ୍କ ଏହି ‘ଆମେ ଜାଣିବା ଆମ ବଜେଟ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ନାଏବ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ, ପଞ୍ଚାୟତ ଅଧିକାରୀ ଅରୁଣ ପଣ୍ଡା, ଜିଆର୍‌ଏସ୍ ସଂଯୁକ୍ତା ମହାଳିକ, ସିଆର୍‌ପି ସବିତା ନାୟକ, ସୂର୍ଯ୍ୟମଣୀ ସେଠୀ ଓ ସରପଞ୍ଚଙ୍କ ପ୍ରତିନିଧି ରଞ୍ଜିତ୍ ଜେନା ପ୍ରମୁଖ ଉପସ୍ଥିତ ଥିଲେ। କୁବେରା ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ହୋଇଥିଲାବେଳେ ପଞ୍ଚାୟତ ଅଧିକାରୀ ଦୀନବନ୍ଧୁ ମହାନ୍ତି, ଏସିଏମ୍ ଶଶିକାନ୍ତ ରାଉଳ, ଅଙ୍ଗନବାଡ଼ି କର୍ମୀ ବାସନ୍ତୀ ପଣ୍ଡା, ସରପଞ୍ଚ କୀର୍ତ୍ତିଚନ୍ଦ୍ର ସେଠୀ, ଯୁବନେତା ସାଇ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଚଳିତ ଆର୍ଥିକ ବର୍ଷରେ ପାନୀୟଜଳ, ଗ୍ରାମୀଣ ଭିତ୍ତିଭୂମି, ଗ୍ରାମୀଣ ଆବାସ, ପଞ୍ଚାୟତିରାଜ ବିଭାଗରେ ହେବାକୁ ଥିବା କାର୍ଯ୍ୟକ୍ରମରେ କେଉଁ କାର୍ଯ୍ୟକ୍ରମରେ କେତେ ଟଙ୍କା ବଜେଟ ହେବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା।

## ବୀଣାପାଣି ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟାପକ ପଦ ଖାଲି

ଦୋଳସାହି, ୯।୪(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତରେ ଅବସ୍ଥିତ ବୀଣାପାଣି ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଭିନ୍ନ ବିଭାଗରେ ଅଧ୍ୟାପକ ପଦ ଖାଲି ପଡ଼ିଥିବା ଯୋଗୁଁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବା ଜଣାପଡ଼ିଛି।




ସୂଚନାଯୋଗ୍ୟ, ଗୁଆମାଳ ବୀଣାପାଣି ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏବେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ଜଣାଯାଇଛି। ଏହି ମହାବିଦ୍ୟାଳୟରେ ସଂସ୍କୃତ, ସାହିତ୍ୟ ବିଭାଗରେ ୨ଜଣ, ଇତିହାସରେ ଜଣେ, ଇଂରାଜୀରେ ଜଣେ ଓ ବ୍ୟାକରଣ ବିଭାଗରେ ଜଣେ ଅଧ୍ୟାପକ ପଦ ଅଭାବ ଥିବା ଜଣାଯାଇଥିଲା ବେଳେ ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ସମସ୍ତ ପଦ ପୂରଣ ପାଇଁ ସାଧାରଣରେ ଦାବି ହେଉଛି।

## ବିଦ୍ୟାଳୟର ବାର୍ଷିକ ଉତ୍ସବ




ତିହିଡ଼ି, ୯।୪(ସମିସ): ତିହିଡ଼ି ବ୍ଲକ୍ ଭାଟପଡ଼ା ପଞ୍ଚାୟତ ଅଧୀନ ହରିପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସ୍ନେହଲତା ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସାମ୍ବାଦିକ ରାମନାରାୟଣ ନାୟକ ମୁଖ୍ୟ ଅତିଥି, ରାଜନେତା ତଥା ପୁରାତନ ଛାତ୍ର ସଂସଦର ସଭାପତି ସରୋଜ କୁମାର ଦାସ, ସିଆର୍‌ସିସି ତ୍ରିନାଥ ସେଠ ଓ ସମାଜସେବୀ ଶିବ ପ୍ରସାଦ ବଳ ସମ୍ମାନିତ ଅତିଥି, ଡ. ଅମୂଲ୍ୟ ସେନାପତି ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ଦୀନବନ୍ଧୁ ବାରିକ ଅତିଥିମାନଙ୍କୁ ମଞ୍ଚ ଆବାହନ କରିବା ସହ ବାର୍ଷିକ ବିବରଣୀ ପ୍ରଦାନ କରିଥିବାବେଳେ ଶିକ୍ଷକ ରାମ ପ୍ରସାଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା କମିଟି ଅଧ୍ୟକ୍ଷ ସୁଶୀଲ ଦାସ, ଶିକ୍ଷୟିତ୍ରୀ ସାବିତ୍ରୀ ଖଟୁଆ, ଅଶୋକ ପାଣିଗ୍ରାହୀ, ଗୀତାଞ୍ଜଳି ଦାସ, ସୌଦାମିନୀ ସେଠୀ, ସଙ୍ଗୀତା ନାୟକ, ସସ୍ମିତା ବାରିକ, ପ୍ରତିମା ବଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ୧୫ ହଜାର ହେକ୍ଟର ଖରିଫ ଧାନ ଚାଷ ପାଇଁ ଲକ୍ଷ୍ୟ

# ପ୍ରତିକୂଳ ପାଗକୁ ନେଇ ଚିନ୍ତାରେ ଚାଷୀ

ଅସୁରାଳି, ୯।୪(ସମିସ)



ଧାମନଗର ବ୍ଲକ୍‌ର ଅଧିକାଂଶ ଅଞ୍ଚଳ ଅଣ ଜଳସେଚିତ ହୋଇଥିବାରୁ ସେମାନେ ବିଶେଷତଃ ନଦୀ, ତୁଆ ଓ ବର୍ଷା ଜଳ ଉପରେ ନିର୍ଭର କରିଥା’ନ୍ତି। ତଳିଆ ଅଞ୍ଚଳରେ ପ୍ରତିବର୍ଷ ବନ୍ୟା ଯୋଗୁଁ ଧାନ ଫସଲ ଧୋଇଯାଏ। ସେଥିପାଇଁ ସେହିସବୁ ଅଞ୍ଚଳରେ ୨/୩ ଥର ତଳି ରୋଇବାକୁ ପଡ଼ିଥାଏ। ବିହନ ମିଳିବାରେ ବିଳମ୍ବ ହେତୁ ଲୋକେ ଆଛରା ତଳି ପଳାଇବାକୁ ବାଧ୍ୟ ହୋଇଥାନ୍ତି। କିନ୍ତୁ ଆଛରା ତଳିରେ ଉଚିତ୍ ପରିମାଣରେ ଫସଲ ଅମଳ ହୋଇ ନ ଥାଏ। ବର୍ତ୍ତମାନ ସୁଦ୍ଧା ଅନିୟମିତ ବର୍ଷା କାରଣରୁ ଚାଷୀ ଘରୁ ବିହନ ମୁଠାଏ ଘରୁ କାଢ଼ିପାରୁନି। କେନାଲ ସୁବିଧା ଥିବା ଅଞ୍ଚଳରେ ମଧ୍ୟ ଉପଯୁକ୍ତ ସମୟରେ ସଠିକ୍ ଜଳ ପରିଚାଳନା ହେଉ ନ ଥିବାରୁ ଏ ଅଞ୍ଚଳରେ ଘୋର୍ କ୍ଷତି ହେଉଥିବା ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କେନାଲ ଡିଭିଜନ ଦାୟିତ୍ୱରେ ଥିବା ଅଧିକାରୀମାନେ ସମୟ ପୂର୍ବରୁ କୌଣସି ବର୍ଷ ତ୍ରୁଟି ସୁଧାରୁ ନାହାନ୍ତି। ଯାହାକୁ ନେଇ ସବୁ ସମୟରେ ଅସନ୍ତୋଷ ଦେଖାଦେଉଛି।

ସରକାରୀ ରିଆତି ବିହନ ପାଇବାକୁ ପଞ୍ଜୀକରଣ କରିଥିବା ଚାଷୀମାନେ ଅଦ୍ୟାବଧି ଡିଲରମାନଙ୍କଠାରୁ ବିହନ ପାଇବାକୁ ସକ୍ଷମ ହୋଇପାରି ନାହାନ୍ତି। ବ୍ଲକ୍ କିମ୍ବା ଡିଲରମାନଙ୍କଠାରୁ କେବେ ବିହନ ମିଳିବ ତାହାର ମଧ୍ୟ କୌଣସି ସଠିକ୍ ନିର୍ଦ୍ଧାରିତ ସମୟ କାହାକୁ ଜଣାନାହିଁ। ତେଣୁ ଚାଷୀ ଏବେ ଚିନ୍ତାରେ। ସରକାରୀ ବିହନରେ ସବ୍‌ସିଡି ଚାଷୀର ଆକାଉଣ୍ଟ୍ କୁ ଆସିବାର ଥିଲେ ବି କ୍ୱିଣ୍ଟାଲ ପ୍ରତି ୩୩୦୦ ଟଙ୍କା ଏବଂ ୩୪୦୦ ଟଙ୍କା ରଖାଯାଇଛି। ଯାହାକି ଚାଷୀମାନଙ୍କ ପାଇଁ ଅଧିକ ହୋଇଯାଇଛି। ତା’ ଛଡ଼ା ସାର ଓ କୀଟନାଶକର ଅହେତୁକ ମୂଲ୍ୟ ବୃଦ୍ଧି ସାଙ୍ଗକୁ ସାରର ଘୋର୍ ଅଭାବ ଓ କଳାବଜାରରେ ବିକ୍ରି ଚାଷୀ ପାଇଁ ବେଡ଼ି ଉପରେ କୋରଡ଼ା ମାଡ଼ ସଦୃଶ ହୋଇ ପଡୁଛି। ଫଳରେ ଅନେକ ଚାଷୀ ଚାଷ ଉପରୁ ମୁହଁ ଫେରାଇ ନେବାକୁ ବାଧ୍ୟ ହେଉଛନ୍ତି। ତେବେ ଉପଯୁକ୍ତ ବିହନ ଯୋଗାଇଦେବା ସହିତ ବିଭିନ୍ନ କେନାଲରେ ଥିବା ଅବ୍ୟବସ୍ଥା ତ୍ରୁଟିଗୁଡ଼ିକୁ ସମୟ ପୂର୍ବରୁ ସଜାଡ଼ି ନେବାକୁ ଚାଷୀମାନେ ଦାବି ରଖିଛନ୍ତି। ଧାମନଗର ବ୍ଲକ୍‌ରେ ପ୍ରବାହିତ କୋଚିଲା, ରେବ, କପାଳୀ, ଗେଙ୍ଗୁଟି, ବୈତରଣୀ ନଦୀ ଓ ଶାଖା ନଦୀଗୁଡ଼ିକର ନଦୀବନ୍ଧ ଅନେକ ସ୍ଥାନରେ ଦୁର୍ବଳ ରହିଛି। ବର୍ଷା ଋତୁରେ ନଦୀ ବଢ଼ିଲେ ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହୋଇ ତଳିଆ ଅଞ୍ଚଳରେ ଧାନ ଚାଷରେ ବ୍ୟାପକ କ୍ଷତି ଘଟୁଛି। ତେଣୁ ସମୟ ପୂର୍ବରୁ ସେଗୁଡ଼ିକର ମରାମତି, ସ୍ଲୁଇସ୍‌ଗୁଡ଼ିକର ମରାମତି ପାଇଁ ମଧ୍ୟ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଧାମନଗର ବ୍ଲକ୍‌ର ଚାଷୀମାନେ ପ୍ରଶାସନକୁ ଅନୁରୋଧ ଜଣାଇଛନ୍ତି। ଏ ସମ୍ପର୍କରେ ବ୍ଲକ୍ କୃଷି ଅଧିକାରିଣୀ ଅନୁରାଧା ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ଏଥର ୧୫ ହଜାର ହେକ୍ଟର ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ଅକ୍ଷୟ ତୃତୀୟା ପୂର୍ବରୁ ବିହନ ସମସ୍ତ ଡିଲର ପଏଣ୍ଟରେ ଉପଲବ୍ଧ ହେବ। କିନ୍ତୁ ବଡ଼ ସମସ୍ୟା ହେଉଛି ଆମ ପାଖରେ ଗୋଦାମ ଘର ନ ଥିବାରୁ ବଡ଼ ସମସ୍ୟାର ଆମେ ସମ୍ମୁଖୀନ ହେଉଛୁ। କୃଷି ସାମଗ୍ରୀ ରଖିବା ପାଇଁ ଆମକୁ ଅସୁବିଧା ହେଉଛି। କାର୍ଯ୍ୟାଳୟ ଭିତରେ ସାମଗ୍ରୀ ରହୁଥିବାରୁ ଆମକୁ କୌଣସି ସଭା ସମିତି କରିବା ପାଇଁ ଅସୁବିଧା ହେଉଛି।

### ତହସିଲ୍‌ଦାର ଓ ଯୋଗାଣ ଅଧିକାରୀଙ୍କ ମିଳିତ ଚଢ଼ଉ

## ୧୭ରୁ ଊର୍ଦ୍ଧ୍ୱ ଗ୍ୟାସ୍ ସିଲିଣ୍ଡର ଜବତ



ଧାମନଗର, ୯।୪(ସମିସ): ଧାମନଗର ବ୍ଲକ୍ ଓ ଏନ୍‌ଏସି ଅଞ୍ଚଳରେ ଯୁଦ୍ଧକୁ ନେଇ ପ୍ରାୟ ଏକ ମାସ ହେବ ଜାଳେଣି ଗ୍ୟାସ୍ ସଙ୍କଟ ଦେଖାଯାଇଛି। ଏହାର ସୁଯୋଗ ନେଇ ଧାମନଗର ଅଞ୍ଚଳରେ ଗ୍ୟାସ୍ କଳାବଜାରୀ ଏବଂ ବ୍ୟବସାୟୀମାନେ ବେଆଇନ ଭାବେ ଗ୍ୟାସ୍ ସିଲିଣ୍ଡର ଗଚ୍ଛିତ ରଖି କଳାବଜାରୀ ବେପାର କରି ମାଲାମାଲ ହେଉଛନ୍ତି। ବିଶେଷ ସୂତ୍ରରୁ ଖବର ପାଇ ବୁଧବାର ଧାମନଗର ତହସିଲ୍‌ଦାର, ଅତିରିକ୍ତ ତହସିଲ୍‌ଦାର ଓ ବ୍ଲକ୍ ଯୋଗାଣ ବିଭାଗ ପକ୍ଷରୁ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୧୭ରୁ ଊର୍ଦ୍ଧ୍ୱ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ ଜବତ ସିଲିଣ୍ଡରକୁ ନିକଟସ୍ଥ ଦେବୀ ଏଚ୍‌ପି ଗ୍ୟାସ୍ ଏଜେନ୍ସିକୁ ହସ୍ତାନ୍ତର କରାଯାଇଛି ବୋଲି ଧାମନଗର ତହସିଲ୍‌ଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ସୂଚନା ଦେଇଛନ୍ତି। ଏହି ଚଢ଼ଉ ବେଳେ ଅତିରିକ୍ତ ତହସିଲ୍‌ଦାର ସାଇସିଲୋନା, ବ୍ଲକ୍ ଯୋଗାଣ ଅଧିକାରୀ ରସାନନ୍ଦ ସାହୁ ଏବଂ ପୁଲିସ ଅଧିକାରୀ ମିଳିତ ଭାବେ ଉକ୍ତ ବେଆଇନ ଭାବେ ଗଚ୍ଛିତ ରଖିଥିବା ସିଲିଣ୍ଡରକୁ ଜବତ କରିଥିଲେ। ଆଗାମୀ ଦିନରେ ଧାମନଗର ଅଞ୍ଚଳରେ ଗ୍ୟାସ୍ କଳାବଜାରୀ କରୁଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ଚଢ଼ଉ ହେବ ବୋଲି ତହସିଲ୍‌ଦାର ଓ ଯୋଗାଣ ଅଧିକାରୀ କହିଛନ୍ତି।

## ନୂତନ ଥାନାଧିକାରିଣୀଙ୍କୁ ତିହିଡ଼ି ଯୁବମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା



ତିହିଡ଼ି, ୯।୪(ସମିସ): ତିହିଡ଼ି ଥାନାର ପ୍ରଥମ ମହିଳା ଥାନାଧିକାରିଣୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଲୋପାମୁଦ୍ରା ନାୟକଙ୍କୁ ସ୍ଥାନୀୟ ଅଗ୍ରଣୀ ସାମାଜିକ ସଂଗଠନ ‘ତିହିଡ଼ି ଯୁବମଞ୍ଚ’ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜଣେ ସୁଦକ୍ଷ ପୁଲିସ ଅଧିକାରିଣୀ ଭାବେ ବେଶ୍ ପରିଚିତ ଶ୍ରୀମତୀ ନାୟକଙ୍କ ସେବା ଓ ସାହିତ୍ୟ କ୍ଷେତ୍ରରେ ମଧ୍ୟ ଗଭୀର ରୁଚି ରହିଛି। ସମ୍ବର୍ଦ୍ଧନା ସମୟରେ ଥାନାଧିକାରିଣୀ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ ତିହିଡ଼ି ଅଞ୍ଚଳର ଉନ୍ନତି ଓ ଶାନ୍ତି ବଜାୟ ରଖିବା ତାଙ୍କର ପ୍ରାଥମିକତା ହେବ। ବିଶେଷ କରି ଚୋରା ମଦ, ଡ୍ରଗ୍ସ, କୋଇଲା ଚୋରା ଚାଲାଣ, ଜୁଆ, ଥାନାରୁ ଦଲାଲମୁକ୍ତ ଏବଂ ଗୋ-ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଯୁବମଞ୍ଚର ଉପଦେଷ୍ଟା ସଚିକାନ୍ତ ନାୟକ, ସଭାପତି କୈଳାସ ବେହେରା, ସମ୍ପାଦକ ନିରଞ୍ଜନ ବାରିକ, ଉପସଭାପତି ପ୍ରିୟବ୍ରତ ପାଢ଼ୀ, ସନାତନ ସାହୁ, ସୌମ୍ୟଗୋପାଳ ନାୟକ ପ୍ରମୁଖ ଉପସ୍ଥିତ ରହି ତାଙ୍କର ସଫଳ କାର୍ଯ୍ୟକାଳ କାମନା କରିଥିଲେ। ତିହିଡ଼ିକୁ ଏକ ଅପରାଧମୁକ୍ତ ଅଞ୍ଚଳ ଭାବେ ଗଢ଼ିତୋଳିବା ପାଇଁ ଯୁବମଞ୍ଚ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି କର୍ମକର୍ତ୍ତାମାନେ ମତପ୍ରକାଶ କରିଛନ୍ତି।

## ଗାଳ୍ପିକ ସଦାନନ୍ଦ ତ୍ରିପାଠୀଙ୍କୁ ଶ୍ରଦ୍ଧାଞ୍ଜଳି



ଭଦ୍ରକ, ୯।୪(ସମିସ): ଓଡ଼ିଆ ଗଳ୍ପ ସାହିତ୍ୟରେ ସଦାନନ୍ଦ ତ୍ରିପାଠୀ ଥିଲେ ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ। ଯୁକ୍ତିନିଷ୍ଠ ଶୈଳୀ ସାଙ୍ଗକୁ ଭିନ୍ନ ସ୍ୱାଦର କାହାଣୀ ରଚିବାରେ ସେ ଥିଲେ ସିଦ୍ଧହସ୍ତ। ତାଙ୍କ ଗଳ୍ପ ପଢ଼ିଲା ବେଳେ ଜୀବନ୍ତ ପରିବେଶଟିଏ ନିର୍ମାଣ ହୋଇଥାଏ ପାଠକର ମାନସପଟରେ। ଗୋଟିଏ ଶଗଡ଼ ଗୁଳାରେ ନ ଚାଲି ବାରମ୍ବାର ନିଜ ଗପର ମୋଡ଼ ବଦଳାଇଥିବା ତାଙ୍କ ଗଳ୍ପର ଭୂଗୋଳ ଓ ଭାଷା ତାଙ୍କ ସମକାଳୀନ ଗାଳ୍ପିକଙ୍କଠାରୁ ଭିନ୍ନ ଥିଲା ବୋଲି ନିକଟରେ ଦେହାବସାନ କରିଥିବା ସଦାନନ୍ଦ ତ୍ରିପାଠୀଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ମତ ପ୍ରକାଶ ପାଇଛି। ପ୍ରେମ ପୃଥିବୀ ପରିବାର ପକ୍ଷରୁ ସାବନ ବଜାରସ୍ଥିତ ଶ୍ରୀଅରବିନ୍ଦ ପାଠଚକ୍ର ଭବନରେ କଥାକାର ପବିତ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗାଳ୍ପିକ ଶୈଳେନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ପ୍ରାରମ୍ଭରେ ପ୍ରେମ ପୃଥିବୀର ସମ୍ପାଦକ କୈଳାଶ ଚନ୍ଦ୍ର ପଣ୍ଡା ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ପ୍ରଫେସର ଗୋଲକ ବିହାରୀ ସାହୁ, ଡା. ଦୁର୍ଯ୍ୟୋଧନ ଦାସ ଓ ବୈଲୋଚନ ଜେନା ସମ୍ମାନିତ ଅତିଥି ରୂପେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଧାକର ରାଉତ, ସୁଚିତ୍ରା ପାଣିଗ୍ରାହୀ, ବିଜୟ କୁମାର ବହଳି, ସନ୍ତୋଷ ହୋତା, ଗୟାଧର ପଣ୍ଡା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ନାଟ୍ୟକାର ଗୌରାଙ୍ଗ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। କୈଳାଶ ମହାପାତ୍ର, ଉପେନ୍ଦ୍ର ବାରିକ, ଆଦିତ୍ୟ ନାୟକ, ଉଦୟନାଥ ମହାନ୍ତି, ମୁକ୍ତିକାନ୍ତ ମହାପାତ୍ର, ଅଜିତ୍ ନାୟକ, ଆଦିତ୍ୟ ଗୋସ୍ୱାମୀ ପ୍ରମୁଖ ବହୁ ସାହିତ୍ୟ ପ୍ରେମୀ ଯୋଗଦେଇଥିଲେ।

## ତିହିଡ଼ି ବ୍ଲକ୍‌ସ୍ତରୀୟ ମନରେଗା ଜନଶୁଣାଣି



ତିହିଡ଼ି, ୯।୪(ସମିସ): ତିହିଡ଼ି ବ୍ଲକ୍‌ସ୍ତରୀୟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଜନଶୁଣାଣି ଶିବିର ଗୁରୁବାର ବ୍ଲକ୍ ସଭାଗୃହ ପରିସରରେ ବିଡିଓ ନିରଞ୍ଜନ ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଦ୍ରକ ଜିଲ୍ଲା ଏପିଡି (ପ୍ରଶାସନ) ଧନାଇ ଚରଣ ଟୁଡୁ, ଜିଲ୍ଲା ସାମାଜିକ ସମୀକ୍ଷା ଅଧିକାରୀ ସତ୍ୟଜିତ୍ ପୃଷ୍ଟି, ବିଡିଓ ନିରଞ୍ଜନ ବାରିକ, ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସ, ସହକାରୀ ଯନ୍ତ୍ରୀ ସୁକାନ୍ତ ସାହୁ ପ୍ରମୁଖ ଯୋଗଦେଇ ଗତବର୍ଷ ଏପ୍ରିଲ ୧ରୁ ସେପ୍ଟେମ୍ବର ୩୦ ତାରିଖ ମଧ୍ୟରେ କରାଯାଇଥିବା ୨୭ଟି ପ୍ରକଳ୍ପର ସମୀକ୍ଷା କରାଯାଇଥିଲା। ଏହି ପ୍ରକଳ୍ପରେ ଥିବା ଭୁଲ୍‌ଗୁଡ଼ିକ ଚିହ୍ନଟ କରାଯିବା ସହ ଆଗାମୀ ୭ ଦିନ ମଧ୍ୟରେ ଏହାର ସଂଶୋଧନ କରିବାକୁ ସୂଚନା ଦିଆଯାଇଥିଲା। ମନରେଗା ଯୋଜନାର ବ୍ଲକ୍ ସହକାରୀ ପ୍ରକଳ୍ପ ସମ୍ପ୍ରସାରଣ ଅଧିକାରୀ କାମିନୀ ନାୟକ, ମନରେଗା ସହାୟକ ସୁଧାଂଶୁ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଶିବିରରେ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତଙ୍କ ସମେତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଭିଆର୍‌ପି, ଜିଆର୍‌ଏସ୍‌ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ‘ଆସ ବହିଟିଏ କିଣିବା’ ଅଭିଯାନ



ଭଦ୍ରକ, ୯।୪(ସମିସ): ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଭଦ୍ରକ ଜିଲ୍ଲା ପ୍ରଶାସନଙ୍କ ମିଳିତ ଉଦ୍ୟମରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଭଦ୍ରକ ଜିଲ୍ଲାରେ ‘ଆସ ବହିଟିଏ କିଣିବା’ ଅଭିଯାନ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନଠାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନରେ କର୍ମକର୍ତ୍ତା, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉତ୍ସାହର ସହ ସହଭାଗୀ ହୋଇଥିଲେ। କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ବହି ପ୍ରତି ଆଗ୍ରହ ବୃଦ୍ଧି କରିବା ସହ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାରପ୍ରସାର କରିବା। ଏହି ଅବସରରେ ବିଭିନ୍ନ ପ୍ରକାରର ଓଡ଼ିଆ ପୁସ୍ତକ ପ୍ରଦର୍ଶନ ଓ ବିକ୍ରୟ କରାଯାଇଥିଲା ଏବଂ ଉପସ୍ଥିତ ଅତିଥିମାନେ ପୁସ୍ତକ କ୍ରୟ କରି ଅଭିଯାନକୁ ସମର୍ଥନ ଜଣାଇଥିଲେ। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ‘ଜଣା-ଅଜଣା’ କାର୍ଯ୍ୟକ୍ରମ ଆଧାରରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ଉପରେ ପ୍ରଶ୍ନ ପଚାରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ ବହିର ଉପକାରିତା ବିଷୟରେ କହି ଅନାବଶ୍ୟକ ଜିନିଷ ନ କିଣି ବହି କିଣିବାକୁ ପରାମର୍ଶ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୋଲକ ବିହାରୀ ସାହୁ, ସାରସ୍ୱତ ସାଧକ ପଣ୍ଡିତ ଦୈତାରୀ ମହାପାତ୍ର ଏବଂ ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ଅଧ୍ୟାପକ ଦତାତ୍ରେୟ ଦାସ ପ୍ରମୁଖ ପିଲାମାନଙ୍କୁ ବହି ପ୍ରତି ଆକୃଷ୍ଟ ହେବା ସହ କୃତ୍ରିମ ବୁଦ୍ଧିମତା (ଏଆଇ)ଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଉକ୍ତ ଉତ୍ସବରେ ବହିର ଆସର ଜମିଥିବାରୁ ପିଲାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ବହି କ୍ରୟ କରିଥିଲେ ଏବଂ ଜିଲ୍ଲାପାଳ ପିଲାମାନଙ୍କୁ ବହି ବଣ୍ଟନ କରିଥିଲେ। ଏହା ସହିତ ୭ଟି ବ୍ଲକ୍‌ର ଭାଗବତ ଟୁଙ୍ଗୀରୁ ଆସିଥିବା ସଦସ୍ୟମାନଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ଶ୍ରୀମଦ୍ ଭାଗବତ ଗୀତା ପ୍ରଦାନ କରାଯାଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ମଞ୍ଚ ପରିଚାଳନା କରିଥିବାବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

### ୨ ବର୍ଷ ହେଲା ଆଖଣ୍ଡଳମଣି ମନ୍ଦିର ଚୂଡ଼ାର ଆର୍ଥିଙ୍ଗ୍ ପ୍ଲେଟ୍ ଅଚଳ

# ବଜ୍ରପାତରେ ଭାଙ୍ଗି ଢଳିଗଲା ତ୍ରିଶୂଳ; ଅସୁରକ୍ଷିତ ଦଧିନଉତି

ଭଦ୍ରକ/ଆରଡ଼ି, ୯।୪(ସମିସ)



**କୁମ୍ଭକର୍ଣ୍ଣ ନିଦ୍ରାରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ**

ଗତ ୩ଦିନ ଧରି କାଳବୈଶାଖୀ ପ୍ରଭାବରେ ଘନଘନ ବଜ୍ରପାତରେ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ଚୂଡ଼ା ଦଧିନଉତିରେ ଲାଗିଥିବା ତ୍ରିଶୂଳର କିଛି ଅଂଶ ଭାଙ୍ଗିଯିବା ସହ ଗୋଟିଏ ପାର୍ଶ୍ୱକୁ ଢଳି ପଡ଼ିଛି। ଏପରି ଲାଗିଥିବା ନେତ ଛିଡ଼ିଯାଇ ଓହଳି ରହିଛି।

ସୂଚନା ଅନୁଯାୟୀ, ଦୀର୍ଘ ୨ବର୍ଷରୁ ଊର୍ଦ୍ଧ୍ୱ ହେବ ମନ୍ଦିରର ସୁରକ୍ଷା ପାଇଁ ଲାଗିଥିବା ଆର୍ଥିଙ୍ଗ୍ ପ୍ଲେଟ୍ ଅକାମୀ ହୋଇପଡ଼ିବା ଦ୍ୱାରା ବଜ୍ରପାତ ନିୟନ୍ତ୍ରଣ କରିପାରୁ ନ ଥିବା ଜଣାପଡ଼ିଛି। ଏପରି ସମସ୍ୟା ବାବଦରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପାଖରେ ଖବର ଥିଲେ ମଧ୍ୟ ବିଭାଗ ପକ୍ଷରୁ ମରାମତି କରାଯିବା ତ ଦୂରର କଥା କେହି ହେଲେ ଯାଞ୍ଚ କରିବାକୁ ଆସୁନାହାନ୍ତି। ଆଗକୁ ଯଦି ବଡ଼ ଝଡ଼ ତୋଫାନ ସହ ବଜ୍ରପାତ ହୁଏ, ତାହେଲେ ମନ୍ଦିର ପ୍ରତି ବଡ଼ ବିପଦ ସୃଷ୍ଟି ହେବ ବୋଲି ବରିଷ୍ଠ ସେବାୟତ କହିଛନ୍ତି। ଅନ୍ୟପଟେ ମନ୍ଦିର ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଛି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ। ପୂର୍ବରୁ ମନ୍ଦିର ଓ ବେଢ଼ା ପରିସର ରକ୍ଷଣାବେକ୍ଷଣ ନିମନ୍ତେ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଜଣେ କର୍ମଚାରୀ ରହିଥିଲେ। ହେଲେ ଦୀର୍ଘ ୬/୭ ବର୍ଷ ହେବ ତାଙ୍କର ବଦଳି ପରେ କୌଣସି କର୍ମଚାରୀଙ୍କୁ ଆଜି ପର୍ଯ୍ୟନ୍ତ ନିୟୋଜିତ କରାଯାଇନାହିଁ। ଯାହାଫଳରେ ମନ୍ଦିରରେ ନାନାଦି ସମସ୍ୟା ଦେଖାଦେବା ସହ ମୁଖ୍ୟ ମନ୍ଦିର ସହ ଅନେକ ସ୍ଥାନରେ ଛୋଟବଡ଼ ବର, ଅଶ୍ୱତ୍ଥ ଗଛ ଉଠି ଫାଟ ସୃଷ୍ଟି ହୋଇଛି। ଏହା ମନ୍ଦିର ପ୍ରତି ଘୋର୍ ବିପଦ ସୃଷ୍ଟି କରିବ ବୋଲି ଆଲୋଚନା ହେଉଛି।

## ଆଦର୍ଶ ଗ୍ରାମର ରାସ୍ତା ଅବସ୍ଥା ଶୋଚନୀୟ



ଦୋଳସାହି, ୯।୪(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଏକ ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ସରକାରଙ୍କ ସାର୍ଟିଫିକେଟ ପ୍ରଦାନ କରାଯାଇଥିବା ବେଳେ ଏହି ଗ୍ରାମର ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି।

ସୂଚନାନୁଯାୟୀ, ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତର ଇଶାଣପୁର ଗ୍ରାମକୁ ସରକାରଙ୍କ ପକ୍ଷରୁ ଆଦର୍ଶ ଗ୍ରାମ ଭାବେ ବିବେଚିତ ହୋଇଥିଲାବେଳେ ଏହି ଗ୍ରାମରେ ହୋଇଥିବା କଂକ୍ରିଟ୍ ରାସ୍ତା କାର୍ଯ୍ୟ ନିମ୍ନମାନର କରାଯାଇଥିବା ନେଇ ରାସ୍ତାର ବିଭିନ୍ନ ସ୍ଥାନରେ ରାସ୍ତା ଫାଟି ଆଁ କରିଥିବା ଦେଖିବାକୁ ମିଳୁଛି। ସେହିପରି ଏହି ଗ୍ରାମରେ ମାଟି ରାସ୍ତା ପଡ଼ିରହିଥିବା ବେଳେ କଂକ୍ରିଟ୍ ରାସ୍ତା ଉପରେ ପୁଣି କଂକ୍ରିଟ୍ ରାସ୍ତା ନିର୍ମାଣ ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଏହି ଗ୍ରାମରେ ବୁଧବାର ସରକାରଙ୍କ ପକ୍ଷରୁ ଆମ ବଜେଟ ଆମେ ଜାଣିବା କାର୍ଯ୍ୟକ୍ରମକୁ ବିରୋଧ ହୋଇଥିବା ଜଣାପଡ଼ିଥିଲା ବେଳେ କିଛି ଗ୍ରାମବାସୀଙ୍କ ପକ୍ଷରୁ ଗ୍ରାମର ଏକ ମାଟି ରାସ୍ତାକୁ ମାଟି ପକାଇ ମରାମତି କାର୍ଯ୍ୟ ହେବାକୁ ନେଇ ରାଜନୀତି ସରଗରମ ହେଉଥିବା ଦେଖିବାକୁ ମିଳୁଛି। ସରକାରଙ୍କ ଏହି ଆଦର୍ଶ ଗ୍ରାମର ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲାବେଳେ ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଚାଷୀଙ୍କୁ ବୀମା ଟଙ୍କା ଦେଉନି ରିଲାଏନ୍ସ



ବରଗଡ଼,୯ । ୪(ସମିସ): ୨୦୨୪ -୨୫ ରବି ଚାଷରେ କ୍ଷତି ଅନୁପାତରେ କମ୍ପାନୀ ଦ୍ୱାରା କମ ବୀମାରାଶି ପ୍ରଦାନ ଅଭିଯୋଗରେ ରେଶମ ପଞ୍ଚାୟତର ଚାଷୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦ୍ୱାରସ୍ଥ ହୋଇଛି ।

ଗତ ରବି ଋତୁରେ ରିଲାଏନ୍ସ କମ୍ପାନୀ ଦ୍ୱାରା ମେ ମାସ ପ୍ରଥମ ସପ୍ତାହରେ ପଞ୍ଚାୟତର ୪ଟି ସ୍ଥାନରେ ୪ଜଣ ଚାଷୀଙ୍କ କ୍ରପ୍ କଟିଂ କରାଯାଇ ପଞ୍ଚାୟତ ସାରା ୫୦%ରୁ ଅଧିକ କ୍ଷତି ହୋଇଛି ବୋଲି ଆକଳନ କରାଗଲା; କିନ୍ତୁ ମାର୍ଚ୍ଚ ୨୭ ତାରିଖ ପରଠୁ ଚାଷୀଙ୍କ ବ୍ୟାଙ୍କ ଖାତାରେ କମ୍ପାନୀ ଦ୍ୱାରା ଯେଉଁ ପରିମାଣରେ ବୀମାରାଶି ପ୍ରଦାନ କରା ଯାଉଛି ତାହା ୧୫%ରୁ ୨୦%ଭିତରେ । ବର୍ତ୍ତମାନ ଚାଷୀଙ୍କୁ କମ୍ପାନୀ ଏକର ପ୍ରତି ୫ହଜାରରୁ ୬ହଜାର ଟଙ୍କା ଦେଉଛି । ଚାଷୀ ପ୍ରକୃତରେ ୧୮ ହଜାରରୁ ଅଧିକ ଟଙ୍କା ପାଇବେ ବୋଲି ଜଣାଇଛନ୍ତି । ବର୍ତ୍ତମାନ ସୁଦ୍ଧା କମ୍ପାନୀ କେତେଜଣ ଚାଷୀଙ୍କୁ କେତେ ଟଙ୍କା ଦେଇଛି ଜଣାପଡୁ ନାହିଁ । ଅନେକ ଚାଷୀ ବୀମା ଟଙ୍କା ପାଇବାରୁ ବଞ୍ଚିତ ଅଛନ୍ତି । ତେବେ ରିଲାଏନ୍ସ କମ୍ପାନୀର ମନମୁଖୀ କାର୍ଯ୍ୟକଳାପକୁ ତାଗିଦ କରିବା ସହ କିପରି ସମସ୍ତ ବୀମାଭୁକ୍ତ ଚାଷୀ କ୍ଷତି ଅନୁଯାୟୀ ଠିକ ବୀମାରାଶି ପାଇପାରିବେ ସେ ଦିଗରେ ଉଚିତ ପଦକ୍ଷେପ ନେବା ପାଇଁ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ରେଶମ ଚାଷୀ ଦାବିପତ୍ର ପ୍ରଦାନ କରିଛନ୍ତି । ରିଲାଏନ୍ସ କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି ।

## ହନୁଆଁପାଟ ପୀଠରେ ଚାଷୀ ସମ୍ମିଳନୀ

ବରଗଡ଼,୯ । ୪(ସମିସ): ଗୋଡଭଗା ହନୁଆଁପାଟ ପୀଠରେ ଚାଷୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ନାଟକୋ ଫାର୍ମା କମ୍ପାନୀର ଓଡ଼ିଶା ମୁଖ୍ୟ ଅନିଲ ମହାରଣା, କମ୍ପାନୀର ବରଗଡ଼ ଟେରୋଟୋରି ମ୍ୟାନେଜର କୁବେର ମହାକୁର, ବେଦପ୍ରକାଶ ଛନ୍ଦ, ପଲ୍ଲବ ପଶାୟତ, ହିମାଂଶୁ କର୍ମୀ, ଦୁଷ୍ମନ୍ତ ସାହୁ, ପ୍ରଭୁଦତ୍ତ ପ୍ରଧାନ, ଅକ୍ଷୟ ଦାସ, ବି ଭେଙ୍କଟ ଏବଂ ଦିବସ ପଧାନ ପ୍ରମୁଖ ଉପସ୍ଥିତ ଥିଲେ ।

### ଚାଷୀଙ୍କୁ ରାଜୀବ ଗାନ୍ଧୀ ପଞ୍ଚାୟତି ରାଜ ସଂଗଠନର ସମର୍ଥନ

# ସରକାର ତୁରନ୍ତ ଧାନ ନ କିଣିଲେ ବିରାଟ ଆନ୍ଦୋଳନ

ବରଗଡ଼,୯ ।୪(ସମିସ): ଭେଡ଼େନ ବ୍ଲକ୍ ସହରା ଟିକ୍ରା ମାର୍କେଟ ୟାର୍ଡରେ ଧାନ ପଡିଛି । ସରକାର ଧାନକୁ କିଣୁ ନାହିଁ । ଏଣୁ ଚାଷୀ ଧାନ ବସ୍ତା ଧରି ଦୀର୍ଘ ମାସ ହେବ ଖରା, ବର୍ଷା, ଝଡ଼, ତୋଫାନ ଓ ପ୍ରବଳ କୁଆ ପଥର ବର୍ଷା ସତ୍ତ୍ୱେ ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଡ଼ିରହିଛନ୍ତି । ସରକାର, ସରକାରୀ କଳ, ନିର୍ବାଚିତ ପ୍ରତିନିଧି କେହି ଶୁଣୁ ନାହାନ୍ତି । ସରକାର ତୁରନ୍ତ ଧାନ ନ କିଣିଲେ ବିରାଟ ଆନ୍ଦୋଳନ କରାଯିବ ବୋଲି ବରଗଡ଼ ଗସ୍ତରେ ଥିବା ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ଜାତିୟ ଉପ ସଭାପତି କୁନାଲ ବାନାର୍ଜୀ, ରାଜ୍ୟ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ସଭାପତି ସୁଦର୍ଶନ ଦାସ, ରାଜ୍ୟ ସାଧାରଣ ସଂପାଦକ ପାଣ୍ଡବ କର୍ଣ୍ଣ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଆଜାଦ୍ ପତି, ଜିଲ୍ଲା ଆର୍‌ଜିପିଆର୍‌ଏସ ସଭାପତି ଦିଲୀପ ଦାସ, ବିଜୟ ବାଗ, ବାସ୍ମତି ବନଛୋର, ସୁନୀତା ବାଗ, ସୂର୍ଯ୍ୟକାନ୍ତି ବାଗ, ଦୋଳଗୋବିନ୍ଦ ବେହେରା, ବିକାଶ ତ୍ରିପାଠୀ, ଗଙ୍ଗା ମହାପାତ୍ର, ଅକ୍ଷୟ ଗର୍ତିଆ ପ୍ରମୁଖ ଚାଷୀଙ୍କୁ ସମର୍ଥନ ଜଣାଇ ସରକାରଙ୍କୁ ଚେତାବନୀ ଦେଇଛନ୍ତି ।




## କୁଆପଥର ମାଡ଼ରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦାବି



ବରଗଡ଼,୯ । ୪(ସମିସ): ବରଗଡ଼ ଜିଲ୍ଲାରେ କୁଆପଥର ମାଡ଼ ଯୋଗୁ ଚାଷୀଙ୍କ ଫସଲ ନଷ୍ଟ ହୋଇଛି । ପୂର୍ବତନ ବରଗଡ଼ ବିଧାୟକ ସାଧୁ ନେପାକ ଏନେଇ ସରକାର ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି । ଗତ ୬ ତାରିଖ ଦିନ ଅଦିନିଆ ବର୍ଷା ଓ କରାମାଡ଼ ଯୋଗୁଁ ଫସଲ ନଷ୍ଟ ହୋଇଛି । ସରକାର ଗତ ଖରିପ ଋତୁ ଧାନ ବର୍ତ୍ତମାନ ପର୍ଯ୍ୟନ୍ତ କିଣି ସାରି ନ ଥିବା ବେଳେ କରା ମାଡ଼ ଓ ବର୍ଷା ଯୋଗୁଁ ଚାଷୀର ଧାନ ଫସଲ ସହ ପନିପରିବା ନଷ୍ଟ ହୋଇଯାଇଛି । ତେବେ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ସେ ଦାବି କରିଛନ୍ତି । ଏନେଇ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଭେଟି ଏକ ଦାବିପତ୍ର ଦେବା ସହ ଆଲୋଚନା କରିଥିଲେ । ଚାଷୀ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦେଇଛନ୍ତି ।

## ସ୍ୱରାଜ ସଙ୍ଗମ ସର୍ବୋଦୟ ସଂକଳ୍ପ ଶିବିର

ବରଗଡ,୯ ।୪(ସମିସ): ବିଜୁ ପଟ୍ଟନାୟକ ଟାଉନ ହଲ୍‌ରେ ବରଗଡ଼ ଜିଲ୍ଲା ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ସ୍ୱରାଜ ସଙ୍ଗମ ସର୍ବୋଦୟ ସଂକଳ୍ପ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ବିଜୟ ବହିଦାର, କଥାକାର ନଳନି ମହାନ୍ତି, ଭାଷ୍ୟକାର ଶିବ ନନ୍ଦ, ସୁଦର୍ଶନ ଦାସ, ସରୋଜ ବାଗ, ଜିଲ୍ଲା କଂଗ୍ରେସ ସଭାପତି ହରଦିପ ସିଂ, କୁନାଲ୍ ବାନାର୍ଜୀ ପ୍ରମୁଖ ଯୋଗ ଦେଇଥିଲେ । ପାଣ୍ଡବ କର୍ଣ୍ଣ ପରିଚାଳନା କରିଥିଲେ ।

## ୫ କେଜି ସିଲିଣ୍ଡର ନେବାକୁ ଭିଡ଼



ବରଗଡ଼,୯ ।୪ (ସମିସ): ବର୍ତ୍ତମାନ ଜାଳେଣୀ ଗ୍ୟାସର ଅଭାବ ଦେଖା ଦେଇଛି । ତେବେ ହିନ୍ଦୁସ୍ଥାନ ପେଟ୍ରୋଲିୟମ ପକ୍ଷରୁ ଜାରି କରାଯାଇଥିବା ୫ କେଜିର ଛୋଟ ଗ୍ୟାସ ସିଲିଣ୍ଡର ବରଗଡ଼ ପ୍ରିୟା ଗ୍ୟାସ ସେଲ୍ସ ଏଣ୍ଡ ସର୍ଭିସ ସେଣ୍ଟରରେ ମିଳୁଛି । ନିଜର ପରିଚୟ ପତ୍ର ଓ ମୋବାଇଲ ନମ୍ବର ଦେଇ ଉପଭୋକ୍ତା ସିଲିଣ୍ଡର ପାଇ ପାରିବେ ବୋଲି ସହ ପରିଚାଳକ ରାକେଶ ନାୟକ ଜଣାଇଛନ୍ତି ।

## ରେଡ଼ିଏନ୍ସ ଶିକ୍ଷାନୁଷ୍ଠାନର ବାର୍ଷିକୋତ୍ସବ

ବିଜେପୁର,୯ ।୪(ସମିସ): ବରଗଡ ଜିଲ୍ଲା ବିଜେପୁର ପ୍ରକୃତି ବିହାର ସ୍ଥିତ ରେଡ଼ିଏନ୍ସ ଶିକ୍ଷାନୁଷ୍ଠାନର ଏକାଦଶ ପ୍ରତିଷ୍ଠା ଦିବସ ତଥା ବାର୍ଷିକୋତ୍ସବ "ୟୁଫୋରିଆ-୨୦୨୬ ଉଦ୍‌ଘାଟିତ ହୋଇଛି । ଶିକ୍ଷାନୁଷ୍ଠାନର ଚେୟାର୍ମ୍ୟାନ ଅଜିତ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରଗଡ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସଫଳ ମଣିଷ ହେବା ପାଇଁ ପିତାମାତା ତଥା ଗୁରୁଜନଙ୍କ ଆଶୀର୍ବାଦ ଅନିବାର୍ଯ୍ୟ ବୋଲି ସେ ବିଭିନ୍ନ ଉଦାହରଣ ମାଧ୍ୟମରେ ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଅଧ୍ୟାପକ ସୁଶାନ୍ତ ମିଶ୍ର ଯୋଗଦେଇ ଆସନ୍ତା ଦିନରେ ଛାତ୍ରଛାତ୍ରୀ ସମ୍ମୁଖୀନ ହେବାକୁ ଥିବା ନୂତନ ଚ୍ୟାଲେଞ୍ଜ ଓ ଅଭିଭାବକଙ୍କ ସତର୍କତା ସଂକ୍ରାନ୍ତରେ ଆଲୋକପାତ କରିଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ଅମୃତଧାରା ଫାଉଣ୍ଡେସନର ଚେୟାରମ୍ୟାନ ଯଶୋବନ୍ତ ମେହେର, ପରିଚାଳନା କମିଟି ସଭାପତି କସ୍ତୁରୀ ମେହେର, ଅଧ୍ୟକ୍ଷ ପ୍ରଫେସର ଘନଶ୍ୟାମ ମେହେର, ଉପଦେଷ୍ଟା ପ୍ରଫେସର ରେବନ୍ତ ମେହେର, ବିଦ୍ୟାଳୟ ଅଧ୍ୟକ୍ଷା ମୋହିନୀ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ । ସ୍କୁଲର ଅଧ୍ୟକ୍ଷା ମୋହିନୀ ମେହେର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅନୁଷ୍ଠାନର ଉପାଧ୍ୟକ୍ଷ ସଂଜୟ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତଃ ଠାକୁର ଚରଣ ମେହେରଙ୍କ ଜୟନ୍ତୀ ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଛାତ୍ରୀ ପ୍ରତୀକ୍ଷା ପଧାନ, ମନିଷା ନାୟକ, ବିନ୍ଦିଆ ମେହେର, ଛାତ୍ର ଅମନ ମେହେର, ରକ୍ତିମା ସାହୁ, ଅଧ୍ୟାପକ ପ୍ରଫୁଲ୍ଲ ପଧାନ, ଶିକ୍ଷୟିତ୍ରୀ ସ୍ୱାଗତିକା ପଣ୍ଡା, କର୍ମଚାରୀ ମୁକ୍ତା ଗଡତିଆ, ପବିତ୍ର ବାଗ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ଆଡମିନିଷ୍ଟ୍ରେଟିଭ ଡାଇରେକ୍ଟର ନେତ୍ରାମଣୀ ମେହେର, ଉପଦେଷ୍ଟା ରାଜେଶ୍ୱରୀ ମେହେର, ଦେବବ୍ରତ ମେହେର, ରମେଶ ମେହେର ଉପସ୍ଥିତ ଥିଲେ । ଡିଙ୍ଗିର ବାଗ, କୁମୁଦିନି ବାରିକ, ଶିକ୍ଷୟିତ୍ରୀ ମମତା ମେହେର, ଆଶିଷ କୁମ୍ଭାର, ଶିବଶଙ୍କର ମେହେର, ପ୍ରତିମା ସେଠଙ୍କ ସହଯୋଗରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।




## ୩୬ ୟୁନିଟ ରକ୍ତ ସଂଗ୍ରହ



ବରଗଡ଼,୯ । ୪(ସମିସ): ବରଗଡ଼ ବ୍ଲକ୍ ଚକରକେନ୍ଦସ୍ଥିତ ବାଲ ଗୋପାଲ ଫୁଡ୍ ପ୍ରଡକ୍ଟ ୟୁନିଟ-୨ଠାରେ ଗିରିଧର ଅଗ୍ରୱାଲ ଓ ସଂଧ୍ୟା ଅଗ୍ରୱାଲଙ୍କ ଝିଅ ନୀତି ଅଗ୍ରୱାଲଙ୍କ ଜନ୍ମଦିନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ସୁଧା ଆଚାର୍ଯ୍ୟ, ଶିଖର ଅଗ୍ରୱାଲ, ନିଷ୍ଠା ପରିବାରର ଉପଦେଷ୍ଟା ଉତ୍ତମ ଦାଶ, ମାନସ ଗୋସ୍ୱାମୀ ପ୍ରମୁଖ ଯୋଗ ଦେଇଥିଲେ । ବରଗଡ଼ ରକ୍ତ ଭଣ୍ଡାରଦ୍ୱାରା ୩୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱ ଗଣନା କାର୍ଯ୍ୟକ୍ରମ



ବରଗଡ଼,୯ । ୪(ସମିସ): ବରଗଡ଼ ଜିଲ୍ଲା ପ୍ରଶାସନ ସେନସସ୍ ସେଲ୍ ଅଧୀନରେ ସ୍ୱ-ଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଛି । ଏହି ଅବସରରେ ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା ଆଜି ସ୍ୱୟଂ-ଗଣନା କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣ ଲୋକଙ୍କ ମଧ୍ୟରେ ସ୍ୱୟଂ-ଗଣନା ପ୍ରତି ସଚେତନତା ସୃଷ୍ଟି ହୋଇଥିବା ସହିତ ଜନଗଣନାରେ ଅଂଶ ଗ୍ରହଣ କରି ଠିକ ତଥ୍ୟ ପ୍ରଦାନ କରିବା ପାଇଁ ଡେପୁଟି କଲେକ୍ଟର ସୁମତି ପଣ୍ଡା ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।

## ଯମୁନା କନ୍ଧୁଣୀ ବାଳିକା ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ପାଇକମାଲ,୯ । ୪(ସମିସ): ପାଇକମାଲ ବ୍ଲକ ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନୂତନ ଭାବେ ବିଦ୍ୟାଳୟରେ ନବମ ଶ୍ରେଣୀରେ ନାମ ଲେଖାଇଥିବା ୬୫ ଜଣ ଛାତ୍ରଛାତ୍ରୀଙ୍କୁ ଶିକ୍ଷକ, ଶିକ୍ଷୟିତ୍ରୀ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ । ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ନାଚଗୀତ ସହ ଛାତ୍ରଛାତ୍ରୀଙ୍କୁ ପାଛୋଟି ଆଣିଥିଲେ । ଏହି ଅବସରରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ବିଦ୍ୟାଳୟର ସଭାପତି ନିରୁପମା ନାଗ ସଭାପତିତ୍ୱ କରିଥିଲେ । ବିଦ୍ୟାଳୟର ସଦସ୍ୟ ଗୋବର୍ଦ୍ଧନ ଅଗ୍ରୱାଲ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ସୁଶାନ୍ତ ପଣ୍ଡା ଉପସ୍ଥିତ ଥିଲେ । ଶିକ୍ଷୟିତ୍ରୀ ଉଷା ଦାସ ଅତିଥି ପରିଚୟ ଦେଇଥିବା ବେଳେ ଶିକ୍ଷକ ସେବକ ସେଠ ସଭା ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ଅନିମା ରାଉତ, ରଞ୍ଜିତା ସାହା, ଅନିତା ପାଣିଗ୍ରାହୀ, ନମିତା ସାହୁ କାର୍ଯ୍ୟକ୍ରମ ପରିଚାଳନା ସହଯୋଗ କରିଥିଲେ । ଶେଷରେ ସଙ୍ଗୀତା ସାହୁ ଧନ୍ୟବାଦ ଦେଇଥିଲେ ।

## ଥୁଆପାଲି ରାଷ୍ଟ୍ରୀୟ ପୂର୍ଣ୍ଣାଙ୍ଗ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଥୁଆପାଲି ,୯ ।୪(ସମିସ): ବରଗଡ ଜିଲ୍ଲା ଭେଡେନ ବ୍ଲକ ଥୁଆପାଲି ରାଷ୍ଟ୍ରୀୟ ପୂର୍ଣ୍ଣାଙ୍ଗ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସଂପାଦକ ଫଗନୁ ଜୁଆଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପର୍ଶୁରାମ ପାତ୍ର, ମୁଖ୍ୟବକ୍ତା ଭାବେ ସରକାରୀ ଶିକ୍ଷକ ଲଳିତ ସାହୁ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରଂଜିତ ଭୋଇ ପ୍ରମୁଖ ଯୋଗ ଦେଇଥିଲେ । ବବିତା ମେହେର ସଭା ପରିଚାଳନା କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଲତାଗିରି ନଇ ବାର୍ଷିକ ବିବରଣୀଦେଇଥିଲେ । ବଳରାମ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଜୟଶ୍ରୀ ନଇ, ରୋଶନ ଖେତୀ, ଦିବ୍ୟ ଅନୁରାଗ ଦୀପ, ହିମାଂଶୁ ଭୁଏ, କରିସ୍ମା ବାଗ, ଦୀପକ ଗରିଆ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ରାମଲୀଳା ମହୋତ୍ସବ ଶେଷ



ବରଗଡ଼,୯ । ୪(ସମିସ): ବରଗଡ଼ ସହରର ନିଶାମଣୀ ସ୍କୁଲ ପଡିଆରେ ଚାଲିଥିବା ରାମ ଲୀଳା ମହୋତ୍ସବ ଶେଷ ହୋଇଛି । ବରିଷ୍ଠ କଳାକାର ଜଗଦାନନ୍ଦ ମିଶ୍ର ରାବଣ ଭୂମିକାର ନିଖୁଣ ଅଭିନୟ କରିଥିଲେ । ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସାମ୍ବାଦିକ ବିଜୟ ମିଶ୍ର, ମୁନ୍ନା ସାହୁ ଓ ସିଦ୍ଧାନ୍ତ ପୁରୋହିତ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା । ରାମଲୀଳା ଆୟୋଜନ କମିଟିର ସଞ୍ଜିବ ମେହେର, ଡ. ସତ୍ୟକେତନ ମହାନ୍ତି ଓ ପରମାନନ୍ଦ ମିଶ୍ର ନେତୃତ୍ୱ ନେଇଥିଲେ ।

## କଣ୍ଟିପାଲିରେ ନାମଯଜ୍ଞ ଉଦ୍‌ଯାପିତ

ଅମ୍ବାଭୋନା, ୯ ।୪(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ କଣ୍ଟିପାଲି ଗ୍ରାମରେ ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ଷଡାନନ ରଥ, ପ୍ରକାଶ ରଥ ପୂଜାକାର୍ଯ୍ୟ କରିଥିଲେ । ମିତ୍ରଭାନୁ ପଧାନ ଓ ତାଙ୍କ ପତ୍ନୀ ପୁଷ୍ପାଞ୍ଜଳି ପଧାନ କର୍ତ୍ତା ଥିଲେ । ସୁବଳ ପାତ୍ର, ଶତ୍ରୁଘ୍ନ ସା ପ୍ରମୁଖ ସହଯୋଗ କରିଥିଲେ । ଲୁଦୁପାଲି, ଅମ୍ବାଭୋନା ଓ ଡୁଙ୍ଗିପାଲି ଗ୍ରାମରୁ ଆସିଥିବା ସଂକୀର୍ତ୍ତନ ଦଳ ଅଖଣ୍ଡ ନାମ ସଂକୀର୍ତ୍ତନରେ ଭାଗ ନେଇଥିଲେ । ବରଗଡ଼ ଜିଲ୍ଲାର ମହୁଲପାଲି ଓ ସୁନ୍ଦରଗଡ଼ ଜିଲ୍ଲାର ଚକ୍ରା ଗ୍ରାମର ସଂକୀର୍ତ୍ତନ ଦଳ ମଧ୍ୟରେ ବୈଠକୀ କୀର୍ତ୍ତନ ହୋଇଥିଲା । ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।



## ଡୁଙ୍ଗୁରି ଗାଁରେ ବାଘ ଆତଙ୍କ

ଅମ୍ବାଭୋନା, ୯ ।୪(ସମିସ): ଅମ୍ବାଭୋନା ବ୍ଲକ୍ ଡୁଙ୍ଗୁରି ଗ୍ରାମରେ ବାଘ ଆତଙ୍କ ଦେଖା ଦେଇଛି । ଏକ କଲରା ପତରିଆ ବାଘ ସଚିନ ସାଙ୍କ ପୋଟଳ ବାଡ଼ିରେ ପଶିଥିବାବେଳେ ବଙ୍ଗପାଲିର ସୁଶାନ୍ତ ଭୋଇ ଦେଖିଥିଲେ । ସେ ତୁରନ୍ତ ଏ ସମ୍ପର୍କରେ ଜଙ୍ଗଲ ବିଭାଗକୁ ସୂଚନା ଦେଇଥିଲେ । ସୂଚନା ପାଇ ଜଙ୍ଗଲ ବିଭାଗ ପକ୍ଷରୁ ରାତିରେ ପାଟ୍ରୋଲିଂ କରିଥିଲା; କିନ୍ତୁ ବାଘଟିକୁ ଧରିବାରେ ସଫଳତା ମିଳି ନ ଥିଲା । ବିଳମ୍ବିତ ରାତିରେ ବାଘଟି ଡୁଙ୍ଗୁରି ଚଣ୍ଡୀ ମନ୍ଦିର ନିକଟରେ କଳଚନ ଭୁଏଙ୍କ ଗୁହାଳରେ ପଶି ଏକ ବାଛୁରିକୁ ମାରି ଖାଇ ଦେଇଥିଲା । ଏହି ଘଟଣା ପରେ ଗ୍ରାମରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଛି । ଲୋକମାନେ ସନ୍ଧ୍ୟା ପରେ ଘରୁ ବାହାରିବାକୁ ଭୟ କରୁଛନ୍ତି । ଜଙ୍ଗଲ ବିଭାଗ ପକ୍ଷରୁ ସତର୍କତା ଜାରି କରାଯାଇଛି । ବାଘକୁ ଧରିବା ପାଇଁ ପଦକ୍ଷେପ ଜାରି ରହିଛି ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ବୁଢ଼ାରଜା ମନ୍ଦିର ପ୍ରତିଷ୍ଠା ଅବସରରେ ରାବଣ ଦରବାର



ମେଲଛାମୁଣ୍ଡା,୯ । ୪(ସମିସ): ମେଲଛାମୁଣ୍ଡା ଥାନା ଗୁଦେରପାଲି ପଞ୍ଚାୟତର ଜାମୁଟପାଲି ଗାଁରେ ୪ଦିନ ଧରି ଚାଲିଥିବା ବୁଢ଼ାରଜା ମନ୍ଦିର ପ୍ରତିଷ୍ଠା ଅବସରରେ ରାବଣ ଦରବାର ଅନୁଷ୍ଠିତ ହୋଇଯାଇଛି । ଚାଷୀନେତା କିଶୋର ଚନ୍ଦ୍ର ଦେବତା ମଞ୍ଚ ପରିଚାଳନା କରିଥିବା ବେଳେ ବରଗଡ ସାଂସଦ ପ୍ରଦୀପ ପୁରୋହିତ, ଆର୍ତ୍ତତ୍ରାଣ ମାହାପାତ. ନରେନ୍ଦ୍ର ହୋତା ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ ।

## ଜାଢୋଲରେ ପାଣିଟାଙ୍କିରୁ ବାହାରୁଛି ମଇଳା

ଝାରବନ୍ଧ,୯ ।୪(ସମିସ): ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ୍ କନ୍ଦାଡଙ୍ଗର ପଞ୍ଚାୟତର ବିଜାଢୋଲ ଗ୍ରାମରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ସରକାର ସୁବ୍ୟବସ୍ଥା କରିଛନ୍ତି । ଗ୍ରାମରେ ଥିବା ପାଣି ଟାଙ୍କି ଦୀର୍ଘଦିନ ଧରି ସଫା ହୋଇନି । ଏଣୁ ଅସ୍ୱଚ୍ଛ ପାଣି ବାହାରୁଛି । ସ୍ଥାନୀୟ ଗ୍ରାମବାସୀଙ୍କ କହିବା ଅନୁସାରେ, ପାଣି ଟାଙ୍କିରେ ମଳି ଜମି ରହିଛି । ପାଣିରୁ ଦୁର୍ଗନ୍ଧ ଆସୁଛି । ଏହା ଦ୍ୱାରା ଜଳଜନିତ ରୋଗ ହେବାର ଆଶଙ୍କା ରହିଛି । ବିଶେଷକରି ଶିଶୁ ଓ ବୃଦ୍ଧମାନେ ଏହାରେ ଅଧିକ ପ୍ରଭାବିତ ହେବାର ସମ୍ଭାବନା ରହିଛି । ସ୍ୱଚ୍ଛ ଓ ସୁରକ୍ଷିତ ପାନୀୟ ଜଳ ପ୍ରଦାନ କରିବା ସରକାରଙ୍କ ପ୍ରାଥମିକ କର୍ତ୍ତବ୍ୟ । ଶୀଘ୍ର ପାଣି ଟାଙ୍କି ସଫା କରିବା ସହ ନିୟମିତ ରକ୍ଷଣାବେକ୍ଷଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।



### ● ଭେଡେନ୍ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଡେୟାର ଫାଇଟର ବିଜୟୀ

ଭେଡେନ,୯ ।୪(ସମିସ)

ଭେଡେନସ୍ଥିତ ରଣଜିତା ଖେଳ ପଡିଆରେ ଚାଲିଥିବା ଭେଡେନ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଆଜି ଡେୟାର ଫାଇଟର ଓ ପାୱାର ହିଟର୍ସ ଭେଡେନ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଡେୟାର ଫାଇଟର ଟସ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ଓଭରେ ୪ ଉଇକେଟ ହରାଇ ୯୫ ରନ୍ ସଂଗ୍ରହ କରିଥିଲା । ଜବାବରେ ପାୱାର ହିଟର ଭେଡେନ ନିର୍ଦ୍ଧାରିତ ୧୨ଓଭରର ୯ଉଇକେଟ ହରାଇ ୯୧ ରନ୍ ସଂଗ୍ରହ କରିଥିଲା । ଡେୟାର ଫାଇଟର ୩ରନ୍ ବିଜୟୀ ହୋଇଥିଲା । ସମ୍ବାଦିକ ଜ୍ୟୋତି ରଞ୍ଜନ ମହାପାତ୍ର ଯୋଗଦେଇ ଡେୟାର ଫାଇଟର ଦଳରହିମାଂଶୁ ଶେଖର ବଗଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ଲାଲା ବନଛୋର ଓ ପ୍ରସନ୍ନ ଦାଶ ପରିଚାଳନା କରିଥଲେ । ମ୍ୟାଚ ରେଫରି ଭାବେ ଦୀପକ ଅଗ୍ରୱାଲ ଦାୟିତ୍ୱ ତୁଲାଇଥିଲେ । ସ୍କୋରର ଭାବେ ରାଜା ନାଏକ ଓ ରାଜ ମେହେର ଦାୟିତ୍ୱ ନେଇଥିଲେ । ଲିପୁନ ବେହରା, ସୂର୍ଯ୍ୟ ଦେହେରୀ ଖେଳର ଧାରାବିବରଣୀ ଦେଇଥିଲେ ।



## ଶନିବାର ମହିଳା କ୍ରିକେଟ ଖେଳାଳି ଚୟନ

ବରଗଡ,୯ ।୪(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ୍ ପକ୍ଷରୁ ଚଳିତ ମାସ ତୃତୀୟ ସପ୍ତାହରେ ଆନ୍ତଃ ଜିଲ୍ଲା ମହିଳା କ୍ରିକେଟ ପ୍ରତିଯୋଗିତା ହେବ । ଏଥିପାଇଁ ଆସନ୍ତା ୧୧ ତାରିଖ ଶନିବାର ବରଗଡ ଜିଲ୍ଲା ମହିଳା କ୍ରିକେଟ ଖେଳାଳି ଚୟନ ହେବ । ଖେଳାଳିମାନେ ନିଜର ଆଧାର କାର୍ଡ, ଡିଜିଟାଲ ଜନ୍ମ ପ୍ରମାଣ ପତ୍ର, ଦୁଇ ବର୍ଷର ମାର୍କ ସିଟ, ସ୍କୁଲ ବୋନାଫାଇଡ ସାର୍ଟିଫିକେଟ ଓ ଯେଉଁ ବାହାର ରାଜ୍ୟ ଖେଳାଳି ଥିବେ ସେମାନେ ଜିଲ୍ଲାରେ ବର୍ଷେ ଅବଧି ରହି ସାରିଥିଲେ ଏକ ବର୍ଷର ବାସିନ୍ଦା ସାର୍ଟିଫିକେଟ/ ନିଜ ବାପାଙ୍କ ଚାକିରି କରୁଥିବା ସାର୍ଟିଫିକେଟ/ପାଠ ପଢୁଥିବା ପ୍ରମାଣ ପତ୍ର/ପାସପୋର୍ଟ ଦେଇ ଭାଗ ନେଇ ପାରିବେ । ଯେଉଁ ଖେଳାଳି ଅନ୍ୟ ଜିଲ୍ଲା କିମ୍ବା ଅନ୍ୟ ରାଜ୍ୟ ପାଇଁ ଖେଳିଥିବେ ସେ ଏନଓସି ଦେଇ ଯୋଗ ଦେଇ ପାରିବେ ବୋଲି ଜିଲ୍ଲା କ୍ରିକେଟ ଏସୋସିଏସନ୍ ପକ୍ଷରୁ କୁହାଯାଇଛି ।

## ଖାଦ୍ୟ କମିସନ ସଦସ୍ୟଙ୍କ ଦେବଗଡ଼ ଗସ୍ତ



ଦେବଗଡ଼,୯।୪(ସମିସ): ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ କମିଶନର ସଦସ୍ୟ ସତ୍ୟବ୍ରତ ସାମନ୍ତରାୟ ଓ ଅକ୍ଷୟ କୁମାର ବେହେରା ଆଜି ଦେବଗଡ ଗସ୍ତରେ ଆସି ବିଭିନ୍ନ ଶିକ୍ଷାନୁଷ୍ଠାନ, ଅଙ୍ଗନବାଡି କେନ୍ଦ୍ର ଓ ବିଭିନ୍ନ ପଞ୍ଚାୟତର ସାଧାରଣ ବଣ୍ଟନ ବ୍ୟବସ୍ଥା ତଦାରଖ କରିଛନ୍ତି। ଖାଦ୍ୟ ସୁରକ୍ଷା ନିୟମ ୨୦୨୦ ଏବଂ ଓଡ଼ିଶା ରାଜ୍ୟ ଖାଦ୍ୟ ସୁରକ୍ଷା ସଂଶୋଧନ ନିୟମ ୨୦୨୨ର ବ୍ୟବସ୍ଥା ଗୁଡିକ କାର୍ଯ୍ୟାନ୍ୱୟ ସମୀକ୍ଷାରେ ରିଆମାଳ ବ୍ଲକ୍ ଗସ୍ତ କରି ତାବଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହୋଇଥିବା ଖାଦ୍ୟ ପରିଦର୍ଶନ, ଗୁଣ୍ଡିଆପାଲି ଓ ବୁଡିଦୋ ଗ୍ରାମ ପଞ୍ଚାୟତରେ ସାଧାରଣ ବଣ୍ଟନ ବ୍ୟବସ୍ଥା ତଦାରଖ, ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ର ବୁଲି ଦେଖିବା ସହ ଦେବଗଡ଼ ମ୍ୟୁନସିପାଲଟି ଅନ୍ତର୍ଗତ ଭିତିରିଆ ସାହି ଓ ଖପର ସାହିର ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ ସହ ଭିତିରିଆ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଧରଣୀଧର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହୋଇଥିବା ଖାଦ୍ୟ ପରିଦର୍ଶନ କରିଥିଲେ। ସେହିପରି ଏକଲବ୍ୟ ଆଦର୍ଶ ଆଶ୍ରମ ବିଦ୍ୟାଳୟ, କଳାମାଟି ଓ ବଣିଆକିଲିଣ୍ଡାରେ ଥିବା ଛତୁଆ ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ କରିବା ପରେ ତିଲେଇବଣି ବ୍ଲକରେ ସାଧାରଣ ସଭା ଓ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ତିଲେଇବଣି ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନି ମିର୍ଦ୍ଧା, ଜିଲ୍ଲା ଯୋଗାଣ ଅଧିକାରୀ କିଶୋର ଚନ୍ଦ୍ର ମହାରଣା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୂରତି ପ୍ରଧାନ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ ଓ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବରକୋଟ ସ୍ନାତକ କଲେଜରେ ରକ୍ତଦାନ ଶିବିର



ଦେବଗଡ଼,୯।୪(ସମିସ): ବାରକୋଟ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଯୁବ ରେଡ଼କ୍ରସର ରେଡ ରିବନ କ୍ଲବ୍ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। କଲେଜର ଅଧ୍ୟକ୍ଷ ଜିତେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରକୁ ବରକୋଟ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡାକ୍ତର ବାବୁ ସିଂ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଡା. ଅମୀୟ ଦାସ, ଯୁକ୍ତ ଦୁଇ କଲେଜର ଅଧ୍ୟକ୍ଷ ଯାତ୍ରାକର ପ୍ରଧାନ, ଜିଲ୍ଲା ଯୁବ ରେଡ଼କ୍ରସ ସଂଯୋଜକ ମନୋଜ କୁମାର ପ୍ରଧାନ, ଆଲୁମୁନି ସଭାପତି ଗଣନାଥ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଦେବଗଡ଼ ରକ୍ତ ଭଣ୍ଡାରର ଅଧିକାରୀ ଏବଂ କର୍ମଚାରୀ ଶିବିରରେ ଯୋଗ ଦେଇ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ୨୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କଲେଜର ଯୁବ ରେଡ଼କ୍ରସ ସଂଯୋଜିକା ମଧୁମିତା ନନ୍ଦଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ, କର୍ମଚାରୀ ଉପସ୍ଥିତ ଥିଲେ।

## ଘରୁ ସୁନା ଅଳଙ୍କାର ଚୋରି

କୁଣ୍ଢେଇଗୋଲା,୯।୪(ସମିସ): କୁଣ୍ଢେଇଗୋଲା ଥାନା ଅନ୍ତର୍ଗତ ତୁଙ୍ଗାମାଳ ଗ୍ରାମରେ ରମେଶ ଚନ୍ଦ୍ର ଗଡ଼ନାୟକ ନାମକ ଜଣେ ବ୍ୟକ୍ତିଙ୍କ ଘରୁ ଆଲମାରି ଭାଙ୍ଗି ୨୦୦ଗ୍ରାମରୁ ଊର୍ଦ୍ଧ୍ୱ ଓଜନର ସୁନା ଗହଣା ଚୋରି ହୋଇଥିବା ନେଇ କୁଣ୍ଢେଇଗୋଲା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ କୁଣ୍ଢେଇଗୋଲା ଥାନା ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାଇ, ତୁଙ୍ଗାମାଳ ଗ୍ରାମର ରମେଶ ଚନ୍ଦ୍ର ଗଡନାୟକ ଗତକାଲି ରାତିରେ ନିଜ ପରିବାର ସହ ଖିଆପିଆ ସାରି ଘର ଅଗଣାରେ ଶୋଇଥିଲେ। ବିଳମ୍ବିତ ରାତିରେ କେହି ଅଜଣା ଦୁର୍ବୃତ୍ତ ତାଙ୍କ ଘରେ ପଶି ସାନ ପୁଅ କୋଠରୀରେ ଥିବା ଆଲମାରି ଭାଙ୍ଗି ସେଥିରେ ଥିବା ଗୋଟିଏ ସୁନା ହାର, ୪ ଟି ସୁନା ଚେନ୍,୨ଟି ମଙ୍ଗଳ ସୂତ୍ର, ୬ ଯୋଡ଼ା ସୁନା ଚୁଡ଼ି,୧୧ ଟିସୁନା ମୁଦି ଓ ୬ ଯୋଡ଼ା କାନ ଫୁଲ ୬ ଚୋରି କରିନେଇଥିଲା। ସକାଳେ ମଦନ ଆଲମାରି ଭଙ୍ଗା ଯାଇଥିବା ଓ ସେଥିରେ ଥିବା ଉପରୋକ୍ତ ସୁନା ଗହଣା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ଆଜି ସକାଳେ କୁଣ୍ଢେଇଗୋଲା ଥାନାରେ ଅଭିଯୋଗ କରିଥିଲେ।

### କେସିସିଏଲ ଠିକା କମ୍ପାନୀର ଦାଦାଗିରି ବିରୋଧରେ ଅନ୍ଦୋଳନ ପ୍ରସଙ୍ଗ

# ଲିଖିତ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ଇବଥର୍ମାଲ,୯।୪(ସମିସ)



ଏମସିଏଲ ଲଖନପୁର କୋଇଲା କ୍ଷେତ୍ର ଅଧିନସ୍ଥ ଆଇଏଲବିଏଲ ଖୋଲାମୁହଁ କୋଇଲାଖଣିରେ କାମ କରୁଥିବା ଘରୋଇ ଠିକା କମ୍ପାନୀ କଳିଙ୍ଗ କମର୍ସିଆଲ ଲିମିଟେଡ଼ (କେସିସିଏଲ)ର ପ୍ରୋଜେକ୍ଟ ଅଧିକାରୀଙ୍କ ଦାଦାଗିରିକୁ ବିରୋଧ କରି ଓ ତାଙ୍କୁ ତୁରନ୍ତ ଲଖନପୁର କୋଇଲା କ୍ଷେତ୍ର ଅଞ୍ଚଳରୁ ବିଦା କରାଯିବାକୁ ଦାବି କରି ଗତ ୬ ତାରିଖ ସକାଳୁ ଚାଲିଥିବା ଶ୍ରମିକ ସଂଗଠନ ଓସିଏମଏସ୍ ଓ ବିସିଏମଡବ୍ଲ୍ୟୁର ଆନ୍ଦୋଳନ ପ୍ରତ୍ୟାହାର ହୋଇଛି। ଲଖନପୁର କୋଇଲା କ୍ଷେତ୍ର ଆଇଏଲବିଏଲ ଖୋଲାମୁହଁ କୋଇଲାଖଣି ପ୍ରୋଜେକ୍ଟ କାର୍ଯ୍ୟାଳୟ ସମ୍ମୁଖରେ ୩ ଦଫା ଦାବି ନେଇ ଧାରଣାରେ ବସିଥିଲେ ଦୁଇ ଶ୍ରମିକ ସଂଗଠନ। କେସିସିଏଲ ଘରୋଇ ଠିକା କମ୍ପାନୀ ପ୍ରୋଜେକ୍ଟ ଇନଚାର୍ଜଙ୍କୁ ତୁରନ୍ତ ବିଦା କରିବା, ଖଣି ଆଇନ ସଂଗୀତ କେସିସିଏଲ ଶ୍ରମିକମାନଙ୍କୁ ଏଚ୍‌ପିସି ହାରରେ ଦରମା, ମନମୁଖୀ ଭାବେ ସଣ୍ଡେ ଓ ଓଭରଟାଇମ ବନ୍ଦ ନକରି ପୁନଃ ପ୍ରଚଳନ ଆଦି ଦାବି ରହିଥିଲା। ଆଜି ମଧ୍ୟାହ୍ନ ୧୨ ବେଳେ ଲଖନପୁର କୋଇଲା କ୍ଷେତ୍ର ଏରିଆ ପର୍ସନାଲ ମ୍ୟାନେଜର ପ୍ରଦୀପ କୁମାର ଶୁଣ୍ଠୀଙ୍କ ଡାକରାରେ ଆଇଏଲବିଏଲ ପ୍ରୋଜେକ୍ଟ ଅଧିକାରୀଙ୍କ କୋଠରୀରେ ଏକ ବୈଠକ କରାଯାଇଥିଲା। ଏଥିରେ ଆଇଏଲବିଏଲ ପ୍ରୋଜେକ୍ଟ ଅଧିକାରୀ (ଇନ୍ ଚାର୍ଜ) ଲକ୍ଷ୍ମଣ ସିଂହ ଡାଙ୍ଗୀ, କେସିସିଏଲ ଅଧିକାରୀ ଓ ଶ୍ରମିକ ସଂଗଠନ ନେତୃମଣ୍ଡଳୀ ମଧ୍ୟରେ ଆଲୋଚନା ହୋଇଥିଲା। ଆଲୋଚନା ବେଳେ ପ୍ରୋଜେକ୍ଟ ଅଧିକାରୀଙ୍କୁ ହଟାଇବାକୁ କେସିସିଏଲ୍ ଉପରିସ୍ଥ ଅଧିକାରୀଙ୍କୁ କୁହାଯାଇଛି। ହେଲେ ବର୍ଷଶେଷ ପ୍ରକ୍ରିୟା ମାର୍ଚ୍ଚରେ କରିନଥିବାରୁ ଏହା ଏପ୍ରିଲ ୧୫ ପର୍ଯ୍ୟନ୍ତ ଲାଗିବ। ଏଟିଏମ୍ ଶ୍ରୀ ସୁଣ୍ଠୀ ଏଚପିସି ଦରମା ଶ୍ରମିକ କିପରି ପାଇବେ ତାର ପଦକ୍ଷେପ ନିଆଯିବ ଓ ଓଟି ସଂପର୍କରେ ମଧ୍ୟ ପୁନଃ ବିଚାର କରାଯିବ ବୋଲି କହିଥିଲେ।

କେସିସିଏଲରେ କାମକରୁଥିବା ସ୍ଥାନୀୟ ଲୋକଙ୍କୁ ଚାକିରି ଦେବାରେ ନିୟମ ଉଲଙ୍ଘନ କରି ମାତ୍ର ୩୦ରୁ ୩୫ ପ୍ରତିଶତ ଲୋକଙ୍କୁ ରଖାଯାଇଛି,ଯାହାର ସଂଖ୍ୟା ୪୦୦ରୁ ୫୦୦ହେବ। ସେମାନଙ୍କୁ ୨୬ଦିନ କାମ କରେଇ ୧୩ ଦିନର ଦରମା ଦିଆଯାଉଛି। ବାକି ପଇସା କୁଆଡେ ଯାଉଛି ବୋଲି ଶ୍ରମିକ ସଂଗଠନ ଓସିଏମଏସ୍ ପକ୍ଷରୁ ଏରିଆ ସେକ୍ରେଟାରୀ ରବୀନ୍ଦ୍ର ପ୍ରସାଦ ଓ ଅନ୍ୟମାନେ ପ୍ରଶ୍ନ କରିଥିଲେ। ପରେ ସମସ୍ତ ଦାବି ପୂରଣ ନେଇ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ଧାରଣାକୁ ସ୍ଥଗିତ କରାଯାଇଛି। ଆଜି ଆଲୋଚନା ବେଳେ ଶ୍ରମିକ ସଂଗଠନ ପକ୍ଷରୁ ବିସିଏମଡବ୍ଲ୍ୟୁ ଏରିଆ ସମ୍ପାଦକ ସଞ୍ଜୟ ଗିରି, ସାଗର ପ୍ରଧାନ, ଲକ୍ଷ୍ମଣ ଭଞ୍ଜ, ସୁନ୍ଦର ଲାଲ ଟାର୍ଜନ, ବୁଲୁ ପାଣିଗ୍ରାହୀ, ରାଜକୁମାର ମହାନନ୍ଦ ,ସୁଜାତା ସେନାପତି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ‘ଆସ ବହିଟିଏ କିଣିବା’ କାର୍ଯ୍ୟକ୍ରମ

ଦେବଗଡ଼,୯।୪(ସମିସ): ଓଡିଆ ପକ୍ଷ ପାଳନର ନବମ ଦିବସ ଅବସରରେ ଆଜି ଦେବଗଡ ଜିଲ୍ଲାରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ‘ଆସ ବହିଟିଏ କିଣିବା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଓ ସମ୍ମାନିତ



ଅତିଥିଭାବେ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ବିଧାୟକଙ୍କ ପ୍ରତିନିଧି ଚନ୍ଦ୍ର ଶେଖର ଭୁକ୍ତା, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଓ ଉପଜିଲ୍ଲାପାଳ ପରିକ୍ଷିତ ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥିଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ଜିଲ୍ଲାର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ପ୍ରମୁଖ ସାମିଲ ହୋଇ ବିଭିନ୍ନ ପୁସ୍ତକ କ୍ରୟ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ପତ୍ରିକା ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ, ଶ୍ରୀ ଜଗନ୍ନାଥ ଭଜନ, ପ୍ରଗତି ପ୍ରବାହ ଓ ଓଡ଼ିଶା ଆନୁଆଲ ରେଫରେନ୍ସ ପୁସ୍ତକ ବିକ୍ରି କରାଯାଇଥିଲା। ଏହି ପୁସ୍ତକ ମେଳାରେ ବହୁ ସଂଖ୍ୟାରେ ଜିଲ୍ଲାସ୍ତରୀୟ ଅଧିକାରୀ କର୍ମଚାରୀ, ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଅଙ୍ଗନବାଡ଼ି କର୍ମୀ, ଜନସାଧାରଣ, ଲେଖକ, ଲେଖିକାମାନେ ଉପସ୍ଥିତ ରହି ପୁସ୍ତକ କ୍ରୟ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସଂଯୋଜନା କରିଥିଲେ।

### ● ଅଙ୍ଗନବାଡି କେନ୍ଦ୍ରରେ ଦୁର୍ବୃତ୍ତଙ୍କ ଉନ୍ମତ୍ତ କାଣ୍ଡ

## ସାମଗ୍ରୀ ଭାଙ୍ଗିଲେ; ଅଣ୍ଡା, ଚାଉଳ ନଷ୍ଟ କଲେ





ଝାରସୁଗୁଡା/ବ୍ରଜରାଜନଗର,୯।୪(ସମିସ): ଅଙ୍ଗନବାଡି କେନ୍ଦ୍ରରେ ପଶି ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟ ସାମଗ୍ରୀ ଓ ଅନ୍ୟାନ୍ୟ ସାମଗ୍ରୀ ଭାଙ୍ଗିରୁଜି ଦଳିମକଚି ନଷ୍ଟ କରିଛନ୍ତି ଦୁର୍ବୃତ୍ତ। ଏଭଳି ଘଟଣା ଦେଖିବାକୁ ମିଳିଛି ବ୍ରଜରାଜନଗର ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନମ୍ବର ୧୪ ଇବପିଟ ଅଙ୍ଗନବାଡି କେନ୍ଦ୍ରରେ। ଗୁରୁବାର କିଛି ଦୁର୍ବୃତ୍ତ କେନ୍ଦ୍ରର ତାଲା ଭାଙ୍ଗି ପଶିବା ସହିତ ଶିଶୁମାନଙ୍କୁ ଖାଇବାକୁ ଦିଆଯାଉଥିବା ଖାଦ୍ୟ, ଅଣ୍ଡା, ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ଭଙ୍ଗା ରୁଜା କରି ଦଳିମକଚି ନଷ୍ଟ କରିଦେଇଛନ୍ତି। ଇବପିଟ ଅଙ୍ଗନବାଡ଼ି କେନ୍ଦ୍ରର ଅଙ୍ଗନବାଡି ଦିଦି ଭଗବତୀ ରଣା ଗୁରୁବାର ସକାଳେ କେନ୍ଦ୍ରକୁ ଆସିବା ବେଳେ ଗେଟ୍‌ର ତାଲା ଭଙ୍ଗାଯାଇଥିବା ଓ ଶିଶୁଙ୍କ ପାଇଁ ରଖାଯାଇଥିବା ଅଣ୍ଡାକୁ ଦଳିମକଚି ନଷ୍ଟ କରାଯାଇଥିବା ଦେଖିଥିଲେ। ଏନେଇ ଅଙ୍ଗନବାଡି ଦିଦି ଭଗବତୀ ରଣା ପୂର୍ବତନ କାଉନସିଲର ବିଜୟ ସିଂହକୁ ଖବର ଦେଇଥିଲେ। କାଉନସିଲର ବିଜୟ ସିଂହ ଅଙ୍ଗନବାଡିରେ ପହଞ୍ଚିବା ପରେ ସ୍ଥାନୀୟ ପୁଲିସକୁ ଖବର ଦେଇଥିଲେ। ପୁଲିସ ଅଙ୍ଗନବାଡି କେନ୍ଦ୍ରରେ ପହଞ୍ଚି ନିରୀକ୍ଷଣ କରିଥିଲେ। ଘଟଣା ପରେ ଦୋଷୀମାନଙ୍କୁ ଧରା ନ ଯିବା ପର୍ଯ୍ୟନ୍ତ ଶିଶୁଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରକୁ ପଠାଇବୁ ନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଦୁର୍ବୃତ୍ତଙ୍କୁ ଗିରଫ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟବାସୀନ୍ଦା ଦାବି କରିଛନ୍ତି।

## ଏନ୍‌ଟିପିସିର ଆସ୍‌ପଣ୍ଡକୁ ଲୋଇସିଂହବାସୀଙ୍କ ବିରୋଧ

ବ୍ରଜରାଜନଗର,୯।୪(ସମିସ): ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ନିର୍ବାଚନୀ କ୍ଷେତ୍ରର ଲୋଇସିଂହ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତିଲେଇମାଲ ଗ୍ରାମ ପାଶ୍ୱର୍ରେ ଏନଟିପିସି ଦ୍ୱାରା ପ୍ରସ୍ତାବିତ ଆସ ପଣ୍ଡକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଏନ୍‌ଟିପିସି ଚଞ୍ଚକତା କରି ଜନଶୁଣାଣି କରି ନିରୀହ ଆଦିବାସୀଙ୍କୁ ଶୋଷଣ କରିବାକୁ ଚେଷ୍ଟା କରୁଛି ବୋଲି ଲୋଇସିଂହ ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ



କରିଛନ୍ତି ସରପଞ୍ଚ ସନାତନ ରୋହିଦାସ। ତାଙ୍କ ସହିତ ରାଜପୁର ସରପଞ୍ଚ ସରସ୍ୱତୀ ନାୟକ, ରାଜପୁର ସମିତି ସଭ୍ୟା ସସ୍ମିତା ତନ୍ତୀ, ଚାନ୍ଦିନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ଗୌଡ଼ମାଲ ସରପଞ୍ଚ ରାଜ କୁମାର ସାଏ, ପ୍ରମୁଖ ଉପସ୍ଥିତ ଥିଲେ। ଚାରି ପଞ୍ଚାୟତ ସରପଞ୍ଚଙ୍କ ଅଭିଯୋଗ ଅନୁଯାୟୀ, ଏନ୍‌ଟିପିସି ଦ୍ୱାରା ବୁଧବାର ତିଲେଇମାଲ ଗ୍ରାମରେ କରାଯାଇଥିବା ଜନଶୁଣାଣି ସମ୍ପୂର୍ଣ୍ଣ ଭାବରେ ବେଆଇନ। ଜନଶୁଣାଣି କରିବା ପୂର୍ବରୁ ପଞ୍ଚାୟତବାସୀଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇବା କଥା। ବିସ୍ଥାପିତ ହେବାକୁ ଯାଉଥିବା ଗ୍ରାମବାସୀଙ୍କୁ ୧୫ ଦିନ ପୂର୍ବରୁ ଗ୍ରାମସଭା କରି ଜଣାଇବା କଥା। ତିଲେଇମାଲ ଗ୍ରାମରେ ୮୭ ପ୍ରତିଶତ ଆଦିବାସୀ ହରିଜନ ସମ୍ପ୍ରଦାୟର ଲୋକ ଅଛନ୍ତି, ଯେଉଁ ମାନେ ଜଙ୍ଗଲ ଉପରେ ନିର୍ଭର କରି ତାଙ୍କ ପରିବାର ପ୍ରତିପୋଷଣ କରନ୍ତି। ଆସ ପଣ୍ଡ ହେଲେ ସେମାନେ ସବୁଦିନ ପାଇଁ ସେମାନଙ୍କ ଜୀବିକା ହରାଇ ବସିବେ। ପୂର୍ବରୁ ଗ୍ରାମଠାରୁ ୫୦୦ ମିଟର ଦୂରରେ ଗୋଟିଏ ଆସ ପଣ୍ଡ ଅଛି। ସେହି ଆସ ପଣ୍ଡ ପ୍ରଭାବରେ ଦୁଇ ନଦୀ ବସୁନ୍ଧରା ଓ ବାଘେଇନାଲ ପାଣି ପ୍ରଦୂଷିତ ହେଉଛି। ଲୋକମାନଙ୍କର ଚାଷ ଉଜୁଡିବା ସହିତ ସେହି ପାଣି ବ୍ୟବହାର କରି ବିଭିନ୍ନ ପ୍ରକାର ରୋଗର ଶିକାର ହେଉଛନ୍ତି ଅଞ୍ଚଳବାସୀ। ଏବେ ଆଉ ଗୋଟେ ଆସ ପଣ୍ଡ ହେଲେ ପରିସ୍ଥିତି ଭୟାବହ ହେବ ବୋଲି ପ୍ରକାଶ କରିଥିଲେ। ଏନ୍‌ଟିପିସି କର୍ତ୍ତୃପକ୍ଷ ଚଞ୍ଚକତା କରି ୫ ତାରିଖରେ ନୋଟିସ କରି ୮ ତାରିଖରେ ଜନଶୁଣାଣି କରିଛନ୍ତି। ଜନଶୁଣାଣିରେ ଅଭିଯୋଗ କରିବାକୁ ଯାଇଥିବା ମହିଳାମାନଙ୍କୁ ଭିତରକୁ ପୁଲିସ ନ ଛାଡ଼ିବା ଦୁର୍ଭାଗ୍ୟର କଥା ବୋଲି ସରପଞ୍ଚ ପ୍ରକାଶ କରିଛନ୍ତି।

## ତିଲେଇମାଲରେ ଆସ୍‌ପଣ୍ଡ ପାଇଁ ଏନ୍‌ଟିପିସିର ଜନଶୁଣାଣି

ବ୍ରଜରାଜନଗର,୯।୪(ସମିସ): ସ୍ଥାନୀୟ ଲୋଇସିଂ ପଞ୍ଚାୟତ ଅନ୍ତର୍ଗତ ତିଲେଇମାଲ ଗ୍ରାମରେ ଏନ୍‌ଟିପିସି ତରଫରୁ ଆସ ପଣ୍ଡ ନିର୍ମାଣ କରିବା ପାଇଁ ଜନଶୁଣାଣି ବୁଧବାର ଅନୁଷ୍ଠିତ ହୋଇଛି। ଆୟୋଜିତ



କାର୍ଯ୍ୟକ୍ରମରେ ଝାରସୁଗୁଡା ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଗ୍ରାମବାସୀଙ୍କ ଅଭଯୋଗ ଶୁଣିଥିଲେ। ଗ୍ରାମର ୧୫ଜଣ ମହିଳା ପୁରୁଷ ସେମାନଙ୍କ ଅଭିଯୋଗ ଜିଲ୍ଲା ପ୍ରଶାସନ ଆଗରେ ରଖିଥିଲେ। ଗ୍ରାମର ପଶ୍ଚିମ ପାଶ୍ୱର୍ରେ ୬୮/୪୭ଏକର ଜାଗାରେ ଆସ ପଣ୍ଡ ନିର୍ମାଣ କରାଯିବ, ବଳକା ଜାଗାରେ ଫସଲ କରିବା ସମ୍ଭବ ହେବ ନାହିଁ। ଯଦି ଜମି ଯାଉଛି ତେବେ ସମସ୍ତ ଜମିକୁ ଅଧିଗ୍ରହଣ କରିବାକୁ ଗ୍ରାମବାସୀ ପ୍ରଶାସନ ପାଖରେ ନିବେଦନ କରିଥିଲେ। ନଚେତ ତିଲେଇମାଲ ଗ୍ରାମକୁ ସମ୍ପୂର୍ଣ୍ଣ ବିସ୍ଥାପିତ କରାଯାଉ ବୋଲି ଗ୍ରାମବାସୀ ନିବେଦନ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗକୁ କମ୍ପାନୀ କର୍ତ୍ତୃପକ୍ଷ ଲିଖିତ ଆକାରରେ ଗ୍ରହଣ କରିଥିଲେ। ଆଗାମୀ ଦିନରେ ଗ୍ରାମବାସୀଙ୍କୁ ସାଥିରେ ନେଇ ବିକାଶ କାର୍ଯ୍ୟ କରାଯିବ ବୋଲି କମ୍ପାନୀ ସିଏସଆର ବିଭାଗର ଏଚଆର ସମୀର ଭଞ୍ଜ ପ୍ରକାଶ କରିଥିଲେ।

# ହୋଟେଲ ଓ ରେଷ୍ଟୁରାଣ୍ଟରେ ପୌର ପ୍ରଶାସନର ଚଢ଼ଉ

### ଖାଦ୍ୟର ଗୁଣବତ୍ତା ପରଖିଲେ; ନିମ୍ନମାନର, ବାସି ଖାଦ୍ୟ ନଷ୍ଟ କଲେ



ଝାରସୁଗୁଡ଼ା,୯।୪(ସମିସ)

ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନିର୍ଦ୍ଦେଶକ୍ରମେ ଆଜି ବ୍ରଜରାଜନଗର ସହରର ବିଭିନ୍ନ ସ୍ଥାନରେ ପୌରପାଳିକା ପକ୍ଷରୁ ଚଢ଼ଉ କରାଯାଇଛି। ବ୍ରଜରାଜନଗର ପୌରପାଳିକା ନିର୍ବାହୀ ଅଧିକାରୀ ଚନ୍ଦ୍ରମଣୀ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗାନ୍ଧୀ ଛକ ନିକଟସ୍ଥ ବିଭିନ୍ନ ରେଷ୍ଟୁରାଣ୍ଟ, କାଫେ ଏବଂ ମାଂସ ଦୋକାନଗୁଡ଼ିକରେ ଅତର୍କିତ ଚଢ଼ଉ କରିଛନ୍ତି। ଏହି ଚଢ଼ଉ ସମୟରେ ବିଶେଷ କରି ଖାଦ୍ୟର ଗୁଣବତ୍ତା ଏବଂ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଯାଞ୍ଚ ବେଳେ ଅନେକ ସ୍ଥାନରେ ବାସି ତଥା ଅସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରୟ ହେଉଥିବା ଦେଖିବାକୁ ମିଳିଥିଲା। ପ୍ରଶାସନ ପକ୍ଷରୁ ସେହି ସମସ୍ତ ଅପରିଷ୍କାର ଖାଦ୍ୟକୁ ତୁରନ୍ତ ନଷ୍ଟ କରାଯିବା ସହ ବ୍ୟବସାୟୀମାନଙ୍କୁ କଡ଼ା ଚେତାବନୀ ଦିଆଯାଇଛି। ନିୟମ



### ୨୭,୫୦୦ ଜରିମାନା ଆଦାୟ; ବେଆଇନ ମାଂସ ଦୋକାନ ଉଚ୍ଛେଦ

ଉଲ୍ଲଙ୍ଘନ ଅଭିଯୋଗରେ ବିଭିନ୍ନ ଦୋକାନୀଙ୍କ ଠାରୁ ସର୍ବମୋଟ ୨୭,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାରଙ୍କ ଦ୍ୱାରା ନିଷିଦ୍ଧ କରାଯାଇଥିବା ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବା ପଲିଥିନ ବ୍ୟବହାର ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଟିମ୍ ପକ୍ଷରୁ ବିଭିନ୍ନ ଦୋକାନରୁ ପ୍ରାୟ ୨୮ କିଲୋ ପଲିଥିନ ଜବତ କରାଯାଇଛି। ଏହା ସହିତ ରାସ୍ତା କଡ଼ରେ ବେଆଇନ ଭାବେ ଗଢ଼ିଉଠିଥିବା ଅସ୍ଥାୟୀ ମାଂସ ଦୋକାନଗୁଡ଼ିକୁ ପୌରପାଳିକା ପକ୍ଷରୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଇଛି। ଆଗାମୀ ଦିନରେ ଏଭଳି ଯାଞ୍ଚ ପ୍ରକ୍ରିୟା ଜାରି ରହିବ ବୋଲି ପୌର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ପ୍ରଦୋଷ କୁମାର ସ୍ମୃତି ସ୍ମାରକୀ ସ୍ନାତକ ମହାବିଦ୍ୟାଳୟରେ ରକ୍ତଦାନ ଶିବିର



ଝାରସୁଗୁଡ଼ା,୯।୪(ସମିସ): ଝାରସୁଗୁଡା ଜିଲ୍ଲା ହଂ.କଟାପାଲି ସ୍ଥିତ ପ୍ରଦୋଷ କୁମାର ସ୍ମୃତି ସ୍ମାରକୀ ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଗୁରୁବାର ଏନଏସଏସ, ୱାଆରସି ତଥା ବିଶ୍ୱ ସେବା ଚ୍ୟାରିଟେବୁଲ ଟ୍ରଷ୍ଟ ଓ ଜିଲ୍ଲା ମୂଖ୍ୟ ଚିକିତ୍ସାଳୟର ମିଳିତ ସହଯୋଗରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଝାରସୁଗୁଡା ଜେମସ୍ ସମ୍ବାଦ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସଦରଥାନା ଆଇଆଇସି ସ୍ୱପ୍ନାରାଣୀ ଗଚ୍ଛାୟତ ଯୋଗଦେଇଥିଲେ। ପରିଚାଳନା କମିଟିର ପୂର୍ବତନ ସଭାପତି ଧନୁର୍ଜୟ ସେଠ୍ ଛାତ୍ରଛାତ୍ରୀଙ୍କୁ ରକ୍ତଦାନର ଉଦ୍ଦେଶ୍ୟ ବିଷୟରେ କହିଥିଲେ। ଏନଏସଏସ ସଂଯୋଜକ ତଥା ଶିକ୍ଷା ବିଭାଗର ମୂଖ୍ୟ ଅଧ୍ୟାପକ ଡ. ଶମ୍ଭୁ ଖମାରୀ ପରିଚାଳନା କରିଥିବାବେଳେ ୱାଆର୍‌ସି ସଂଯୋଜକ ସମ୍ମୁ ପ୍ରଧାନ ସହଯୋଗ କରିଥିଲେ। ଶିବିରରେ ସମୁଦାୟ ୩୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ବିଦେଶୀ ମଦ ସହ ଗଞ୍ଜେଇ ଜବତ



ପରଜଙ୍ଗ,୯ ।୪(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଅବକାରୀ ଥାନା ଅଧୀନ ବାରିହାପୁର ପଇଁନ୍ତିରିଆ ସାହିରେ ଗୁରୁବାର ଭୋର ସମୟରେ ଜଣେ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଗିରଫ ଅଭିଯୁକ୍ତ ହେଲେ ବାରିହାପୁର ପଇଁନ୍ତିରିଆ ସାହିର ଦିଲୀପ କୁମାର ଦେହୁରୀ (୫୧)। ସେ ଦୀର୍ଘଦିନ ଧରି ଗଞ୍ଜେଇ ବେପାର କରୁଥିବା ଖବର ପାଇ ପରଜଙ୍ଗ ଏବଂ କାମାକ୍ଷାନଗର ଅବକାରୀ ଅଧିକାରୀ ଏବଂ କର୍ମଚାରୀ ଦିଲୀପଙ୍କ ଘର ଏବଂ ଦୋକାନରେ ଚଢ଼ଉ କରିଥିଲେ। ସେଠାରୁ ୫ କେଜି ୫ ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏଥିସହ ୯୩.୬ ଲିଟର ବିଅର ଓ ୧୭.୨୮୦ ଲିଟର ବିଦେଶୀ ମଦ ମଧ୍ୟ ଜବତ କରାଯାଇଛି। ଜବତ ଗଞ୍ଜେଇ ଓ ମଦର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। କାମାକ୍ଷାନଗର ଅବକାରୀ ଇନ୍ସପେକ୍ଟର ପ୍ରକାଶ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଚଢ଼ଉରେ କାମାକ୍ଷାନଗର ଅବକାରୀ ଏଏସଆଇ ସନାତନ ବେହେରା, ପରଜଙ୍ଗ ଅବକାରୀ ଅବକାରୀ ବିଭାଗର ବାସନ୍ତୀ ବାକ୍ଲି, ଏଏସଆଇ ପ୍ରକାଶ ରାଉତ ଓ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ। ଏ ସଂକ୍ରାନ୍ତରେ ପରଜଙ୍ଗ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁକରି ଦିଲୀପଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଛି।

# ଜିଲ୍ଲାର ୪୦ରୁ ଊର୍ଦ୍ଧ୍ୱ ଘରୋଇ ସ୍କୁଲର ସିଓଆର ନାହିଁ

## ଆଦର୍ଶ ଏବଂ ନବୋଦୟ ବିଦ୍ୟାଳୟରେ ନାମ ଲେଖାଇବାରେ ସମସ୍ୟା

ଢେଙ୍କାନାଳ,୯ ।୪(ସମିସ)

ଢେଙ୍କାନାଳ ଜିଲ୍ଲାର ୪୦ରୁ ଊର୍ଦ୍ଧ୍ୱ ଘରୋଇ ବିଦ୍ୟାଳୟର (ସାର୍ଟିଫିକେଟ ଅଫ୍ ରେଜିଷ୍ଟ୍ରେସନ) ସିଓଆର ନ ଥିବାରୁ ସେଠାରେ ପାଠ ପଢୁଥିବା ମେଧାବୀ ଛାତ୍ରଛାତ୍ରୀ ଆଦର୍ଶ ଓ ନବୋଦୟ ବିଦ୍ୟାଳୟରେ ନାମ ଲେଖାଇବାରେ ସମସ୍ୟା ଭୋଗୁଛନ୍ତି। ବ୍ୟବସାୟିକ ଭିତ୍ତିରେ ଘରୋଇ ବିଦ୍ୟାଳୟଗୁଡ଼ିକ ଚାଲିଥିବା ବେଳେ ସିଓଆର ନାହିଁ। ଆଡମିଶନ, ରିଆଡମିଶନ, ମାସିକ ଟ୍ୟୁସନ ଫି' ସମେତ ହଜାର ହଜାର ଟଙ୍କାରେ ବହି ବିକ୍ରିକରି ବିଦ୍ୟାଳୟ କର୍ତ୍ତୃପକ୍ଷ ମାଲେମାଲ ହେଉଥିବା ବେଳେ ସିଓଆର ନ ଥାଇ କେମିତି ସ୍କୁଲ ଚାଲିଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିରୀହ ଛାତ୍ରଛାତ୍ରୀମାନେ ନବୋଦୟ ଏବଂ ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇବାକୁ ଯୋଗ୍ୟ ବିବେଚିତ ହେଉଥିବା ବେଳେ ସିଓଆର ନ ଥିବାରୁ ନାମଲେଖାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସରକାର ଭିତ୍ତିଭୂମି ଦେଖି ବିଦ୍ୟାଳୟ ଖୋଲିବା ଉପରେ କୌଣସି କଟକଣା ଲଗାଉନାହାନ୍ତି। କୌଣସି ବିଦ୍ୟାଳୟ ଖୋଲିବା ସହ ସେ ସରକାରଙ୍କ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ତରଫରୁ ସିଓଅର ପାଇବା ପରେ ବିଦ୍ୟାଳୟ ପ୍ରମାଣପତ୍ର ପ୍ରଦାନ କରିପାରିବେ। କୌଣସି ବିଦ୍ୟାଳୟ ସିଓଆର ପାଇବାକୁ ହେଲେ ନିଜ ନାମରେ ଜମି, ତାଲିମପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଖେଳପଡ଼ିଆ ସହ ଅନ୍ୟାନ୍ୟ ବିଧି ବ୍ୟବସ୍ଥା ରହିବା ନିୟମ ରହିଛି। ଏହି ବିଦ୍ୟାଳୟଗୁଡ଼ିକ ସିଧାସଳଖ ଭାବେ ଜିଲ୍ଲା ଶିକ୍ଷାଧିକାରୀ ଏବଂ ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନରେ କାର୍ଯ୍ୟ କରିଥାଏ। ଢେଙ୍କାନାଳ ଜିଲ୍ଲାରେ ପ୍ରାୟ ୧୭୬ ଘରୋଇ ବିଦ୍ୟାଳୟ ରହିଛି। ସଦର ବ୍ଲକରେ ଗୋଟିଏ, ଓଡ଼ାପଡ଼ାରେ ୭ଟି, ଗଁଦିଆରେ ୯ଟି, ହିନ୍ଦୋଳରେ ୫ଟି, ପରଜଙ୍ଗରେ ୨ଟି, କଙ୍କଡ଼ାହାଡ଼ରେ ୩ଟି, ଭୁବନରେ ୧୨ଟି ବିଦ୍ୟାଳୟର ସିଓଆର ରହିଛି। ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରତି ବ୍ଲକରେ ଆଦର୍ଶ ବିଦ୍ୟାଳୟ ଏବଂ ଜିଲ୍ଲାରେ କେନ୍ଦ୍ରୀୟ ବିଦ୍ୟାଳୟ ସହ ନବୋଦୟ ବିଦ୍ୟାଳୟ ରହିଛି। ଚଳିତ ବର୍ଷ ଏହି ବିଦ୍ୟାଳୟଗୁଡ଼ିକରେ ନାମ ଲେଖାଇବାକୁ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପିଲାମାନେ ନାମ ଲେଖାରୁ ବଞ୍ଚିତ ହେଉଥିବାର ଜଣାପଡ଼ିଛି। ସିଓଆର ନ ଥିବାରୁ ଆଦର୍ଶ ଭଳି ବିଦ୍ୟାଳୟ ନାମ ଲେଖାଇବାକୁ ଅନୁମତି ଦେଉନାହିଁ। ଯଦି ସିଓଆର ନାହିଁ ସେହି ଛାତ୍ରଛାତ୍ରୀଙ୍କୁ କାହିଁକି ପ୍ରବେଶିକା ପରୀକ୍ଷାକୁ ଅନୁମତି ପ୍ରଦାନ କରାଯାଉଛି ଏବଂ ଉତ୍ତୀର୍ଣ୍ଣ ହେବା ପରେ ସିଓଆରର ଆଳ ଦେଖାଇ ନାମଲେଖାରୁ ବଞ୍ଚିତ କରାଯାଉଛି ତାକୁ ନେଇ ଅସନ୍ତୋଷ ଦେଖାଦେଉଛି। ସହରର କୁମ୍ଭାରସାହିର କ୍ରିଷ୍ଣା ଦୀପକ ମହାନ୍ତିଙ୍କ ପୁଅ ସହରରେ ଥିବା ଓମ୍ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପାଠ ପଢ଼ିବା ସହିତ ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇବାକୁ ଯୋଗ୍ୟ ହୋଇଛନ୍ତି। କିନ୍ତୁ ସିଓଆର ନ ଥିବାରୁ ନାମ ଲେଖାଇବାରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି। ବହୁ ବିଦ୍ୟାଳୟର ଛାତ୍ରଛାତ୍ରୀ କଠିନ ପରିଶ୍ରମ କରି ପ୍ରବେଶିକା ପରୀକ୍ଷାରେ ସଫଳ ହୋଇଥିବା ବେଳେ ବର୍ତ୍ତମାନ ନାମ ଲେଖାରୁ ବଞ୍ଚିତ ହେବା ଦ୍ୱାରା ମାନସିକ ଚାପଗ୍ରସ୍ତ ହେଉଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷ ଚୁପ୍ ବସିଥିବା ବେଳେ ସରକାର ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

● ଆଉଟ ସୋର୍ସିଂରେ ଚାଲିବ ପରିମଳ ବ୍ୟବସ୍ଥା

## ବିଓଭି ଗାଡ଼ି ଚାଳିକାଙ୍କୁ ଛଟେଇ ପ୍ରତିବାଦରେ ଧାରଣା

ଢେଙ୍କାନାଳ,୯ ।୪(ସମିସ): ଢେଙ୍କାନାଳ ପୌରସଂସ୍ଥାରେ ବିବାଦ ଛିଣ୍ଡିବାର ନାଁ ଧରୁନି। କେତେବେଳେ ରାତିଅଧିଆ ଟେଣ୍ଡରକୁ ନେଇ ତ ଅନ୍ୟ କେତେବେଳେ ଲାଇଟ ଲଗାଇବାକୁ ନେଇ ବିବାଦ ପରେ ବିବାଦ ଲାଗି ରହିଛି। ଗୁରୁବାର ପୌରସଂସ୍ଥାରେ ଦୀର୍ଘ ସାତବର୍ଷ ହେବ କାର୍ଯ୍ୟ କରୁଥିବା ବ୍ୟାଟେରୀ ଗାଡ଼ି ଚାଳକଙ୍କୁ ଗତ ୩ ମାସ ହେବ ଦରମା ପ୍ରଦାନ କରା ନ ଯିବା, ଘରୋଇ ସଂସ୍ଥା ଦ୍ୱାରା ୪୨ଜଣ କର୍ମଚାରୀଙ୍କ ମଧ୍ୟରୁ ୧୫ଜଣଙ୍କୁ ଛଟେଇ କରିବା ନିଷ୍ପତ୍ତିକୁ ବିରୋଧ କରି କର୍ମଚାରୀମାନେ ପୌରସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ତାଲା ପକାଇବା ସହ ସେମାନଙ୍କୁ ନିୟମିତ କରିବା ଦାବିରେ ଧାରଣାରେ ବସିଥିଲେ। ଦିର୍ଘ ସମୟ ବସିରହିବା ଯୋଗୁ ଜଣେ ଚାଳିକା ଅଚେତ ହୋଇପଡ଼ିଥିଲେ। ଏ ନେଇ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇବା ସହ କର୍ମଚାରୀଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି।

ଢେଙ୍କାନାଳ ପୌରସଂସ୍ଥାରେ ୨୦୧୯ରୁ ୪୨ ଜଣ ମହିଳା ବିଓଭି ବ୍ୟାଟେରୀ ଗାଡ଼ି ଚାଳକ ଭାବେ ନିୟମିତ କାର୍ଯ୍ୟ କରିଆସୁଛନ୍ତି। ସେମାନେ ପ୍ରତ୍ୟେକ ଦିନ ସକାଳ ସାଢ଼େ ୫ଟାରୁ କାମ କରୁଥିବା ବେଳେ ତିନି ମାସ ହେବ ଦରମା ମିଳି ନ ଥିବାର ଅଭିଯୋଗ କରିଛନ୍ତି। ବୁଧବାର ଏବିସି ପ୍ରାଇଭେଟ ଲିମିଟେଡ ସଂସ୍ଥାର ଏକ ବୈଠକ ଅନୁଷ୍ଠିତ ହୋଇ ଠିକାଦାରଙ୍କ ଦ୍ୱାରା ବିଓଭି ଗାଡ଼ି ଚାଳିକାମାନଙ୍କୁ ଡକାଇ ସାନିଟେସନ ଅଫିସର ଏବଂ ଏମଇଙ୍କ ଉପସ୍ଥିତିରେ ଗାଡ଼ି ଚଳାଉଥିବା ୪୨ ମହିଳାଙ୍କୁ ରଖିପାରିବେ ନାହିଁ ବୋଲି କହିଥିଲେ। ୨୭ଜଣଙ୍କୁ ରଖି ଅନ୍ୟ ୧୫ଜଣଙ୍କୁ ଛଟେଇ କରାଯିବା ସହ ମାସିକ ଦରମା ୧୩ ହଜାର ୫ ଶହ ବଦଳରେ ମାତ୍ର ୧୦ ହଜାର ୧୬୦ଟଙ୍କା ଦେବାକୁ କହିଥିଲେ। ଠିକା ସଂସ୍ଥା ପକ୍ଷରୁ ଯେଉଁମାନଙ୍କୁ ରାତି ୭ଟାରେ ଫୋନ କଲଯିବ ସେମାନେ କମ କରିବେ ଓ ଅନ୍ୟମାନେ କାମକୁ ଆସିବେ ନାହିଁ ବୋଲି କୁହାଯାଇଥିଲା। ଏ ନେଇ ଗାଡ଼ି ଚାଳିକାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ସେମାନଙ୍କୁ ତିନି ମାସର ଦରମା ପ୍ରଦାନ, ସମସ୍ତଙ୍କୁ ସ୍ଥାୟୀ ନିଯୁକ୍ତି ଦାବି କରି ଗୁରୁବାର ପୌରକାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ବହୁ ବିଳମ୍ବରେ ନିର୍ବାହୀ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସମାଧାନ କରିବାକୁ ଚାହିଁଥିଲେ ମଧ୍ୟ କର୍ମଚାରୀମାନେ କୌଣସି କଥା ଶୁଣି ନ ଥିଲେ। ତିନିଟି ଦାବି ପୂରଣ କରିବାକୁ ଦାବି ଅଡ଼ି ବସିଥିବା ବେଳେ ନିର୍ବାହୀ ଅଧିକାରୀ ଫାଇଲ ମଗାଇ ଦେଖିବେ ବୋଲି କହିଥିଲେ। ସହରର ସ୍ୱଚ୍ଛତା କାର୍ଯ୍ୟକୁ ଆଉଟସୋର୍ସିଂ ଏଜେନ୍ସିକୁ ହସ୍ତାନ୍ତର କରାଯାଇଥିବା କହିଥିଲେ। ତେବେ ଦୀର୍ଘ ୭ବର୍ଷ ଧରି ସହରବାସୀଙ୍କୁ ସେବା ଯୋଗାଇ ଦେଉଥିବା କର୍ମଚାରୀଙ୍କୁ ଦରମା ନ ଦେଇ ହଠାତ ଛଟେଇ କରିବାକୁ ନେଇ ଅସନ୍ତୋଷ ଦେଖାଦେଇଛି। ସହରରେ ଆବର୍ଜନା ଉଠାଯାଇ ନ ଥିବାରୁ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି।

## ପାଇପରେ ହଜାରେ କଣା; ଜଳଯୋଗାଣ ବାଟବଣା

ଭୁବନ,୯ ।୪(ସମିସ): ମୁଖ୍ୟ ପାଇପରେ ହଜାରେ କଣା, ମୃଦଙ୍ଗାର ଜଳଯୋଗାଣ ବାଟବଣା। ଟଙ୍କା ନେଇ ପାଣି ସଂଯୋଗ ଦେବା ବନ୍ଦ କର, ଜଳ ସାଥୀଙ୍କୁ ଏଠାରୁ ବଦଳି କର। ଏହା ଥିଲା ମୃଦଙ୍ଗାର ମହିଳାମାନଙ୍କ ସ୍ଲୋଗାନ। ଭୁବନ ବ୍ଲକ ମୃଦଙ୍ଗା ପଞ୍ଚାୟତର ପାନୀୟ ଜଳ ଯୋଗାଣରେ ଅନିୟମିତତା ନେଇ ପମ୍ପ ଘରକୁ ତାଲା ପକାଇଛନ୍ତି ଗ୍ରାମବାସୀ। ସୂଚନା ଅନୁଯାୟୀ ଗ୍ରାମର କୁମ୍ଭାର ଏବଂ କୈବର୍ତ୍ତ ସାହିରେ ଦୁଇ ଶହରୁ ଅଧିକ ପରିବାର ପାନୀୟଜଳ ପାଇପାରୁ ନାହାନ୍ତି। ଗ୍ରାମ ନିକଟରେ ବସୁଧା ଯୋଜନାରେ ପ୍ରକଳ୍ପ ନିର୍ମାଣ କରାଯାଇଛି। ପମ୍ପ ଘର ଏବଂ ଗ୍ରାମର ପ୍ରତ୍ୟେକ ଘରକୁ ଦିନକୁ ଦୁଇଓଳା ପାଣି ଯୋଗାଇ ଦିଆଯିବା ନିୟମ ମଧ୍ୟ ରହିଛି। ଏଥିପାଇଁ ଏଠାରେ ଜଣେ କର୍ମଚାରୀଙ୍କୁ ପାଣି ପମ୍ପ ଚାଳନା କରିବା ସହିତ ଦେଖାରଖା କରିବା ପାଇଁ ମାସିକ ୩୦୦୦ ଟଙ୍କାରେ ୨୦୧୬ରୁ ନିଯୁକ୍ତି ଦିଆଯାଇଛି। କିଛିବର୍ଷ ଧରି ପାଣି ଠିକ ଚାଲୁଥିଲା। କିନ୍ତୁ ଗତ ଦୁଇବର୍ଷ ହେଲା କୁମ୍ଭାର ଓ କୈବର୍ତ୍ତ ସାହିକୁ ପାଣି ଠିକ ଭାବେ ଯୋଗାଇ ଦିଆଯାଉନାହିଁ। ଆର୍ଥିକ ପ୍ରଲୋଭନର ବଶବର୍ତ୍ତୀ ହୋଇ କର୍ମଚାରୀ ଜଣକ କେବଳ ବଡ଼ବଡ଼ିଆ ତଥା କ୍ଷମତାଶାଳୀ ଲୋକଙ୍କୁ ମୁଖ୍ୟ ପାଇପରୁ ପର୍ଯ୍ୟାପ୍ତ ପାଣି ଯୋଗାଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଭୁବନ ପାନୀୟଜଳ ବିଭାଗ ଯନ୍ତ୍ରୀ ରଞ୍ଜନ ମହାନ୍ତିଙ୍କୁ ଏ ନେଇ ବାରମ୍ବାର ଅଭିଯୋଗ ପରେ ବି କୌଣସି ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ଗୁରୁବାର ଗ୍ରାମର ଶତାଧିକ ମହିଳା ପମ୍ପ ଘରେ ତାଲା ପକାଇ ପମ୍ପ ଅପରେଟରଙ୍କୁ ଏଠାରୁ ତୁରନ୍ତ ବଦଳି କରିବାକୁ ଦାବି କରିଛନ୍ତି।

ପାଣି ମିଳୁ ନ ଥିବାରୁ ମହିଳାମାନେ ୧ କିମି ଦୂର ପାଣ୍ଡରା ନାଳରୁ ପାଣି ସଂଗ୍ରହ କରୁଛନ୍ତି। ଗ୍ରାମର ଦକ୍ଷିଣ ଦିଗରେ ବୋରୱେଲ ଥିବା ବେଳେ ସେଠାରୁ ଗୋପାଳସାହିକୁ ମୁଖ୍ୟ ପାଇପରେ ପାଣି ଯାଏ। ସେଠାରୁ ସମସ୍ତ ସାହିକୁ ରିଟନ୍ ପାଇପରେ ଦିଆଯାଏ। ମୁଖ୍ୟ ପାଇପକୁ କଣା କରି ଦେବାରୁ ଗ୍ରାମବାସୀ ହଇରାଣ ହେଉଥିବା କହିଛନ୍ତି କଇନ୍ତା ଦାସ। ପାଣି ସଂଗ୍ରହ କରିବା ବଡ଼ କଷ୍ଟକର ବ୍ୟାପାର ହୋଇଛି। ସରକାର ବଦଳିଲା, ଆମ ଦୁଃଖ ବଢ଼ିଲା। ଗୋପାଳ ସାହି ଟାଙ୍କିକୁ ଆଉ ପାଣି ଗଲା ନାହିଁ। କେତେ କହିବୁ ସରପଞ୍ଚଙ୍କୁ ବୋଲି କୁହନ୍ତି ସାବିତ୍ରୀ ମଲ୍ଲିକ। ଏନେଇ ସରପଞ୍ଚ ଟିପ ମାଝୀ କୁହନ୍ତି, ଲୋକେ ସବୁବେଳେ ଅଭିଯୋଗ କରୁଛନ୍ତି। କୁମ୍ଭାର ସାହି କୈବର୍ତ୍ତ ସାହିକୁ ପାଣି ନାହିଁ। ବିଡିଓଙ୍କୁ ଜଣାଇ ସୁଧାରିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି।

## ହରିହାଟ ମହୋତ୍ସବ କମିଟିର ସ୍ଥାୟୀ ସଭାପତି ଉପଜିଲ୍ଲାପାଳ



ଖଜୁରିଆକଟା,୯ ।୪(ସମିସ): ହିନ୍ଦୋଳ ଉପଖଣ୍ଡସ୍ତରୀୟ ହରିହାଟ ମହୋତ୍ସବ କମିଟି ପୁନର୍ଗଠିତ ହୋଇଛି। କମିଟି ସଭାପତି ପ୍ରଦୀପ ସାମନ୍ତଙ୍କ ଆବାହକତ୍ୱ ଓ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଉତ୍ସବକୁ ପ୍ରଶାସନିକ ସ୍ତରରେ ପାଳନ ଓ ଦାୟିତ୍ୱ ଅର୍ପଣ ପାଇଁ ଆଲୋଚନା ହୋଇ ସର୍ବସମ୍ମତିକ୍ରମେ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେଉରାଙ୍କୁ ସ୍ଥାୟୀ ସଭାପତି ଓ ଡେପୁଟି କଲେକ୍ଟର ବିଶ୍ୱଜିତ ରାଉତଙ୍କୁ ସ୍ଥାୟୀ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଏଥିସହ ୧୫ଜଣିଆ କୋର୍ କମିଟି ଗଠନ କରାଯାଇଛି। ତହସିଲଦାର, ଏନଏସି ଅଧ୍ୟକ୍ଷ, ନିର୍ବାହୀ ଅଧିକାରୀ ଓ ପାରିଷଦବର୍ଗ ସ୍ୱତନ୍ତ୍ର ସଦସ୍ୟ ରହି କମିଟିକୁ ସହଯୋଗ କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ବୈଠକରେ ଉପଜିଲ୍ଲାପାଳ ପ୍ରଭାସ ବେଉରା, ତହସିଲଦାର ଦିଲୀପ ସେଠୀ, ଡେପୁଟି କଲେକ୍ଟର ବିଶ୍ୱଜିତ ରାଉତ, ଏନଏସି ଅଧ୍ୟକ୍ଷ କେଶବ ପ୍ରଧାନ, ବିଦାୟୀ ପ୍ରତିଷ୍ଠାତା ସଭାପତି ପ୍ରଦୀପ ସାମନ୍ତ, ସମ୍ପାଦକ ବିଶ୍ୱେଶ୍ୱର ସେଠୀ, ଆଇନଜୀବୀ ଅରୁଣ ଦାସ, ବ୍ରହ୍ମାନନ୍ଦ ପଟ୍ଟନାୟକ, ସନ୍ତୋଷ ବେହେରା, ପ୍ରକାଶ ନାୟକ, ବରିଷ୍ଠ ନାଗରିକ ପ୍ରଶାନ୍ତ ସର, ଗୋବିନ୍ଦ ବେହେରା, ବାଙ୍କନିଧି ପାଳ, ତ୍ରିନାଥ ବେହେରା, ପୂର୍ବତନ ଏନଏସି ଅଧ୍ୟକ୍ଷା ରୀନା ବେହେରା, ସାମ୍ବାଦିକ ଦୁଷ୍ମନ୍ତ ମିଶ୍ର, ଶତ୍ରୁଘ୍ନ ନନ୍ଦ, ପ୍ରଦ୍ୟୁମ୍ନ ବେହେରା, କାଉନସିଲର ରୁଦ୍ରନାରାୟଣପ୍ରସାଦ ଦାସ ପ୍ରମୁଖ ଯୋଗଦେଇଥିଲେ।

● ଅଲ୍ ଇଣ୍ଡିଆ ରାଇଜ୍‌ଅପ୍ ପିଆର ପ୍ରତିଯୋଗିତା

## ଆଇଆଇଏମସି ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ



ଢେଙ୍କାନାଳ,୯ ।୪(ସମିସ): ସ୍ଥାନୀୟ ଭାରତୀୟ ଜନ ସଞ୍ଚାର ସଂସ୍ଥାନ (ଆଇଆଇଏମସି) କର୍ପୋରେଟ୍ କମ୍ୟୁନିକେସନ୍ ଆଣ୍ଡ ବ୍ରାଣ୍ଡ ମ୍ୟାନେଜମେଣ୍ଟ (ସିସିବିଏମ) ପାଠ୍ୟକ୍ରମର ଦୁଇ ଛାତ୍ରଛାତ୍ରୀ ମୈତ୍ରୀ ଗର୍ଗ ଓ ଅଫତାବ ଅହମ୍ମଦ ପିଆର ମୋମେଣ୍ଟ ଦ୍ୱାରା ଆୟୋଜିତ ଅଲ୍ ଇଣ୍ଡିଆ ରାଇଜଅପ ପିଆର ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାରୀ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଦେଶର ବିଭିନ୍ନ ଅଗ୍ରଣୀ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଦୃଢ଼ ମେଣ୍ଟରିଂ ଅଧିବେଶନ ପରେ ଛାତ୍ରଛାତ୍ରୀମାନେ ଜୁରୀ ମେମ୍ବରଙ୍କ ସମ୍ମୁଖରେ ଲାଇଭ୍ ପିଚିଂ କରି ମୋଟ ୯ଟି ଶ୍ରେଷ୍ଠ ଦଳ ଚୂଡ଼ାନ୍ତ ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ପ୍ରତିଯୋଗୀଙ୍କୁ ବାସ୍ତବିକ ସମସ୍ୟା ଉପରେ ଆଧାରିତ ରଣନୈତିକ ଯୋଗାଯୋଗ କ୍ୟାମ୍ପେନ୍ ଷ୍ଟ୍ରାଟେଜିକ କମ୍ୟୁନିକେସନ କମ୍ପାଏନ ପ୍ରସ୍ତୁତ କରିବାକୁ ଦିଆଯାଇଥିଲା। ଯାହା ସେମାନଙ୍କ ସୃଜନଶୀଳତା, ବିଶ୍ଳେଷଣାତ୍ମକ କ୍ଷମତା ଏବଂ ଜନସମ୍ପର୍କ କ୍ଷେତ୍ରରେ ପ୍ରାୟୋଗିକ ଜ୍ଞାନର ପରୀକ୍ଷା କରାଯାଇଥିଲା। ଆ ଇ ଆ ଇ ଏ ମ ସି ଢେଙ୍କାନାଳରେ ଗତବର୍ଷ ଆରମ୍ଭ ହୋଇଥିବା ସିସିବିଏମ ପାଠ୍ୟକ୍ରମ ଏହି ସଫଳତା ମାଧ୍ୟମରେ ନିଜର ଶିକ୍ଷାଗତ ତାଲିମ ଏବଂ ପ୍ରାସଙ୍ଗିକତାକୁ ପ୍ରତିଫଳିତ କରିଛି। ଏହାର ନିରବଚ୍ଛିନ୍ନ ସଫଳତା ଏବଂ ଚାହିଦାକୁ ଦୃଷ୍ଟିରେ ରଖି ଆସନ୍ତା ଶିକ୍ଷାବର୍ଷରୁ ଏହି ପାଠ୍ୟକ୍ରମକୁ ମାଷ୍ଟର୍ସ ଡିଗ୍ରୀକୁ ଉନ୍ନୀତ କରାଯାଉଛି ବୋଲି ଆଇଆଇଏମସିର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି।

## କନ୍ଧରା ଜଙ୍ଗଲରୁ କଟାଯାଉଛି ମୂଲ୍ୟବାନ କାଠ




ହିନ୍ଦୋଳ,୯ ।୪(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳ ଖଲିବୋରେଇ ସେକ୍ସନ ବିମ୍ପୋରୀ ବିଟ ହାଉସ ଅନ୍ତର୍ଗତ କନ୍ଧରା ସଂରକ୍ଷିତ ଜଙ୍ଗଲରୁ ଲକ୍ଷାଧିକ ଟଙ୍କାର ଶାଳ ଓ ଶାଗୁଆନ ଗଛ କଟାଯାଇଥିବା ଅଭିଯୋଗ ହୋଇଛି। ତାହା ପୁଣି ବନବିଭାଗ ଜ୍ଞାତସାରରେ କଟାଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କାଠମାଫିଆ ଏବଂ ବନବିଭାଗ ମିଳିତ ସହଯୋଗରେ ଗଛ କଟାଯାଇ ବିକ୍ରି କରିବା ପାଇଁ ଯୋଜନା କରାଯାଇଥିଲା। ମାତ୍ର କାଠ କଟା ସରିବା ପରେ ବିକ୍ରି ଯୋଜନା ପଣ୍ଡ ହୋଇଥିଲା। ଫଳରେ ବନବିଭାଗ ଚତୁରତାର ସହ କାଠମାଫିଆଙ୍କୁ ଖସାଇ ଦେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ବନବିଭାଗକୁ ଯୋଗାଯୋଗ କରିବାରେ ମୂଳ ପ୍ରଶ୍ନକୁ ଏଡ଼ାଇବା ସହ କାଠ ଜବତ କରାଯାଇଛି ଏବଂ କାଠମାଫିଆ ଖସିପଳାଇଲେ ବୋଲି ସଫେଇ ଦେଇଛନ୍ତି।

ଜଙ୍ଗଲ ସୁରକ୍ଷା ପାଇଁ ଗ୍ରାମରେ ବନ ସୁରକ୍ଷା ସମିତି ଗଠନ କରାଯାଇଛି। ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଗଛ କଟାଯାଇଥିଲେ ମଧ୍ୟ କିପରି ବନ ସୁରକ୍ଷା ସମିତି ଟେର୍ ପାଇଲା ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବନବିଭାଗ ନିଜେ ଏଥିରେ ସମ୍ପୃକ୍ତ ଥିବାରୁ ଘଟଣାକୁ ଲିପାପୋତା କରିବାକୁ ଲାଗିପଡ଼ିଥିବା ଚର୍ଚ୍ଚା ହେଉଛି। ଜଙ୍ଗଲରୁ ଯଦି ଜଣେ ଜାଳେଣି କାଠ ଆଣୁଥାଏ ତାକୁ ବନବିଭାଗ ଧରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଅଥଚ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଗଛ କଟାଯାଇଥିଲେ ମଧ୍ୟ ଦୋଷୀଙ୍କ ପ୍ରତି ଅହେତୁକ ଅନୁକମ୍ପା ଦେଖାଇ ଖସାଇଦେଉଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଏବଂ ଜଙ୍ଗଲ ପରିବେଶ ମନ୍ତ୍ରୀଙ୍କୁ ଭେଟି ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ହିନ୍ଦୋଳ ବନାଧିକାରୀ ତ୍ରିଲୋଚନ ଦେହୁରୀଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି, ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ବିଭାଗୀୟ ଅଧିକାରୀ ଘଟଣାସ୍ଥଳକୁ ଯାଇଥିଲେ। ସେତେବେଳକୁ କାଠ କାଟିଥିବା ଲୋକମାନେ ପଳାଇ ଯାଇଥିଲେ। ଆମେ ମୁଣ୍ଡିଆପସି ଗ୍ରାମରୁ ଶାଳ ଏବଂ ଶାଗୁଆନ କାଠ ଜବତ କରିଛୁ। ଘଟଣାର ତଦନ୍ତ ଚାଲିଛି, ଖୁବଶୀଘ୍ର ଦୁର୍ବୃତ୍ତମାନଙ୍କୁ ଧରାଯିବ ବୋଲି ସେ କହିଛନ୍ତି।

## କୂଅରେ ପଡ଼ି ଯୁବକ ମୃତ

ଗଁଦିଆ,୯ ।୪(ସମିସ): ଗଁଦିଆ ଥାନା ଅନ୍ତର୍ଗତ ସାନ୍ଦାପଶି ପାଟଣା ଗ୍ରାମର ଦୀପକ ସାହୁ (୩୬)ଙ୍କର କୂଅରେ ପଡ଼ି ମୃତ୍ୟୁ ହୋଇଛି। ଦୀପକ ବୁଧବାର ରାତିରୁ ନିଖୋଜ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ଗୁରୁବାର ସକାଳେ ଦୀପକଙ୍କ ମୃତଦେହ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ପରିସରରେ ଥିବା କୂଅରେ ଭାସୁଥିବା ଦେଖିବାକୁ ମିଳିଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇବା ସହ ତଦନ୍ତ ଚଳାଇଛି।

■ ମରୁଆବିଲି ସେବାଶ୍ରମରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ

## 'ସୁସ୍ଥ ଶରୀର ଓ ସୁସ୍ଥ ମନ ହିଁ ପ୍ରକୃତ ସମ୍ପଦ'



ଢେଙ୍କାନାଳ,୯ ।୪(ସମିସ): କଙ୍କଡ଼ାହାଡ଼ ବ୍ଲକ ବିରାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମରୁଆବିଲି ପଞ୍ଚାୟତ ସେବାଶ୍ରମରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ହୋଇଛି। ବିରାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱତନ୍ତ୍ର ମେଡିକାଲ ଟିମ୍ ସେବାଶ୍ରମ ଗସ୍ତ କରିଥିଲେ। ଡା. ଅଜିତ କୁମାର ସାହୁଙ୍କ ନେତୃତ୍ୱରେ ଆରବିଏସକେ ଟିମ୍‌ରେ ଡା. ବିଜୟାଲକ୍ଷ୍ମୀ ସାହୁ ଛାତ୍ରଛାତ୍ରୀଙ୍କୁ ସନ୍ତୁଳିତ ଖାଦ୍ୟ ଗ୍ରହଣ, ବ୍ୟାୟାମ, ସ୍ୱଚ୍ଛତା ରକ୍ଷା ବଳରେ ସୁସ୍ଥ ଜୀବନଯାପନ କରିବାକୁ ପରାମର୍ଶ ଦେଇଥିଲେ। ସୁସ୍ଥ ଶରୀର ଓ ସୁସ୍ଥ ମନ ହିଁ ପ୍ରକୃତ ସମ୍ପଦ ବୋଲି କହିଥିଲେ। କରୋନା ପରି ମହାମାରୀ ପରେ ଏହି ଦିବସ ପାଳନର ଗୁରୁତ୍ୱ ଅଧିକ ବଢ଼ିଯାଇଛି। ଆମେ ସମସ୍ତେ ସୁସ୍ଥ ରହିଲେ ସମାଜର ଉନ୍ନତିରେ ସହାୟକ ହୋଇପାରିବା ବୋଲି ପରାମର୍ଶ ଦେଇଥିଲେ। ମରୁଆବିଲି ସେବାଶ୍ରମର ପ୍ରଧାନଶିକ୍ଷକ ନରେନ୍ଦ୍ର କୁଣ୍ଡୁଙ୍କ ସମେତ ଶିକ୍ଷକ-ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ମହିଳାଙ୍କୁ ସ୍ୱାବଲମ୍ବୀ କରିଛି ତାଳପତ୍ରରେ ପ୍ରସ୍ତୁତ ସାମଗ୍ରୀ

## ଟିଏସ୍‌ଏଫ୍ ସହଯୋଗରେ ରୋଜଗାରକ୍ଷମ ହେବା ସହ ମିଳିଛି ପରିଚୟ

ଢେଙ୍କାନାଳ,୯ ।୪(ସମିସ)





ହିନ୍ଦୋଳ ବ୍ଲକ ସଞ୍ଜପଡ଼ା ଗ୍ରାମର ମହିଳାମାନେ ପାରମ୍ପରିକ ଦକ୍ଷତାକୁ ଆତ୍ମନିର୍ଭରଶୀଳତାରେ ରୂପାନ୍ତରିତ କରି ଉଦାହରଣ ପାଲଟିଛନ୍ତି। ଏହି ଅଞ୍ଚଳରେ ପ୍ରଚୁର ପରିମାଣରେ ତାଳପତ୍ର ଉପଲବ୍ଧ ହେଉଥିଲେ ହେଁ ଏହା ଏକପ୍ରକାର ଅବ୍ୟବହୃତ ହୋଇ ରହିଥିଲା। ଓଡ଼ିଶାର ସାଂସ୍କୃତିକ ଐତିହ୍ୟରେ ତାଳପତ୍ରର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି। ଯାହା ପୂର୍ବକାଳରେ ପୋଥି ଲିଖନ, ଜାତକ ଏବଂ ରାମାୟଣ ଓ ମହାଭାରତ ଭଳି ମହାକାବ୍ୟର କଳାତ୍ମକ ଚିତ୍ରଣ ପାଇଁ ବ୍ୟବହୃତ ହେଉଥିଲା। ସେହି ତାଳପତ୍ରକୁ ମୂଲ୍ୟବାନ ସାମଗ୍ରୀରେ ପରିଣତ କରାଯାଇପାରିଛି। ଟାଟାଷ୍ଟିଲ ଫାଉଣ୍ଡେସନ (ଟିଏସଏଫ)ର ମହିଳା ସଶକ୍ତୀକରଣ ଏବଂ ଉଦ୍ୟୋଗିତା ପ୍ରକଳ୍ପ ଅଧୀନରେ ଏହି ରୂପାନ୍ତରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଟିଏସଏଫ ପ୍ରୋତ୍ସାହନରେ ଗଠିତ ଗୃହଲକ୍ଷ୍ମୀ ସମବାୟ ସମିତି ସହ ଜଡ଼ିତ ସଞ୍ଜପଡ଼ା ପଞ୍ଚାୟତର ୨୫ ମହିଳାଙ୍କୁ ନେଇ ଚାରିମାସିଆ ତାଳପତ୍ର ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ପ୍ରଶିକ୍ଷଣ ମହିଳାମାନଙ୍କ ପାଇଁ ସୁଯୋଗର ଦ୍ୱାର ଉନ୍ମୋଚନ କରିଛି। ମହିଳାମାନେ ବର୍ତ୍ତମାନ ତାଳପତ୍ରରେ କୋଷ୍ଟର, ବୁକମାର୍କ ଏବଂ ଚଟେଇ ତିଆରି କରି ରାଜଗାରକ୍ଷମ ହେବା ସହ ଆତ୍ମନିର୍ଭରଶୀଳ ହୋଇଛନ୍ତି। ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲିଥିବା ସମୟରେ ପ୍ରତ୍ୟେକ ସହଭାଗୀ ୩୦୦୦ ଟଙ୍କା ଲେଖାଏଁ ରୋଜଗାର କରିପାରଛନ୍ତି।

ମହିଳାମାନେ ୨୦୨୫ ଡିସେମ୍ବରରେ ଓଡ଼ିଶା ସରକାରଙ୍କ ମିଶନଶକ୍ତି ସହ ମିଳିତ ଭାବେ ଜଗନ୍ନାଥ ପ୍ରଡ୍ୟୁସର ଗ୍ରୁପ ଗଠନ କରିଛନ୍ତି। ଡିସେମ୍ବର ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଢେଙ୍କାନାଳ ମହୋତ୍ସବରେ ଷ୍ଟଲ ପକାଇ ସେମାନେ ପ୍ରସ୍ତୁତ କରିଥିବା ସାମଗ୍ରୀର ପ୍ରଦର୍ଶନ ଓ ବିକ୍ରିବଟା କରିଥିଲେ। ଏଥିପାଇଁ ଇନୋଭେଟିଭ ବିଜନେସ ଆଇଡିଆ ବର୍ଗରେ ସେମାନଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଏହି ପ୍ରୟାସ ଯୋଗୁ ସାଧାରଣ ଗୃହିଣୀରୁ ଶିଳ୍ପୀ ଏବଂ ଉଦ୍ୟୋଗୀ ଭାବେ ସେମାନଙ୍କୁ ନୂତନ ପରିଚୟ ମିଳିପାରିଛି। ଏ ସମ୍ପର୍କରେ ଗୃହଲକ୍ଷ୍ମୀ ସମବାୟ ସମିତି ସଦସ୍ୟା ମମତା ଗଡ଼ନାୟକ କୁହନ୍ତି, ଏହି ଅଭିନବ ପ୍ରୟାସ ଆମକୁ ଆମ ପାରିପାର୍ଶ୍ୱିକ ସମ୍ବଳର ମୂଲ୍ୟ ବୁଝିବାରେ ସାହାଯ୍ୟ କରିଛି। ଏବେ ଆମେ ଆହୁରି ଆଗକୁ ବଢ଼ିବା ସହ ନିଜ ପରିଶ୍ରମ ବଳରେ ପରିବାରର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାକୁ ଆଶା ରଖିଛୁ। ଅନ୍ୟତମ ସଦସ୍ୟା ସ୍ମିତା ବିଶ୍ୱାଳ କହିଛନ୍ତି, ଏହି ଯାତ୍ରା ଆମ ଜୀବନର ପରିଭାଷା ବଦଳାଇ ଦେଇଛି। ଆମେ କିଛି ନୂଆ ଶିଖିବା ସହ ରୋଜଗାରକ୍ଷମ ହୋଇପାରିଥିବାରୁ ଆନନ୍ଦିତ। ଟାଟାଷ୍ଟିଲ ଫାଉଣ୍ଡେସନ ମେରାମଣ୍ଡଳୀ ୟୁନିଟର କୁମାର ସୌରଭ କହିଛନ୍ତି, ସ୍ଥାନୀୟ ସମ୍ବଳ ଏବଂ ପାରମ୍ପରିକ ଜ୍ଞାନକୌଶଳକୁ ବ୍ୟବହାର କରି ଗୋଷ୍ଠୀଭିତ୍ତିକ ସ୍ଥାୟୀ ଜୀବିକା ନିର୍ବାହ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଆବଶ୍ୟକ ସହାୟତା ଏବଂ ମିଳିତ ଉଦ୍ୟମ ଦ୍ୱାରା ଦକ୍ଷତାକୁ ଆର୍ଥିକ ସୁଯୋଗରେ ରୂପାନ୍ତରିତ କରାଯାଇପାରିବ ବୋଲି ସଞ୍ଜପଡ଼ାର ମହିଳାମାନେ ପ୍ରମାଣ କରିଛନ୍ତି। ସେମାନଙ୍କ ଉଦ୍ୟୋଗୀ ମନୋଭାବକୁ ଉତ୍ସାହିତ କରିବା ପାଇଁ ଟାଟାଷ୍ଟିଲ ଫାଉଣ୍ଡେସନ ଆଗାମୀ ଦିନରେ ମଧ୍ୟ ସମସ୍ତ ସହଯୋଗ କରିବ ବୋଲି ସେ କହିଛନ୍ତି।

## ଦଣ୍ଡନୃତ୍ୟ ପରିବେଷଣ



ଢେଙ୍କାନାଳ,୯ ।୪(ସମିସ): ସ୍ଥାନୀୟ ଜଗନ୍ନାଥ ରୋଡସ୍ଥିତ ମହ୍ଲାସାହିଠାରେ ଲୋଚାପଲ୍ଲି ଗ୍ରାମର ଭବାନୀ ଶଙ୍କର ଦଣ୍ଡପାର୍ଟି ପକ୍ଷରୁ ଦଣ୍ଡନୃତ୍ୟ ପରିବେଷଣ ହୋଇଛି। ମଧ୍ୟାହ୍ନରେ ଧୂଳିଦଣ୍ଡ ସହ ରାତିରେ ବିଭିନ୍ନ ଦଣ୍ଡନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଭାକାଳୀ ନୃତ୍ୟ, ହାଡ଼ି ହାଡ଼ିଆଣୀ, ଶିବପାର୍ବତୀ, ଶବର ଶବରୁଣୀ, ନାବିକ, ଯୋଗୀ ଯୋଗୀଆଣୀ ଆଦି ନୃତ୍ୟ ପରିବେଷଣ କରିଥିଲେ।